# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୧/୨୦୧୮ (୨୦ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, October 21/ 2018 | ★★★★

୪୪ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ସାଇନା ଫାଇନାଲରେ

ସାଇନା ନେହ୍ୱାଲ ସହଜ ବିଜୟ ସହ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୯

### ■ ରାବଣ ପୋଡ଼ି ଉତ୍ସବ ବେଳେ ଦୁର୍ଘଟଣା

# ମାଡ଼ିଗଲା ଟ୍ରେନ୍: ୬୧ ମୃତ



ଆତ୍ମୀୟଙ୍କୁ ହରାଇ ଶୋକାକୁଳ ପରିବାର ଲୋକେ ।

ଅମୃତସର/ନୂଆଦିଲ୍ଲୀ, ୨୦।୧୦(ପି.ଟି.)

ଦଶହରା ଉପଲକ୍ଷେ ଦେଶବ୍ୟାପୀ ଆନନ୍ଦ ଉଲ୍ଲାସ ଲାଗିରହିଥିବାବେଳେ ପଞ୍ଜାବର ଅମୃତସରରେ ଘଟିଛି ଏକ ବଡ଼ ଦୁର୍ଘଟଣା। ଶୁକ୍ରବାର ସନ୍ଧ୍ୟାରେ ଯୋଡା ଫାଟକସ୍ଥିତ ଏକ ରେଳପଥ ନିକଟରେ ରାବଣ ପୋଡ଼ି ଉତ୍ସବ ଚାଲିଥିବା ସମୟରେ ଦର୍ଶକଙ୍କ ଉପରେ ଟ୍ରେନ୍ ମାଡ଼ିଯିବାରୁ ୬୧ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୭୨ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଶନିବାର ରାଜ୍ୟବ୍ୟାପୀ ଶୋକ ଦିବସ ପାଳିତ ହୋଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଘଟଣାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯୋଡା ଫାଟକର ଏକ ଖୋଲା ପଡ଼ିଆରେ ୨୦ ବର୍ଷ ହେଲା ଆୟୋଜନ ହେଉଛି ରାବଣ ପୋଡ଼ି ଉତ୍ସବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ରାବଣ ଦହନ ଲାଗି ଆସର ଜମିଥିଲା। ଉତ୍ସବ ସ୍ଥଳରୁ ମାତ୍ର ୫୦ ମିଟର ଦୂରରେ ରହିଛି ରେଳପଥ। ଦେଖଣାହାରିଙ୍କ ପାଇଁ ଉଚିତ ବ୍ୟବସ୍ଥା ନ କରି ଅତି ବେପରୁଆ ଭାବେ ଉତ୍ସବ ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ବାଣ ଫୁଟିବା ସହ ରାବଣ ଦହନ ଆରମ୍ଭ ହେବାରୁ ଏହି ଦୃଶ୍ୟ ଦେଖିବା ଲାଗି ଚାରିଆଡୁ ଅନେକ ଲୋକ ଛୁଟି ଆସିଥିଲେ। ପାଖରେ ଥିବା ରେଳ ଟ୍ରାକ୍ ଉପରେ ପ୍ରାୟ ୫୦୦୦ ଲୋକ ଛିଡ଼ା ହୋଇ ଉତ୍ସବର ମଜା ନେଇଥିଲେ। ☞ପୃଷ୍ଠା–୪

### ଅମୃତସରରେ ହୃଦୟବିଦାରକ ଘଟଣା



- ■ ରେଳପଥ ଉପରେ ଛିଡ଼ା ହୋଇ ରାବଣ ଦହନ ଦେଖୁଥିଲେ ଲୋକେ
- ■ ଦୁଇ ବିପରୀତ ଦିଗରୁ ହଠାତ୍ ଆସିଲା ଦୁଇଟି ଟ୍ରେନ୍
- ■ ମୃତକଙ୍କ ବାଦ୍ ୭୨ ଆହତ
- ■ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଅମରିନ୍ଦର
- ■ ଦୋଷ ଖସାଇଲେ ରାଜ୍ୟ ଓ କେନ୍ଦ୍ର ସରକାର
- ■ ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ
- ■ କ୍ଷତିପୂରଣ ରାଶି ଘୋଷଣା କଲେ ମୋଦି, ଅମରିନ୍ଦର
- ■ ସମବେଦନା ଜଣାଇଲେ ଜାତିସଂଘ ମହାସଚିବ, କାନାଡା ପ୍ରଧାନମନ୍ତ୍ରୀ

### ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ବିରୋଧୀଙ୍କ ପାଇଁ ମଉକା

### ଆଜିର ମନ୍ତବ୍ୟ

"ମନ୍ଦିର ପରମ୍ପରାରେ ବାହ୍ୟ ହସ୍ତକ୍ଷେପ ଅନୁଚିତ।

–ରଜନୀକାନ୍ତ, ସୁପରଷ୍ଟାର୍

### କିଛି ତଥ୍ୟ

୨୦୧୮ ଅଗଷ୍ଟରେ ଘରୋଇ ବଜାରରେ ଅଶୋଧିତ ଇସ୍ପାତ ଉତ୍ପାଦନ ୩.୭% ବୃଦ୍ଧି ଘଟି ୮.୮ ନିୟୁତ ଟନ୍ ଛୁଇଁଛି। ଗତ ବର୍ଷ ସମାନ ସମୟରେ ଏହା ୮.୫ ନିୟୁତ ଟନ୍ ରହିଥିଲା।

– ୱାର୍ଲ୍ଡ ଷ୍ଟିଲ୍ ଆସୋସିଏଶନ


NECC NATIONAL EGG CO-ORDINATION COMMITTEE | 20.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers







# ବଳି ଦେଇଥିଲେ ସମ୍ପର୍କୀୟ ଭାଇ

### ନାବାଳକଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା

- ■ ତନ୍ତ୍ର ଗୁରୁ ସହ ୨ ଅଭିଯୁକ୍ତ ଗିରଫ
- ■ ପାରିବାରିକ ଶାନ୍ତି ପାଇଁ ହୋଇଥିଲା ପୂଜାର୍ଚ୍ଚନା
- ■ ରାକମ୍ ଦେବୀଙ୍କୁ ଉତ୍ସର୍ଗ କରିଥିଲେ ବଳି
- ■ ଛୁରି, ତନ୍ତ୍ର ପୁସ୍ତକ, ମନ୍ତ୍ରଖାତା, ବାଇକ୍ ଜବତ୍
- ■ ବଳି କଥା ସ୍ୱୀକାର କଲେ ୨ ଅଭିଯୁକ୍ତ



ମିଥୁନ୍

ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୨୦।୧୦ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଗନ୍ଧର୍ଲା ଗାଁ ନିକଟ ଉନ୍ଦେର ନଦୀପଠାରୁ ଗତ ମଙ୍ଗଳବାର ଜଣେ ବାଳକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ଶନିବାର ଏହି ଘଟଣାର ପର୍ଦ୍ଦାଫାଶ କରିଛି। ପାରିବାରିକ ସମସ୍ୟା, ଆର୍ଥିକ ଅନଟନ ଓ ଶାରୀରିକ ରୋଗପୀଡାରୁ ମୁକ୍ତି ପାଇଁ ଜଣେ ତନ୍ତ୍ରସାଧକ ନିଜ ତନ୍ତ୍ରଗୁରୁଙ୍କ ସହ ମିଶି ନିଜ ମାମୁପୁଅ ଭାଇଙ୍କ ତଣ୍ଟିକାଟି ବଳି ଦେଇଥିବା ପୋଲିସ ସ୍ପଷ୍ଟ କରିଛି। ଏହି ଘଟଣାରେ ପୋଲିସ ସାଲେବରଟ୍ ଗ୍ରାମର ତନ୍ତ୍ରସାଧକ ଶୋଭାବନ ରଣା (୨୭) ଓ ତନ୍ତ୍ରଗୁରୁ କୁଞ୍ଜବିହାରୀ ରଣା (୨୮)ଙ୍କୁ ଗିରଫ କରି ଶନିବାର ଟିଟିଲାଗଡ଼ କୋର୍ଟ ଚାଲାଣ କରିଛି । ୨ ଅଭିଯୁକ୍ତ ସିନ୍ଧେକେଲା ଗାଁର ହୀରା ରଣାଙ୍କ ପୁଅ ମିଥୁନ୍ ଓରଫ ଘନଶ୍ୟାମ (୯)ଙ୍କୁ ଅପହରଣ କରି ଉନ୍ଦେର ନଦୀପଠାରେ ଗତ ୧୩ ତାରିଖ ସନ୍ଧ୍ୟାରେ ତଣ୍ଟିକାଟି ବଳି ଦେଇଥିବା ସ୍ୱୀକାର କରିଛନ୍ତି। ଏହି ଘଟଣା ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିପିଓ ସରୋଜ ମହାପାତ୍ର ଶନିବାର ଖବରଦାତା ☞ପୃଷ୍ଠା–୪

# ରାବଣପୋଡ଼ି ପୂର୍ବରୁ ଅଣ୍ଡାମାଡ଼

ଜଗତ୍‌ସିଂହପୁର ଅଫିସ/ବାଲିକୁଦା, ୨୦।୧୦(ଡି.ଏନ୍.ଏ.)

- ■ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି ପୋଲିସ
- ■ ଦାମଙ୍କୁ ଅତିଥିଙ୍କ ପରୋକ୍ଷ କଟାକ୍ଷ
- ■ ଆସିଲେନି ପ୍ରତାପ, କୁଳମଣି
- ■ ଶତାଧିକ ବାଇକ୍ ପଙ୍କ୍‌ଚର୍

ଜଗତ୍‌ସିଂହପୁର ଜିଲାର ଏରସମାରେ ରାବଣପୋଡି ଉତ୍ସବକୁ ନେଇ ଦୁଇଦିନ ଧରି ଲାଗିରହିଥିବା ଉତ୍ତେଜନା ପରିସ୍ଥିତି ଶନିବାର ତୀବ୍ର ରୂପ ଧାରଣ କରିଛି। ଏରସମା ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ହେଉଥିବା ରାବଣପୋଡି ଉତ୍ସବରେ ଯୋଗଦେବାକୁ ଯାଉଥିବାବେଳେ ଅତିଥିଙ୍କ ଉପରକୁ ଅଣ୍ଡାମାଡ଼ ହୋଇଛି। ମନ୍ତ୍ରୀ ଅଶୋକ ପଣ୍ଡା, ଏମ୍‌ପି ଅନୁଭବ ମହାନ୍ତି, ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଏକ ଗାଡିରେ ଶୋଭାଯାତ୍ରାରେ ଯାଉଥିବାବେଳେ ଏରସମା ମେଡିକାଲ ଛକ ନିକଟରେ ସେମାନଙ୍କ ଉପରକୁ ୨ଟି ଅଣ୍ଡାମାଡ଼ ହୋଇଥିଲା। ଅଣ୍ଡା ୨ଟି ଅତିଥିଙ୍କ ଦେହରେ ନ ବାଜି ଗାଡିରେ ବାଜିଥିଲା। ତେବେ ସେତେବେଳେ ଅଣ୍ଡାମାଡ଼ ସମ୍ପର୍କରେ କେହି କିଛି ଜାଣି ପାରି ନ ଥିଲେ। ଏନେଇ ଏମ୍‌ପି ମହାନ୍ତି ସଭାମଞ୍ଚରେ କହିବା ପରେ ସେଠାରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଅଣ୍ଡାମାଡ଼ କରିଥିବା ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି। ☞ପୃଷ୍ଠା–୪






"ଜମ୍ମୁ-କଶ୍ମୀର ପୌର ନିର୍ବାଚନରେ ବିଜୟ ଲାଭ କରିବା ସହ ଭାଜପା ଲୋକଙ୍କ ଆସ୍ଥା ଜିଣିଛି । ବିବାଦପୂର୍ଣ୍ଣ ରାଜନୀତିରୁ ଦୂରରେ ରହି ବିକାଶ ରାଜନୀତି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖିଥିବା ଲକ୍ଷ୍ୟ ପୂରଣ ହେବ ବୋଲି ଲୋକଙ୍କ ମନରେ ଆଶା ଜନ୍ମିଛି ।

- ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ



# ଲୌହ ଦାନବର ରକ୍ତ ହୋଲି





**ଅମୃତସର,୨୦।୧୦(ପି.ଟି.)**

ପଞ୍ଜାବର ଅମୃତସର ଅନ୍ତର୍ଗତ ଯୋଡା ଫାଟକରେ ରାମଲୀଳା ଉତ୍ସବ ସ୍ଥଳରେ ଟ୍ରେନ୍ ଦୁର୍ଘଟଣା ଘଟି ୬୧ ଜଣ ପ୍ରାଣ ହରାଇଛନ୍ତି। ରାବଣ ଦହନ ବେଳେ ହଠାତ୍ 'ଲୌହ ଦାନବ' ମାଡ଼ିଆସି ରକ୍ତର ହୋଲି ଖେଳିବା ସହ ଅନେକ ପରିବାର ଉଜାଡ଼ିଦେଇଛି। କେହି ସ୍ୱାମୀଙ୍କୁ ହରାଇଛନ୍ତି, ଆଉ କିଏ ପୁଅର ମଲା ମୁହଁ ଦେଖିଛନ୍ତି। ଅନେକଙ୍କୁ ବାପାମା' ଛେଉଣ୍ଡ ହେବାକୁ ପଡ଼ିଛି। ସମ୍ପର୍କୀୟଙ୍କୁ ହରାଇ ଅନେକ ଜଣ ବୁକୁଫଟା କାନ୍ଦ କାନ୍ଦୁଛନ୍ତି। ଅମୃତସର ଓ ମନ୍‌ୱାଲା ଷ୍ଟେଶନ ମଧ୍ୟରେ ଏହି ଘଟଣା ଘଟିବା ପରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାରରେ ଏହି କାଳରାତ୍ରିର ଲୋମଟାଙ୍କୁରା ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

ରେଳପଥର ଅତି ନିକଟରେ ଅବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ଜୀବନକୁ ବିପଦମୁଖକୁ ଠେଲିଦେଇ ଦଶହରାରେ ଆୟୋଜନ ହୋଇଥିଲା ରାମଲୀଳା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଆରମ୍ଭ ହୋଇଥିଲା ରାବଣପୋଡ଼ି ଉତ୍ସବ। ବାଣ ଫୁଟି ଚଉଦିଗ କମ୍ପିଉଠିଥିଲା। ଏହା ଦେଖିବାକୁ ଚାରିଆଡ଼ୁ ଲୋକ ଛୁଟିଆସିଥିଲେ। ଭିଡ଼ ବଢ଼ିବାରୁ ହଜାର ହଜାର ଲୋକ ପାଖରେ ଥିବା ରେଳପଥ ଉପରେ ଛିଡ଼ାହୋଇ ଦୃଶ୍ୟ ଉପଭୋଗ କଲେ। ଏତିକିବେଳେ ଜଲନ୍ଧରରୁ ଅମୃତସର ଅଭିମୁଖେ ଦ୍ରୁତଗତିରେ ଆସୁଥିଲା ଏକ ଟ୍ରେନ। ବିପରୀତ ଦିଗରୁ ମଧ୍ୟ ଆଉ ଏକ ଟ୍ରେନ୍ ଆସିଲା। ନିମିଷକେ ଦୁଇଟି ଯାକ ଟ୍ରେନ ଅତିକ୍ରମ କରି ଲୋକଙ୍କ ଉପରେ ମାଡ଼ିଗଲା। ଘଟଣାସ୍ଥଳରେ ୬୧ ଜଣ ପ୍ରାଣ ହରାଇଲେ। ଏହାପରେ ସେଠାରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲା। ମୃତାହତଙ୍କ ବାଦ୍ ଅନ୍ୟମାନେ ପ୍ରାଣବିକଳରେ ଦୌଡ଼ିବା ଫଳରେ ଦଳାଚକଟା ହେଲା। କିଟ୍‌ମିଟ୍ ଅନ୍ଧାରରେ ସଭିଏଁ ନିଜ ଲୋକଙ୍କୁ ଖୋଜିବୁଲିଥିଲେ। କିଛି ସମୟ ପରେ ଚାଲିଥିଲା ଉଦ୍ଧାର କାର୍ଯ୍ୟ।

ଏହି ଘଟଣାକୁ ନେଇ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ସଭିଏଁ ନିଜ ନିଜ ସ୍ତରରେ ଦୋଷ ଖସାଇବାରେ ବ୍ୟସ୍ତପ୍ରାୟ। ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ଏହି ଟ୍ରେନ୍ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି। ଏଭଳି ଏକ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ଆୟୋଜନ ଲାଗି କିଭଳି ଅନୁମତି ପ୍ରଦାନ କରାଗଲା ବୋଲି ପ୍ରଶ୍ନ ଉଠୁଛି। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୋଲିସ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' (ଏନ୍‌ଓସି) ଦେଇଥିଲା ବୋଲି ଜଣାପଡ଼ିଛି। ତେବେ ଉତ୍ସବ ପାଇଁ ଅନୁମତି ଲୋଡ଼ାଯାଇ ନ ଥିଲା କିମ୍ବା ଏନେଇ ସବୁଜ ସଙ୍କେତ ଦିଆଯାଇ ନ ଥିଲା ବୋଲି ଅମୃତସର ପୌର ନିଗମ ପକ୍ଷରୁ କୁହାଯାଇଛି। ପୌର ନିଗମ କାଉନ୍‌ସିଲର ବିଜୟ ମଦନଙ୍କ ପତ୍ତା ମିଳୁ ନାହିଁ। ସେ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ କହିଛି। ସେହିପରି ରେଲୱେ ବୋର୍ଡ ଅଧ୍ୟକ୍ଷ ଅଶ୍ୱନୀ ଲୋହାନି ମଧ୍ୟରାତ୍ରିରେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ପରେ କହିଛନ୍ତି ଯେ, ରାବଣ ଦହନ କାର୍ଯ୍ୟକ୍ରମ ବିଷୟରେ ରେଲୱେକୁ ସୂଚନା ଦିଆଯାଇ ନ ଥିଲା। ତେବେ ଟ୍ରେନ୍ ଡ୍ରାଇଭର ଏମର୍ଜେନ୍ସି ବ୍ରେକ୍ ମାରିଥିଲେ ପରିସ୍ଥିତି ଅଧିକ ଭୟଙ୍କର ହୋଇଥାଆନ୍ତା ବୋଲି ସେ କହିଛନ୍ତି। ତେବେ ଏହି ଘଟଣା ପାଇଁ ଅଜଣା ଲୋକଙ୍କ ନାଁରେ ଏତଲା ଦାଏର ହୋଇଛି।

ଶନିବାର ସକାଳ ସୁଦ୍ଧା ଯୋଡା ଫାଟକସ୍ଥିତ ଦୁର୍ଘଟଣାସ୍ଥଳରେ ମୃତଦେହ ଓ ଦେହାବଶେଷ ହଟାଇଦିଆଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ବିକ୍ଷୋଭ ପ୍ରଦର୍ଶନ। ଉତ୍ତ୍ୟକ୍ତ ଲୋକେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦିନ ତମାମ୍ ସେମାନେ ରେଳ ଟ୍ରାକ୍ ଉପରେ ଧାରଣାରେ ବସିଥିଲେ। ଉକ୍ତ ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କ ସ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ନବଜୋତ କୌର ସିଦ୍ଧୁ। ଦୁର୍ଘଟଣା ଘଟିବା କ୍ଷଣି ଉକ୍ତ ସ୍ଥାନ ଛାଡ଼ି ସେ ଚାଲିଯାଇଥିଲେ। ତେଣୁ ତାଙ୍କ ବିରୋଧରେ ଲୋକେ ନାରାବାଜି କରିଛନ୍ତି। ତେବେ ଦୁର୍ଘଟଣା ଘଟିବା ପୂର୍ବରୁ ସେଠାରୁ ସେ ଚାଲିଯାଇଥିଲେ ବୋଲି ନବଜୋତ କୌର କହିଛନ୍ତି।

ତେବେ ଏହି ହୃଦୟବିଦାରକ ଦୃଶ୍ୟ ବିଷୟରେ ଅନେକ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଗଣମାଧ୍ୟମ ଉପଦେଷ୍ଟା ରବୀନ ଠୁକରାଲ କହିଛନ୍ତି ଯେ, ରାବଣ ଦହନବେଳେ ବାଣ ଫୁଟିବାରୁ ଲୋକେ ରେଳ ଟ୍ରାକ୍ ଆଡ଼କୁ ଦୌଡ଼ିବାରୁ ଦଳାଚକଟା ଘଟିବାବେଳେ ଦୁଇ ବିପରୀତ ଦିଗରୁ ଦୁଇଟି ଟ୍ରେନ୍ ଆସି ଲୋକଙ୍କ ଉପରକୁ ମାଡ଼ିଯାଇଥିଲା। ଶନିବାର ମୃତଦେହଗୁଡ଼ିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



## ଟ୍ରେନ୍ ଦୁର୍ଘଟଣାରେ 'ରାବଣ' ମୃତ

**ଅମୃତସର,୨୦।୧୦(ପି.ଟି.)**–ଅମୃତସରରେ ଅନୁଷ୍ଠିତ ରାମଲୀଳା ଉତ୍ସବରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୬୧ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି। 'ରାବଣ' ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଛି। ସେ ହେଉଛନ୍ତି ପାଖାପାଖି ୨୦ ବର୍ଷୀୟ ଦଲବୀର ସିଂ। ରାବଣ ଭୂମିକାରେ ଅଭିନୟ କରିବା ପରେ ସେ ଅନ୍ୟ ଦର୍ଶକଙ୍କ ସହ ମିଶି କୁଶପୁତ୍ତଳିକା ଦାହ ଉତ୍ସବ ଦେଖୁଥିଲେ। ଏତିକିବେଳେ ଦୁଇଟି ଟ୍ରେନ୍ ମାଡ଼ିଯିବାରୁ ସେ ଆଖିବୁଜିଛନ୍ତି। ପୁଅର ନିଧନ ପରେ ଦଲବୀରଙ୍କ ମା' ଆଖିର ଲୁହ ଓ ଛାତିର କୋହକୁ ସମ୍ଭାଳି ନ ପାରୁ ନାହାନ୍ତି। ରାମଲୀଳାରେ ଗତ କିଛି ବର୍ଷ ହେଲା ଦଲବୀର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିଲେ।

## ସାମ୍ବାଦିକଙ୍କ ମୃତ୍ୟୁ ସ୍ୱୀକାର କଲା ସୌଦୀଆରବ



**ରିୟାଧ/ୱାଶିଂଟନ୍,୨୦।୧୦(ପି.ଟି.)-** ବରିଷ୍ଠ ସାମ୍ବାଦିକ ଜମାଲ ଅହମ୍ମଦ ଖାସୋଗିଙ୍କୁ ନେଇ ଶେଷରେ ମୁହଁ ଖୋଲିଛି ସୌଦୀଆରବ। ତୁର୍କୀର ଇସ୍ତାନବୁଲଠାରେ ଥିବା ନିଜ ଦୂତାବାସରେ ତାଙ୍କର ମୃତ୍ୟୁ ହୋଇଥିବା ଶୁକ୍ରବାର ଉପସାଗରୀୟ ଦେଶ ସ୍ୱୀକାର କରିଛି। ଆମେରିକାର ଅନବରତ ଚାପ ପରେ ଏ ସମ୍ପର୍କରେ ରିୟାଧ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ସୌଦୀ ଅଧିକାରୀଙ୍କ ହାତରେ ଖାସୋଗିଙ୍କ ମୃତ୍ୟୁ ହୋଇଛି। ଯେଉଁ ଅଧିକାରୀଙ୍କ ସହ ସାକ୍ଷାତ୍ କରିବା ଲାଗି ଖାସୋଗି କନ୍‌ସୁଲେଟ୍‌କୁ ଯାଇଥିଲେ ସମ୍ଭବତଃ ତାଙ୍କ ହାତରେ ହତ୍ୟା ହୋଇଥିବା ଦେଶର ଆର୍ଟର୍ନି ଜେନେରାଲ ଶେଖ୍ ସୌଦ୍ ଅଲ୍-ମୋଜେବ୍ ସୂଚନା ଦେଇଛନ୍ତି। କିନ୍ତୁ ମୃତ୍ୟୁର କାରଣ ବିଷୟରେ ସେ କିଛି ସୂଚନା ଦେଇନାହାନ୍ତି। ଏହାସହ ସୌଦୀ ଗୋଇନ୍ଦା ବିଭାଗ ମୁଖ୍ୟ ଅହମ୍ମଦ ଅଲ୍-ଆସିରି ଏବଂ ରୟାଲ୍ କୋର୍ଟ ମିଡିଆ ଆଡ୍‌ଭାଇଜର ସୌଦ୍ ଅଲ୍-କାହାତାନୀଙ୍କୁ ପଦରୁ ବହିଷ୍କାର କରାଯାଇଥିବା ସେ କହିଛନ୍ତି। ଏହି ଦୁଇ ଅଧିକାରୀ ଦେଶର ଯୁବରାଜ ମହମ୍ମଦ ବିନ୍ ସଲ୍‌ମାନଙ୍କ ପ୍ରମୁଖ ସହଯୋଗୀ ଏବଂ ଖାସୋଗି ନିଖୋଜ ଘଟଣାକୁ କ୍ରାଉନ୍ ପ୍ରିନ୍ସ ଚପାଇବା ପାଇଁ ଜୋର୍‌ଦାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅନ୍ୟ ଏକ ରିପୋର୍ଟେ ମୁତାବକ ସୌଦୀପ୍ରିନ୍ସ ସଲ୍‌ମାନଙ୍କ ଜଣେ ବଡ଼ ସମାଲୋଚକ ଥିଲେ ଖାସୋଗି। ମୃତ୍ୟୁ ପୂର୍ବରୁ ସେ ଶେଷଥର ପାଇଁ ଯୁବରାଜଙ୍କ ସାକ୍ଷାତ୍‌କାର ନେଇଥିଲେ। ଉକ୍ତ ସାକ୍ଷାତ୍‌କାର ସହ ତାଙ୍କ ମୃତ୍ୟୁର କିଛି ସମ୍ପର୍କ ରହିଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ସେପଟେ ଖାସୋଗିଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରକାଶ କରିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ଦୁଃଖପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ପରଲୋକରେ ଏନ୍.ଡି. ତିୱାରୀ

**ନୂଆଦିଲ୍ଲୀ/ଲକ୍ଷ୍ନୌ,୨୦।୧୦(ପି.ଟି.)**

ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ପୂର୍ବତନ ନେତା ନାରାୟଣ ଦତ୍ତ ତିୱାରୀଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ନିଜ ଜନ୍ମଦିନରେ ପରଲୋକ ଗମନ କରିଛନ୍ତି କଂଗ୍ରେସ ଭେଟେରାନ୍। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଦୀର୍ଘଦିନ ହେଲା ଏଠାକାର ଏକ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। ଗୁରୁବାର ଅପରାହ୍ଣ ୨.୫୦ ବେଳେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତର ଶିକାର ହୋଇ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତିୱାରୀଙ୍କ ମରଶରୀର ଶନିବାର ଅପରାହ୍ଣରେ ଏକ ଏୟାର୍ ଆମ୍ବୁଲାନ୍ସ ଜରିଆରେ ଦିଲ୍ଲୀରୁ ଲକ୍ଷ୍ନୌ ଅଣାଯାଇଥିଲା। ରାଜ୍ୟ ବିଧାନ ଭବନରେ ବିଭିନ୍ନ ଦଳର ନେତା ଏବଂ ବିଶିଷ୍ଟ ବ୍ୟକ୍ତି ତିୱାରୀଙ୍କ ଅନ୍ତିମ ଦର୍ଶନ କରିଛନ୍ତି।



ତିୱାରୀଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପୂର୍ବସୂରି ମନମୋହନ ସିଂ, କଂଗ୍ରେସ ଅଧ୍ୟକ୍ଷ ରାହୁଲଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଯୋଗୀ ଆଦିତ୍ୟନାଥ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ତିୱାରୀଙ୍କ ବିୟୋଗ ଭାରତୀୟ ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା ପ୍ରକାଶ ପାଇଛି।

ଭାରତୀୟ ରାଜନୀତିର ଏକ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ଏନ୍.ଡି. ତିୱାରୀ। ସେ ଦୁଇଟି ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଉତ୍ତରପ୍ରଦେଶରେ ୩ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। ୨୦୦୨ରୁ ୨୦୦୭ ଯାଏ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୭ରୁ ୨୦୦୯ ଯାଏ ସେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ ଯୌନ କେଲେଙ୍କାରୀ ବିବାଦ ପରେ ୨୦୦୯ରେ ଇସ୍ତଫା ଦେଇଥିଲେ। ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ଗତବର୍ଷ ଜାନୁୟାରୀରେ ସେ ଭାଜପାରେ ଯୋଗ ଦେଇଥିଲେ। ବିଭିନ୍ନ ଦଳ ନେତୃତ୍ୱରେ କେନ୍ଦ୍ର ସରକାରରେ ତିୱାରୀ କେନ୍ଦ୍ରମନ୍ତ୍ରୀ ପଦାସୀନ ହୋଇଥିଲେ। ଏତେସବୁ ରାଜନୈତିକ ଉପଲବ୍ଧି ସତ୍ତ୍ୱେ ଜୀବନର ଶେଷ ସମୟରେ କେତେଗୁଡ଼ିଏ ବିବାଦ ଯୋଗୁ ସବୁ ସଫଳତାରେ ଗ୍ରହଣ ଲାଗି ଯାଇଥିଲା। ଆନ୍ଧ୍ରପ୍ରଦେଶ ରାଜଭବନ ସେକ୍ସ ସ୍କାଣ୍ଡାଲ ଏବଂ ପିତୃତ୍ୱ ବିବାଦ ଥିଲା ସବୁଠାରୁ ଚର୍ଚ୍ଚିତ ବିଷୟ।

୧୯୨୫ ଅକ୍ଟୋବର ୧୮ରେ ଉତ୍ତରାଖଣ୍ଡର ନୈନିତାଲରେ ଜନ୍ମଗ୍ରହଣ କରିଥିବା ନାରାୟଣ ଦତ୍ତ ଆଲ୍ଲାହାବାଦ ୟୁନିଭର୍ସିଟିରୁ ଡିଗ୍ରୀ ହାସଲ କରିଥିଲେ। ତାଙ୍କର ରାଜନୈତିକ କ୍ୟାରିୟର୍ ଆରମ୍ଭ ହୁଏ ପରାଧୀନ ଭାରତରୁ। ସ୍ୱାଧୀନତା ଆନ୍ଦୋଳନ ବେଳେ ସେ ନୈନିତାଲ ଜେଲ୍‌ରେ ୧୫ମାସ କାରାଦଣ୍ଡ ଭୋଗିଥିଲେ। ବ୍ରିଟିଶ୍ ବିରୋଧୀ ପାମ୍ଫ୍ଲେଟ୍ ପ୍ରଚାର ଯୋଗୁ ତାଙ୍କୁ ଗିରଫ କରାଯାଇଥିଲା। ଜେଲରୁ ମୁକୁଳିବା ପରେ ୧୯୪୭ରେ ସେ ଆଲ୍ଲାହାବାଦ ୟୁନିଭର୍ସିଟିର ଛାତ୍ର ସଂସଦ ସଭାପତି ନିର୍ବାଚିତ ହୋଇଥିଲେ। ୧୯୭୬ରେ ସେ ପ୍ରଥମକରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। କଂଗ୍ରେସ ପ୍ରତି ଅସନ୍ତୋଷ କାରଣରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସମୟରେ ୧୯୯୫ରେ ସେ ଦଳରୁ ବିଭାଜିତ ହୋଇ ବରିଷ୍ଠ ନେତା ଅର୍ଜୁନ୍ ସିଂଙ୍କ ସହ ମିଶି କଂଗ୍ରେସ (ତି) ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ସୋନିଆ ଗାନ୍ଧୀ କଂଗ୍ରେସ ନେତୃତ୍ୱ ନେବା ପରେ ତିୱାରୀଙ୍କ ଦଳ କଂଗ୍ରେସରେ ମିଶ୍ରଣ ହୋଇଥିଲା।

## ଥମୁନି ସାବରିମାଳା ଉତ୍ତେଜନା

**ପମ୍ପା,୨୦।୧୦(ପି.ଟି.)**-ଗେଟ୍ ଖୋଲା ହେବାର ଚତୁର୍ଥ ଦିନରେ ମଧ୍ୟ ସାବରିମାଳାରେ ଥମୁନି ଉତ୍ତେଜନା। କେରଳର ପମ୍ପା ଅଞ୍ଚଳରେ ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଆୟାପ୍ପା ମନ୍ଦିରକୁ ଶନିବାର ଜଣେ ଦଳିତ ମହିଳା ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଅଧାମାର୍ଗରେ ଅଟକା ଯାଇଥିଲା। ମହିଳା ଜଣକ ହେଉଛନ୍ତି କେରଳ ଦଳିତ ମହିଳା ଫେଡେରେଶନ୍‌ର ସଦସ୍ୟା ମଞ୍ଜୁ। ପ୍ରବଳ ବର୍ଷା ଯୋଗୁ ଗଡ଼ାଣିଆ ପାହାଡ଼ ଉପରକୁ ଚଢ଼ିବା ସୁରକ୍ଷିତ ନୁହେଁ ବୋଲି ପୋଲିସ ତାଙ୍କୁ ଅଟକାଇଥିଲା। ବର୍ଷା କମିଲେ ରବିବାର ସେ ଉପରକୁ ଚଢ଼ିପାରନ୍ତି। କିନ୍ତୁ ମନ୍ଦିରର ଗର୍ଭଗୃହକୁ ନ ଯିବା ଲାଗି ପୋଲିସ ତାଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। କାରଣ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ଅନବରତ ଆନ୍ଦୋଳନ ଚାଲିଛି। ସେହିପରି ୨ ଜଣ ମହିଳାଙ୍କୁ ୫୦ ବର୍ଷରୁ କମ୍ ବୟସ୍କା ବୋଲି ସନ୍ଦେହ କରି ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ଏହାକୁ ନେଇ ସେଠାରେ ହାଇଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଥିଲା। କିନ୍ତୁ ପରିବାର ସଦସ୍ୟ ଦୁଇ ମହିଳାଙ୍କ ବୟସ ୫୦ରୁ ଅଧିକ ବୋଲି କହିବା ପରେ ସେମାନଙ୍କୁ ଅନୁମତି ମିଳିଥିଲା ଏବଂ ସ୍ଥିତି ଶାନ୍ତ ପଡ଼ିଥିଲା।

### [ଇତିହାସର ଆଇନାରେ]

## ଅକ୍ଟୋବର ୨୧ର ପ୍ରମୁଖ ଘଟଣା

୧୯୪୫ ଅକ୍ଟୋବର ୨୧ରେ ଫ୍ରାନ୍ସରେ ମହିଳାଙ୍କୁ ପ୍ରଥମଥର ପାଇଁ ମତାଧିକାର ଅନୁମତି ମିଳିଥିଲା। ଏହା ପୂର୍ବରୁ ଫିନଲାଣ୍ଡ, ଆଇସ୍‌ଲାଣ୍ଡ, ସ୍ୱିଡେନ୍, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆମେରିକାର କିଛି ସ୍ଥାନରେ ମହିଳାଙ୍କୁ ସୀମିତ ମତଦାନ ଅଧିକାର ମିଳିଥିଲା।

୧୯୮୭ ଅକ୍ଟୋବର ୨୧ରେ ଶ୍ରୀଲଙ୍କା ଗୃହଯୁଦ୍ଧ ସମୟରେ ଜାଫ୍ନା ହସ୍ପିଟାଲରେ ଭାରତୀୟ ଶାନ୍ତିରକ୍ଷା ବଳ ଆକ୍ରମଣ କରିଥିଲା। ଏଥିରେ ୭୦ଜଣ ତାମିଲ ରୋଗୀ, ଡାକ୍ତର ଏବଂ ନର୍ସ ନିହତ ହୋଇଥିଲେ। ବିଦ୍ରୋହୀ ଏଲଟିଟିଇର ଦମନ ବେଳେ ଗୁଳିକାଣ୍ଡ ଘଟିଥିଲା।

# ଫୁର୍‌ସତ

## କୁକୁରଙ୍କ ପାଇଁ ହୁଇଲ୍ ଚେୟାର



**ବଡୋଦରା:** ଏମ୍‌ଏସ୍ ୟୁନିଭର୍ସିଟି ଇଞ୍ଜିନିୟରିଂ ଛାତ୍ରଙ୍କ ଉଦ୍‌ଭାବନ ସଡକ ଦୁର୍ଘଟଣାରେ ଗୋଡ ହରାଇଥିବା କୁକୁରଙ୍କ ପାଇଁ ସାହାରା ହେବ। ମେକାନିକାଲ୍ ଇଞ୍ଜିନିୟରିଂ ଷ୍ଟ୍ରିମ୍ ଶେଷବର୍ଷର ଦୁଇ ଛାତ୍ର କୁକୁରଙ୍କ ନିମନ୍ତେ ସ୍ୱଳ୍ପ ମୂଲ୍ୟର ଆଡଜଷ୍ଟେବଲ୍ ହୁଇଲଚେୟାର ଡିଜାଇନ୍ ପ୍ରସ୍ତୁତ କରିଛନ୍ତି। ଇମ୍ପୋର୍ଟେଡ୍ ହୁଇଲଚେୟାର ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି କେତେକ ମେଟ୍ରୋ ସହରରେ ଉପଲବ୍ଧ ହେଉଥିବା ବେଳେ ସ୍ୱଦେଶୀ ଢାଞ୍ଚାରେ ନିର୍ମିତ ଏଭଳି ହୁଇଲଚେୟାର ଗୋଡ ଅଚଳ ହୋଇପଡିଥିବା କୁକୁରଙ୍କ ନିମନ୍ତେ ସହାୟକ ହୋଇପାରିବ।

ନିକଟରେ ଗାନ୍ଧୀନଗରଠାରେ ଆୟୋଜିତ 'ଭାଇବ୍ରାଣ୍ଟ ଗୁଜରାଟ ଷ୍ଟାର୍ଟଅପ୍ ଆଣ୍ଡ ଟେକ୍ନୋଲୋଜି ସମିଟ୍'ର ପ୍ରତିଯୋଗିତାରେ ଈଶା ପାଞ୍ଚଲ ଏବଂ ଆଦିତ୍ୟ ଦେବତାଙ୍କ ଏହି ଅଭିନବ ଧାରଣା 'ପ ଆମ୍ବୁଲୋ' ଭାବରେ ଉପସ୍ଥାପିତ ହୋଇଛି। ବିଜୟୀଙ୍କ ମଧ୍ୟରେ ଏହି ଦୁଇ ଛାତ୍ର ସ୍ଥାନ ପାଇ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ୍‌ଙ୍କଠାରୁ ୧୦,୦୦୦ ଟଙ୍କାର ପୁରସ୍କାର ରାଶି ଏବଂ ଅଭିନନ୍ଦନ ପତ୍ର ଗ୍ରହଣ କରିଛନ୍ତି।

## ଆକାଶେ ହସିବ ଦ୍ୱିତୀୟ ଜହ୍ନ



**ବେଜିଂ:** ଖୁବ୍‌ଶୀଘ୍ର ଆକାଶରେ ଆଉ ଏକ ଜହ୍ନ ଝଲସିବାକୁ ଯାଉଛି। ଏହାକୁ ମଧ୍ୟ ଦ୍ୱିତୀୟ ଜହ୍ନ କୁହାଯାଇପାରେ। ଚନ୍ଦ୍ରର ଆଲୋକ ଖୁବ୍ ମନମତାଣିଆ ଆଉ ଆକର୍ଷଣୀୟ ହୋଇଥିବା ବେଳେ ସୂର୍ଯ୍ୟାଲୋକର ୪ଲକ୍ଷ ଭାଗରୁ ୧ଭାଗ ହିଁ ଆମେ ପାଇଥାଉ। ଚନ୍ଦ୍ର ବାସ୍ତବରେ ରାତ୍ରିର ଅନ୍ଧାର ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ କରିବାକୁ ସମର୍ଥ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଚାଇନାର ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଏକ କୃତ୍ରିମ ଜହ୍ନ ଆକାଶକୁ ଛାଡ଼ିବାକୁ ଯାଉଛନ୍ତି।

ଚେଙ୍ଗଡୁ ଏରୋସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମାଇକ୍ରୋଇଲେକ୍‌ଟ୍ରୋନିକ୍ସ ସିଷ୍ଟମ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ଉ ଚୁନ୍‌ଫେଙ୍ଗ୍ ୨୦୨୦ ସୁଦ୍ଧା ଏକ 'କୃତ୍ରିମ ଜହ୍ନ' ଆକାଶକୁ ଛାଡ଼ିବାକୁ ଘୋଷଣା କରିଛନ୍ତି। ଚାଇନାର ଚେଙ୍ଗଡୁଠାରେ ନ୍ୟାଶନାଲ୍ ମାସ୍ ଇନୋଭେଶନ୍ ଆଣ୍ଡ ଏଣ୍ଟରପ୍ରେନ୍ୟୁରଶିପ୍ ଇଭେଣ୍ଟରେ ସେ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ ଏହି ନକଲି ଜହ୍ନ ଏକ ଆଲୋକ ଉପଗ୍ରହ ଭଳି କାର୍ଯ୍ୟ କରିବ ଏବଂ ଚେଙ୍ଗଡୁ ଷ୍ଟ୍ରିଟ୍‌ଲାଇଟ୍‌ର ଏହା ବିକଳ୍ପ ହେବ। ଏହି କୃତ୍ରିମ ଚନ୍ଦ୍ର ବାସ୍ତବ ଚନ୍ଦ୍ରର ୮ଗୁଣ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରିବ। ଏହା ଅପରାହ୍ଣ ସମୟରେ ଧୂସର ରଙ୍ଗ ଧାରଣ କରିବା ସହିତ ରାତିବେଳା ୫୦ମାଇଲ୍ ବ୍ୟାସ ବିଶିଷ୍ଟ ଅଞ୍ଚଳକୁ ଆଲୋକିତ କରିପାରିବ। ଫଳରେ ସହରାଞ୍ଚଳରେ ଆଉ ଷ୍ଟ୍ରିଟ୍‌ଲାଇଟ୍ ଆବଶ୍ୟକ ପଡ଼ିବ ନାହିଁ। ଏହାଦ୍ୱାରା ପାରମ୍ପରିକ ବିଦ୍ୟୁତ୍‌ଶକ୍ତିର ଚାହିଦା ହ୍ରାସ ପାଇବ। କୃତ୍ରିମ ଚନ୍ଦ୍ରାଲୋକ ଏକ ନିର୍ଦ୍ଦିଷ୍ଟ ସହରର ଅନ୍ଧକାରକୁ ଦୂରୀଭୂତ କରିବା ସହିତ ଏହା ଜୀବଜଗତ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ ବୋଲି ହାରବିନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅଧୀନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅପ୍‌ଟିକ୍ସ ନିର୍ଦ୍ଦେଶକ ୱାଙ୍ଗ୍ ୱେମିନ୍ ପ୍ରକାଶ କରିଛନ୍ତି।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୨.୪ |
| ଚାନ୍ଦବାଲି | ୩୩.୮ | ୨୫.୮ |
| କଟକ | ୩୩.୫ | ୨୨.୪ |
| ପାରାଦ୍ୱୀପ | ୩୩.୦ | ୨୫.୪ |
| ଭୁବନେଶ୍ୱର | ୩୪.୫ | ୨୩.୦ |
| ଗୋପାଳପୁର | ୩୫.୫ | ୨୩.୪ |
| ପୁରୀ | ୩୩.୬ | ୨୪.୪ |
| ଅନୁଗୋଳ | ୩୪.୧ | ୨୦.୦ |
| ବାରିପଦା | ୩୩.୪ | ୨୧.୦ |
| ଝାରସୁଗୁଡ଼ା | ୩୫.୪ | ୨୨.୧ |
| କେନ୍ଦୁଝର | ୩୨.୦ | ୧୯.୬ |
| ସମ୍ବଲପୁର | ୩୫.୨ | ୨୨.୨ |
| ସୁନ୍ଦରଗଡ଼ | ୩୪.୦ | --- |
| ହୀରାକୁଦ | ୩୪.୭ | ୨୨.୮ |
| ତାଲଚେର | ୩୫.୧ | ୨୦.୩ |
| ଭବାନୀପାଟଣା | ୩୨.୦ | ୧୯.୨ |
| ବଲାଙ୍ଗୀର | ୩୪.୫ | ୨୨.୦ |
| କୋରାପୁଟ | ୩୧.୬ | ୧୬.୦ |
| ଫୁଲବାଣୀ | ୩୨.୨ | ୧୫.୮ |
| ଟିଟିଲାଗଡ଼ | ୩୪.୦ | ୧୯.୦ |
| ମାଲକାନଗିରି | --- | --- |
| ସୋନପୁର | ୩୫.୦ | ୨୦.୦ |
| ଦାରିଙ୍ଗିବାଡ଼ି | ୩୫.୫ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଗର୍ଭଧାରଣ ମହିଳାଙ୍କ ଜୀବନର ନୂଆ ପର୍ଯ୍ୟାୟ





**ଲାସ୍ ଭେଗାସ୍:** ଗର୍ଭଧାରଣ ମହିଳାଙ୍କ ଜୀବନର ଏକ ନୂଆ ପର୍ଯ୍ୟାୟ। ଘନିଷ୍ଠ ବାନ୍ଧବୀ ମେଘାନ ମର୍କଲେ ଗର୍ଭଧାରଣ କରିଥିବା ବିଷୟ ଶୁଣିବା ପରେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଖୁସି ପ୍ରକଟ କରିବା ସହିତ ଏହା କହିଛନ୍ତି। ଆମେରିକାର ପୂର୍ବତନ ଫିଲ୍ମ ଓ ଟେଲିଭିଜନ୍ ଅଭିନେତ୍ରୀ ମେଘାନ୍ ଏକ ନୂଆ ପର୍ଯ୍ୟାୟରେ ପାଦ ଦେଇଥିବା ସେ ପ୍ରକାଶ କରିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଜେବିଏଲ୍ ଉତ୍ସବ ଅବସରରେ ପିପୁଲ୍ ମାଗାଜିନ୍‌କୁ ଏକ ସାକ୍ଷାତ୍‌କାର ଦେଇ ପ୍ରିୟଙ୍କା କହିଲେ, ଜଣେ ବାନ୍ଧବୀ ଭାବରେ କେବଳ ଏତିକି କହିବି ଯେ ତାଙ୍କ ପାଇଁ ମୁଁ ଖୁବ୍ ଉତ୍ସାହିତ। ପ୍ରତ୍ୟେକ ମହିଳା ଗର୍ଭଧାରଣ କରିବା ଜୀବନର ଏକ ନୂଆ ପର୍ଯ୍ୟାୟ। ସେ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି ଜାଣିବା ପରେ ଖୁବ୍ ଖୁସି ଲାଗୁଛି।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ମେ ମାସରେ ବ୍ରିଟେନ୍ ଯୁବରାଜ ପ୍ରିନ୍ସ ହାରି ଏବଂ ମର୍କଲେଙ୍କ ରାଜକୀୟ ବିଭାଘର ଉତ୍ସବରେ ପ୍ରିୟଙ୍କା ଚୋପ୍ରା ଯୋଗଦେଇ ଚର୍ଚ୍ଚାରେ ରହିଥିଲେ। ପ୍ରିୟଙ୍କା ଚୋପ୍ରା ଏବଂ ମେଘାନ୍ ମର୍କଲେଙ୍କ ମଧ୍ୟରେ ଦୀର୍ଘଦିନର ବନ୍ଧୁତା। ଚଳିତ ସପ୍ତାହ ପ୍ରାରମ୍ଭରେ ମର୍କଲେଙ୍କ ଗର୍ଭଧାରଣ ବିଷୟ ଜାଣିବା ପରେ ପ୍ରିୟଙ୍କା ଖୁସିରେ ବିହ୍ୱଳିତ ହୋଇଯାଇଥିଲେ ଏବଂ କହିଥିଲେ ମୋ ସାଙ୍ଗସାଥୀଙ୍କ ମଧ୍ୟରୁ କେତେକ ମା' ହୋଇସାରିଲେଣି ଏବଂ ହେବାକୁ ଯାଉଛନ୍ତି। ସେଭଳି ଏକ ପର୍ଯ୍ୟାୟରେ ଉପନୀତ ହେବାକୁ ଯାଉଥିବାରୁ ପ୍ରିୟଙ୍କା ଭାବି ସନ୍ତାନ ଆଶାରେ ବିହ୍ୱଳ ଭାବ ପ୍ରକାଶ କରିଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ୨୫ରୁ କାର୍ତ୍ତିକ ବ୍ରତ

**ପୁରୀ ଅଫିସ, ୨୦।୧୦**

ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଥାଏ। କିନ୍ତୁ କୁମାର ପୂର୍ଣ୍ଣିମା ପରଦିନ ଅର୍ଥାତ୍ କାର୍ତ୍ତିକ ମାସର ପ୍ରଥମ ଦିନରୁ ସାଧରଣତଃ ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଆସନ୍ତା ୨୫ ତାରିଖ ଧର୍ମ ହବିଷର ମାସ କାର୍ତ୍ତିକର ପ୍ରଥମ ଦିନ। ଧର୍ମମାସ ଆରମ୍ଭ ହେଉଥିବାରୁ କାର୍ତ୍ତିକ ବ୍ରତ ଲାଗି ଶ୍ରୀକ୍ଷେତ୍ରକୁ ହବିଷିଆଳିଙ୍କ ସୁଅ ଛୁଟିବ। ଆଗାମୀ ୩ଦିନ ମଧ୍ୟରେ ଅଧିକ ସଂଖ୍ୟାରେ ହବିଷିଆଳି ଶ୍ରୀକ୍ଷେତ୍ରରେ ପହଞ୍ଚିବେ। କାର୍ତ୍ତିକ ମାସରେ ପ୍ରାତଃରୁ ମାର୍କଣ୍ଡ, ଶ୍ୱେତଗଙ୍ଗା, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ଆଦି ପୁଷ୍କରିଣୀରେ ହବିଷିଆଳିମାନେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥାନ୍ତି। ଏହାପରେ ଅବସ୍ଥାନ କରୁଥିବା ମଠ ତଥା ଧର୍ମଶାଳାର ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି। ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ କରି ହବିଷାନ୍ନ କରି ବ୍ରତ ପାଳିଥାନ୍ତି।

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ ଲିପିକା ଦାସ କଟକ ଜିଲାର ଅତିରିକ୍ତ ଉପଜିଲାପାଳ ଭାବେ କାର୍ଯ୍ୟ କରିବେ। ଅଞ୍ଜଳିନା ପ୍ରଧାନ ବରଗଡ ଜିଲା ଭଟ୍ଲିର ତହସିଲଦାର, ନିବେଦିତା ବିଶ୍ୱାଳ ଭୁବନେଶ୍ୱରର ଅତିରିକ୍ତ ଉପଜିଲାପାଳ, ସଞ୍ଜୀବିତା ରାୟ ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ଏଲ୍ଆରଓ ଏବଂ ରାମଚନ୍ଦ୍ର କିସ୍କୁ କେନ୍ଦୁଝର ଜିଲାର ଉପଜିଲାପାଳ ଭାବେ କାର୍ଯ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ନୀଳମାଧବ ଭୋଇ ଗଞ୍ଜାମ ଜିଲା ଛତ୍ରପୁର ତହସିଲଦାର, ଏଲେରା ଭାରତୀ ଜେନା କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟର ଉପସଚିବ, ଆରତୀ ସାହୁ କପଡା ଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଫିସର, ନିରଞ୍ଜନ ବେହେରା ଯାଜପୁର ଜିଲା ବ୍ୟାସନଗର ତହସିଲଦାର ଭାବେ କାର୍ଯ୍ୟ କରିବେ।

## କଟକରେ ସନ୍ଦିଗ୍ଧ ସ୍ୱାଇନ ଫ୍ଲୁ ରୋଗୀ

**କଟକ ଅଫିସ, ୨୦।୧୦**

କଟକ କନ୍ଦରପୁର ଅଞ୍ଚଳରୁ ଜଣେ ସନ୍ଦିଗ୍ଧ ସ୍ୱାଇନ୍ ଫ୍ଲୁ ରୋଗୀଙ୍କୁ ଶନିବାର ଏସ୍ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ସ୍ୱାଇନ୍ ଫ୍ଲୁ ୱାର୍ଡରେ ରଖି ଚିକିତ୍ସା ଆରମ୍ଭ ହୋଇଛି। ଏଥିସହ ତାଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।








*ସର୍ତ୍ତାବଳୀ: ଏହି ଅଫର କେବଳ ବଛା ବଛା ଉତ୍ପାଦରେ ଉପଲବ୍ଧ । ଏହି ଅଫର କୁଚିନାର କୁକ୍ ଟପ୍ ଓ ଅନ୍ୟ ଛୋଟ ଆପଲାଏନ୍ସ ରେଞ୍ଜ ର କ୍ରୟ ଉପରେ ଉପଲବ୍ଧ ନାହିଁ । ଦର୍ଶାଯାଇଥିବା ଚିତ୍ର କେବଳ ନିଦର୍ଶନ ପାଇଁ । ରଙ୍ଗ ଓ ମଡେଲ ଭିନ୍ନ ହୋଇପାରେ ।

Authorised Retailer: Central Odisha : PURI, BHUBANESWAR, KHURDA, NAYAGARH, BALUGAON, KAKATPUR: DIPAK:9439365422, ANUP: 9438303507, BIJAYA:8280083418, SOUTH ODISHA: BERHAMPUR, BHANJANGAR, RAYAGADA, JEYPORE, SIMILIGUDA, KORAPUT, MALKANGIRI, NABARANGPUR, BHAWANIPATANA. PHULBANI, BUGUDA: DIPAK: 9439365422, SUKANTA: 9438014722, Costal Odisha : CUTTACK, PARADEEP, JAGASINGPUR, KENDAPADA,ANUGUL, DHENKANAL, TALCHER: ASWINI: 8763193670, SIBANANDA: 9853631877, Western Odisha : SAMBALPUR, ROURKELA, JHARSUGUDA, SUNDARGARH, RAJGANGPUR, BARGARH: ASWINI: 8763193670, North Odisha : BALASORE, BARIPADA, RAIRANGPUR,KARANJIA,JODA,BARBIL,JALESWAR,BHADRAK,KEONJHAR: SHIBA:7978937351.
FOR TRADE ENQUIRY- 9437055920, 9438506791.
For Sales: kutchinabbsr@rediffmail.com / For Service: kutchinaservice@gmail.com
Follow us on: Kutchinaconnect / customercare@kutchina.com TOLL FREE NO. : 1800 4197 333




Contact us at
1800-200-[6392]
1800-102-[NEXA]
www.nexaexperience.com

BHUBANESWAR: NEXA Raj Bhavan Road (NARAYANI MOTORS) Ph: 7381000102; NEXA Cyber City (JYOTE MOTORS) Ph: 8338033884; NEXA Twin City (SKY AUTOMOBILES) Ph: 9776497764/7064400101
ROURKELA: NEXA Civil Town (ORBIT MOTORS) Ph: 8337900222, 7077727977
BALASORE: NEXA Balasore Highway (JYOTE MOTORS) Ph: 8338033994
SAMBALPUR: NEXA Sambalpur Highway (ODYSSEY MOTORS) Ph: 8599039994
CUTTACK: NEXA Stadium Rd (JYOTE MOTORS) Ph: 8338033889




Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଜିତୁ
ପରିବାରବର୍ଗ


ଶିବରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବ୍ୟବସାୟୀଙ୍କୁ ହାଣି ଦେଢ଼ଲକ୍ଷ ଟଙ୍କା ଲୁଟ୍

ମାହାଙ୍ଗା,୨୦।୧୦(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଅଧୀନ ବାଏନପୁର ଗ୍ରାମର ଜଣେ ତେଜରାତି ବ୍ୟବସାୟୀଙ୍କୁ ଶୁକ୍ରବାର ରାତିରେ ଦୁର୍ବୃତ୍ତ ମାରଣାସ୍ତ୍ରରେ ହାଣି ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବ୍ୟବସାୟୀ ଜଣକ ହେଲେ ଗ୍ରାମର ପ୍ରତାପ କିଶୋର ସ୍ୱାଇଁ। ଏ ନେଇ ସେ ମାହାଙ୍ଗା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଶୁକ୍ରବାର ପ୍ରତାପଙ୍କ ଦୋକାନ ଖାତା ପୂଜା ଥିଲା। ଏଣୁ ରାତି ପ୍ରାୟ ୧୦ଟା୩୦ରେ ସେ ଦୋକାନ ବନ୍ଦ କରି ଖାତା ପୂଜାରୁ ଆଦାୟ ହୋଇଥିବା ଦେଢ଼ଲକ୍ଷ ଟଙ୍କା ଧରି ତାଙ୍କର ୩ ସାଙ୍ଗଙ୍କ ସହ ୨ ବାଇକ୍‌ରେ ଘରକୁ ଆସୁଥିଲେ। ଏରକଣା ଗୌଡ଼ଗୋପ ରାସ୍ତାର ତଳ ଅଲିଅରା ଓ ଉପର ଅଲିଅରାର ମଧ୍ୟସ୍ଥଳୀ ନିଛାଟିଆ ରାସ୍ତାରେ ଦୁଇ ବାଇକରେ ହଠାତ୍ ୪ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧି ଆସି ପ୍ରଥମେ ତାଙ୍କ ଦୁଇ ସାଙ୍ଗଙ୍କୁ ଗୋଇଠା ମାରି ଗାଡିକୁ ନାଳକୁ ଠେଲି ଦେଇଥିଲେ। କିଛି ଦୂରରେ ଥିବା ଅନ୍ୟ ଏକ ବାଇକରେ ପ୍ରତାପ ଓ ତାଙ୍କ ସହ ଥିବା ଅନ୍ୟ ଜଣେ ସାଙ୍ଗଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଏହାପରେ ମାରଣାସ୍ତ୍ରରେ ପ୍ରତାପଙ୍କୁ ଆକ୍ରମଣ କରିବା ସହ ତାଙ୍କ ନିକଟରେ ଥିବା ଟଙ୍କା ଲୁଟି ନେଇ ମାହାଙ୍ଗା କଟିକଟା ରାସ୍ତାର ଗୌଡ଼ପଡ଼ା ଆଡ଼କୁ ଚାଲି ଯାଇଥିଲେ। ପରେ ଆହତ ଅବସ୍ଥାରେ ପ୍ରତାପଙ୍କୁ ଉଦ୍ଧାର କରାଯାଇ ମାହାଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସିତ ହେବାପରେ ଆସି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ୨୦୩/୧୮) ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏ ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇନାହିଁ।


ଆହତ ପ୍ରତାପ କିଶୋର ସ୍ୱାଇଁ

# ରେଡ୍‌କ୍ରସର ରିଲିଫ ପ୍ରସ୍ତୁତି ଦେଖିଲେ ରାଜ୍ୟପାଳ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ଶୁକ୍ରବାର ଗଞ୍ଜାମ ଜିଲାର ଆସିକା ଏବଂ ଗଜପତି ଜିଲାର ମୋହନା ଅଞ୍ଚଳର ବାତ୍ୟା ପ୍ରଭାବିତ ୫୦୦ ପରିବାରଙ୍କୁ ରିଲିଫ ଯୋଗାଇ ଦିଆଯାଇଛି। ଓଡିଶା ରେଡ୍‌କ୍ରସ ରାଜ୍ୟ ଶାଖାର ସଭାପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ରିଲିଫ ପ୍ରସ୍ତୁତି କାର୍ଯ୍ୟରେ ଯୋଗଦେଇ ଉପସ୍ଥିତ ସ୍ୱେଚ୍ଛାସେବୀ ଓ ରେଡ୍‌କ୍ରସ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। କ୍ଷତିଗ୍ରସ୍ତମାନଙ୍କୁ କିପରି ଅଧିକ ରିଲିଫ ବିତରଣ କରାଯାଇପାରିବ ସେ ନେଇ ରାଜ୍ୟପାଳ ଓଡ଼ିଶା ରେଡ୍‌କ୍ରସ ରାଜ୍ୟ ଶାଖାର ଅବୈତନିକ ସଚିବ ଡ. ବିନାୟକ ପ୍ରସାଦ ପୃଷ୍ଟି ଓ ଅବୈତନିକ ଯୁଗ୍ମ ସଚିବ ମେଜର ଡ. କଳ୍ପନା ଦାସଙ୍କ ସହ ଆଲୋଚନା କରିଥିଲେ। ପ୍ରତ୍ୟେକ ପରିବାରକୁ ରେଡ୍‌କ୍ରସ ତରଫରୁ ଶାଢ଼ି, ଧୋତି, ତଉଲିଆ, ମଶାରି, ବିଛଣା ଚଦର, ଷ୍ଟୋଭ୍, ରୋଷେଇ ସରଞ୍ଜାମ, ପ୍ଲାଷ୍ଟିକ୍ ବାଲ୍‌ଟି, କମ୍ବଳ ଏବଂ ତାରପୋଲିନ ଆଦି ଯୋଗାଇ ଦିଆଯାଇଛି।

■ ଶ୍ରୀମନ୍ଦିରରେ ଆରମ୍ଭ ହେଲା କାର୍ତ୍ତିକ ନୀତି

# ରାଧା ଦାମୋଦର ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୨୦।୧୦

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଅର୍ଥାତ୍ ଶନିବାରଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଛି। ରତ୍ନସିଂହାସନରେ ରାଈ ଦାମୋଦର ବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଠାକୁରଙ୍କର ଏହି ମହାର୍ଘ ବେଶ କାର୍ତ୍ତିକ ମାସ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିନ୍ତୁ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ବେଶ ହେବ। ଏଥର ପଞ୍ଚୁକ ୫ଦିନ ପଡୁଥିବାରୁ ଶ୍ରଦ୍ଧାଳୁ ପଞ୍ଚୁକ ପାଞ୍ଚ ବେଶର ଦର୍ଶନ ପାଇବେ।
କାର୍ତ୍ତିକ ନୀତି ପାଇଁ ଭୋର ୪ଟାରେ ଦ୍ୱାରଫିଟା ଯିବାକୁ ନୀତି ସବ୍ କମିଟି ବୈଠକରେ ସ୍ଥିର ହୋଇଥିଲା। କିନ୍ତୁ କାର୍ତ୍ତିକ ନୀତିର ପ୍ରଥମ ଦିନରେ ବିଳମ୍ବ ହୋଇଛି। ପ୍ରାୟ ୨ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଭୋର ୫ଟା ୫୫ରେ ଶ୍ରୀମନ୍ଦିରର ଦ୍ୱାର ଫିଟା ଯାଇଥିଲା। ସକାଳ ୬ଟା ୩୦ରେ ଭିତର ଶୋଧ ହୋଇ ୬ଟା ୩୫ରେ ଦାରୁଦିଅଁଙ୍କ ମଙ୍ଗଳ ଆଳତି ହୋଇଥିଲା। ୬ଟା ୪୦ରେ ମଙ୍ଗଳ ଆଳତି ପରେ ମଇଲମ ଓ ତଡ଼ପଲାଗି ଏବଂ ଅବକାଶ ନୀତି ବଢିଥିଲା। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ରାଈ ଦାମୋଦର (ରାଧା ଦାମୋଦର) ବେଶରେ ସଜ୍ଜିତ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ବଢି ପୂର୍ବାହ୍ନ ୧୧ଟା ୨୫ରେ ସକାଳ ଧୂପ ହୋଇ ମଧ୍ୟାହ୍ନ ୧୨ଟା ୨୦ରେ ବାଲଧୂପ ହୋଇଥିଲା। ପୂର୍ବାହ୍ନ ୧୦ଟା ୧୦ରେ ଭୋଗ ମଣ୍ଡପ ବଢିବା ଲାଗି ଧାର୍ଯ୍ୟ ହୋଇଥିବା ବେଳେ ଅପରାହ୍ନ ୨ଟା ୧୦ରେ ଭୋଗ ମଣ୍ଡପ ଉଠିଥିଲା। ନୀତି ବିଳମ୍ବ ଯୋଗୁ ଭକ୍ତମାନେ ବହୁ ବିଳମ୍ବରେ ମହାପ୍ରସାଦ ପାଇଥିଲେ।
ଅପରପକ୍ଷେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ୫ଦିନ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ନଭେମ୍ବର ୧୯ରେ ଲକ୍ଷ୍ମୀନାରାୟଣ, ୨୦ରେ ବାଙ୍କଚୂଡ଼, ୨୧ରେ ତ୍ରିବିକ୍ରମ, ୨୨ରେ ଲକ୍ଷ୍ମୀନୃସିଂହ ଏବଂ ନଭେମ୍ବର ୨୩ ତାରିଖ (କାର୍ତ୍ତିକ ପୂର୍ଣ୍ଣିମା)ରେ ରାଜାରାଜେଶ୍ୱର ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ। ଦୀପାବଳି ଅମାବାସ୍ୟାଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ମଧ୍ୟରେ ପଡୁଥିବା ସୋମବାରରେ ଅବକାଶ ନୀତି ପରେ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ଏଥର ନଭେମ୍ବର ୧୨ ତାରିଖ ଅର୍ଥାତ୍ ଗୋଟିଏ ଦିନ ସୋମବାର ପଡୁଥିବାରୁ ବଳଭଦ୍ରଙ୍କ ବାଡ଼ରେ ହରିହର ବେଶ ହେବ।



■ ଆରମ୍ଭରୁ ନୀତି ବିଳମ୍ବ
■ ଅପରାହ୍ନ ୨ଟାରେ ଉଠିଲା ଭୋଗ ମଣ୍ଡପ

**ଆରମ୍ଭ ହେଲା ବାଲଧୂପ**

କାର୍ତ୍ତିକ ମାସର ଅନ୍ୟ ଏକ ବିଶେଷତ୍ୱ ହେଉଛି ବାଲଧୂପ। ଏହି ମାସରେ ମହାପ୍ରଭୁଙ୍କ ନିକଟରେ ସକାଳ ଧୂପ ବଢିବା ପରେ ବାଲଧୂପ ହୋଇଥାଏ। ବାଲଧୂପ ବଢିବା ପରେ ରାଈ ଦାମୋଦର ବେଶ ଓଲାଗି ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ବାଲଧୂପ ହୋଇଥାଏ। କିନ୍ତୁ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୋଇଥାଏ। ବାଲଧୂପରେ ବିଭିନ୍ନ ପାଚିଲା ଫଳ, ଖଇ ଆଦି ପଞ୍ଚୋପଚାର ବିଧିରେ ମହାପ୍ରଭୁଙ୍କୁ ଲାଗି ହୋଇଥାଏ। ସାଧାରଣତଃ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ପଞ୍ଚୋପଚାର ପୂଜା ସିଂହାସନ ତଳେ ପୂଜାପଣ୍ଡାମାନେ କରୁଥିବା ବେଳେ ବାଲଧୂପରେ ରତ୍ନସିଂହାସନ ଉପରେ ପୂଜାପଣ୍ଡାମାନେ ପଞ୍ଚୋପଚାର ପୂଜା କରିଥାନ୍ତି।

# କାନ୍ଧରେ ଝିଅ ମୃତଦେହ ବୋହିଲେ ବାପା


ବସ୍ତାରେ ଝିଅର ମୃତଦେହ କାନ୍ଧେଇ ନେଉଛନ୍ତି ମୁକୁନ୍ଦ ଦୋରା।

ରାୟଗଡ଼(ଗଜପତି)/ପାରଳାଖେମୁଣ୍ଡି, ୨୦।୧୦(ଡି.ଏନ୍.ଏ/ସ୍ୱ.ପ୍ର.)

କଳାହାଣ୍ଡିର ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ବୋହିବା ଭଳି ଅଭାବନୀୟ ଘଟଣା ମନରୁ ଲିଭି ନ ଥିବାବେଳେ ଏବେ ଗଜପତି ଜିଲା ରାୟଗଡ଼ ବ୍ଲକ୍ ଆତଙ୍ଗପୁରରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ପୋଲିସ୍ ବ୍ୟବଚ୍ଛେଦ ପାଇଁ ନ ଆସିବାରୁ ବାପା ନିଜ ନାବାଳିକା ଝିଅର ଗଳିତ ମୃତଦେହକୁ ଖଟିଆରେ ପୁରାଇ କାନ୍ଧରେ ୮ କି.ମି ବୋହିଛନ୍ତି। ଗତ ୧୮ତାରିଖରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ରାୟଗଡ଼ ବ୍ଲକ ଆତଙ୍ଗପୁର ଗ୍ରାମର ମୁକୁନ୍ଦ ଦୋରାଙ୍କ ସ୍ତ୍ରୀ ଗତ ୧୧ତାରିଖ ସକାଳେ ନିଜର ଦୁଇ ପିଲାଙ୍କ ସହ ବିଲକୁ ଯାଇଥିବା ବେଳେ ହଠାତ ତିତ୍‌ଲି ପ୍ରଭାବରେ ଝଡ଼ବର୍ଷା ହୋଇଥିଲା। ସେ ଘରକୁ ଫେରିବା ପାଇଁ ଏକ ନାଳ ପାରି ହେଉଥିବା ସମୟରେ ଛୋଟ ଝିଅ ବନିତା ତାଙ୍କ ହାତରୁ ଖସି ପାଣି ସ୍ରୋତରେ ଭାସିଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଘଟଣାର ୮ଦିନ ପରେ ବୁଧବାର ଆତଙ୍ଗପୁରରୁ ପ୍ରାୟ ୩କି.ମି. ଦୂର ଅଲାରସିଂ ଗ୍ରାମ ନିକଟ ଏକ ବୁଦା ମୂଳରୁ ବନିତାଙ୍କ ମୃତଦେହ ମିଳିଥିଲା। ଏହାକୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ ମୁକୁନ୍ଦ। ପୋଲିସ ପହଞ୍ଚି ପଞ୍ଚନାମା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଆଣିବାକୁ ପ୍ରତିଶ୍ରୁତି ଦେଇ ଫେରିଆସିଥିଲା। ମାତ୍ର ଆଉ ନ ପହଞ୍ଚିବାରୁ ମୁକୁନ୍ଦ ନିଜେ ମୃତଦେହକୁ ଏକ ଜରି ଅଖାରେ ପୁରାଇ ତାହାକୁ ବାନ୍ଧି ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ଚାଲି ଚାଲି ଆସୁଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ପହଞ୍ଚି ଏକ ଅଟୋ ଯୋଗେ ମୃତଦେହକୁ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ପରେ ତାହାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏହାପରେ ମୁକୁନ୍ଦଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ବାବଦ ଚେକ୍ ପ୍ରଦାନ କରାଯାଇଛି। ଖବର ପାଇ ମଧ୍ୟ ସ୍ଥାନୀୟ ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ନେବାକୁ ଆସି ନ ଥିଲା ବୋଲି ମୁକୁନ୍ଦ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ଏସ୍‌ପି ଅମୂଲ୍ୟ କୁମାର ଦାସ ଖଣ୍ଡନ କରିଛନ୍ତି। ଉକ୍ତ ଅଞ୍ଚଳର ରାସ୍ତା ତିତ୍‌ଲି ପ୍ରଭାବରେ ଧୋଇ ହୋଇଯାଇଛି। ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ ହୋଇପାରି ନ ଥିବାରୁ ସେଠାରେ କୌଣସି ଗାଡ଼ି କି ପ୍ରଶାସନ ପହଞ୍ଚି ପାରି ନ ଥିଲା ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

■ ଝଡ଼ବର୍ଷାରେ ନାଳରେ ଭାସିଯାଇଥିଲା
■ ବ୍ୟବଚ୍ଛେଦ ପ୍ରତିଶ୍ରୁତି ଦେଇ ଫେରିଥିଲା ପୋଲିସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଡୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ଦୃଷ୍ଟି ସମ୍ବନ୍ଧରୁ ବନ୍ଧୁମିଳନ ସହ ଅର୍ଥନୈତିକ ଉତ୍କଣ୍ଠା ପୂର୍ବରେ ଯେପ ପୁଟାଇବ। ପାରିବାରିକ ସୌଖ୍ୟ ସାଙ୍ଗକୁ ପୁତ୍ରକନ୍ୟାଙ୍କ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆତ୍ମୀୟମାନେ ଈର୍ଷାପରାୟଣ ମନୋଭାବ ନେଇ ଶତ୍ରୁତା ଆଚରଣ କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତି ସହ ନୂତନ ସ୍ଥାନ ପରିଦର୍ଶନର ମଉକା ଜୁଟିପାରେ।

**ବୃଷ**
ବୁଧଙ୍କ ଦ୍ୱାଦଶ ସ୍ଥାନ ସମ୍ପର୍କ ଜନିତ ବନ୍ଧୁଙ୍କ ସହ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ନେଇ ବିଚଳିତବୋଧ କରିପାରନ୍ତି। କର୍ମ କ୍ଷେତ୍ରରେ ପର କଥାକୁ ସତ ମନେକରି ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସହିତ ମନ୍ଦ ହେବନି। ମହିଳାମାନେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**ମିଥୁନ**
ନିକଟ ସମ୍ପର୍କୀୟଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ବନ୍ଧୁଙ୍କ ସହରେ ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ଓ ସଦ୍‌ସଙ୍ଗ ସୁଯୋଗ ପାଇବେ। ସଭାସମିତି, କମିଶନ ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିଶେଷ ଭଲ ରହିନପାରେ। କର୍ମକ୍ଷେତ୍ରରେ ଦକ୍ଷତା ଓ ଦୃଢ଼ତା କେତେକ କ୍ଷେତ୍ରରେ ଆପଣଙ୍କୁ ସାହାଯ୍ୟ କରିବ।

**କର୍କଟ**
ସହକର୍ମୀଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କରାଇବ। ଶନିଙ୍କ ପ୍ରଭାବରେ ଭଲ କର୍ମକରିଥିବା ବନ୍ଧୁମାନେ ଦୂରେଇ ରହିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅଳାପ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅତିରିକ୍ତ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ। ପାର୍ବଣରେ ପୂଜା ମଉଜର ଫାଇଦା ଉଠାଇବେ।

**ସିଂହ**
ସାମାଜିକ ସ୍ତରରେ ସାମୂହିକ ଆଲୋଚନା ପରିବେଶକୁ ସରସ ସୁନ୍ଦର କରିବାରେ ସମର୍ଥହେବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ସଭାସମିତି, କଳା ସାହିତ୍ୟ, ରାଜନୀତିରେ କାମ କରି ଉଚ୍ଚ ପ୍ରଶଂସିତ ହେବେ। ନିଜର ପ୍ରିୟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି।

**କନ୍ୟା**
ରାଶ୍ୟାଧିପଙ୍କ ସହ ଶୁକ୍ରଙ୍କ ସମ୍ବନ୍ଧରୁ ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି ସହ ସୁପରିଚିତ ବ୍ୟକ୍ତିଙ୍କ ସହ ଆଲୋଚନାରୁ ଖୁସି ରହିବେ। ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ସାମୂହିକ କାମରେ ନିଜର ପତିଆରା ଜାହିର୍ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସଂପର୍କରେ ଚିନ୍ତା ବଢିବ।

**ତୁଳା**
ଅତୀତକୁ ସ୍ମରଣ କରି ମନରେ ବହୁବିଧ ଭାବନା ଉଦ୍ରେକ ହୋଇପାରେ। ସହାନୁଭୂତି ବଦଳରେ ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ,ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା**
ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ମତାନ୍ତର ଘଟିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମ ସମ୍ପାଦନ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା ଫଳପ୍ରଦ ହୋଇପାରେ। କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ଘର ଲୋକଙ୍କ ଦ୍ୱାରା କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସଂଭାବନା ରହିଛି।

**ମକର**
ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଲକ୍ଷ୍ମୀ ଯୋଗ ସୃଷ୍ଟି କରୁଥିବାରୁ ଆର୍ଥିକ ଉନ୍ନତି ସହ ନୂତନ ମିତ୍ରତା ସୃଷ୍ଟିହେବ। ଉତ୍ତରାଷାଢ଼ା ନକ୍ଷତ୍ରର ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଶିଳ୍ପ, ବାଣିଜ୍ୟରେ ସମସ୍ୟା କ୍ରମଶଃ ଦୂରେଇ ଯିବ।

**କୁମ୍ଭ**
କର୍ମକ୍ଷେତ୍ରରେ ଆଗାମୀ ସମୟର କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି। କାରବାର, ପୂଜାବଜାର ଏବଂ ବନ୍ଧୁମିଳନ ସମ୍ବନ୍ଧୀୟ ଆନନ୍ଦ ଉପଭୋଗ କରିବେ। କେତେକ କ୍ଷେତ୍ରରେ ପ୍ରଥମେ କାମଟି କରିସାରିବା ପରେ ଚିନ୍ତା କରି ମନସ୍ତାପ କରିବାକୁ ପଡିବ।

**ମୀନ**
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ଉପରେ ଖପ୍ପା ହୋଇପାରନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିକୋଣରୁ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟ ମନେ ହେବ। ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ନିଶ୍ଚିତ।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ରବିବାର, ଅକ୍ଟୋବର ୨୧ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ମେଷ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୧ମି. ଗତେ ଘ୮।୪୫ମି. ମଧ୍ୟେ, ଘ୯।୫୪ମି. ଗତେ ଘ୧୧।୪୬ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୫ମି. ଗତେ ଘ୧୦।୧୯ମି. ମଧ୍ୟେ, ଘ୧।୨୮ମି. ଗତେ ଘ୩।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୪୯ମି. ଗତେ ଘ୫।୧୫ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ମାଡ଼ିଗଲା ଟ୍ରେନ୍...

ଏତିକିବେଳେ ହଠାତ୍ ଜଲନ୍ଧର ଆଡୁ ଏକ ଟ୍ରେନ୍ ଆସି ଲୋକଙ୍କ ଉପରକୁ ମାଡ଼ିଗଲା। ଏହାପରେ ବିପରୀତ ଦିଗରୁ ଆଉ ଏକ ଟ୍ରେନ୍ ମଧ୍ୟ ମାଡ଼ିଆସିଲା। କେହି କିଛି ଭାବିବା ପୂର୍ବରୁ ମାତ୍ର ୫ ସେକେଣ୍ଡ ଭିତରେ ସେହି ସ୍ଥାନରେ ଅନେକଙ୍କ ପ୍ରାଣବାୟୁ ଉଡ଼ିଗଲା। ଅଳ୍ପ କିଛି ସମୟ ମଧ୍ୟରେ ଉତ୍ସବସ୍ଥାନ ଲୋକଙ୍କ ଆର୍ତ୍ତ ଚିତ୍କାରରେ ଫାଟି ପଡ଼ିଥିଲା। ଏହାପରେ ସେଠାରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ଶେଷ ଖବର ସୁଦ୍ଧା ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୬୧ ଛୁଇଁଛି। ତନ୍ମଧ୍ୟରୁ ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ମୃତଦେହ ଚିହ୍ନଟ କରାଯାଇଛି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଉତ୍ତରପ୍ରଦେଶ ଏବଂ ବିହାରର ବାସିନ୍ଦା। ସେମାନେ ଏଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣାକୁ ନେଇ ଆରମ୍ଭ ହୋଇଯାଇଛି କାଦୁଅଫିଙ୍ଗା ରାଜନୀତି। ବିରୋଧୀ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ଏହାକୁ ଗଣହତ୍ୟା ଦର୍ଶାଇଥିବାବେଳେ ଶାସକ କଂଗ୍ରେସ ଦୁର୍ଘଟଣା ବୋଲି ଅଭିହିତ କରିଛି। ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହିଘଟଣାର ତଦନ୍ତ କରାଯାଉ ବୋଲି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଦାବି କରିଛନ୍ତି। ତେବେ ରେଳପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ତ୍ରୁଟି ନ ଥିବା କେନ୍ଦ୍ର ସରକାର କହିଛନ୍ତି। ଗୋଟିଏ ପଟେ ଆରୋପ ପ୍ରତ୍ୟାରୋପ ଚାଲିଥିଲାବେଳେ ଅନ୍ୟପଟେ ଭାଜପା, କଂଗ୍ରେସ ଏବଂ ଏଏପି କର୍ମୀମାନେ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଛନ୍ତି। ଧର୍ମୀୟ ଉତ୍ସବରେ ଲୋକଙ୍କୁ ଯେପରି ବିପଦର ସାମ୍ନା କରିବାକୁ ନ ପଡ଼େ, ସେଥିଲାଗି ନୀତି ନିର୍ଦ୍ଧାରଣ କରିବାକୁ ଗୃହ ସଚିବ ଏନ୍.ଏସ୍. କାଲ୍‌ସିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ଅମରିନ୍ଦର ଏକ ସଙ୍କଟ ପରିଚାଳନା ଗ୍ରୁପ୍ ଗଠନ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ ବୋଲି ସେ ମଧ୍ୟ ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ଏହା ଅତ୍ୟନ୍ତ ହୃଦୟବିଦାରକ ଘଟଣା। କେନ୍ଦ୍ର ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ମୋଦି ଘୋଷଣା କରିଛନ୍ତି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ, ରେଳମନ୍ତ୍ରୀ ପୀୟୂଷ ଗୋଏଲ, ପଞ୍ଜାବ ରାଜ୍ୟପାଳ ଭି.ପି. ସିଂ ବଦ୍ନୋର, ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ସମବେଦନା ଜଣାଇଛନ୍ତି। ବ୍ରସେଲ୍‌ସ ଗସ୍ତରେ ଥିବା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଭଳି ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏବଂ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଉକ୍ତ ଟ୍ରେନ୍‌ର ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଥିବାବେଳେ ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଏହାକୁ ଖଣ୍ଡନ କରିଛନ୍ତି। ରେଳପଥ ନିକଟରେ ଏଭଳି ଜନଗହଳିପୂର୍ଣ୍ଣ ଉତ୍ସବ ଆୟୋଜନ ନିହାତି ଭୁଲ। ତା'ଛଡ଼ା ଟ୍ରେନ୍ ଡ୍ରାଇଭରଙ୍କର କୌଣସି ତ୍ରୁଟି ନ ଥିବାରୁ ତାଙ୍କୁ କାଠଗଡ଼ାକୁ ଅଣାଯିବ ନାହିଁ ବୋଲି ସିହ୍ନା କହିଛନ୍ତି।

## ବଳି ଦେଇଥିଲେ ...

ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ସିନ୍ଧେକେଲା ଗାଁର ହୀରା ରଣାଙ୍କ ପୁଅ ମିଥୁନ୍ ଗତ ୧୩ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ଏନେଇ ୧୪ ତାରିଖରେ ସିନ୍ଧେକେଲା ଥାନାରେ ହୀରା ରଣା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ଅପହରଣ ମାମଲା (ନଂ.୧୧୭/୧୮) ରୁଜୁ ହୋଇଥିଲା। ୧୬ ତାରିଖ ସିନ୍ଧେକେଲାଠାରୁ ୪ କି.ମି ଦୂର ଗନ୍ଧର୍ଲା ଗାଁ ନିକଟ ଉନ୍ଦେର ନଦୀପଠାରୁ ଏକ ମୁଣ୍ଡବିହୀନ ବାଳକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରିବାର ଲୋକେ ଏହାକୁ ନିଖୋଜ ମିଥୁନ୍‌ଙ୍କ ମୃତଦେହ ବୋଲି ମାଜିଷ୍ଟ୍ରେଟ୍ ଓ ପୋଲିସ ସମ୍ମୁଖରେ ଚିହ୍ନଟ କରିଥିଲେ। ମୁଣ୍ଡ-ଗଣ୍ଡି ଅଲଗା କରାଯାଇ ମିଥୁନ୍‌ଙ୍କୁ ହତ୍ୟା କଲା ପରେ ନଦୀ ବାଲିରେ ପୋତା ଯାଇଥିବାରୁ ଏହା ଏକ ବଳି ଘଟଣା ବୋଲି ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ମିଥୁନ୍‌ଙ୍କ ପିଉସୀ ପୁଅ ଭାଇ ଶୋଭାବନ(୨୭) ଘଟଣା ଦିନରୁ ଫେରାର ଥିବା ଜଣାପଡିଥିଲା। କିନ୍ତୁ ଶୋଭାବନଙ୍କ ବାପା ମୁଶୁରୁ ରଣା ସିନ୍ଧେକେଲା ଥାନାରେ ପୁଅର ନିଖୋଜ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ କରିବା ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ମିଥୁନ୍ ହତ୍ୟାକାଣ୍ଡ ଓ ବଳି ଦିଆଯିବା ଘଟଣା ସ୍ପଷ୍ଟ ହୋଇଥିଲା।
ସିନ୍ଧେକେଲା ଥାନା ସାଲେବରଟ୍ ଗାଁର ଶୋଭାବନ ରଣାଙ୍କ ପରିବାରରେ କିଛି ଦିନ ହେଲା ଦୁଃଖଯନ୍ତ୍ରଣା, ଆର୍ଥିକ ଅନଟନ ଓ ରୋଗପୀଡା ସମସ୍ୟା ଲାଗିରହିଥିଲା। ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ସେହି ଗାଁରେ ଥିବା ତନ୍ତ୍ରଗୁରୁ ତଥା ସମ୍ପର୍କୀୟ କାକା କୁଞ୍ଜବିହାରୀ (୨୮)ଙ୍କ ଶରଣାପନ୍ନ ହୋଇଥିଲେ ଶୋଭାବନ। ତନ୍ତ୍ରଗୁରୁ କୁଞ୍ଜ ବିହାରୀ କିଛି ତନ୍ତ୍ରପୁସ୍ତକ ଓ ମନ୍ତ୍ରଖାତା ଦେଇ ରାକମ୍ ଦେବୀଙ୍କୁ ଉପାସନା କରିବା ପାଇଁ କହିଥିଲେ। ଇତିମଧ୍ୟରେ ଶୋଭାବନଙ୍କ ସ୍ତ୍ରୀ ଅଧିକ ରୋଗକଷ୍ଟ ଭୋଗିବା ପରେ ତନ୍ତ୍ରଗୁରୁ କୁଞ୍ଜଙ୍କ ପାଖକୁ ଯାଇ ସବିଶେଷ ବିଧାନ କରିବା ପାଇଁ କହିଥିଲେ। ସବୁ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ଏକ ଛୋଟ ପିଲାକୁ ରାକମ୍ ଦେବୀଙ୍କୁ ବଳି ଦେବାକୁ ପଡିବ ବୋଲି ତନ୍ତ୍ରଗୁରୁ କୁଞ୍ଜବିହାରୀ କହିଥିଲେ। ଏହାପରେ ଶୋଭାବନ ସିନ୍ଧେକେଲାରେ ରହୁଥିବା ନିଜ ମାମୁ ପୁଅ ମିଥୁନ୍ (୯)ଙ୍କୁ ବଳି ଦେବାକୁ ଯୋଜନା କରି ତନ୍ତ୍ରଗୁରୁଙ୍କୁ ଜଣାଇଥିଲେ। ତନ୍ତ୍ରଗୁରୁ ଏନେଇ ସମ୍ମତି ପ୍ରଦାନ କରିବା ପରେ ମିଥୁନ୍‌ଙ୍କୁ ଅପହରଣ ଓ ବଳି ଯୋଜନା ଓ ପୂଜାର୍ଚ୍ଚନା ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା। ଅକ୍ଟୋବର ୧୩ ଶନିବାର ମିଥୁନ୍‌ଙ୍କୁ ଉନ୍ଦେର ନଦୀପଠାରେ ରାକମ୍ ଦେବୀଙ୍କୁ ବଳି ଦିଆଯିବ ବୋଲି ଉଭୟେ ଯୋଜନା କରିଥିଲେ। ଯୋଜନା ମୁତାବକ ଶୋଭାବନ ନିଜ ବାଇକ୍ (ନଂ.ଓଆର୦୩ ଜି ୯୨୫୪)ରେ ଶନିବାର ସନ୍ଧ୍ୟାରେ ସିନ୍ଧେକେଲା ଯାଇଥିଲେ। ଅପରାହ୍ନ ପ୍ରାୟ ୫ଟା ସମୟରେ ବସଷ୍ଟାଣ୍ଡସ୍ଥିତ ଦୋକାନରୁ ନିଜ ଘରକୁ ଫେରୁଥିବା ମାମୁପୁଅ ଭାଇ ମିଥୁନ୍‌ଙ୍କୁ ବାଇକ୍‌ରେ ବସିବାକୁ କହିଥିଲେ। ନିଜ ସମ୍ପର୍କୀୟ ଭାଇ ହୋଇଥିବାରୁ ବିନା ଦ୍ୱିଧାରେ ମିଥୁନ୍ ଶୋଭାବନଙ୍କ ବାଇକ୍‌ରେ ବସିଥିଲେ। ଏହାପରେ ବିଭିନ୍ନ କଥା କହି ମିଥୁନ୍‌ଙ୍କୁ ଗନ୍ଧର୍ଲା ନିକଟ ଉନ୍ଦେର ନଦୀକୁ ନେଇଯାଇଥିଲେ। ପୂର୍ବ ଯୋଜନା ମୁତାବକ ସେଠାରେ ତନ୍ତ୍ରଗୁରୁ କୁଞ୍ଜବିହାରୀ ପୂଜା ସାମଗ୍ରୀ ସହ ଅପେକ୍ଷାରତ ଥିଲେ। ସେଠାରେ ପହଞ୍ଚିବା ପରେ ଉଭୟେ ମିଥୁନ୍‌ଙ୍କ ହାତ ଓ ଗୋଡକୁ ଧରିଥିବା ଗାମୁଛାରେ ବାନ୍ଧି ଦେଇଥିଲେ। ନଦୀ ଭିତରେ ଥିବା ପାଣି ପାଖରେ ରାକମ୍ ଦେବୀଙ୍କ ପୂଜାର୍ଚ୍ଚନା ପରେ ସିନ୍ଧେକେଲା ବଜାରରୁ ୪୦ ଟଙ୍କା ଦେଇ ଶୋବାବନ କିଣି ଆଣିଥିବା ଏକ ଛୁରିରେ ତନ୍ତ୍ରଗୁରୁ କୁଞ୍ଜବିହାରୀ ଓ ଶୋଭାବନ ମିଳିତ ଭାବେ ମିଥୁନ୍‌ଙ୍କ ତଣ୍ଟିକାଟି ବଳି ଦେଇଥିଲେ। ତଣ୍ଟିକାଟିବା ବେଳେ ନିରୀହ ନିଷ୍ପାପ ମିଥୁନ୍ ଛଟପଟ ହୋଇ ଚିତ୍କାର କରିଥିଲେ। ବଳି ଦେଇସାରିବା ପରେ ହତ୍ୟା କରିଥିବା ଛୁରିକୁ ସଫାକରି ସେଠାରେ ଏକ ଗାତ ଖୋଳି ପ୍ରଥମେ ମିଥୁନ୍‌ଙ୍କ ମୁଣ୍ଡ ଓ ପରେ ଗଣ୍ଡି ପୋତି ଦେଇଥିଲେ। ଏହାପରେ ତନ୍ତ୍ରଗୁରୁ କୁଞ୍ଜ ସେଠାରୁ ପାଦରେ ଚାଲି ଚାଲି ସାଲେବରଟ୍ ଫେରି ଆସିଥିଲେ। ଅଭିଯୁକ୍ତ ଶୋଭାବନ ନିଜ ବାଇକ୍‌ରେ ତାଙ୍କ ଶ୍ୱଶୁର ଘର ଅଲଣ୍ଡା ଗାଁକୁ ଚାଲି ଯାଇଥିଲେ। ସିନ୍ଧେକେଲା ଥାନା ଆଇଆଇସି ରଞ୍ଜନ ବରିହା ଘଟଣାର ତଦନ୍ତ କରି ଶୁକ୍ରବାର ଶୋଭାବନଙ୍କୁ ଅଲଣ୍ଡା ଗାଁକୁ ଯାଉଥିବାବେଳେ ବାଗବାହାଲ ଛକରୁ ଗିରଫ କରିଥିଲେ। ଶୋଭାବନଙ୍କ ଶ୍ୱଶୁର ଘର ଅଲଣ୍ଡା ଓ ନିଜ ଘର ସାଲେବରଟରେ ଚଢ଼ାଉ କରି ପୋଲିସ ତନ୍ତ୍ରପୁସ୍ତକ, ମନ୍ତ୍ରଖାତା, ବାଇକ ଟୁଲ ବକ୍ସରୁ ହତ୍ୟା କରାଯାଇଥିବା ଛୁରି, ୨ଟି ସିମ୍ ସହ ମୋବାଇଲ ଓ ରେଲୱେ ଟିକେଟ୍ ଜବତ କରିଥିଲା। ବଳି ସମ୍ପର୍କରେ ସୂଚନା ପାଇବା ପରେ ତନ୍ତ୍ରଗୁରୁ କୁଞ୍ଜଙ୍କ ଘର ଉପରେ ଶନିବାର ଚଢ଼ାଉ କରି ତନ୍ତ୍ରପୁସ୍ତକ, ମନ୍ତ୍ରଖାତା, ମୋବାଇଲ ଜବତ୍ କରାଯାଇଥିଲା। ଗୁରୁଚେଲା କୁଞ୍ଜବିହାରୀ-ଶୋଭାବନଙ୍କୁ ଗିରଫ କରି ମୁହାଁମୁହିଁ କରିବା ପରେ ଉଭୟେ ମିଥୁନ୍‌ଙ୍କୁ ତଣ୍ଟିକାଟି ହତ୍ୟା କରିଥିବା ସହ ବଳି ଦେଇଥିବା ସ୍ୱୀକାର କରିଥିଲେ। ଟିଟିଲାଗଡ଼ ଏସଡିପିଓ ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟିଟିଲାଗଡ଼ ଏସ୍‌ଡିପିଓ ମହାପାତ୍ରଙ୍କ ସହ ସିନ୍ଧେକେଲା ଥାନାଧିକାରୀ ରଞ୍ଜନ କୁମାର ବରିହା, ଟିଟିଲାଗଡ଼ ଥାନାଧିକାରୀ ତାପସ ରଞ୍ଜନ ମହାନ୍ତି, ଏଏସ୍‌ଆଇ ସୁମନ ମଲ୍ଲିକ, ସରୋଜ ରଞ୍ଜନ ରଥ ଉପସ୍ଥିତ ଥିଲେ।

## ରାବଣପୋଡ଼ି ପୂର୍ବରୁ ...

ଅନ୍ୟପକ୍ଷରେ ସଭାରେ ଯୋଗଦେଇଥିବା ଅତିଥିମାନେ ପରୋକ୍ଷରେ ବିଧାୟକ ଦାମୋଦର ରାଉତଙ୍କୁ ତୀବ୍ର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଓ ଏମପି କୁଳମଣି ସାମଲ ଅତିଥି ଭାବେ ଯୋଗଦେବେ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ମାତ୍ର ସେମାନେ ଆସି ନ ଥିଲେ, ଯାହାକି ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି।
ସୂଚନା ଅନୁଯାୟୀ, ଏରସମାରେ ରାବଣପୋଡି ଉତ୍ସବକୁ ନେଇ ୧ ସପ୍ତାହ ହେଲା ଛକାପଞ୍ଝା ଲାଗି ରହିଥିଲା। ୨୫ ବର୍ଷ ହେବ ଏରସମା ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ଦାମଙ୍କ ପୃଷ୍ଠପୋଷକତାରେ ରାବଣ ପୋଡ଼ି ଉତ୍ସବ ହେଉଥିଲା। କିନ୍ତୁ ଚଳିତବର୍ଷ ଦାମ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଏଭଳି ସ୍ଥିତିରେ ଦାମଙ୍କ ଉତ୍ସବ ଆୟୋଜନରେ ପୋଲିସ ଅଙ୍କୁଶ ଲଗାଇଛି। ଦାମଙ୍କ ସମର୍ଥକମାନେ ପଡିଆରେ ମଞ୍ଚ କରିଥିବାବେଳେ ପୋଲିସ ଶୁକ୍ରବାର ତାହାକୁ ଭାଙ୍ଗି ଦେଇଥିଲା। ଅନ୍ୟପକ୍ଷରେ ରାବଣ ପୋଡି ଉତ୍ସବ ପାଳନ ପାଇଁ ବିଧାୟକ ମୁଦୁଲିଙ୍କୁ ସୁଯୋଗ ଦିଆଯାଇଥିଲା। ତେଣୁ ୨ ଦିନ ହେଲା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାବଣ ପୋଡି ଉତ୍ସବ ହେବ କି ନାହିଁ ସ୍ପଷ୍ଟ ହୋଇପାରି ନ ଥିଲା। ପରେ ମଞ୍ଚ ତିଆରି ଆରମ୍ଭ ହୋଇଥିଲା। ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି ଓ ସାଂସ୍କୃତିକ ମଞ୍ଚ ପକ୍ଷରୁ ବିଜୟା ମହୋତ୍ସବ ଓ ରାବଣପୋଡି ଉତ୍ସବ ହୋଇଥିଲା। ବାଲିକୁଦା ଅଞ୍ଚଳରୁ ଶତାଧିକ ବାଇକ୍ ଓ କାରରେ ପ୍ରଶାନ୍ତଙ୍କ ସମର୍ଥକ ପଡିଆରେ ପହଞ୍ଚିଥିଲେ। ଦୀପ୍ତିରଞ୍ଜନ କୁଅଁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ମୁଦୁଲି, ଏମ୍‌ପି ମହାନ୍ତି, ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ସଭ୍ୟା ଇତିଶ୍ରୀ ଭୂୟାଁ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ଓ ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗଛାୟତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେବଳ ଜିଲା ପରିଷଦ ସଭାପତି ବିଶ୍ୱାଳଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତେ ପରୋକ୍ଷରେ ଦାମଙ୍କୁ କଟାକ୍ଷ କରିଥିଲେ। ବିଧାୟକ ମୁଦୁଲି କହିଲେ ୭ ଦିନ ଧରି ଯେଉଁ ବିଭ୍ରାଟ ଚାଲିଛି, ସେଥିପାଇଁ କାହାକୁ ଦୋଷ ଦେବା ଠିକ ହେବ ନାହିଁ। ଏହା ବୟସର ଦୋଷ କହି ପରୋକ୍ଷରେ ସେ ଦାମଙ୍କୁ କଟାକ୍ଷ କରିଥିଲେ। ରାବଣ ଚରିତ୍ରରେ କେବଳ ଗୋଟିଏ କଥା ହେଉଛି ସାରାଂଶ। ତାହା ହେଉଛି ଅହଂକାର। ସୀତା ହରଣ କଲା ରାବଣ। ତା ପରେ ଯାହା ହେବା କଥା ହେଲା ବୋଲି କହି ସେ ପରୋକ୍ଷରେ ବିରୋଧୀଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ବାଲିକୁଦା ଅଞ୍ଚଳରୁ ଆସିଥିବା ଶତାଧିକ ଲୋକଙ୍କ ବାଇକ୍ କେହି ପଙ୍କଚର୍ କରି ଦେଇଥିବାରୁ ବିଧାୟକ ଦୁଃଖ ପ୍ରକାଶ କରିଥିଲେ। ସେ କହିଥିଲେ, ଯାହା କରିବା କଥା ମୋ' ପ୍ରତି କର। ଗୁଳି ମାରିଲେ ବି ସହିନେବି। କିନ୍ତୁ ଲୋକଙ୍କୁ ହଇରାଣ କରିବା କାପୁରୁଷପଣିଆ। ମୁଖ୍ୟଅତିଥି ମଧ୍ୟ ମୁଦୁଲିଙ୍କ କଥା ଦୋହରାଇଥିଲେ। ଏମ୍‌ପି ମହାନ୍ତି କହିଥିଲେ, ଅଣ୍ଡାମାଡ କରିବା ଅପେକ୍ଷା ଏହି ଅଣ୍ଡା କୌଣସି ପିଲାଙ୍କୁ ଖାଇବାକୁ ଦେଇଥିଲେ ଭଲ ହୋଇଥାନ୍ତା। ପରେ ରାବଣପୋଡି ହୋଇଥିଲା।







# ସୀମାନ୍ତରେ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି,୨୦।୧୦(ଡି.ଏନ.ଏ.)

ମାଲକାନଗିରି ସୀମାନ୍ତରେ ଶନିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ପୋଲିସ ବିପୁଳ ପରିମାଣରେ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି । ସୀମାନ୍ତବର୍ତ୍ତୀ

## ବନ୍ଧୁକ, ଅସ୍ତ୍ରଶସ୍ତ୍ର ଜବତ

ଛତିଶଗଡର ବିଜାପୁର ଜିଲାର ମିର୍ତ୍ତୁର୍ ଜଙ୍ଗଲରେ ଶୁକ୍ରବାର ରାତିରେ ମାଓବାଦୀଙ୍କ ମେଳି ଚାଲିଥିବା ଖବର ପାଇ ଡିଆରଜି ଯବାନମାନେ କୋମ୍ବିଂ ଅପରେଶନରେ ଯାଇଥିଲେ । ପୋଲିସ ଆସିବା ଜାଣି ମାଓବାଦୀଙ୍କ ପକ୍ଷରୁ ପ୍ରଥମେ ଗୁଳିଚାଳନା କରାଯାଇଥିଲା । ଯବାନଙ୍କ ପାଲ୍‌ଟା ଜବାବ୍‌ରେ ଜଣେ ମହିଳାଙ୍କ ସମେତ ୩ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସହ ମୁକାବିଲା କରିନପାରି ଅନ୍ୟ ମାଓବାଦୀମାନେ ଶିବିର ଛାଡି ଚାଲିଯାଇଥିଲେ। ପୋଲିସ ସର୍ଚ୍ଚ ଅପରେସନ୍ କରି ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରିଥିଲା। ଘଟଣା ସ୍ଥଳରୁ ବିପୁଳ ପରିମାଣରେ ବିସ୍ଫୋରକ ଓ ବନ୍ଧୁକ ଜବତ ହୋଇଥିବା ଆଇଜି ବିବେକା ନନ୍ଦ ସିହ୍ନା ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଅନ୍ୟ କେତେ ଜଣ ମାଓବାଦୀ ମୃତାହତ ହୋଇଥାଇପାରନ୍ତି ବୋଲି ପୋଲିସ ଆଶଙ୍କା କରୁଛି ।




# କେବିସିରେ ୨୫ ଲକ୍ଷ ଜିତିଲେ ରବିକୁମାର

ଦାମନଯୋଡ଼ି,୨୦।୧୦(ଡି.ଏନ୍.ଏ)

ନାଲ୍‌କୋ କର୍ମଚାରୀ ନମ୍ୱଲା ରବି କୁମାର ସୋନି ଟିଭି ଚ୍ୟାନେଲ୍‌ରେ ପ୍ରସାରିତ କୌନ୍ ବନେଗା କରୋଡ଼ ପତି (କେବିସି)ରେ ଭାଗନେଇ ୨୫ ଲକ୍ଷ ଟଙ୍କା ଜିତିଛନ୍ତି। ଏହି ଏପିସୋଡ଼ ଗୁରୁବାର ପ୍ରସାରିତ ହୋଇଥିଲା। ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀ ଏନ୍ ଜଗନ୍ନାଥମଙ୍କ ବଡ଼ପୁଅ ହେଉଛନ୍ତି ରବି। ରବି ୨୦୦୦ ମସିହାରୁ କେବିସି ପାଇଁ ପ୍ରସ୍ତୁତ ହେଉଥିଲେ। ସେବେଠାରୁ ସେ ନିରନ୍ତର ଅଧ୍ୟୟନ କରି ଶେଷରେ କେବିସିରେ ଯୋଗ୍ୟତା ହାସଲ କରିପାରିଥିଲେ। ଏହି ପ୍ରସ୍ତୁତିରେ ସ୍ତ୍ରୀ ଏନ୍ ରେଣୁକା ସହଯୋଗ କରିଥିଲେ। ରବି କୁମାର କହିଛନ୍ତି, କେବିସି ଟିମ୍‌ରୁ ତାଙ୍କ ପାଖକୁ ଫୋନକଲ୍ ଆସିଥିଲା। ୩ଟି ପ୍ରଶ୍ନ ପଚରାଯାଇଥିଲା, ଏହାର ଠିକ୍ ଉତ୍ତର ସେ ଦେଇଥିଲେ। ପରେ ଜୁଲାଇରେ


କେବିସିରେ ଅମିତାଭ ବଚ୍ଚନଙ୍କ ସମ୍ମୁଖରେ ରବିକୁମାର।

ରାୟପୁର ଅଡ଼ିସନକୁ ତାଙ୍କୁ ଡ଼କାଯାଇଥିଲା। ସେଠାରେ ତାଙ୍କର ଭଲ ପ୍ରଦର୍ଶନ ଥିଲା। ପରେ କେବିସି ହଟ୍ ସିଟ୍‌ରେ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସହିତ ବସିବାର ସୁଯୋଗ ମିଳିଲା ବୋଲି ରବି କହିଛନ୍ତି।



# ବିରୋଧୀଙ୍କ ପାଇଁ ମଉକା



ଆକାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଦ୍ୱିତୀୟ ଦୀର୍ଘତମ ଅବଧି ଲାଗି ଅର୍ଥନୈତିକ ଅଭିବୃଦ୍ଧି ଜାରି ରହିଥିବାରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ଲୋକପ୍ରିୟତା ଅର୍ଜନ କରିଛନ୍ତି। ଗତ ତ୍ରିମାସୀରେ ଆମେରିକାର ଅର୍ଥନୀତି ୪ ପ୍ରତିଶତ ହାରରେ ଅଭିବୃଦ୍ଧି କରିଥିଲା। ତେବେ ଆମେ ଭାରତୀୟମାନେ ଏଥିରେ ପ୍ରଭାବିତ ନ ହୋଇପାରୁ। କିନ୍ତୁ ସତକଥା ହେଲା, ଆମେରିକା ଅର୍ଥନୀତିର ଆକାର ହେଉଛି ଭାରତର ୧୦ ଗୁଣ, ଯଦିଚ ଏହାର ଲୋକସଂଖ୍ୟା ଭାରତର ୪ ଭାଗରୁ ଭାଗେ। ଏହାର ଅର୍ଥ ଜଣେ ହାରାହାରି ଆମେରିକୀୟ ଜଣେ ହାରାହାରି ଭାରତୀୟଙ୍କଠାରୁ ୪୦ ଗୁଣ ଅଧିକ ଉତ୍ପାଦନ କରୁଛି। ଯେତେବେଳେ ବିରୋଧୀ ଦଳ ଟ୍ରମ୍ପଙ୍କ ବ୍ୟକ୍ତିଗତ ଦୋଷତ୍ରୁଟି ଓ ଅସଙ୍ଗତ ନୀତିଗୁଡ଼ିକ ଉପରେ ଅଭିଯୋଗ କରୁଛନ୍ତି, ସେତେବେଳେ ସେ ତାଙ୍କର ଅର୍ଥନୈତିକ ସଫଳତାର କଥା କହୁଛନ୍ତି ଏବଂ ତାଙ୍କ ଅମଳରେ କେତେ ଲୋକ ନିଯୁକ୍ତି ପାଇଛନ୍ତି, ସେ କଥା କହୁଛନ୍ତି। ଆମେରିକାରେ ତିନି ସପ୍ତାହ ଭିତରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଯାଉଛି। ଏହି ଅବସରରେ ଟ୍ରମ୍ପଙ୍କ କୃତିତ୍ୱକୁ ନେଇ ତର୍କବିତର୍କ ଚାଲିବ। ବିରୋଧୀ ଦଳ ଅଭିଯୋଗ କରିବେ ଯେ, ଟ୍ରମ୍ପ ଜଣେ ବିପଜ୍ଜନକ ମାନସିକ ରୋଗୀ ଏବଂ ଟ୍ରମ୍ପ ତାଙ୍କ ସଫଳତା ବିଷୟ ବଖାଣିବେ। ଟ୍ରମ୍ପଙ୍କ ଦୋଷତ୍ରୁଟି ସତ୍ତ୍ୱେ ତାଙ୍କ ପ୍ରତି ଜନସମର୍ଥନ ରହିଛି। ତାଙ୍କ ସମର୍ଥକମାନେ ବିରୋଧୀଙ୍କ ଅଭିଯୋଗକୁ ସହଜରେ ଅଣଦେଖା କରିଯିବେ। ସେଥିପାଇଁ ଇତିମଧ୍ୟରେ ତାଙ୍କ ରେଟିଂ ବୃଦ୍ଧି ପାଇଛି କାରଣ ତାଙ୍କ ନ୍ୟାରେଟିଭ୍ (କଥନିକା)ର ଜୟ ହୋଇଛି। ଗତବର୍ଷ ମନେ କରାଯାଉଥିଲା ଯେ, ଟ୍ରମ୍ପଙ୍କ ଦୋଷତ୍ରୁଟିକୁ ଅସ୍ତ୍ର କରି ବିରୋଧୀମାନେ ବାଜି ମାରିନେବେ। କିନ୍ତୁ ଏବେ ତାହା ସମ୍ଭବ ହେବ ବୋଲି ମନେହେଉ ନାହିଁ। ଟ୍ରମ୍ପଙ୍କ ଦଳ ଆଶାଠାରୁ ଭଲ କରିବେ ଅନୁମାନ କରାଯାଉଛି।

ଭାରତରେ ନ୍ୟାରେଟିଭ୍ (କଥନିକା) ଅନେକ ସମୟରେ ଶାସକ ଦଳ ଅପେକ୍ଷା ବିରୋଧୀ ଦଳଗୁଡ଼ିକର ନିୟନ୍ତ୍ରଣରେ ଥାଏ। ୩୦ ବର୍ଷ ତଳେ ବୋଫର୍ସ ଦୁର୍ନୀତିକୁ କେନ୍ଦ୍ରକରି କଂଗ୍ରେସ ବିରୋଧରେ ବିରୋଧୀ ଦଳଗୁଡ଼ିକ ଏକଜୁଟ ହେଲେ, ଯେତେବେଳେ କଂଗ୍ରେସ ହାତରେ ୪୦୦ରୁ ଅଧିକ ଆସନ ରହିଥିଲା। ରାଜୀବ ଗାନ୍ଧୀ ଏକବିଂଶ ଶତାବ୍ଦୀର ଭାରତକୁ ନେଇ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିବା ପାଇଁ ଚେଷ୍ଟା କରି ବିଫଳ ହେଲେ। ବାସ୍ତବରେ ଭାରତରେ ସକାରାତ୍ମକ ଅପେକ୍ଷା ନକାରାତ୍ମକ ପ୍ରସଙ୍ଗଗୁଡ଼ିକ ବେଶି କାମ ଦେଇଥାଏ। ୨୦୧୧ରୁ ୨୦୧୩ ମଧ୍ୟରେ ଘଟିଥିବା ଦୁର୍ନୀତିଗୁଡ଼ିକ ପାଇଁ ମନମୋହନ ସିଂ ସରକାରର ପତନ ଘଟିଲା। ତାଙ୍କ ସରକାର ଦୁର୍ନୀତି ଅଭିଯୋଗଗୁଡ଼ିକର ମୁକାବିଲା କରିପାରିଲେ ନାହିଁ। ଲୋକେ ଏ ସରକାରକୁ ଅପାରଗ ଓ ଦୁର୍ବଳ ବୋଲି ମନେକଲେ। ବର୍ତ୍ତମାନ ଅନେକ ପ୍ରସଙ୍ଗକୁ ନେଇ ମୋଦି ସରକାର ବିରୋଧରେ ମଧ୍ୟ ଅନୁରୂପ ଅପାରଗତାର ଅଭିଯୋଗ ଅଣାଯାଇପାରିବ। ମୁଁ ଏଠାରେ ଅତି କମ୍‌ରେ ୧୦ଟି ପ୍ରସଙ୍ଗର ଅବତାରଣା କରୁଛି: ବିମୁଦ୍ରୀକରଣ, ଭିଡ଼ହିଂସା, ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ, ରାଫାଲ ପ୍ରସଙ୍ଗ, କୃଷି କ୍ଷେତ୍ରରେ ସଂକଟ, ପ୍ରତି ଭାରତୀୟଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମା କରିବାର ପ୍ରତିଶ୍ରୁତି ପୂରଣ ନ ହେବା, ମୁଦ୍ରାସ୍ଫୀତି, ତୈଳଦର ବୃଦ୍ଧି, ମନ୍ତ୍ରୀଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଏବଂ ଯୁବବର୍ଗଙ୍କ ପାଇଁ କର୍ମନିଯୁକ୍ତିର ଅଭାବ। ଆଉ ଅନ୍ୟ ପ୍ରସଙ୍ଗ ବି ଥାଇପାରେ। ଯେଉଁଗୁଡ଼ିକ ନିର୍ବାଚନୀ ପ୍ରସଙ୍ଗ ନୁହେଁ, ମୁଁ ସେଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିନାହିଁ। ଦିଲ୍ଲୀର ରଣକୌଶଳ ବ୍ୟାପାର ବିଶେଷଜ୍ଞମାନେ ଏ ବିଷୟରେ ଏକମତ ଯେ, ଏ ସରକାର ଅମଳରେ ପ୍ରତିବେଶୀ ଚାଇନା ଆମର କିଛି ସୀମାନ୍ତ ଅଞ୍ଚଳକୁ ଜବରଦଖଲ କରିଛି। ଗତ ଚାରିବର୍ଷ ଭିତରେ ଶ୍ରୀଲଙ୍କା, ମାଳଦ୍ୱୀପ, ଭୁଟାନ, ନେପାଳ ଓ ପାକିସ୍ତାନ ସହ ଆମର ସମ୍ପର୍କରେ ଅବନତି ଘଟିଛି।

ନିର୍ବାଚନ ପ୍ରଚାର କରିବା ଲାଗି ବର୍ତ୍ତମାନ ବିରୋଧୀ ଦଳ ହାତରେ ପ୍ରସଙ୍ଗର ଅଭାବ ନାହିଁ। ସରକାର ଏ ଯାବତ୍ ନିଜ ସପକ୍ଷରେ ପ୍ରଚାର ଆରମ୍ଭ କରିନାହାନ୍ତି। ଆଉ କିଛିଦିନ ଭିତରେ ତାହା ଆରମ୍ଭ ହୋଇଯାଇପାରେ କାରଣ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ହେବାକୁ ଯାଉଛି। ସରକାର କିଛି ପ୍ରଭାବଶାଳୀ ବାର୍ତ୍ତା ପ୍ରଦାନ କରିବେ ଯାହା ନିର୍ବାଚନୀ କଥନିକାକୁ ନିୟନ୍ତ୍ରଣ କରିବ। ସମ୍ଭବତଃ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ସରକାର ତାହା କରିପାରନ୍ତି।

ପ୍ରାୟ ସମସ୍ତ କଥନିକା ସଂଖ୍ୟା ବଦଳରେ କେବଳ ଦାବି ଉପରେ ପର୍ଯ୍ୟବସିତ ହେବ। ଆମେରିକାରେ ନିଯୁକ୍ତି ତଥ୍ୟ ନିର୍ଭରଯୋଗ୍ୟ ହୋଇଥାଏ କାରଣ ଏ ତଥ୍ୟ ପାଇବା ପାଇଁ ସେଠାରେ ଅନେକ ଉତ୍ସ ରହିଛି। ଭାରତରେ ଅର୍ଥନୀତିର ଆନୁଷ୍ଠାନିକ କ୍ଷେତ୍ର ଖୁବ୍ ବଡ଼ ହୋଇ ନ ଥିବାରୁ ସେ ତଥ୍ୟ ନିର୍ଭରଯୋଗ୍ୟ ନୁହେଁ। ଆମ ଦେଶରେ ଅର୍ଥନୀତିରେ କେଉଁଠି କ'ଣ ଘଟୁଛି ଆମେ ଜାଣିପାରୁନା। ଏ କ୍ଷେତ୍ର ଖୁବ୍ ଛୋଟ ହୋଇଥିବାରୁ ତାକୁ କେହି ପରିଚାଳନା କରନ୍ତି ନାହିଁ। ତେଣୁ ଆଗ ଅପେକ୍ଷା ସରକାର ଭଲ କରିଛନ୍ତି ବୋଲି ଲୋକଙ୍କୁ ବୁଝେଇବାକୁ ଚେଷ୍ଟା କରିବେ। ତେବେ ଏହା କରିବା ସହଜ ନୁହେଁ। ମୁଁ ଉପରେ ଯେଉଁ ୧୦ଟି ପ୍ରସଙ୍ଗର ଅବତାରଣା କରିଛି, ତାହା ଉପରେ ଉପଲବ୍ଧ ତଥ୍ୟସବୁ ବିରୋଧୀ ଦଳ ସପକ୍ଷରେ ହିଁ ଯିବ। ତେଣୁ ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଉପଲବ୍ଧ ତଥ୍ୟ ଆଧାରରେ କିପରି ସରକାରଙ୍କୁ ଘେରିହେବ, ତାହା ସମ୍ପୂର୍ଣ୍ଣରୂପେ ବିରୋଧୀ ଦଳଗୁଡ଼ିକ ଉପରେ ନିର୍ଭର କରୁଛି। ଏହାଠାରୁ ଭଲ ମଉକା ସେମାନଙ୍କୁ ଆଉ ମିଳିବ ନାହିଁ।

Email: aakar.patel@gmail.com

# ଶୀତଳ ସମ୍ପ୍ରଦାୟ



ଚିତ୍ରଚରିତ୍ର

ନିରଞ୍ଜନ ପାଢ଼ୀ

ଯେଉଁ ସମ୍ପ୍ରଦାୟ ସମ୍ପର୍କରେ କଥାଟି କୁହାଯାଉଛି, ସେମାନଙ୍କ ପାଇଁ 'ଶୀତଳ' ଶବ୍ଦଟି ବୋଧହୁଏ ସବୁଠାରୁ ସଂଭ୍ରାନ୍ତ ଓ ମାର୍ଜିତ ବିଶେଷଣ। ଏମାନଙ୍କୁ ଶୀତଳ କୁହାଗଲେ ବି ଏମାନେ ଯେ କେବେ ଉଷ୍ମ ହୁଅନ୍ତି ନାହିଁ, ତାହା ନୁହେଁ। ଏମାନେ ଉଷ୍ମ ହୁଅନ୍ତି, ନିଜ ଭିତରେ ଜଳନ୍ତି ଓ ଅନ୍ୟମାନଙ୍କୁ ଜଳାଇବାର ବି ସାମର୍ଥ୍ୟ ରଖନ୍ତି। ଯେ ଉଷ୍ମତା କେବଳ ସୁରକ୍ଷିତ ଥାଏ ନିଜ ପାଇଁ ଓ ନିଜର ଯାବତୀୟ ସ୍ୱାର୍ଥସାଧନ ଲାଗି। ମାତ୍ର ଆଖପାଖର ଦୁନିଆରେ ଆତଯାତ ହେଉଥିବା ଅନ୍ୟମାନଙ୍କ ପାଇଁ ଯେତେବେଳେ ଲୋଡ଼ାପଡ଼େ ତାତିଲାପଣ, ସେତେବେଳେ ଏମାନଙ୍କ ଉଷ୍ମ ପୌରୁଷ ଅଚାନକ ଛୁଟିରେ ଚାଲିଯାଏ ଓ ବଦଳରେ ପ୍ରତିଭାତ ହୁଏ ଏକ ହିମ ଶୀତଳ ନିର୍ଜୀବ ବ୍ୟକ୍ତିସତ୍ତା। ମନେହୁଏ, ସତେ ଯେମିତି ମଣିଷଟିଏ ନୁହେଁ ନିଥର କାଠ ଗଣ୍ଡିଟାଏ!

ଅବିଶ୍ୱସନୀୟ ମନେହେଲେ ବି ଏକ ଲୋମଟାଙ୍କୁରା ସତ୍ୟ। କେଇବର୍ଷ ତଳେ ଏକ ଅନତିବିଳମ୍ବିତ ରାତିରେ ମୁମ୍ବାଇର ଏକ ଚଳନ୍ତା ଟ୍ରେନ୍ ଭିତରେ ଜଣେ ମଦ୍ୟପ ଦ୍ୱାରା ବଳାତ୍କାରର ଶିକାର ହେଲା ଚଉଦ ବର୍ଷ ବୟସର ଅପ୍ରାପ୍ତବୟସ୍କା ବାଳିକାଟିଏ। ବାଳିକାଟି ଥିଲା ଅର୍ଦ୍ଧପାଗଳୀ ଓ ତା'ର ବଳାତ୍କାରୀ ପିଶାଚ ଜଣକ ଥିଲା ସମ୍ପୂର୍ଣ୍ଣ ନିଶାଗ୍ରସ୍ତ ଓ ସେଇ ଦୃଷ୍ଟିରୁ ବେଶ୍ ଦୁର୍ବଳ ମଧ୍ୟ। ଅଥଚ ଅସହାୟା, ପ୍ରତିରୋଧଶୂନ୍ୟ ପାଗଳୀଟି ଉପରେ ତା'ର ଏ ନିଷ୍ଠୁର ନିର୍ଯାତନା ଚାଲୁ ରହିଥିଲା ବେଳେ ନୀରବ ନିଥର ଭାବେ ଚାହିଁ ରହିଥିଲେ ସେହି ଡବାରେ ଯାତ୍ରା କରୁଥିବା ଅନ୍ୟ ତିନିଜଣ ନିଷ୍କ୍ରିୟ, ନିଷ୍କରୁଣ ସହଯାତ୍ରୀ। ସେମାନଙ୍କ ମଧ୍ୟରୁ ଜଣେ ବି ଯଦି ଆଗେଇ ଆସି ମଦନିଶାରେ ଟଳଟଳ ଅପରାଧୀକୁ ଧକ୍କାଟିଏ ଦେଇଥାନ୍ତେ, ତେବେ ତା'ର ହୋସ୍ ଉଡିଯାଇଥାନ୍ତା ଓ ବର୍ବର ବଳାତ୍କାରରୁ ରକ୍ଷା ପାଇଯାଇଥାନ୍ତା ବିଚାରୀ ପାଗଳୀ ଝିଅଟି।

ଅତୀତର ଆଉ ଏକ ଘଟଣା। ଚେନ୍ନାଇ ମହାନଗରୀର ଏକ ସିନେମା ହଲ୍ ସମ୍ମୁଖରେ ଜଣେ ତରୁଣୀଙ୍କୁ ବହୁ ଭାବେ ଲାଞ୍ଛିତ କରୁଥାନ୍ତି କେଇଜଣ ଅସାମାଜିକ ଯୁବକ। ତରୁଣୀଟି ସିନେମା ଦେଖିସାରି ଏକାକୀ ଯାଉଥିବା ବେଳେ ଦୁର୍ମତିମାନଙ୍କ ମତିଗତି ଦେଖି ସେମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଆଖପାଖର ଲୋକମାନଙ୍କୁ ସାହାଯ୍ୟ ମାଗୁଥାନ୍ତି। ଆଖି ଆଗରେ ଘଟୁଥାଏ ଚଳଚ୍ଚିତ୍ରର କାହାଣୀଠାରୁ ଆହୁରି ଜଘନ୍ୟ କାଣ୍ଡ। ସିନେମା ଦେଖିବା ପରି ଦୃଶ୍ୟଟିକୁ ଉପଭୋଗ କରୁଥାନ୍ତି ସଭିଏଁ। ଅଥଚ ଗୁଣ୍ଡାମାନଙ୍କୁ ପ୍ରତିରୋଧ କରିବାକୁ କେହି ଜଣେ ବି ଆଗେଇ ଆସୁ ନ ଥାନ୍ତି। ଝିଅଟି ଶରଣ ନେଇଥିବା ଜଣେ ପୋଲିସ କନଷ୍ଟେବଲଙ୍କ ମୃଦୁ ପ୍ରତିବାଦକୁ ଖାତିର ନ କରି ତାଙ୍କୁ ଅନାୟାସରେ ଘଉଡାଇ ଦେଇ ରାକ୍ଷସମାନେ ତରୁଣୀଟିକୁ ନିକଟସ୍ଥ କାର ଭିତରକୁ ଟେକି ନେଇଗଲେ ଓ ନିମିଷକ ମଧ୍ୟରେ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଗଲେ। ପବନରେ ମିଳାଇ ଯାଇଥିଲା ନିରିମାଖି ଝିଅଟିର ବିକଳ ଚିତ୍କାର।

ଦିଲ୍ଲୀ ମହାନଗରୀର ଆଉ ଏକ ଦୃଶ୍ୟ। ନିଜ ସ୍କୁଟିରେ କଲେଜରୁ ଘରକୁ ଫେରୁଥିଲା ବେଳେ ଛାତ୍ରୀ ଜଣଙ୍କୁ ପଛରୁ ଧକ୍କା ଦେଇ ଖସିଗଲା କାରଟିଏ। ବାମପାର୍ଶ୍ୱକୁ ଛିଟିକି ପଡିବାରୁ ସୌଭାଗ୍ୟବଶତଃ ତା'ର ମୁଣ୍ଡ ରହିଗଲା ସିନା, ଗୋଡ଼ ଉପରେ କାରଟି ଚଢି ଚାଲିଯିବାରୁ ଡାହାଣ ଗୋଡ଼ଟି ଭାଙ୍ଗି ଚୂନା ହୋଇଗଲା। ଘଟଣାସ୍ଥଳରେ ଦେଖଣାହାରିଙ୍କ ଭିଡ଼ ଜମିଗଲା, ଝିଅଟି ଉପରେ ଅଜାଡିପଡିଲା ସବୁରି ଅନ୍ତରର ସମବେଦନା। ଅଥଚ ସେତେବେଳେ ଶୁଖିଲା ସମବେଦନାଠୁ ବେଶି ଯାହା ଆବଶ୍ୟକ ଥିଲା, ତାହା ହେଲା ଝିଅଟିକୁ ଅବିଳମ୍ବେ ହସ୍ପିଟାଲ ପଠାଇବାର ପ୍ରଚେଷ୍ଟା। ସେହି ରାସ୍ତା ଦେଇ କୋଡିଏ ମିନିଟ ମଧ୍ୟରେ ପ୍ରାୟ ଶତାଧିକ ଗାଡି ଯାତାୟାତ କରିଥିଲେ ବି ଗୋଟିଏ ବି ଅଟକି ନ ଥିଲା ଝିଅଟିକୁ ଡାକ୍ତରଖାନା ବୋହିନେବା ପାଇଁ। କେହି ଜଣେ ଉଦାର ଦର୍ଶକଙ୍କଠାରୁ ଫୋନ ପାଇ କୋଡିଏ ମିନିଟ୍ ପରେ ଆମ୍ବୁଲାନ୍ସ ଆସି ପହଞ୍ଚିଲା। ମାତ୍ର ସେତେବେଳକୁ ଆଶୁ ଚିକିତ୍ସାର ମୂଲ୍ୟବାନ ମୁହୂର୍ତ୍ତଗୁଡିକ ଅକାରଣ ନଷ୍ଟ ହୋଇସାରିଥିଲା। ପରିଣାମ ସ୍ୱରୂପ, ଝିଅଟିର ଜୀବନ ବଞ୍ଚିଗଲା ସତ, ମାତ୍ର ସବୁଦିନ ପାଇଁ ସେ ହରାଇ ବସିଲା ତା'ର ଗୋଟିଏ ଗୋଡ଼।

ଉପରୋକ୍ତ ତିନୋଟି କରୁଣ ଦୃଶ୍ୟ ଓ ଏ ଦୃଶ୍ୟସବୁର କାପୁରୁଷ ଦର୍ଶକମାନେ ଆଦୌ ଅଭାବିତ ନୁହନ୍ତି ସେହି ସମାଜରେ, ଯେଉଁ ସମାଜ ଅତୀତରେ ଦିନେ ନିଜ ଶକ୍ତି ଓ ସାହସରେ ଦୁର୍ବଳା ଓ ଦୁର୍ବଳଙ୍କ ଉପରେ ବିତୁଥିବା ଦୁର୍ଭାଗ୍ୟକୁ ମୁକାବିଲା କରୁଥିଲା। ଏବେ କିନ୍ତୁ ସମୟ ବଦଳିଯାଇଛି। ତା' ସହିତ ବଦଳିଯାଇଛି ମଣିଷର ଚରିତ୍ର। ସ୍ୱାର୍ଥର ସଡ଼କରେ ବାଟ ଚାଲି ନିଜ ପାଇଁ ସଫଳତା ସାଉଁଟୁଥିବା ଆଧୁନିକ ମଣିଷର ଅଭିଧାନରୁ ଉଭେଇଯାଇଛି ସମ୍ବେଦନା ଓ ମୂଲ୍ୟବୋଧ ଭଳି ଶବ୍ଦସବୁ। ବିସ୍ମୃତ ହୋଇଯାଇଛି ଜୀବସେବାରେ ଶିବସେବା ଭଳି ଆଧ୍ୟାତ୍ମିକ ଉତ୍ତରଣର ମହାନ୍ ମନ୍ତ୍ର। ସେବା ତ ଦୂରର କଥା, ଅସୁବିଧାରେ ପଡିଥିବା ପଡୋଶୀଙ୍କୁ ବି ସାହାଯ୍ୟ କରିବାକୁ କାହାର ସାମାନ୍ୟ ସ୍ପୃହା ନାହିଁ। ଅନ୍ଧଟିକୁ ନିରାପଦରେ ରାସ୍ତା ପାର କରିଦେବାକୁ ଅବା ବାଟ ଚାଲୁ ଚାଲୁ ପଡିଯାଉଥିବା ବୃଦ୍ଧ ଜଣଙ୍କୁ ଉଠାଇବା ପାଇଁ ନିଜ ହାତ ବଢାଇଦେବାକୁ କାହା ପାଖରେ ସମୟ ନାହିଁ। ଆଖି ସାମ୍ନାରେ ଆତଙ୍କ ସୃଷ୍ଟି କରୁଥିବା ଜଣେ ଦୁଇଜଣଙ୍କୁ ବି କାବୁ କରିନେବା ପାଇଁ ଶହ ଶହ ଲୋକଙ୍କ ଭିଡ଼ ଭିତରୁ ଜଣେ କେହି ବି ବାହାରି ଆସୁନାହାନ୍ତି। ଦୁର୍ଘଟଣାରେ ଆହତ ହୋଇ ରାସ୍ତା ଉପରେ ଛଟପଟ ହେଉଥିବା ଅପରିଚିତ ଲୋକଟିକୁ ହସ୍ପିଟାଲ ବୋହିନେବାକୁ କେହି ବି ନାହାନ୍ତି। ନଗର ସଭ୍ୟତାର ବ୍ୟକ୍ତିକୈନ୍ଦ୍ରିକ ଚେତନା ଏତେ ଉତ୍କଟ ହୋଇଛି ଯେ, ପାଖ ଘରେ ଡକାୟତି ହେଲେ ବି ଏପଟ ଘରର ଲୋକଙ୍କ ନିଦ ଭାଙ୍ଗିଲେ ମଧ୍ୟ ସେମାନେ ଉଠୁନାହାନ୍ତି କି ପଡିଶା ଘରର କେହି ମରିଗଲେ, ତାଙ୍କ ପୁଅ ନାତିମାନେ ଲଣ୍ଡା ନ ହେଲା ଯାଏ ସେ ପାଖ ଘରର କେହି ଜାଣୁନାହାନ୍ତି।

ଅପରର ସ୍ଥିତି ପ୍ରତି ମଣିଷର ଅନୁଭବ ପଥର ପାଲଟି ଯାଉଛି। ନିଜ ବା ନିଜ ପରିବାରର ବାହାରେ ଥିବା ବିଶାଳ ପରିବ୍ୟାପ୍ତ ବିଶ୍ୱ ପାଇଁ ଶୀତଳ ହୋଇଯାଉଛି ମଣିଷ। ନିଜ ପାଦ ତଳର ପୃଥିବୀ ଓ ମୁଣ୍ଡ ଉପର ଆକାଶର ପରିସୀମା ଯେ ନିଜ ପାଖରେ ଶେଷ ହୋଇ ଯାଇନାହିଁ, ଏ କଥା ବୁଝିପାରୁନାହିଁ ସେ। 'ମୁଁ' ଓ 'ମୋର' ଭଳି ଏକ ବିଚିତ୍ର ବ୍ୟାଧିରେ ଅହରହ ଘାଣ୍ଟି ହେଉଛି ମଣିଷର ବ୍ୟକ୍ତିସତ୍ତା। ଯେ ପର୍ଯ୍ୟନ୍ତ ମୁଁ ଠିକ୍ ଅଛି, ମୋର କିଛି ହୋଇନାହିଁ, ସେପର୍ଯ୍ୟନ୍ତ ଅବଶିଷ୍ଟ ପୃଥିବୀର ଜଞ୍ଜାଳ ପ୍ରତି ଆଖି ବୁଜି ରହିବା ହିଁ ବିଜ୍ଞତା ବୋଲି ଭାବୁଛନ୍ତି ସଭିଏଁ।

ଗତ କିଛିଦିନ ଧରି ସାମାଜିକ ଗଣମାଧ୍ୟମର ଏକ ବିଶାଳ ପରିସରରେ ଯେଉଁ ଲୋମହର୍ଷଣକାରୀ ଭିଡିଓଟିଏ ଖେଳି ବୁଲୁଛି, ତାହା ଦେଖିଲା ପରେ ମଣିଷକୁ 'ମଣିଷ' ବୋଲି ଚିହ୍ନିବାରେ ଭାରି କଷ୍ଟ ଲାଗୁଛି। ତାମିଲନାଡୁର ଏକ ହସ୍ପିଟାଲରେ ସ୍ଥାନୀୟ ଜଣେ ରାଜନେତା ଜଣେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ତଳେ ପକାଇ ଯେମିତି ନିର୍ମମ ଭାବେ ଗୋଇଠା ମାରି ଚାଲିଥାନ୍ତି, ତାହା ଦେଖିଲେ ଜନସେବକ ବୋଲାଉଥିବା ନେତାଙ୍କ ଉଦଣ୍ଡ ଉତ୍ପାତ ପ୍ରତି ମନରେ ଯେତିକି ବିଦ୍ରୋହ ସୃଷ୍ଟି ହେବ, ତା'ଠାରୁ ଢେର୍ ଅଧିକ କ୍ଷୋଭ ସୃଷ୍ଟି ହେବ ସେଠାରେ ଛିଡା ହୋଇ ଏ ନିର୍ଲଜ ଆଚରଣ ପ୍ରତ୍ୟକ୍ଷ କରୁଥିବା କିଛି ଲୋକଙ୍କ ପ୍ରତିକ୍ରିୟାଶୂନ୍ୟ ନୀରବତା ଦେଖି।

ସତରେ 'ମୁଁ'ରେ କ'ଣ ସରିଯାଏ ଜୀବନ? ଜନ୍ମର ଆଦ୍ୟ ଅଧ୍ୟାୟଠାରୁ ମୃତ୍ୟୁର ଶେଷପର୍ବ ଯାଏ ଅନ୍ୟ କେହି କ'ଣ ଲୋଡ଼ା ପଡ଼ନ୍ତିନି 'ମୁଁ' ପାଇଁ? ତେବେ ପରମ ଉଷ୍ମ ଯତ୍ନର ସହ 'ମୁଁ'ଟି ଲାଳିତ ହେଉଥିଲା ବେଳେ ଅନ୍ୟମାନଙ୍କ ପାଇଁ ତାହା ହିମଶୀତଳ ହୋଇଯାଏ କେମିତି??

ସାମ୍ପ୍ରତିକ ସମାଜର ସଭ୍ୟ, ସମ୍ଭ୍ରାନ୍ତ, ସବଳ ଓ ସଫଳ ମଣିଷମାନଙ୍କ ଜୀବନଚର୍ଯ୍ୟାକୁ ଟିକେ ନିରେଖି ଚାହିଁଲେ ଏଇ 'ମୁଁ'ର ମହତ୍ତ୍ୱକୁ ବୁଝିବା ବେଶି କଷ୍ଟକର ହେବନାହିଁ। ପରିବାରର କେହି ଜଣେ ନିକଟ ସମ୍ପର୍କୀୟ ମରିଯାଇଥିବେ। ତାଙ୍କ ଶ୍ମଶାନ ଯାତ୍ରାରେ ଯୋଗଦେଇଥିବା ବେଳେ ହଠାତ୍ ମୋବାଇଲ ଫୋନ୍ ବାଜି ଉଠିବ। ନିଜ ବୃତ୍ତି, ବ୍ୟବସାୟ ବା ଅନ୍ୟ କିଛି ବିଷୟକ ବାର୍ତ୍ତାଳାପରେ ସେ ଏମିତି ନିମଗ୍ନ ରହିବେ ଯେ ତାଙ୍କୁ ଦେଖି କେହି ବି ଜାଣିପାରିବେ ନାହିଁ, କେଇ ମୁହୂର୍ତ୍ତ ପୂର୍ବରୁ ତାଙ୍କର ଜଣେ ପରିଜନଙ୍କର ପରଲୋକ ହୋଇଯାଇଛି ଓ ସେ ତାଙ୍କ ଶେଷ ଯାତ୍ରାରେ ଯାଉଛନ୍ତି ବୋଲି। କେଇକ୍ଷଣ ପୂର୍ବରୁ ଯିଏ ତାଙ୍କ ସହ ବହୁବର୍ଷ ଧରି ଏ ସଂସାରରେ ଥିଲେ, ଯାହାଙ୍କ ମଧୁର ସ୍ମୃତିର ବୋଝ ବୋହି ତାଙ୍କ ବିନା ଏ ସଂସାରରେ ବଞ୍ଚିବାକୁ ପଡିବ, ତାଙ୍କ ମୃତ୍ୟୁରେ କି ଶୁଷ୍କ ଶୋକପାଳନ! କି ଶୀତଳ ପ୍ରତିବେଦନ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# 'ମିଲ୍‌କମ୍ୟାନ୍'ର ରୂପକାର

ବ୍ୟକ୍ତିତ୍ୱ



ଆନ୍ନା ବର୍ନ୍ସ

'ମୋ ଚରିତ୍ରଗୁଡ଼ିକ ମୋ ପାଖକୁ ଆସି ଗପ ଲେଖିବାକୁ ମୋତେ କହନ୍ତି। ଯେତେବେଳ ଯାଏ ସେମାନେ ଆସି ନ ଥାନ୍ତି ସେତେବେଳ ପର୍ଯ୍ୟନ୍ତ ମୁଁ କିଛି ଲେଖିପାରେ ନାହିଁ।' ୨୦୧୮ 'ମ୍ୟାନ୍ ବୁକର' ପାଇବା ଲାଗି ଉତ୍ତର ଆୟର୍ଲାଣ୍ଡ ଲେଖିକା ଆନ୍ନା ବର୍ନ୍ସଙ୍କ ନାମ ଘୋଷଣା ହେବା ପରେ ସାମ୍ବାଦିକଙ୍କୁ ସେ ନିଜ ପ୍ରତିକ୍ରିୟାରେ ଉପରିଲିଖିତ ଉକ୍ତି ବାଢ଼ିଥିଲେ। ମ୍ୟାନ୍ ବୁକର ପାଇବାରେ ଆନ୍ନା ହେଉଛନ୍ତି ଉତ୍ତର ଆୟାର୍ଲାଣ୍ଡର ପ୍ରଥମ ଲେଖିକା। ଉପନ୍ୟାସ 'ମିଲ୍‌କମ୍ୟାନ୍' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଥିବାରୁ ତାଙ୍କୁ ବିଶ୍ୱବ୍ୟାପୀ ଶୁଭେଚ୍ଛା ମିଳିବାରେ ଲାଗିଛି । ତେବେ ଆନ୍ନାଙ୍କ କୃତି ବିଷୟରେ ନିଜସ୍ୱ ମତ ଦେବାକୁ ଯାଇ ପୁରସ୍କାର ବିଚାରକମଣ୍ଡଳୀ ପ୍ୟାନେଲର ଅଧ୍ୟକ୍ଷ ତଥା ଦାର୍ଶନିକ ଓ ଔପନ୍ୟାସିକ ଭାବେ ଖ୍ୟାତି ଅର୍ଜନ କରିଥିବା କ୍ୱାମି ଆଣ୍ଟୋନି ଆପ୍ପିଅ କହିଛନ୍ତି ଯେ, 'ମିଲ୍‌କମ୍ୟାନ୍' ଗତାନୁଗତିକ ଚିନ୍ତାଧାରାର ଊର୍ଦ୍ଧ୍ୱକୁ ଯାଇପାରିଛି। ଆନ୍ନା ଏହି ଉପନ୍ୟାସ ମାଧ୍ୟମରେ ପାଠିକାପାଠକଙ୍କୁ ଯେଉଁ ଚରିତ୍ରଗୁଡ଼ିକୁ ଭେଟି ଦେଇଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଛି ବୋଲି କ୍ୱାମି କହିଛନ୍ତି। ତେଣୁ ଏଭଳି ଜଣେ ଲେଖିକାଙ୍କ ଜୀବନୀ ଓ କୃତି ବିଷୟରେ ଜାଣିବାକୁ ପାଠିକାପାଠକଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଆନ୍ନା ୧୯୬୨ରେ ଉତ୍ତର ଆୟର୍ଲାଣ୍ଡ ରାଜଧାନୀ ବେଲ୍‌ଫାଷ୍ଟରେ ଜନ୍ମଗ୍ରହଣ କରିଥିଲେ। ସେଣ୍ଟ ଗେମାସ୍ ହାଇସ୍କୁଲରୁ ଶିକ୍ଷା ଶେଷ କରିଥିଲେ। ୧୯୮୭ରେ ସେ ଲଣ୍ଡନ ଚାଲି ଯାଇଥିଲେ। ପିଲାଟି ବେଳୁ ଲେଖାଲେଖି ପ୍ରତି ଦୁର୍ବଳତା ଥିବାରୁ ସେ ବିଭିନ୍ନ ଘଟଣାବଳୀକୁ ନିଜ ମନ ଭିତରେ ଜାବୁଡ଼ି ଧରିଥାଆନ୍ତି। ସୁଯୋଗ ମିଳିବା ପରେ ତାଙ୍କ ସୃଜନଶୀଳତା ପ୍ରକାଶ ପାଇଥାଏ। ତାଙ୍କ ପ୍ରଥମ ଉପନ୍ୟାସ 'ନୋ ବୋନ୍‌ସ' ବେଲ୍‌ଫାଷ୍ଟରେ ହୋଇଥିବା ଦଙ୍ଗା ବେଳର କାହାଣୀ ଉପରେ ଆଧାରିତ। ସେଭଳି ସ୍ଥିତିରେ ଜଣେ ଝିଅର ଜୀବନ କିଭଳି ଆଗକୁ ଗତିଶୀଳ ହେଉଛି ତାହାକୁ ସେ ବର୍ଣ୍ଣନା କରିଥିଲେ। ପ୍ରଥମ ଉପନ୍ୟାସ ହିଁ ତାଙ୍କୁ ଲେଖକୀୟ ସ୍ୱୀକୃତି ଦେଇଥିଲା। ଫଳରେ ୨୦୦୧ରେ ଏହି ଉପନ୍ୟାସ ରୟାଲ ସୋସାଇଟି ଅଫ୍ ଲିଟ୍‌ରେଚର ଦ୍ୱାରା 'ୱିନ୍‌ଫ୍ରେଡ୍ ହଲ୍‌ଟବାୟ ମେମୋରିଆଲ୍' ପୁରସ୍କାର ଜିତିଥିଲା। ଏହା ପରେ ସେ ୨୦୦୭ରେ ଉପନ୍ୟାସ 'ଲିଟିଲ୍ କନ୍‌ଷ୍ଟ୍ରକ୍‌ସନ୍ସ' ଲେଖିଥିଲେ। କିନ୍ତୁ ତୃତୀୟ ଉପନ୍ୟାସ 'ମିଲ୍‌କମ୍ୟାନ୍'ରେ ସେ ବେଲ୍‌ଫାଷ୍ଟରେ ସେତେବେଳେ ଦେଖାଦେଇଥିବା ବର୍ବରତା ଓ ଯୌନ ଲାଳସା ଚରିତାର୍ଥ ପାଇଁ ଦୁର୍ବାର ପ୍ରୟାସକୁ ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ଏହି ଉପନ୍ୟାସରେ ଜଣେ ଯୁବତୀଙ୍କ ସହ ବୟସ୍କ ବ୍ୟକ୍ତିଙ୍କ ଯୌନ ଉଚ୍ଛୃଙ୍ଖଳତା ସ୍ଥାନିତ କରାଯାଇଛି। ଏଥିରେ ଯୁବତୀଙ୍କୁ 'ମିଡିଲ୍ ସିଷ୍ଟର' ଓ ବୟସ୍କ ବ୍ୟକ୍ତିଙ୍କୁ 'ମିଲ୍‌କମ୍ୟାନ୍' ଚରିତ୍ରରେ ଚିତ୍ରଣ କରାଯାଇଛି। ଚରିତ୍ରଗୁଡ଼ିକର ପ୍ରକୃତ ନାମ ନ ଥିଲେ ମଧ୍ୟ ଏକ ବାସ୍ତବ ଘଟଣାକୁ ଆନ୍ନା ଯେଭଳି ଢଙ୍ଗରେ ବ୍ୟକ୍ତ କରିଛନ୍ତି, ତାହା ଦ୍ୱାରା ଯୌନ ପରିତୃପ୍ତି ପାଇଁ ମଣିଷ କେତେ ତଳକୁ ଖସିପାରେ ତାହା ବୁଝାପଡ଼ିଯାଉଛି। କ୍ଷମତା ଅପବ୍ୟବହାର କରି ବ୍ୟକ୍ତିଗତ ସ୍ୱାର୍ଥ ଓ ସାମାଜିକ ଦିଗକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ମୁଖା ଖୋଲିଦେବାକୁ ଆନ୍ନା ଏହି ଉପନ୍ୟାସକୁ ଆୟୁଧ କରିଛନ୍ତି ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

-ଜିତେନ୍ଦ୍ର

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧ୍ୟ ସାଧନ କରିହୁଏ। ପିଲାଦିନରୁ କୌଣସି କାର୍ଯ୍ୟରେ ରୁଚି ଓ ଅଭ୍ୟାସ ରଖିଥିଲେ ଭବିଷ୍ୟତରେ ଏଥିରେ ସଫଳତା ଲାଭ କରିହୁଏ। ପ୍ରଶଂସା ଓ ପୁରସ୍କାର ବି ମିଳେ। ସେହିପରି ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ୧୦ବର୍ଷର ବାଳକ ହେଉଛନ୍ତି ଆର୍ଷଦୀପ ସିଂ। ବ୍ରିଟେନ୍‌ର ନ୍ୟାଚୁରାଲ୍ ହିଷ୍ଟ୍ରି ମ୍ୟୁଜିୟମ୍ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ସେ '୨୦୧୮ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ଅଫ୍ ଦି ଇୟର ଆୱାର୍ଡ' ଲାଭ କରିଛନ୍ତି। ଆର୍ଷଦୀପ ୬ବର୍ଷ ବୟସରେ ବିଭିନ୍ନ ସ୍ଥାନକୁ ଯାଇ ଫଟୋଗ୍ରାଫ୍ ନେବାର ସଉକ୍ ରଖିଥିଲେ। ତାଙ୍କର 'ପାଇପ୍ ଆଉଲ୍‌ସ' ଫଟୋଗ୍ରାଫ୍ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ପଞ୍ଜାବର କପୂରଥଲା ଅଞ୍ଚଳର ଆର୍ଷଦୀପ ଦିନେ ତାଙ୍କ ପିତାଙ୍କ ସହିତ କାର୍‌ରେ ବସି ଯାଉଥିବା ବେଳେ ଗୋଟିଏ ପାଇପ୍ ଭିତରୁ ଦୁଇଟି ପେଚା ମୁଣ୍ଡ କାଢ଼ି ବସିଥିବାର ଦେଖିବାକୁ ପାଇଥିଲେ। ସେ ତାଙ୍କ ବାପାଙ୍କୁ କାର୍ ଅଟକାଇବାକୁ କହି ପାଖରେ ରଖିଥିବା କ୍ୟାମେରାରେ କାର୍ ଭିତରେ ଥାଇ ଫଟୋ ଉତ୍ତୋଳନ କରିଥିଲେ। ପଞ୍ଜାବରେ ପେଚା ବହୁଳଭାବରେ ଦେଖାଯାଆନ୍ତି। କିନ୍ତୁ ସେଗୁଡ଼ିକ ରାତ୍ରିଚର ପକ୍ଷୀ ହୋଇଥିବାରୁ ଦିବାକାଳରେ କ୍ୱଚିତ୍ ଦେଖାଯାଇଥାଆନ୍ତି। ଏହି ବିରଳ ଫଟୋଗ୍ରାଫ୍ ପାଇଁ ଆର୍ଷଦୀପ ଏକ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଥିବାରୁ ସେ ସମସ୍ତଙ୍କ ପାଇଁ ଆଦରଣୀୟ ଏବଂ ଆଦର୍ଶ ନିଶ୍ଚୟ।

## ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
 ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
 ପରାଣେ ବହି ତୀବ୍ରତମ ତ୍ରାସ ଗୋ।
ନୟନେ କା'ର ନାହିଁ ପଲକ
ସକଳ ଦେହେ ଭରେ ଲୋତକ
 ବରଷା ବାରି ପୂରଇ ଯଥା ବିଶ୍ୱେ
 ସ୍ୱରଗ-ଭୂତି କରଇ ଦାନ ନିଃସ୍ୱେ।
ଜଗତେ ଯେହୁ ଯେତିକି ଦୀନ
ସକଳ ସୁଖ-ସୋହାଗ-ହୀନ
 ନୟନବାରି କେବଳ ତା'ର ସମ୍ବଳ
 ଯେ ଧନେ ଆଜି ଉଠଇ ଭରି ଅମ୍ବର।
 (ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | D | 5 | 7 | A | 9 | 3 | 8 | 6 | 4 | B | C | 1 | E |
| 7 | B | 8 | 6 | 2 | 4 | 5 | A | D | C | E | 1 | 0 | 3 | 9 |
| 4 | C | A | B | 3 | D | 1 | 7 | E | 9 | 2 | 0 | 6 | 5 | 8 |
| E | 5 | 1 | 9 | 8 | C | 0 | 6 | 2 | D | 3 | A | 7 | B | 4 |
| 9 | 6 | 3 | 1 | 0 | E | C | B | 4 | 8 | 7 | 5 | 2 | A | D |
| B | 9 | 6 | 7 | D | 8 | E | 5 | A | 0 | 1 | 2 | 3 | 4 | C |
| 8 | 4 | E | 2 | 6 | 0 | B | 1 | C | 3 | 9 | 7 | A | D | 5 |
| 1 | 0 | C | 4 | A | B | 2 | D | 3 | 5 | 8 | E | 9 | 7 | 6 |
| A | 3 | 7 | C | 5 | 1 | 6 | 9 | 0 | B | D | 4 | 8 | E | 2 |
| 5 | D | 2 | 3 | E | 9 | 4 | 8 | 7 | A | 6 | C | 1 | 0 | B |
| 2 | A | 5 | 0 | 4 | 7 | 8 | E | 6 | 1 | B | 9 | D | C | 3 |
| D | 7 | 4 | E | 9 | 5 | 3 | C | 1 | 2 | A | 8 | B | 6 | 0 |
| 3 | 1 | 9 | D | C | 2 | 7 | 0 | B | 4 | 5 | 6 | E | 8 | A |
| 6 | E | 0 | 8 | B | 3 | A | 4 | 9 | 7 | C | D | 5 | 2 | 1 |
| C | 8 | B | A | 1 | 6 | D | 2 | 5 | E | 0 | 3 | 4 | 9 | 7 |

ଗୁରୁବାର ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ହକି ଖେଳାଳିଙ୍କୁ ଅଣଦେଖା

ମହାଶୟ,

ଧରିତ୍ରୀର ସମ୍ପାଦକୀୟ 'ଓଡ଼ିଆଙ୍କୁ ଚାପୁଡ଼ା' ପଢ଼ିଲି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଓଡ଼ିଶାର କୌଣସି ଖେଳାଳି ସ୍ଥାନ ନ ପାଇବା କ୍ଷୋଭର ବିଷୟ। ନିକଟ ଅତୀତରେ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଦେଶକୁ ଗୌରବାନ୍ୱିତ କରିଥିଲେ ମଧ୍ୟ ସେମାନଙ୍କୁ ଉପେକ୍ଷା କରାଯିବା ଆୟୋଜକଙ୍କର ଓଡିଶା ପ୍ରତି ତାଚ୍ଛଲ୍ୟ ମନୋଭାବର ପରିଚାୟକ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଭଣ୍ଡାରିଆମାନେ ଭଣ୍ଡାରରକ୍ଷକ

ଧରିତ୍ରୀ(୧୫।୮)ରେ 'ପାଠକ ଶ୍ରେଷ୍ଠ ବିଚାରକ' ସ୍ତମ୍ଭରେ ମୋର ମତାମତ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ଶୀର୍ଷକ ପତ୍ରଟି ସ୍ଥାନିତ ହୋଇଥିଲା। ପ୍ରୋକ୍ତ ପତ୍ରଟି ପାଠ କରିବା ପରେ 'ନିଖିଳ ଉତ୍କଳ ବାରିକ ସମିତି' ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। 'ଭଣ୍ଡାରିଆ' ଶବ୍ଦଟି ବାରିକ ସମ୍ପ୍ରଦାୟ ପ୍ରତି ଅବମାନନା ବୋଲି ସେମାନେ ଅଭିଯୋଗ କରିଥିଲେ। କିନ୍ତୁ 'ସରଳ ଓଡ଼ିଆ ଅଭିଧାନ'ର ୩୭୯ ପୃଷ୍ଠାରେ ଅଛି, ସଂସ୍କୃତ 'ଭାଣ୍ଡାଗାର' ଶବ୍ଦରୁ 'ଭଣ୍ଡାର'ର ଉତ୍ପତ୍ତି ଏବଂ ଭଣ୍ଡାରୀ ବା ଭଣ୍ଡାରିଆ କହିଲେ ଭଣ୍ଡାରରକ୍ଷକ ବା ଭଣ୍ଡାର ଦାୟିତ୍ୱରେ ଥିବା ଲୋକକୁ ବୁଝାଏ। ଅପରନ୍ତୁ, ସଂସ୍କୃତ 'ଭାଣ୍ଡିର' ଶବ୍ଦରୁ ଭଣ୍ଡାରି ଉତ୍ପନ୍ନ, ଯାହାର ଅର୍ଥ ବାରିକ ବା ନାପିତ। ଭଣ୍ଡାରିଆ ଶବ୍ଦ ସମ୍ପୂର୍ଣ୍ଣ ଅଲଗା। ଏହା ବାରିକଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ। ଏତଦ୍‌ଭିନ୍ନ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ଓଡ଼ିଆ ଭାଷାରେ ଏକ ବହୁପ୍ରଚଳିତ ଏକ ରୂଢ଼ି। ଏହାକୁ ଭିନ୍ନ ଅର୍ଥରେ ନେବା ଉଚିତ ନୁହେଁ।

କାର୍ତ୍ତିକଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅକ୍ଟୋବର ୧୯୯୩

- କଟକ ମଦମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଜଷ୍ଟିସ ବି.କେ.ବେହେରାଙ୍କ ଅଧ୍ୟକ୍ଷତାରେ ଗଠନ କରିଥିବା ତଦନ୍ତ କମିଶନର କାର୍ଯ୍ୟକାଳକୁ ଆଉ ୩ ମାସ ବୃଦ୍ଧି କରିଛନ୍ତି।
- କର୍ନାଟକରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ହେବା ଫଳରେ ୩୦ଜଣଙ୍କ ମୃତ୍ୟୁ।

# ତିତ୍‌ଲି: ମୃତ୍ୟୁ ସଂଖ୍ୟା ୬୧ ଛୁଇଁଲା

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ସମେତ ୧୭ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାସ୍ତାଘାଟ, ବିଦ୍ୟୁତ୍, ଚାଷ ଜମି ସବୁ ଉଜୁଡି ଯାଇଛି। ମୃତ୍ୟୁ ସଂଖ୍ୟା ବଢିଥିବା ବେଳେ ବହୁ ଧନସମ୍ପତ୍ତି ଭାସିଯାଇଛି। ଏ ପର୍ଯ୍ୟନ୍ତ ୬୧ ଜଣଙ୍କର ଜୀବନ ହାନି ହୋଇଥିବା ବେଳେ ପ୍ରାୟକ ୨୭ ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଶନିବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ବାତ୍ୟା ଓ ବର୍ଷା କ୍ଷୟକ୍ଷତିର ସମୀକ୍ଷା କରିବା ପରେ ଏହି ସୂଚନା ଦେଇଛନ୍ତି । ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ର ସରକାରଙ୍କୁ ୨୦୧୪ କୋଟି ଟଙ୍କାର ସହାୟତା ମଗାଯାଇଛି। ଆମେ ଏ ନେଇ ଏକ ସ୍ମାରକପତ୍ର ପଠାଇଛୁ। ଟିମ୍ ପଠାଇ କ୍ଷୟକ୍ଷତି ଆକଳନ କରିବେ କିମ୍ବା ଟଙ୍କା ପଠାଇବେ ତାହା କେନ୍ଦ୍ର ଉପରେ ନିର୍ଭର କରେ ବୋଲି ପାଢୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ବାସଗୃହ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ପାଖାପାଖି ୫୭ ହଜାର ଘର ଭାଙ୍ଗିଛି। ପ୍ରଭାବିତ ଲୋକଙ୍କୁ ପିଏମ୍‌ଏୱାଇ, ବିଜୁ ପକ୍କାଘର ଏବଂ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସ୍‌ଡିଆରଏଫ)ରୁ ସହାୟତା ଯୋଗାଇ ଦିଆଯାଉଛି। ସୋରଡା-ଦାରିଙ୍ଗିବାଡି ରାସ୍ତାକୁ ବାଦ୍ ଦେଲେ କ୍ଷତିଗ୍ରସ୍ତ ସମସ୍ତ ରାସ୍ତା ମରାମତି କାର୍ଯ୍ୟ ଶେଷ ହୋଇଛି। ସହରାଞ୍ଚଳରେ ପିଇବା ପାଣି ଯୋଗାଣକୁ ସ୍ୱାଭାବିକ କରାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୬୭୦ରୁ ୫୫୦ ପାନୀୟ ଜଳ ପ୍ରକଳ୍ପରେ ଜଳ ଯୋଗାଣ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଅବଶିଷ୍ଟ କାର୍ଯ୍ୟ ଚାଲୁ ରହିଛି। ନଳକୂପଗୁଡିକୁ ବିଶୋଧନ କରାଯାଇଛି। ଗଜପତି ଜିଲାର କେତେକ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲାରେ ୧୦୦ ପ୍ରତିଶତ ବିଦ୍ୟୁତ୍ ସରବରାହକୁ ପୁନଃ ସ୍ଥାପନ କରାଯାଇଛି। ଶ୍ରମିକମାନେ ଛୁଟିରେ ରହିବାରୁ ଗତ ଦୁଇଦିନ କାର୍ଯ୍ୟରେ ମାନ୍ଦାବସ୍ଥା ଥିଲା। ରିଲିଫ୍ ବାବଦରେ ଏ ପର୍ଯ୍ୟନ୍ତ ୧୧ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଲାଣି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ତଦନ୍ତ ବେଳେ ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ଗଜପତି ଜିଲାର ପ୍ରତ୍ୟେକ ପରିବାରକୁ ୫୦ କେଜି ଚାଉଳ ବଣ୍ଟନ କରାଯାଇଛି। ୨.୭ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କୁ ଚିଠି

## ଅନ୍ତରୀଣ ସହାୟତା ୧ ହଜାର କୋଟି ଦିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ):** ପ୍ରଳୟଙ୍କରୀ ବାତ୍ୟା ଓ ଏହା ପରବର୍ତ୍ତୀ ବର୍ଷାରେ ରାଜ୍ୟର ୧୭ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୫୭,୧୩୧ ବାସଗୃହ ନଷ୍ଟ ହୋଇଥିବା ବେଳେ ୨.୭୩ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଗଞ୍ଜାମ ଓ ଗଜପତି ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମି ବ୍ୟାପକ କ୍ଷତି ହୋଇଛି। ଏହାଛଡ଼ା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରାସ୍ତା ମଧ୍ୟ ନଷ୍ଟ ହୋଇଛି। ଏଗୁଡିକର ତୁରନ୍ତ ମରାମତି ଆବଶ୍ୟକତା ରହିଛି। ପ୍ରାଥମିକ ଆକଳନ କରି କେନ୍ଦ୍ର ସରକାରଙ୍କୁ ୨୭୭୦.୨୮ କୋଟି ଟଙ୍କା ପ୍ରଦାନ କରିବାକୁ ସ୍ମାରକପତ୍ର ଦିଆଯାଇଥିବା ବେଳେ ୨୦୧୪.୦୯ କୋଟି ଟଙ୍କା ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆରଏଫ)ରୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅକ୍ଟୋବର ୧୮ ତାରିଖରେ ଚିଠି ଲେଖି ଜଣାଇଛନ୍ତି। ବାତ୍ୟା ଓ ବର୍ଷା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପାଇଁ ଅନ୍ତରୀଣ ସହାୟତା ବାବଦରେ ତୁରନ୍ତ ୧ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ନଷ୍ଟ ହୋଇଥିବା ୫୭,୧୩୧ ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଚିଠି ଜରିଆରେ ଜଣାଇଛନ୍ତି।

## ■ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ):** ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଜିଲାଗୁଡିକର ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ପୁନଃ ସଂଯୋଗ, କ୍ଷୟକ୍ଷତି ଆକଳନ ଆଦି କାର୍ଯ୍ୟ କେମିତି ଚାଲିଛି ସେସବୁ ତଦାରଖ କରିବାକୁ ୫ ଦିନ ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କ ସହିତ ତିତ୍‌ଲି ଓ ଏହାର ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗର ସମସ୍ତ ରାସ୍ତା ମରାମତି ହୋଇ ଚଳାଚଳ ଉପଯୋଗୀ ହୋଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ରାସ୍ତା, କେନାଲଗୁଡିକରେ ହୋଇଥିବା ଘାଇ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପ୍ରାୟ ଶେଷ ହୋଇ ସାରିଛି। ଆସନ୍ତା ୪, ୫ ଦିନ ମଧ୍ୟରେ ଏହି ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ରାୟଗଡା ଜିଲାର ଦୁର୍ଗମ ଅଞ୍ଚଳକୁ ବାଦ୍ ଦେଲେ ଅଧିକାଂଶ କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇପାରିଛି। ଆସନ୍ତା ୪ ଦିନ ମଧ୍ୟରେ ସମସ୍ତ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ହୋଇଯିବ। ସେହିପରି ରିଲିଫ ବାବଦରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ୧ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟରେ ତୁରନ୍ତ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

**କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ**

## ସଂକ୍ଷେପରେ

### ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ, ୨୦।୧୦:** ପବିତ୍ର ବିଜୟା ଦଶମୀରେ ଶୁକ୍ରବାର ଶ୍ରୀମନ୍ଦିରରେ ବିଜୟା ଦଶମୀ ନୀତି ପାଳିତ ହୋଇଛି। ଦ୍ୱାରଫିଟା, ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥିଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଇଥିଲା। ନୂଆଲୁଗା ଲାଗିସାରିବା ପରେ ଠାକୁରଙ୍କ ରାଜବେଶ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ଆୟୁଧମାନ ଲାଗି ହୋଇ ନ ଥିଲା। ବେଶ ବଢ଼ି ସକାଳ ଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢି ବରୁଣ ପୂଜା ସମ୍ପନ୍ନ ହୋଇଥିଲା। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୋଇଥିଲା। ଦଶହରା ପଦା(ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥିଲେ। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନୀତିକାନ୍ତି ସାରି ଶ୍ରୀମନ୍ଦିରକୁ ଫେରିଥିଲେ।

### ଏଣିକି ଅପରାହ୍ଣ ୪ଟାରେ ବାନା ବନ୍ଧା

**ପୁରୀ ଅଫିସ, ୨୦।୧୦:** ଶ୍ରୀମନ୍ଦିର ଚୂଡାରେ ପ୍ରତ୍ୟହ ପତିତପାବନ ବାନା ବନ୍ଧାଯାଏ। ବର୍ତ୍ତମାନ ଶୀତଋତୁ ଆରମ୍ଭ ହୋଇଗଲାଣି। ତେଣୁ ଶୀଘ୍ର ସନ୍ଧ୍ୟା ହେଉଥିବାରୁ ଏଣିକି ପ୍ରତିଦିନ ଅପରାହ୍ଣ ୪ଟାରେ ବାନା ବନ୍ଧାଯିବ। ଚୂନରା ସେବକମାନେ ୩ଟାରେ ଶ୍ରୀମନ୍ଦିର ଚୂଡ଼ାକୁ ଚଢ଼ି ୪ଟାରେ ବାନା ବାନ୍ଧିବେ ବୋଲି ସ୍ଥିର ହୋଇଛି। ମହାପ୍ରଭୁଙ୍କ ବାନାକୁ ପତିତପାବନ ବାନା କୁହାଯାଏ। ଶ୍ରୀମନ୍ଦିରରେ ପ୍ରତ୍ୟହ ନୂତନ ବାନା ଲଗାଯାଇଥାଏ। ଗ୍ରୀଷ୍ମଦିନେ ଅପରାହ୍ଣ ୪ଟାରେ ଚୂନରା ସେବକମାନେ ଶ୍ରୀମନ୍ଦିର ଚୂଡ଼ାରେ ଚଢି ୫ଟାରେ ବାନା ବାନ୍ଧିଥାନ୍ତି। ସେହିପରି ଶୀତଦିନେ ଅପରାହ୍ଣ ୩ଟାରେ ଚଢି ୪ଟାରେ ବାନା ଲଗାଇଥାନ୍ତି। ସୂର୍ଯ୍ୟାସ୍ତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଗତ ଗୁରୁବାରଠାରୁ ଅପରାହ୍ଣ ୪ଟାରେ ବାନା ବନ୍ଧାଯିବା ଆରମ୍ଭ ହୋଇଛି। କିନ୍ତୁ ଏହି ସମୟ ପରିବର୍ତ୍ତନ ସମ୍ପର୍କରେ ଭକ୍ତ ଜାଣି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ବାନା ଲଗାଯିବା ବେଳେ ହଜାର ହଜାର ଭକ୍ତ ଶ୍ରୀମନ୍ଦିର ପରିସରରେ ଏବଂ ମନ୍ଦିର ବାହାରେ ରହି ଏହା ଦେଖିଥାନ୍ତି।

### ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

**ପୁରୀ ଅଫିସ, ୨୦।୧୦:** ବିଜୟା ଦଶମୀରେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟା ୫୦ରେ ରାଜ୍ୟପାଳ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ରାଜ୍ୟପାଳ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ବିଭିନ୍ନ ଦେବାଦେବୀଙ୍କୁ ଦର୍ଶନ କରିଥିଲେ।

## ■ କେନାଲ ପାଣି ଅଭାବରୁ ଫସଲ ଉଜୁଡ଼ିଲା

# ଆତ୍ମହତ୍ୟା କଲେ ଯୁବଚାଷୀ

ଧମା,୨୦।୧୦(ଡି.ଏନ.ଏ.)


ମୃତ ଯୁବ ଚାଷୀ (ଫାଇଲ୍ ଫଟୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ହୁମା ପଞ୍ଚାୟତ ପାଞ୍ଚଫୁଟ ଗ୍ରାମର ଯୁବଚାଷୀ ଗୌତମ ସେଠ (୩୦) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଫସଲ ନଷ୍ଟ, ଋଣ ଭାର ଓ ପରିବାର ଉପରେ ଏହାର ପ୍ରତିକୂଳ ପ୍ରଭାବରେ ବ୍ୟତିବ୍ୟସ୍ତ ହୋଇ ସେ ଜୀବନ ହାରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗୌତମ ଘରେ ଥିବା ୨ ବର୍ଷର ପୁରୁଣା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିପାରି ଘରେ ବାନ୍ତି କରାଇ ସମ୍ବଲପୁର ସଦର ଡାକ୍ତରଖାନାକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଗଲା। ସେଠାରେ ରାତି ୯ଟା ୪୦ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୌତମ ମାନସିକ ଦୁଶ୍ଚିନ୍ତାରେ ରହିଥିଲେ। ବାପା ବୈଶାଖୁ (୬୫) ଆଜିକୁ ୫ ବର୍ଷ ହେବ ବିଛଣା ଧରିଛନ୍ତି। ପକ୍ଷାଘାତ ରୋଗରେ ସେ ପୀଡ଼ିତ ହେବାଦିନଠାରୁ ତାଙ୍କ ଚିକିତ୍ସା ପିଛା ପାରୁପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇସାରିଛି। ଆର୍ଥିକ ଦୁର୍ଗତି ମଧ୍ୟରେ ପାରିବାରିକ ଚାପର ବଶବର୍ତ୍ତୀ ହୋଇ ଗୌତମ ୮ ମାସ ତଳେ ଧାର କରଜ କରି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ପରେ ନିଜର ୧୨ ଏକର ଚାଷ ଜମିରେ ଧାନ ଫସଲ କରିବାକୁ ଅଣ୍ଟା ଭିଡ଼ିଥିଲେ। ଖେତରେ ରୁଆବୁଣା କାର୍ଯ୍ୟ ଆରମ୍ଭ କରି ବ୍ୟାଙ୍କରୁ ୮୦ହଜାର ଚାଷ ଋଣ କରିଥିଲେ। ସେହିପରି ମହାଜନଙ୍କଠାରୁ ଶତକଡ଼ା ୧୦ ପ୍ରତିଶତ ସୁଧରେ ଟଙ୍କା ଆଣି ଧାନ ଚାଷରେ ବିନିଯୋଗ କଲେ। ଲୁହ ଓ ଲହୁ ଏକାକାର କରି ଧାନ ଗଛ ଲଗାଇଲେ। ତେବେ ଭାଗ୍ୟର ବିଡ଼ମ୍ବନା ଦାଉ ସାଧିଲା। ଧାନ ଯୁବାବସ୍ଥାରେ ପହଞ୍ଚିଥିବା ବେଳେ ବର୍ଷାର ଅଭାବ କାଳ ହେଲା। ଫସଲ ନଷ୍ଟ ହେବା ଦେଖି କେନାଲ ପାଣି ପାଇଁ ଯନ୍ତ୍ରୀ, ଏସଡିଓଙ୍କୁ ନେହୁରା ହେଲେ। ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଲେ। ସବୁ ବ୍ୟର୍ଥ ଗଲା। ଖେତକୁ ପାଣି ପହଞ୍ଚିଲା ନାହିଁ। ଶେଷରେ ବାଧ ହୋଇ କିରୋସିନି ପମ୍ପ ଲଗାଇ ଗୌତମ ଖେତକୁ ପାଣି ମଡ଼ାଇଲେ। ତାହା କିନ୍ତୁ ପର୍ଯ୍ୟାପ୍ତ ହୋଇପାରିଲା ନାହିଁ। ଧାନ ଗଛ ସବୁ ଶୁଖି ମରିବାକୁ ଲାଗିଲା। ଯାହା କିଛି ବଞ୍ଚିଲା ସେସବୁ ଚକଡା ରୋଗର ପ୍ରକୋପରେ ଲୋଟି ପଡ଼ିଲା। ଏଭଳି କ୍ଷତିରେ ସେ ଭାଙ୍ଗି ପଡ଼ିଥିଲେ। ଆତ୍ମହତ୍ୟା କରିବେ ବୋଲି କହିଆସୁଥିଲେ।

# ତିତ୍‌ଲି ବିପର୍ଯ୍ୟସ୍ତ ଅଞ୍ଚଳ ବୁଲି ଦେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ


ବାତ୍ୟା, ବର୍ଷା ବିପନ୍ନଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

**ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା**

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବନ୍ୟା ପ୍ରଭାବରେ କ୍ଷୟକ୍ଷତି ହୋଇଥିବା ଅଞ୍ଚଳକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗସ୍ତ କରିଥିଲେ। ସେ ପ୍ରଭାବିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପରିଦର୍ଶନ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଭିଡିଓ ବାର୍ତ୍ତାକୁ ଶନିବାର ରାଜ୍ୟ ଭାଜପା ପକ୍ଷରୁ ଜାରି କରାଯାଇଛି।

ଧର୍ମେନ୍ଦ୍ର ଉକ୍ତ ଭିଡିଓ ମାଧ୍ୟମରେ ରାଜ୍ୟବାସୀଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ତିତ୍‌ଲି ସମ୍ପର୍କରେ ଆଗୁଆ ସୂଚନା ଥାଇ ବି ରାଜ୍ୟ ସରକାର ଉପଯୁକ୍ତ ପ୍ରସ୍ତୁତି କରି ନ ଥିଲେ। ଯେଉଁ କାରଣରୁ ୮ ଦିନ ପରେ ଶବ ମିଳୁଛି। ପଶୁସମ୍ପଦ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଗଜପତି ଜିଲା ରାୟଗଡ ବ୍ଲକ ଆତଙ୍କପୁରର ମୁକୁନ୍ଦ ଦୋରାଙ୍କ ଝିଅ ବନିତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ନେଲା ନାହିଁ। ଶେଷରେ ବାଧହୋଇ ମୁକୁନ୍ଦ ଝିଅର ଶବକୁ ପ୍ଲାଷ୍ଟିକ ଅଖାରେ ଧରି ଚାଲି ଚାଲି ଯାଇଥିଲେ। ଏଥିରୁ ରାଜ୍ୟର ଗତି କୁଆଡେ ଜାଣିହୁଏ ବୋଲି ଧର୍ମେନ୍ଦ୍ର କହିଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳ ବୁଲିବା ପରେ ଉକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ନିଜେ କ୍ୟାମ୍ପ କରି ରହୁଥିବା ଧର୍ମେନ୍ଦ୍ର କହିଛନ୍ତି। ହେଲେ ଓଡ଼ିଶାର ବରିଷ୍ଠ ମନ୍ତ୍ରୀଙ୍କ ମଧ୍ୟରେ ସେ ପ୍ରକାର ମାନସିକତା ଦେଖାଯାଇନାହିଁ। ଭୁବନେଶ୍ୱରରେ ବସି ରାଜନୈତିକ ଦଳର ନେତୃତ୍ୱମାନେ ବିଶେଷକରି ସରକାରୀ ଦଳର ନେତାମାନେ ଆମେ ତିତ୍‌ଲିକୁ ସମ୍ଭାଳିଦେଲୁ ବୋଲି ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ପ୍ରଭାବିତ ଅଞ୍ଚଳରେ ବିଜୁଳି ନାହିଁ, ରିଲିଫ ବ୍ୟବସ୍ଥା ସମସ୍ତଙ୍କ ପାଇଁ ନାହିଁ। କ୍ଷତିଗ୍ରସ୍ତ ପଶୁସମ୍ପଦର ହିସାବ କରାଯାଇନାହିଁ। ମନ୍ତ୍ରୀ କହୁଛନ୍ତି ଅନୁକମ୍ପାମୂଳକ ସହାୟତା ୪ ଲକ୍ଷକୁ ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ହେଲେ ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କା କ'ଣ ଯଥେଷ୍ଟ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘଦିନ ଧରି ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିଲେ ମଧ୍ୟ ଋଷିକୁଲ୍ୟା ନଦୀରେ ବନ୍ଧବାଡ଼ର ବ୍ୟବସ୍ଥା ନାହିଁ। ଆସ୍କା ସହରର ଉଚ୍ଚତା ଯେତିକି ନଦୀଶଯ୍ୟାର ଉଚ୍ଚତା ବି ସେତିକି। ଫଳରେ ସହର ଭିତରେ ୧୮ ଫୁଟ ଉଚ୍ଚର ପାଣି ମାଡ଼ି ଯାଇଥିଲା। ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷମାନେ ଫୁଟାଣି ଛାଡ଼ି ଏକାଠି ହୋଇ କାମ କରିବା ଦରକାର ବୋଲି ଧର୍ମେନ୍ଦ୍ର କହି ପ୍ରଶାସନକୁ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ଏହି ବକ୍ତବ୍ୟ ସମ୍ପର୍କରେ ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି ଯେ, ରାଜ୍ୟ ସରକାର ବିପର୍ଯ୍ୟୟ ପରେ ପୁନରୁଦ୍ଧାର ଏବଂ ଥଇଥାନ କରୁଛନ୍ତି। ଦୁର୍ଭାଗ୍ୟର କଥା, କିଛି ଲୋକ ଚାହୁଁଛନ୍ତି ସେମିତି ବିପର୍ଯ୍ୟୟ ଘଟୁ। ବିପର୍ଯ୍ୟୟରୁ ସେମାନଙ୍କୁ ରାଜନୈତିକ ଫାଇଦା ମିଳୁ। ଯିଏ ସାହୁକାର, ତାଙ୍କୁ ସମସ୍ତେ ସାହୁକାର ବୋଲି ଲାଗନ୍ତି ବୋଲି ଅରୁଣ କହିଛନ୍ତି।

# ଚାଷୀଙ୍କୁ କଚାଡ଼ି ମାରିଲା ଦନ୍ତାହାତୀ

**କେନ୍ଦୁଝର/ ଢେଙ୍କିକୋଟ, ୨୦।୧୦ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଗାଁ ମୁହାଁ ଏକ ହାତୀପଲ ଆକ୍ରମଣରେ ରୁଟିଙ୍ଗିଳା ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ରସିକ ମୁଣ୍ଡା (୫୫)ନାମକ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ପାହାଡ ତଳି ଜମିରେ ହୋଇଥିବା ଫସଲ ଜଗିବା ସକାଶେ ୧୯ ତାରିଖ ସନ୍ଧ୍ୟାରେ ସେ ଯାଉଥିଲେ। ଚାଷ ଜମିରେ ଥିବା ମଞ୍ଚାକୁ ଚଢି ଫସଲ ଜଗିଥାନ୍ତେ। ଯିବା ବାଟରେ ହାତୀପଲ ହାବୁଡରେ ପଡିଥିଲେ। ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରି କଚାଡି ମାରି ଦେଇଥିଲା। ଖବର ପାଇ ସଦର ରେଞ୍ଜର ଅନ୍ତର୍ଯ୍ୟାମୀ ବେହେରା ଓ ଫରେଷ୍ଟର ଜ୍ୟୋତ୍ସ୍ନାରାଣୀ ବୋହରା ପ୍ରମୁଖ ସଦଳବଳେ ପହଞ୍ଚି ମୃତଦେହ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନା ପଠାଇଥିଲେ । ଢେଙ୍କିକୋଟ ଫାଣ୍ଡି ଅଧିକାରୀ ପରେ ମୃତଦେହ ଜବତ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବରଙ୍କୁ ୪୦ ହଜାର ଟଙ୍କା ଅନୁକମ୍ପା ସହାୟତା ପ୍ରଦାନ କରାଯାଇଛି।

# ଚିକିତ୍ସିତ ଦନ୍ତାହାତୀର ମୃତ୍ୟୁ

ନରସିଂହପୁର, ୨୦।୧୦ (ଡି.ଏନ.ଏ./ ସ୍ୱ.ପ୍ର.)


ମୃତ ଦନ୍ତାହାତୀ।

ନରସିଂହପୁର ପୂର୍ବ ସର୍କଲ ବନାଞ୍ଚଳର ଓଲବ ଜଙ୍ଗଲରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଦନ୍ତାହାତୀର ମୃତ୍ୟୁ ଘଟିଛି। ବୁଧବାର ହାତୀଟି ଜଙ୍ଗଲରୁ ବାହାରି ମହୁଲମଡ଼ା ଗ୍ରାମ ନିକଟ ରାସ୍ତାରେ ପଡ଼ି ଯାଇଥିଲା। ଏହାପରେ ବନ ବିଭାଗ ପକ୍ଷରୁ ତା'ର ଚିକିତ୍ସା ଆରମ୍ଭ ହୋଇଯାଇଥିଲା। ଗୁରୁବାର ଭୋର ସମୟରେ ତା'ର ମୃତ୍ୟୁ ଘଟିବା ପରେ ପୂର୍ବାଞ୍ଚଳ ଅଧିକାରୀ ଅଭିରାମ ଜେନା, ଏସିଏଫ୍‌ଓ ପୂର୍ଣ୍ଣଚନ୍ଦ୍ର ଗୁରୁ, ନରସିଂହପୁର ପ୍ରାଣୀଧନ ଚିକିତ୍ସକ ବିଜୟ କୁମାର ସେନାପତି ଘଟଣା ସ୍ଥଳକୁ ଯାଇ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ତା'ର ଦୁଇ ଦାନ୍ତକୁ ସୁରକ୍ଷିତ ଭାବେ ବାହାର କରାଯିବା ପରେ ସେଠାରେ ମୃତଦେହକୁ ପୋତି ଦିଆଯାଇଛି। ଗୋଟିଏ ଦାନ୍ତର ଲମ୍ବ ୮୦ ସେ.ମି. ହୋଇଥିବାବେଳେ ଅନ୍ୟଟିର ୭୫ ସେ.ମି. ରହିଛି। ଦାନ୍ତ ଦୁଇଟିକୁ ସୁରକ୍ଷିତ ଭାବେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ରଖାଯାଇଛି। ପରେ ଆଠଗଡ଼ ସବଡିଭିଜନାଲ କାର୍ଯ୍ୟାଳୟକୁ ପଠାଯିବ ବୋଲି ଅଧିକାରୀ ଜେନା ସୂଚନା ଦେଇଛନ୍ତି। ହାତୀ ମୃତ୍ୟୁର କାରଣ ଜଣା ପଡ଼ି ନ ଥିଲେ ହେଁ କାନ ନିକଟରେ ହୋଇଥିବା କ୍ଷତ କିମ୍ବା ଅନ୍ୟ ଦନ୍ତା ସହ ସଂଘର୍ଷ କାରଣରୁ ଏପରି ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ବୋଲି ଏସିଏଫ ଗୁରୁ ସୂଚନା ଦେଇଛନ୍ତି। ମୃତ ହାତୀର ବୟସ ୪୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେବେ ହାତୀଟି ଗୁରୁତର ହେବା ସମୟରୁ ଉପଯୁକ୍ତ ଚିକିତ୍ସା କରାଯାଇଥିଲେ ହୁଏତ ବଞ୍ଚି ପାରିଥାନ୍ତା ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

## ସଡ଼କ ଦୁର୍ଘଟଣା
## ଜଣେ ମୃତ, ୮ ଗୁରୁତର

**ଅତାବିରା, ୨୦।୧୦ (ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଡଡଙ୍ଗାପାଲିରୁ ବୁର୍ଲା ଥାନା ହୀରାକୁଦ ଜଳଭଣ୍ଡାର ନିକଟ ଜିରୋ ପଏଣ୍ଟକୁ ପିକ୍‌ନିକ୍‌ରେ ଯାତ୍ରୀ ନେଇ ଯାଇଥିବା ଏକ ପିକ୍‌ଅପ୍ ଭ୍ୟାନ ଶନିବାର ଫେରିବା ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଡଡଙ୍ଗାପାଲିର ଶୁକଦେବ ବରିହା । ଅନ୍ୟ ୮ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପିକ୍‌ଅପ୍ ଭ୍ୟାନର ଡ୍ରାଇଭର ଫେରାର ଅଛନ୍ତି।ଶନିବାର ଡଡଙ୍ଗାପାଲିର କିଛି ଲୋକ ପିକ୍‌ଅପ୍ ଭ୍ୟାନ ଯୋଗେ ପିକ୍‌ନିକ୍ କରିବା ପାଇଁ ଜିରୋ ପଏଣ୍ଟକୁ ଯାଇଥିଲେ । ସେଠାରେ ଭୋଜିଭାତ ସାରି ସନ୍ଧ୍ୟାରେ ସେମାନେ ଘରକୁ ଫେରିଥିଲେ । ଫେରିବା ବାଟରେ ଜିରୋ ପଏଣ୍ଟର ଅନତିଦୂରରେ ସେହି ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଭ୍ୟାନରେ ଚାପି ହୋଇ ଶୁକଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ।

## ■ ତିତ୍‌ଲି ବର୍ଷା ସ୍ରୋତରେ ଭାସିଯାଇଥିଲେ

# ମିଳିଲା ଆଉ ଜଣଙ୍କ ମୃତଦେହ

ରାମଗିରି/ଆର.ଉଦୟଗିରି, (ଡି.ଏନ.ଏ.), ୨୦।୧୦

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ଦଳେଇ ସାହିର ଶୁକ୍ରୁ ଦଳେଇ(୬୫)ଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି । ମୃତଦେହଟି ପାଣିରେ ଭାସି ଭାସି ଆସି ଏକ ଗଛରେ ଲାଗିବା ପରେ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୬/୧୮) ପୋଲିସ ରୁଜୁ କରିଛି । ତିତ୍‌ଲି ବର୍ଷା ସ୍ରୋତରେ ଭାସି ଯାଇ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ଗତ ୧୦ ତାରିଖରେ ପୁନିଆ ବେହେରା ଓ ଶୁକ୍ରୁ ସାପ୍ତାହିକ ହାଟ ରାମଗିରିକୁ ଆସିଥିଲେ । ଫେରିବା ସମୟରେ ରାତି ହେବାରୁ ଭୂୟାଁପଡାରେ ଥିବା ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ୧୧ ତାରିଖ ଅପରାହ୍ଣରେ ଉଭୟ ନିଜ ଗ୍ରାମକୁ ଯାଉଥିବା ବେଳେ ହଠାତ୍ ଗାଁ ପାହାଡ ଧସି ସେମାନଙ୍କ ଉପରେ ପଡିଯାଇଥିଲା। ଫଳରେ ମାଟି ତଳେ ଉଭୟେ ଚାପି ହୋଇଯାଇଥିଲେ । ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୧୫ ତାରିଖରେ ପୁନିଆଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । କିନ୍ତୁ ଶୁକ୍ରୁଙ୍କୁ ପାହାଡ ପାଣି ଭସାଇ ନେଇଯାଇଥିଲା। ପୋଲିସ ପୁନିଆଙ୍କ ମୃତଦେହ ଉଦ୍ଧାର କରି ନଂ. ୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ଶନିବାର ଶୁକ୍ରୁଙ୍କ ମୃତଦେହ ମିଳିବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମଣ୍ଡଳ ରାମଗିରି ଥାନାକୁ ଜଣାଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସୂଚନାକ୍ରମେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ସଂକ୍ଷେପରେ

### କୁଜଙ୍ଗରେ ପୂଜାମଣ୍ଡପ ବୁଲିଲେ ରଞ୍ଜୀବ

କୁଜଙ୍ଗ,୨୦।୧୦(ସ୍ୱ.ପ୍ର.): କୁଜଙ୍ଗ ଦେବୀ ମଣ୍ଡପଠାରେ ଚଳିତବର୍ଷ ୫୬ତମ ସାର୍ବଜନୀନ ଦୁର୍ଗା ପୂଜା ୫ଦିନ ବ୍ୟାପୀ ପାଳିତ ହେବା ସହ ଶନିବାର ବିସର୍ଜନ ଅନୁଷ୍ଠିତ ହୋଇଛି। ପଙ୍କପାଳ, ରାହାମା, ବୋରିଖି ଓ ଝିମାଣୀ ରୟତ ସାହିରେ ମଧ ଦୁର୍ଗା ପୂଜା ଉଦ୍‌ଯାପିତ ହୋଇଛି। ଏହି ସବୁ ପୂଜା ମଣ୍ଡପରେ ବିଭିନ୍ନ ଦିନରେ କଂଗ୍ରେସ ନେତା ବାପି ସର୍ଖେଲ, ଭାଜପା ନେତା ସମ୍ପଦ ସ୍ୱାଇଁ, ସ୍ଥାନୀୟ ବିଧାୟକ ଦାମୋଦର ରାଉତ ପ୍ରମୁଖ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ମାତ୍ର ନବମୀ ଦିନ ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ କୁଜଙ୍ଗ ଦେବୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିବା ଚର୍ଚ୍ଚାର ବିଷୟ ହୋଇଛି। ବିଶ୍ୱାଳଙ୍କ ସହ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ରଞ୍ଜନ କୁମାର ଦାସ, ସନ୍ତୋଷ କୁମାର ଦାଶ, ବିଶ୍ୱନାଥ ପାଣି, ଗଙ୍ଗାଧର ଜେନା, ନବୀନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୁଜଙ୍ଗ ଦେବୀ ମଣ୍ଡପଠାରେ ଯଥାବିଧି ମା'ଙ୍କ ପୂଜା କରାଯାଇଥିଲା। ସୋମବାର ଷଷ୍ଠୀ, ବିଲ୍ୱାଧିବାସ, ହୋମ, ଦେବୀଙ୍କ ଶ୍ରୀହସ୍ତ ରକ୍ଷାବନ୍ଧନ, ମଙ୍ଗଳବାର ଦେବୀଙ୍କ ନବପତ୍ରିକା ପ୍ରବେଶ, ସପ୍ତମୀ ବିହୀତ ଶୋଡଷ ଉପାଚାର ପୂଜା, ଚକ୍ଷୁଦାନ, ନୈବେଦ୍ୟ, ବୁଧବାର ମହାଷ୍ଟମୀ ପୂଜା, ଗୁରୁବାର ମହାନବମୀ ପୂଜା, ଶୁକ୍ରବାର ଦଶମୀ ପୂଜା ଏବଂ ରାତ୍ର ୧୦ଘଟିକାରେ ବିସର୍ଜନ କରାଯାଇଥିଲା। ଶନିବାର ମା'ଙ୍କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଜଳାବତରଣ କରାଯାଇଥିଲା। ଦଶମୀ ପୂଜାଦିନ ମା'ଙ୍କ ଆଜ୍ଞାଲଡୁକୁ ଜଗବନ୍ଧୁ ଦାସ ୧୯ ହଜାର ଟଙ୍କାରେ ନିଲାମ ଡାକି କ୍ରୟ କରିଥିଲେ। ସେହିପରି ପଙ୍କପାଳଠାରେ କମିଟି ପକ୍ଷରୁ ଭସାଣି ଅନୁଷ୍ଠିତ ହୋଇଛି।

# ପାରାଦୀପ ରାଜନୀତିରେ ନୂଆ ସମୀକରଣ

ପାରାଦୀପ,୨୦।୧୦(ସ୍ୱ.ପ୍ର.)

ପାରାଦୀପ ନିର୍ବାଚନମଣ୍ଡଳୀ ରାଜନୀତିରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି। ବିଶେଷ କରି ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରଠାରୁ ଏହି ନିର୍ବାଚନମଣ୍ଡଳୀ ରାଜନୀତିରେ କେତେବେଳେ କ'ଣ ଘଟୁଛି ତାହା ବୁଝିବା କଷ୍ଟକର ହେଉଛି। ଦିନକୁ ଦିନ ୩ ରାଜନୈତିକ ଦଳ ମଧ୍ୟରେ ଭିନ୍ନ ସମୀକରଣ ସୃଷ୍ଟି ହେଉଛି। ତେଣୁ ୨୦୧୯ ସାଧାରଣ ନିର୍ବାଚନ ପାଇଁ କିଏ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇପାରୁନାହିଁ। ବିଜେଡିରୁ ଏବେ ଏଠାରେ ୩ ଜଣ ଦାବିଦାର ଥିବାବେଳେ କଂଗ୍ରେସର ୨ ଓ ଭାଜପାର ୨ ଜଣ ଲେଖାଏଁ ଅଛନ୍ତି। ଏଭଳି ସ୍ଥିତିରେ ଗୁରୁବାର କଂଗ୍ରେସ ରାଜନୀତିରେ ହଠାତ୍ ନୂଆ ସମୀକରଣ ଦେଖିବାକୁ ମିଳିଛି। ରାଜ୍ୟ ସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ ଦଶହରା ଦେଖିବା ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ ବୁଲିଛନ୍ତି ଓ ତଥାକଥିତ ବିଜେଡି ଓ କଂଗ୍ରେସର ଛାମୁଆ କର୍ମୀଙ୍କୁ ଭେଟିଛନ୍ତି। ଏହାକୁ ନେଇ ଉଭୟ ବିଜେଡି, ଭାଜପା ଓ କଂଗ୍ରେସରେ ହଇଚଇ ସୃଷ୍ଟି ହୋଇଛି। ବିଶେଷକରି କଂଗ୍ରେସରେ ପୂର୍ବ ନିର୍ବାଚନ ପରି ପୁଣି ସମାନ୍ତରାଳ ଲଢ଼େଇ ଆରମ୍ଭ ହୋଇଯାଇଛି। ରଞ୍ଜୀବ ପାରାଦୀପରେ ବୁଲିବା ସମୟରେ ଦଳର ଆଶାୟୀ ପ୍ରାର୍ଥୀ ତଥା ୨୦୧୪ ନିର୍ବାଚନ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ(ବାପି) ତାଙ୍କ ପାଖରେ ନ ଥିଲେ। ଏପରିକି ରଞ୍ଜୀବଙ୍କ କେତେଜଣ ସମର୍ଥକ ଖୋଲାଖୋଲି ସ୍ୱୀକାର କଲେଣି ଯେ ରଞ୍ଜୀବ ୨୦୧୯ ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହେବେ। ଏହି ଘଟଣାରେ କଂଗ୍ରେସର ପୁରୁଣା ଫାଟ ପୁଣି ଲୋକଲୋଚନକୁ ଆସିଛି। ଅର୍ଥାତ୍ ୨୦୦୯ ନିର୍ବାଚନରେ ସେତେବେଳେର କଂଗ୍ରେସ ନେତା ରମେଶଚନ୍ଦ୍ର ସାମନ୍ତରାୟ ପ୍ରାର୍ଥୀ ହେବାକୁ ପ୍ରମୁଖ ଦାବିଦାର ଥିଲେ। କିନ୍ତୁ ସେତେବେଳେ ଦଳ ତାଙ୍କୁ ଅଣଦେଖା କରି ପ୍ରମୋଦ କିଶୋର ଜେନାଙ୍କୁ ଟିକେଟ ଦେଇଥିଲା।

ଫଳରେ କଂଗ୍ରେସ ପ୍ରାର୍ଥୀ ଜେନା ମାତ୍ର ୧୨ ହଜାର ଭୋଟ ପାଇ ଅମାନତ ହରାଇଥିଲେ ଏବଂ ରମେଶ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ଦ୍ୱିତୀୟ ସର୍ବାଧିକ ଭୋଟ (୩୨ ହଜାର) ପାଇଥିଲେ। ୨୦୧୪ ନିର୍ବାଚନ ବେଳକୁ ପ୍ରମୋଦ ସଂଗଠନ ସଜାଡି ପ୍ରାର୍ଥୀ ହେବାକୁ ପ୍ରମୁଖ ଦାବିଦାର ଥିଲେ। କିନ୍ତୁ ଠିକ୍ ପ୍ରାର୍ଥୀପତ୍ର ଦାଖଲ ଦିନ ପ୍ରମୋଦଙ୍କୁ ଅଣଦେଖା କରି ଦଳ ସର୍ଖେଲଙ୍କୁ ଟିକେଟ ଦେଇଥିଲା। ସର୍ଖେଲ ପ୍ରାୟ ୪୭ ହଜାର ଭୋଟ ପାଇ ବିଜେଡିକୁ କଡା ଟକ୍କର ଦେଇଥିଲେ। ୨୦୧୯ ନିର୍ବାଚନ ପାଇଁ ସର୍ଖେଲ ୫ବର୍ଷ ହେଲା ସଂଗଠନ ସୁଦୃଢ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏବେ ବିଜେଡିରୁ ଦାମ ବହିଷ୍କୃତ ହେବା ପରେ ସର୍ଖେଲ କଂଗ୍ରେସରୁ ପ୍ରାର୍ଥୀ ହୋଇ ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି। ଏହି ସ୍ଥିତିରେ ରଞ୍ଜୀବଙ୍କ ଗସ୍ତ ଭିନ୍ନ ବାତାବରଣ ସୃଷ୍ଟି କରିଛି। ରଞ୍ଜୀବ-ତିରଞ୍ଜୀବଙ୍କ ସହ ସର୍ଖେଲଙ୍କ ସମ୍ପର୍କ ସାପ-ନେଉଳ ଭଳି ବୋଲି ଚର୍ଚ୍ଚା ହୁଏ। ରଞ୍ଜୀବ ପୂଜା ମଣ୍ଡପ ବୁଲିବା ନାଁରେ ପାରାଦୀପରେ ବିଜେଡି ସଂଗଠକ ରମେଶ ସାମନ୍ତରାୟ ଓ ଅନ୍ୟତମ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଭେଟିଛନ୍ତି। ଗତ ୧୭ ତାରିଖରେ ସର୍ଖେଲଙ୍କ ନେତୃତ୍ୱରେ କେତେଜଣ ବିଜେଡି କର୍ମୀ କୁଜଙ୍ଗଠାରେ କଂଗ୍ରେସରେ ମିଶିଥିଲେ। ତା'ପରଦିନ ରଞ୍ଜୀବ ପାରାଦୀପ ଗସ୍ତ କରି ସର୍ଖେଲଙ୍କୁ ଝୁଲିଲେ ଛାଡ଼ିଛନ୍ତି। ଏହି ଅବସରରେ ସେ ପ୍ରମୋଦଙ୍କ ଘରେ ଖାଇଥିଲେ। ପୂଜା ବୁଲିବା ବାହାନାରେ ବିଭିନ୍ନ ସଂଗଠନ ସହ ମିଶିଥିଲେ। ତେଣୁ ରଞ୍ଜୀବଙ୍କ ଏଭଳି ଗୁପ୍ତି ଆଗାମୀ ଦିନରେ କି ରୂପ ନେଉଛି ତାହା ଦେଖିବାକୁ ରହିଲା।

### ପୂଜା ମଣ୍ଡପ ବୁଲିଲେ ରଞ୍ଜୀବ



ପାରାଦୀପରେ ଏକ ପୂଜାମଣ୍ଡପ ବୁଲି ଦେଖୁଛନ୍ତି ଏମ୍‌ପି ରଞ୍ଜୀବ ବିଶ୍ୱାଳ।

- ୨ ବିଜେଡି ନେତାଙ୍କ ସହ ହାତ ମିଳାଇଲେ
- ବାପିଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଘରେ ଖାଇଲେ

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଇ ବାପ ବୋଲଣା
ଅକାଳେ ସକାଳେ ଉଇଁ ଆସିଥିଲା
ଛତା ବେଣ୍ଟ କଲି ଗୋଜଣା ।**

ଯେତେ ଜାନି ଯଉତୁକ ଦେଲେ ମଧ ଝିଅ ଶାଶୁଘରେ ବାପଘର ଲୋକଙ୍କୁ ସେତେ ସମ୍ମାନ ମିଳି ନ ଥାଏ । ନିନ୍ଦା ଅପବାଦ, ଗାଳି ଶୁଣିଲେ ମଧ ଭଲରେ ମନ୍ଦରେ କେବେ ଅବେଳରେ ଝିଅ ଶାଶୁଘରେ ଦ୍ୱାରସ୍ଥ ହେବାକୁ ପଡ଼ିଥାଏ । ଝିଅ ଯେଉଁ ଘରେ ବିବାହ କରିଥାଏ ସେ ଘର ପରିବାର ପ୍ରତି ବାପଘର ଲୋକେ ସଦା ସମର୍ପିତ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖାଣ୍ଡୁରି ମୁଣ୍ଡୀ, ଓଲେଇ ତୁଣ୍ଡି
ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ରୋଷେଇ ଏକ ଦାୟିତ୍ୱ ଓ ନିଷ୍ଠାର କାର୍ଯ୍ୟ ହୋଇଥାଏ । ଯେଉଁ ମହିଳା ବା ଗୃହିଣୀ ନିଜ ଶରୀର ପ୍ରତି ଯତ୍ନଶୀଳ ହୋଇ ନ ଥାନ୍ତି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇ ନ ଥାନ୍ତି ତଥା ଲୁଚେଇ ଚୋରେଇ ଖାଦ୍ୟ ଖାଉଥାନ୍ତି ସେମାନଙ୍କ ରୋଷେଇ କାର୍ଯ୍ୟକଳାପ କେବେ ସନ୍ତୋଷଜନକ ହୋଇ ପାରି ନ ଥାଏ । ଏପରିସ୍ଥଳେ ଏଭଳି ମହିଳାଙ୍କୁ ରୋଷେଇ ଭଳି ଗୁରୁଦାୟିତ୍ୱ ଦେବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୯୭୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



କାର୍ଯ୍ୟକ୍ରମରେ ଉପସ୍ଥିତ ବନ୍ଧୁମାନେ।

ବିରିଡି,(ଡି.ଏନ.ଏ.)/ବାଲିଆ,୨୦।୧୦

ସାଇଲୋ ଗୋବିନ୍ଦପୁର ହାଇସ୍କୁଲର ୧୯୭୯ ମାଟ୍ରିକ ବ୍ୟାଚ ଛାତ୍ରମାନଙ୍କ ୩୯ତମ ଶାରଦୀୟ ବନ୍ଧୁମିଳନ ଶନିବାର ବିରିଡି ବ୍ଲକ ୨୨ ମୌଜା ଶଙ୍କାରୀସାହିଠାରେ ଅନୁଷ୍ଠିତ ହୋଇଛି। ମନୋରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ବସନ୍ତ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ୟାଚର ସଭାପତି ସୁକାନ୍ତ କୁମାର ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସମ୍ପାଦକ ନାରାୟଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବ୍ୟାଚର ସଭ୍ୟ ଗୋବର୍ଦ୍ଧନ ମଲ୍ଲିକ ଓ ପ୍ରଭାକର ପାତ୍ରଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ୩୯ ବର୍ଷ ଧରି ପରସ୍ପର ଭିତରେ ସମ୍ପର୍କ ଏତେ ନିବିଡ ଥିଲା ଯେ ସମସ୍ତେ ପରସ୍ପରକୁ ଦେଖି ଆନନ୍ଦରେ ଭାବବିହ୍ୱଳ ହୋଇଯାଇଥିଲେ। ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ଉପେନ୍ଦ୍ରନାଥ ବେହେରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଗୋବିନ୍ଦପୁର କଲେଜ ଅଧ୍ୟକ୍ଷ ଗଗନ ବିହାରୀ ବେହେରା ପୁରାତନ ଛାତ୍ର ସଂଘର ନିଜସ୍ୱ ଘର ନିର୍ମାଣ ପାଇଁ ଜମି ଦାନ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ନ ଥିବାରୁ ବହୁ ସଭ୍ୟ ଦୁଃଖ ପ୍ରକାଶ କରିଥିଲେ। ତେବେ ଗୃହ ନିର୍ମାଣରେ ଅର୍ଥ ବାଧକ ସାଜିବ ନାହିଁ ବୋଲି ସମସ୍ତ ସଭ୍ୟ କହିଥିଲେ। ଏଥିରେ ବିଷ୍ଣୁ ଚରଣ ପାତ୍ରୀ, ଅଶୋକ କୁମାର ଦାସ, ମନୋରଞ୍ଜନ ଦାସ, ବାବଲ ପାତ୍ର, ସତ୍ୟନାରାୟଣ ବେଦବାଗିସ, ଗୌରାଙ୍ଗ ପାତ୍ର, ଶଶିଭୂଷଣ ସାମନ୍ତରାୟ, ପ୍ରମୋଦ ବେହେରା ପ୍ରମୁଖ ନିଜ ନିଜର ଅନୁଭୂତି ବାଣ୍ଟିଥିଲେ। ଶେଷରେ ବିଜୟ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

# ନିର୍ଦ୍ଦେଶକ ନଗେନ ପରିଜାଙ୍କୁ କୁମାର ଉତ୍ସବ ସମ୍ମାନ

ତିର୍ତ୍ତୋଲ,୨୦।୧୦(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ତିର୍ତ୍ତୋଲ କୁମାରୋତ୍ସବ ସମିତି ତରଫରୁ ଚଳିତବର୍ଷ କୁମାର ଉତ୍ସବ ସମ୍ମାନ-୨୦୧୮ ବିଶିଷ୍ଟ ନିର୍ଦ୍ଦେଶକ ନଗେନ ପରିଜାଙ୍କୁ ପ୍ରଦାନ କରାଯିବ। ସମିତିର ୪୫ତମ ବାର୍ଷିକୋତ୍ସବ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏଥିସହ ପ୍ରଭାବତୀ ଦେବୀଙ୍କୁ ମାତେଶ୍ୱରୀ ସମ୍ମାନ ପ୍ରଦାନ କରାଯିବ। ଉତ୍ସବରେ ଅତିଥି ଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ସ୍ୱାସ୍ଥ୍ୟ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସମିତିର ସଭାପତି ବିଭୂତି ଭୂଷଣ ବିଶ୍ୱାଳ, ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ରାକେଶ ମହାପାତ୍ର, ତୁଷାର ରଞ୍ଜନ ରାୟ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ନାଟକ, ଡ୍ୟାନ୍ସ, ମେଲୋଡି ଆଦି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ଶୃଙ୍ଖଳାର ସହ ରାବଣପୋଡ଼ି ଉତ୍ସବ ସମ୍ପନ୍ନ

ଜଗତ୍‌ସିଂହପୁର ଅଫିସ,୨୦।୧୦

ଜଗତ୍‌ସିଂହପୁରରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଚଳିତବର୍ଷ ସୁସଜ୍ଜିତ ମେଢ଼ ସାଙ୍ଗକୁ ସହର, ବଜାର ଚାରିଆଡେ ଆଲୋକ ଓ ବାଦ୍ୟବାଜଣା ଆଦି ନିଆରା ପରିବେଶ ସୃଷ୍ଟି କରିଥିଲା। ବିଶେଷକରି ଜଗତ୍‌ସିଂହପୁର ସହରରେ କରାଯାଇଥିବା ୨୨ଟି ମେଢ଼ ବେଶ୍ ଆକର୍ଷଣୀୟ ହୋଇଥିଲା। ନବମୀ ଓ ଦଶମୀରେ ସାରା ସହର ଲୋକାରଣ୍ୟ ହୋଇ ପଡିଥିଲା। ଏଥିସହ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ରାବଣ ପୋଡି ଉତ୍ସବରେ ମଧ ଭିଡ଼ ଦେଖିବାକୁ ମିଳିଥିଲା। ପୂର୍ବବର୍ଷ ପରି ବିନା ଆତସବାଜିରେ ରାବଣ ପୋଡି ଉତ୍ସବ ଆୟୋଜନ ହୋଇଥିଲା। ପ୍ରତିବର୍ଷ ଦଶହରାରେ ଶ୍ରୀରାମ କ୍ଲବ ପକ୍ଷରୁ ଟାଉନ ହଲ୍ ଛକଠାରୁ ରାମ ମନ୍ଦିର ନିକଟରେ ବିଶାଳକାୟ ରାବଣ କରାଯାଇଥାଏ। ଏହା ଦେଖିବା ପାଇଁ ସହର ସମେତ ବିଭିନ୍ନ ଅଞ୍ଚଳରୁ ଲୋକ ଆସିଥାନ୍ତି। ଚଳିତବର୍ଷ ଅନୁରୂପ ଭାବେ ରାବଣ କରାଯାଇ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆକୁ ନିଆଯାଇଥିଲା। ସେଠାରେ ଏକ ମଞ୍ଚ ଆୟୋଜନ ହୋଇଥିଲା। ଏଥିସହ ସୀତା ହରଣ କାହାଣୀର ନାଟ୍ୟ ରୂପାନ୍ତର ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ମଞ୍ଚରେ ଅତିଥିମାନେ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରେ ପୂର୍ବ ପ୍ରସ୍ତୁତି ମୁତାବକ ଏକ ଗାଡିରେ ରାବଣ, ସୀତା ପଡିଆରେ ପ୍ରବେଶ କରିଥିଲେ। ସୀତାଙ୍କୁ ରାବଣ ହରଣ କରିବାର ଦୃଶ୍ୟ ଏହି ଗାଡି ଉପରେ ମଞ୍ଚସ୍ଥ କରାଯାଇଥିଲା। ରାବଣର ଅଟ୍ଟହାସ୍ୟ ଓ ସୀତାଙ୍କ ଦାରୁଣ କ୍ରନ୍ଦନ ପଡିଆରେ ଭାବାବେଗ ପରିବେଶ ସୃଷ୍ଟି କରିଥିଲା। ଶେଷରେ ସୀତାଙ୍କୁ ରାବଣ ମଞ୍ଚ ନିକଟକୁ ଆଣି ଏକ ଛୋଟ ମଞ୍ଚରେ ଅପହରଣ ପାଇଁ ଉଦ୍ୟମ କଲାବେଳେ ଜଟାୟୁ ପକ୍ଷୀ ବାଧା ଦେଇଥିଲେ। ରାବଣ ସେଠାରେ ଜଟାୟୁଙ୍କ ଡେଣା କାଟି ଦେଇଥିଲେ। ପରେ ରାମ, ଲକ୍ଷ୍ମଣ ଓ ହନୁମାନ ପହଞ୍ଚି ଏହି ଦୃଶ୍ୟ ଦେଖିବା ପରେ ଗଭୀର ମର୍ମାହତ ହୋଇ ପଡିଥିଲେ। ଶେଷରେ କିଛି ଦୂରରେ ଥିବା ବିଶାଳକାୟ ରାବଣକୁ ରାମଚନ୍ଦ୍ର ଶର ବିଦ୍ଧ କରିଥିଲେ। କିଛି ସମୟ ଭିତରେ ରାବଣ ପୋଡି ପାଉଁଶ ହୋଇଯାଇଥିଲା। ଏହା ଦେଖିବା ପାଇଁ ଶହସ୍ରାଧିକ ଲୋକଙ୍କ ଗହଳି ନିଆରା ପରିବେଶ ସୃଷ୍ଟି କରିଥିଲା।



ଜଗତ୍‌ସିଂହପୁରରେ ଅନୁଷ୍ଠିତ ରାବଣ ପୋଡି ଉତ୍ସବ।

+PILES CLINIC+
Near Budheswari Temple, ମଙ୍ଗଳ ବିଦ୍ୟାଳୟ ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ରଣ 24 ଘଣ୍ଟାରେ 2% ସୁଧ, 50% ରିହାତି
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
(Reg No.- od6789dh45)
ମାର୍କସିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ
72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ
ମାତ୍ର 1% ସୁଧ, 40% ରିହାତି
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କସିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

BABA AMIM SUFI JI
9540938429
9903852257
Near Master Canteen, Bhubaneswar

ବାବା ରହେମାନ ଖାନ ବଙ୍ଗାଳୀ
7065430524
9599270336

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କସିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
168, Sector-30, Jagatpura, Jaipur, Rajasthan
73106-12716
89794-48754

!! LOAN LOAN LOAN !!
ଶ୍ରୀ ରାମ ଫାଇନାନ୍ସ
9717895136
9871773265
Add : - 41/14, Sec-1 Pushp Vihar, Delhi

INVESTORS/ PARTNER required for a running Automobile Unit in Patia. 20 Corporates + 150 (+) Clients. Spares outlet opening facility.
CONTACT:
8114721727

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ବାବା ସିକନ୍ଦର
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
0712-2223456 | 09422123456
www.itctedu.in

ଋଣ
ଶ୍ରୀ ଜଗନ୍ନାଥ ଫାଇନାନ୍ସ
7895183349
9927051692
Add : - 41/14, Sec-1 Pushp Vihar, Delhi

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DADLS-148
ରାଜ୍ୟବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା
୧୦୮ଟି ସହରାଞ୍ଚଳ
୩୧୦ଟି ବ୍ଲକ
୧୫ ଦିନ ନୂଆ ରାସନ କାର୍ଡ ବଣ୍ଟନ
୧୫ ଲକ୍ଷ ହିତାଧିକାରୀ
"ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ମୁଁ ଦେବି ନାହିଁ !"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର
@Naveen_Odisha CMO.Odisha @CMO_Odisha
15001/13/0328/1819

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କୁ ଅପହରଣ ଉଦ୍ୟମ

**ଧର୍ମଶାଳା୨୦।୧୦(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ହୋଣ୍ଡା ବାଇକ୍ ଶୋ'ରୁମ୍ ସମ୍ମୁଖରୁ ଶନିବାର ସ୍ପଷ୍ଟ ଦିବାଲୋକରେ ଏକ ଫାଇନାନସ୍ କଂପାନୀର ସେଲସ୍ ଏକଜିକ୍ୟୁଟିଭ୍ ଅରବିନ୍ଦ ଷଡ଼ଙ୍ଗୀଙ୍କୁ କେତେକ ଦୁର୍ବୃତ୍ତ ବନ୍ଧୁକ ମୁନରେ ଅପହରଣ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉପସ୍ଥିତ କର୍ମଚାରୀଙ୍କ ହୋ ହଲ୍ଲା ଯୋଗୁ ଷଡ଼ଙ୍ଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରେ ଦୁର୍ବୃତ୍ତମାନେ ଆସିଥିବା ଏକ ନାଲି ରଙ୍ଗର ସୁଇଫ୍ଟ କାରରେ ଚମ୍ପଟ ମାରିଥିଲେ। ଅଭିଯୋଗ ମୁତାବକ, କାଏମା ଗ୍ରାମର ଅରବିନ୍ଦ ଜାରକାସ୍ଥିତ ତେଜ୍ ହୋଣ୍ଡା ଶୋ'ରୁମରେ ମୁଥୁଟ୍ ଫାଇନାନସ୍ କଂପାନୀର ସେଲସ୍ ଏକଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରନ୍ତି। ତେବେ ଚଢ଼େଇଧରାରେ ଅନ୍ୟ ଏକ ଶୋ'ରୁମ୍‌ରେ କାମ କରିବା ପାଇଁ ତାଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ସେ ଏ ପ୍ରସ୍ତାବରେ ରାଜି ନ ହେବାରୁ ତାଙ୍କୁ ଅପହରଣ ଉଦ୍ୟମ କରାଯାଇଥିବା ଷଡ଼ଙ୍ଗୀ ଗଣମାଧମକୁ ସୂଚନା ଦେଇଛନ୍ତି। ଷଡ଼ଙ୍ଗୀ ଏହି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଘର ଭାଙ୍ଗିବାକୁ ପୂରିଲା ମାସେ, ମିଳିଲାନି ପାଲ

**ସିଂହପୁର, ୨୦।୧୦(ଡି.ଏନ୍.ଏ):** ଲଗାଣ ବର୍ଷାରେ ଘର ଭାଙ୍ଗିବା ଘଟଣାକୁ ମାସେ ପୂରିଯାଇଥିଲେ ମଧ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ପରିବାରକୁ ପାଲ ଦିଆଯାଇନାହିଁ। ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମର ୪ନଂ. ୱାର୍ଡରେ ପାଲ ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ଲଘୁଚାପ ବର୍ଷା ଯୋଗୁ ଉକ୍ତ ୱାର୍ଡରେ ବହୁ ମାଟିଘର ଭାଙ୍ଗି ଯାଇଥିଲା। କ୍ଷତିଗ୍ରସ୍ତ ପରିବାରର ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପାଲ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ମାସେ ବିତିଯାଇଥିଲେ ମଧ ପାଲ ମିଳି ନ ଥିବାରୁ ବିପନ୍ନ ପରିବାର କ୍ଷୋଭ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପାଲ ଯୋଗାଇ ଦେବାକୁ ଘନଶ୍ୟାମ ନାୟକ, ଅଭିରାମ ନାୟକ, ବନମାଳି ନାୟକଙ୍କ ସମେତ ୱାର୍ଡବାସୀ ଦାବି କରିଛନ୍ତି।

■ ନୀଳାଚଳ କାରଖାନା ବ୍ଲାଷ୍ଟ ଫର୍ନେସର ବ୍ଲୋପାଇପ ଫାଟିବା ଘଟଣା

# ସିବିଆଇ, ଏସ୍‌ଏଫ୍‌ଆଇଓ ତଦନ୍ତ ଦାବିକଲା ଶ୍ରମିକ ସଂଘ

ଯାଜପୁର ଅଫିସ,୨୦।୧୦-କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ବ୍ଲାଷ୍ଟ ଫର୍ନେସର ବ୍ଲୋପାଇପ ଫାଟିବା ଘଟଣାର ତଦନ୍ତ ଦାବି କରିଛି କଳିଙ୍ଗ ନଗର ଶ୍ରମିକ ସଂଘ। ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ଓ ସଚିବ, ଓଡିଶା ମୁଖ୍ୟ ଶାସନ ସଚିବ, ଷ୍ଟିଲ୍ ଆଣ୍ଡ ମାଇନ୍ସ ସଚିବ, ଶିଳ୍ପ ସଚିବ ଓ ସିଏମ୍‌ଡି ଏମ୍‌ଏମ୍‌ଟିସି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଘଟଣାର ବୈଷୟିକ ଅଡିଟ କରିବାକୁ ସଂଘ ଦାବି କରିଛି । ଏହାସହ ସିବିଆଇ ଓ ସିରିୟସ ଫ୍ରଡ ଇନ୍‌ଭେଷ୍ଟିଗେଶନ ଅଫିସ(ଏସ୍‌ଏଫ୍‌ଆଇଓ) ଦ୍ୱାରା ତଦନ୍ତ କରିବାକୁ ସଂଘ ପକ୍ଷରୁ ସ୍ମାରକପତ୍ରରେ ଦାବି କରାଯାଇଛି। ଅପରପକ୍ଷରେ ଉକ୍ତ ଘଟଣା ପରଠାରୁ କାରଖାନାରେ ଗତ ୨ସପ୍ତାହ ହେଲା ଅଚଳାବସ୍ଥା ଜାରି ରହିଛି। କମ୍ପାନୀ କର୍ତ୍ତୃପକ୍ଷ ଘଟଣାକୁ ସାମାନ୍ୟ ଓ ଅତି ହାଲୁକା ଭାବେ ଗ୍ରହଣ କରିଥିବାରୁ ବ୍ଲାଷ୍ଟ ଫର୍ନେସ ଧୀରେ ଧୀରେ ଶୀତଳ ଅବସ୍ଥାକୁ ଗତି କରୁଛି।



■ ଦୁଇ ସପ୍ତାହ ହେଲା ଉତ୍ପାଦନ ବାଧାପ୍ରାପ୍ତ
■ ଶୀତଳ ଆଡକୁ ଗତି କରୁଛି ଫର୍ନେସ
■ କୋଟି କୋଟି ଟଙ୍କା କ୍ଷତି ହେବାର ଆଶଙ୍କା

ଏହାଦ୍ୱାରା ସରକାରଙ୍କ ଏକ ବଡ଼ଧରଣର କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଗତ ୭ତାରିଖ ଭୋର ୩ଟା ୪୫ ମିନିଟରେ ବ୍ଲାଷ୍ଟ ଫର୍ନେସ ୧୫ ନମ୍ବର ଟ୍ୟୁୟର ନିକଟରେ ଲାଗିଥିବା ବ୍ଲୋପାଇପ ସମ୍ପୂର୍ଣ୍ଣ ଫାଟି ଯାଇଥିଲା। ଫଳରେ ଟ୍ୟୁୟର ଦେଇ ଉତ୍ତପ୍ତ ତରଳ ଆଇରନ ବାହାରିବା ଯୋଗୁ ମଡଗନ୍ କଣ୍ଟ୍ରୋଲ ରୁମରେ ନିଆଁ ଲାଗିଯାଇଥିଲା। ଏଥିରେ କେବୁଲ, ହାଇଡ୍ରୋଲିକ ଲାଇନ ପ୍ରଭୃତି ଯନ୍ତ୍ରାଂଶ ପୋଡି ଯାଇଥିଲା। ଫଳରେ ୨ସପ୍ତାହ ହେଲା ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଗତ ୬ତାରିଖ ପୂର୍ବାହ୍ନ ୯ଟା୫୦ମିନିଟରେ ଶେଷଥର ପାଇଁ ହଟ୍ ମେଟାଲ ଲାଡେଲ ଆସିଥିବା ସୂଚନା ମିଳିଛି। ଗତ ଏପ୍ରିଲ ମାସ ୨୮ ତାରିଖରେ ପ୍ରାୟ ୮୦କୋଟି ଟଙ୍କା ଖର୍ଚ୍ଚ କରି ବ୍ଲାଷ୍ଟ ଫର୍ନେସ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ମରାମତି କାର୍ଯ୍ୟ ପ୍ରାୟ ୬ମାସ ଧରି ଚାଲିଥିଲା। ହେଲେ ମରାମତିର ୬ମାସ ନ ପୁରୁଣୁ ଏହି ସରକାରୀ କାରଖାନାରେ ବଡ଼ ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ପ୍ରକାଶ ଯେ, ବ୍ଲାଷ୍ଟ ଫର୍ନେସର ମରାମତି ପୂର୍ବରୁ ନୀଳାଚଳ କମ୍ପାନୀର ଏକ ବୋର୍ଡ ବୈଠକରେ ବ୍ଲାଷ୍ଟ ଫର୍ନେସର କ୍ୟାପିଟାଲ ମରାମତି ପାଇଁ ଏକ ଅଭିଜ୍ଞ କମ୍ପାନୀକୁ ଟର୍ନକି(ଗୋଟିଏ କମ୍ପାନୀ ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟ) ପ୍ରୋଜେକ୍ଟ ହିସାବରେ ଦେବାକୁ ସ୍ଥିରିକୃତ ହୋଇଥିଲା। ଏଥିପାଇଁ ବିଭିନ୍ନ କମ୍ପାନୀଠାରୁ କୋଟେଶନ ମଗାଯାଇଥିଲା। ମାତ୍ର ପରବର୍ତ୍ତି ସମୟରେ ଏକାଧିକ କମ୍ପାନୀକୁ କାର୍ଯ୍ୟ ଭାଗ ଭାଗ କରି ଦିଆଯାଇଥିଲା। ଫଳରେ ମରାମତି କାର୍ଯ୍ୟର ଗୁଣାତ୍ମକ ମାନ ଠିକ୍ ହୋଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ଯାହାକି ବ୍ଲୋପାଇପ ଫାଟିବା ଏବଂ ଫର୍ନେସ ଶୀତଳ ଆଡକୁ ଗତି କରିବାରୁ ଏହା ସ୍ପଷ୍ଟ ଅନୁମେୟ ହୋଇଯାଇଛି। ବ୍ଲାଷ୍ଟ ଫର୍ନେସର ଉପଯୁକ୍ତ ପରିଚାଳନା ପାଇଁ ରୁଷିଆ ବିଶେଷଜ୍ଞଙ୍କୁ ଗତ ୧୦ବର୍ଷ ହେଲା ଏଠାରେ ନିୟୋଜିତ କରାଯାଇଥିଲା। ତେବେ ସେମାନଙ୍କ ଚୁକ୍ତି ମିଆଦ ସମ୍ପୂର୍ଣ୍ଣ ହେବା ପରେ ଗତ ୨ମାସ ହେଲା ସେମାନେ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି। ତେଣୁ ଫର୍ନେସ ପରିଚାଳନାରେ ଅଭିଜ୍ଞତା ଅଭାବରୁ ଏଭଳି ତ୍ରୁଟି ପରିଲକ୍ଷିତ ହୋଇଛି ବୋଲି ମଧ କୁହାଯାଉଛି । ୨ସପ୍ତାହ ହେଲା ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିବାରୁ ଦୈନିକ କୋଟି କୋଟି ଟଙ୍କା କ୍ଷତି ହେଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବ୍ଲାଷ୍ଟ ଫର୍ନେସ ସମ୍ପୂର୍ଣ୍ଣ ଶୀତଳ ହେବା ପରେ ପୁନଃ କାର୍ଯ୍ୟକ୍ଷମ କରିବାକୁ ମାସାଧିକ କାଳ ସମୟ ଲାଗିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ ହେବାର ସମ୍ଭାବନା ମଧ ସୃଷ୍ଟି ହୋଇଛି। ଏସଂକ୍ରାନ୍ତରେ ନୀଳାଚଳ କାରଖାନାର ପରିଚାଳନା ନିର୍ଦ୍ଦେଶକ ଶଶିଶେଖର ମହାନ୍ତିଙ୍କୁ ପଚାରିବାରୁ ସେ ଏନେଇ କୌଣସି ଉତ୍ତର ଦେବାକୁ ଅନିଚ୍ଛା ପ୍ରକାଶ ସହ ବିଭାଗୀୟ ବୈଷୟିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କହିଛନ୍ତି। ଅପରପକ୍ଷରେ ଏନେଇ କାରଖାନାର ଡିଜିଏମ ଗୌତମ ରଥ, ଜିଏମ ଶିରିଶ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରି ନାହିଁ।

## ସୟଦପୁରରେ ରାବଣପୋଡ଼ି

ବିଞ୍ଝାରପୁର,୨୦।୧୦(ଡି.ଏନ.ଏ)

ବିଞ୍ଝାରପୁର ଅଞ୍ଚଳରେ ମା' ଦୁର୍ଗାଙ୍କ ମୃଣ୍ମୟ ମେଢକୁ ବିସର୍ଜନ କରାଯାଇଛି। ଶନିବାର ପୂର୍ବାହ୍ନରେ ସୟଦପୁର, ବିଞ୍ଝାରପୁର ବଜାରର ମେଡିକାଲଛକ ଓ ଗୌଡସାହି ସ୍ଥିତ ଦୁର୍ଗାମେଢ ବେଶ ଆଡମ୍ବରରେ ଖରସ୍ରୋତା ନଦୀରେ ବିସର୍ଜନ କରାଯାଇଥିବାବେଳେ ଅପରାହ୍ନରେ ବିଞ୍ଝାରପୁର ବଜାରସ୍ଥିତ ଥାନା ଛକରେ ହୋଇଥିବା ଦୁର୍ଗାମେଢ ଭସାଣି ଯାତ୍ରା ବେଶ ଆଡ଼ମ୍ବର ପୂର୍ଣ୍ଣ ହୋଇଥିଲା। ସେହିପରି ପ୍ରୀତିପୁରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବିଳମ୍ବରେ ଭସାଣି ହେବ। ଅପରପକ୍ଷରେ ଭସାଣି ସମୟରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ସୟଦପୁର ଠାରେ ଶୁକ୍ରବାର ରାବଣପୋଡି ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ୩୫ଫୁଟର ରାବଣ ମୂର୍ତ୍ତି ପୋଡ଼ିବା ସମୟରେ ବିଭିନ୍ନ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ରାବଣପୋଡ଼ି ଉତ୍ସବ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।

## ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.)

ନଭେମ୍ବର ୧୯ ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ହେବ। ଏ ନେଇ ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁରସ୍ଥିତ ଯୁଗାନ୍ତର କାର୍ଯ୍ୟାଳୟ ପରିସରରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ବଳ ଅଧକ୍ଷତା କରିଥିଲେ। ୨ ଦିନ ଧରି ଉଦୟଗିରି ବୁଦ୍ଧ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଚଳିତ ବର୍ଷ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଉଦୟଗିରି ପୁସ୍ତକର ନବମ ସଂଖ୍ୟା ପ୍ରକାଶନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯେଉଁ ଛାତ୍ରୀଛାତ୍ର ଉତ୍ତମ ଲେଖା ପ୍ରସ୍ତୁତ କରିବେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଫଟୋ ପ୍ରଦର୍ଶନୀ, ଆଲୋଚନା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଯାଜପୁର ଜିଲା ଶିଳ୍ପ ସଂସ୍ଥାଙ୍କ ଅନୁଦାନ ପାଣ୍ଠିରେ ନିର୍ମାଣାଧୀନ ବୁଦ୍ଧ ପାର୍କ କାର୍ଯ୍ୟ ସମ୍ପୂର୍ଣ୍ଣ ଓ ବୌଦ୍ଧ ବିହାରରୁ ଆବିଷ୍କୃତ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ପ୍ରତିଷ୍ଠା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନ ସମ୍ପାଦକ ମହେଶ୍ୱର ବଳ ଗତ ବର୍ଷର ବିବରଣୀ ଓ କାର୍ଯ୍ୟସୁଚୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ଦାଶ, ଶୁଭେନ୍ଦୁ ଭୂୟାଁ, ହରିଶ୍ଚନ୍ଦ୍ର ମହାରଣା, ରାମଚନ୍ଦ୍ର ସାମଲ, ପଞ୍ଚାନନ ଧଳ, ରତିକାନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେବେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ମହାପ୍ରଭୁଙ୍କର ହେଲା ମହାସ୍ନାନ

ପୁରୀ ଅଫିସ,୨୦।୧୦

ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ଏଥିସହ ଏକାଦଶୀ ଥିବାରୁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ସନ୍ଧ୍ୟାଧୂପ ପରେ ଭିତରକାଠ ନିକଟରେ ଦର୍ଶନ କରୁଥିବା ସମୟରେ ଜଣେ ଭକ୍ତଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସେଠାରେ ରକ୍ତ ପଡ଼ିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା। ଏଥିପାଇଁ ସନ୍ଧ୍ୟାଧୂପ ନୀତିରେ ପ୍ରାୟ ଏକଘଣ୍ଟା ବିଳମ୍ବ ହୋଇଥିଲା।

## ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ବୈଠକ

ରସୁଲପୁର,୨୦।୧୦(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ଏକ ଘରୋଇ ଲଜ୍‌ରେ ଶନିବାର ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକ ସଂଘର ସଭାପତି ଭରତ ଚନ୍ଦ୍ର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚାଳକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲାସ୍ତରୀୟ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ସଂଘ ପକ୍ଷରୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଳକଙ୍କ ନାନା ସମସ୍ୟା ସମ୍ବଳିତ ଏକ ଦାବିପତ୍ର ଯାଜପୁର ଜିଲାପାଳଙ୍କୁ ପ୍ରଦାନ କରାଯିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଶାଖାରେ ଚାଳକମାନଙ୍କ ପଞ୍ଜିକରଣ କରାଯିବା, ଚାଳକଙ୍କ ପାଇଁ କଲ୍ୟାଣ ପାଣ୍ଠି ଗଠନ ଉପରେ ଗୁରୁତ୍ୱ, ପ୍ରତ୍ୟେକ ଚାଳକଙ୍କ ନାମରେ ବ୍ୟାଙ୍କରେ ପାସବୁକ୍ ଖୋଲିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ଶୃଙ୍ଖଳିତ ଆଚରଣ, ଟ୍ରାଫିକ୍ ନିୟମ ପାଳନ, ଜନସାଧାରଣଙ୍କ ଆସ୍ଥାଭାଜନ, ପ୍ରତ୍ୟେକ ସ୍ଥାନରେ ଥିବା ଷ୍ଟାଣ୍ଡରେ ଚାଳକମାନଙ୍କ ପାଇଁ ବିଶ୍ରାମାଗାର, ଶୌଚାଳୟ ଆଦି ସ୍ଥାପନ, ସୁରକ୍ଷିତ ଗାଡ଼ି ଚାଳନା ଆଦି ଉପରେ ଆଲୋଚନା ହୋଇଥିଲା।

POLICE COMMEMORATION DAY
Message
I am glad to know that the 59th **Police Commemoration Day** is being observed across the country including Odisha at the State Police Head-quarters and District Police Headquarters on October 21, 2018.
The day is of great significance for Police personnel of all ranks. It is a day of remembering and expressing gratitude to all those martyred police personnel for their bravery, heroism, sacrifice and devotion to duty. Odisha Police has a distinct recored of serving people in difficult circumstances daring and braving challenges. This is truly admirable. While paying my tribute to the martyred police personnel I urge upon those in service to draw fresh inspiration and continue to serve with pride and dignity holding the spirit high. My best wishes to the Odisha Police.
I will the observance all success.
(Ganeshi Lal)
DSPL - 203
12029/13/0048/1819

ପୋଲିସ ଶହୀଦ ସ୍ମୃତି ଦିବସ
ବାର୍ତ୍ତା
ଓଡ଼ିଶା ପୋଲିସ ତରଫରୁ ୫୯ତମ "ପୋଲିସ ଶହୀଦ ସ୍ମୃତି ଦିବସ" ଅକ୍ଟୋବର ୨୧ ତାରିଖ, ୨୦୧୮ ଦିନ ପାଳନ କରାଯାଉଅଛି। ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳନ କରାଯାଇ ଆସୁଅଛି।
ଆଜିର ଏହି ସ୍ମରଣୀୟ ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।
ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
DSPL - 203
12029/13/0048/1819

## ସଂକ୍ଷେପରେ

### ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ

**ରାଜକନିକା,୨୦।୧୦(ଡି.ଏନ୍.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ରାଧାନାଥ ରଥ ହସପିଟାଲରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ଗଣଧାରଣା ଦେଇଥିଲେ। ଏନେଇ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି । ସୂଚନାଯୋଗ୍ୟ,ବ୍ଲକର ଏହି ସରକାରୀ ହସପିଟାଲରେ ଦୀର୍ଘ ୨ ଦଶନ୍ଧି ଧରି ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଏଠାରେ ଥିବା ଡାକ୍ତର ସୌମ୍ୟରଞ୍ଜନ ନାୟକଙ୍କୁ ଅନ୍ୟସ୍ଥାନକୁ ଡେପୁଟେସରେ ପଠାଇ ଦିଆଯାଇଥିଲା। ଏହାର ପ୍ରତିବାଦରେ ଓଲାଭର ଆଥଲେଟିକ ଆସୋସିଏଶନ ଆହ୍ୱାନରେ ଶୁକ୍ରବାର ଗଣଧାରଣା ଦିଆଯାଇଥିଲା । ଖବରପାଇ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମନୋଜ ସେନାପତି ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଡେପୁଟେସନରେ ଯାଇଥିବା ଡାକ୍ତର ନାୟକଙ୍କୁ ଓଲାଭରକୁ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଛି। ଏହି ଗଣଧାରଣାରେ ଓଲାଭର ଆଥଲେଟିକ ଆସୋସିଏଶନର ସଭାପତି ବିଶିକେସନ ଦାସ, ଆଦିକନ୍ଦ ଦାସ, ନଳିନୀକାନ୍ତ ପୃଷ୍ଟି, ପ୍ରମୋଦ ଜଗତୀ, ବିଜୟ ସାହୁ, ସୁଶାନ୍ତ ନାୟକ, ଆଲୋକ ପୃଷ୍ଟି ଓ କମଲ ରାଜପ୍ରମୁଖ ସାମିଲ ହୋଇଥିଲେ।

### ମା'ଦୁର୍ଗାଙ୍କ ମଣ୍ଡପରେ ରାଜନେତାଙ୍କ ଭିଡ଼

**ମହାକାଳପଡା,୨୦।୧୦ (ଡି.ଏନ.ଏ.):** ମହାକାଳପଡା ବ୍ଲକର ବିଭିନ୍ନ ସ୍ଥାନରେ ମା'ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପୂଜା ମଣ୍ଡପରେ ରାଜନୈତିକ ଦଳର ନେତୃମଣ୍ଡଳୀମାନେ ଆସି ମା'ଙ୍କୁ ଦର୍ଶନ କରିଥିଲେ। ଶୁକ୍ରବାର ପୂଜା ମଣ୍ଡପରେ ମାଲକାନଗିରି ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ସମେତ ବରିଷ୍ଠ ପ୍ରଶାସକ ପଦ୍ମନାଭ ଚୌଧୁରୀ ବ୍ଲକକୁ ଆସି ବିଭିନ୍ନ ପୂଜାମଣ୍ଡପ ବୁଲିଥିଲେ। ବ୍ଲକର ରାମନଗର ଓ ଖରିନାସୀ ଗ୍ରାମର କାଳିବାଡି ଦୁର୍ଗା ମଣ୍ଡପରେ ଢାଲି ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ।

### ମା' ଦୁର୍ଗାଙ୍କ ଭସାଣି ଉତ୍ସବ

**ମାର୍ଶାଘାଇ, ୨୦।୧୦(ଡିଏନଏ):** ମାର୍ଶାଘାଇ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଶନିବାର ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ହୋଇ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ଘାଟରେ ବିସର୍ଜିତ କରାଯାଇଥିଲା। ମାର୍ଶାଘାଇ ଦୁର୍ଗା ପୂଜା ମଣ୍ଡପର ମୂର୍ତ୍ତିକୁ ସକାଳୁ ଶୋଭାଯାତ୍ରାରେ ମାର୍ଶାଘାଇ ବଜାର,କୁମ୍ଭାର ସାହି ଛକ,ମେଡିକାଲ ଛକ,ବନ୍ଧସାହି ଛକ,କଲେଜ ଛକ,ଜୁଣ ଛକ ପରିକ୍ରମା କରାଯାଇ ଗାଁ ମାର୍ଶାଘାଇ ନିକଟ ଜମ୍ବୁ-ମାର୍ଶାଘାଇ କେନାଲର ଦେବୀ ଘାଟକୁ ନିଆଯାଇ ବିସର୍ଜନ କରାଯାଇଥିଲା। ସେହିପରି କରିଲୋପାଟଣା,ମାଣିକପୁର,ଆଖୁଆ ଓଡଙ୍ଗ,ବନ୍ଧକଟା,ପିକରାଳୀ,ରାଘବପୁର ପ୍ରଭୃତି ପୂଜାମଣ୍ଡପର ଦୁର୍ଗା ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା।

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟା ଦଶମୀ ଉତ୍ସବ

**ଆଳି,୨୦।୧୦(ଡି.ଏନ.ଏ.):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଆଳି ଖଣ୍ଡସ୍ତରୀୟ ବିଜୟା ଦଶମୀ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଦଶହରା ଅବସରରେ ପାଳିତ ହୋଇଯାଇଛି । ନିଆଳ ହାଟ ହେଲିପ୍ୟାଡ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଟକ ବିଭାଗର ବିକାଶ ଚନ୍ଦ୍ର ପାଲ ଓ ଆଳି ଖଣ୍ଡ କାର୍ଯ୍ୟବାହ ମଦନ ମୋହନ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବରେ 'ପରାଗ'ର ସମ୍ପାଦକ ତଥା ଗାଳ୍ପିକ ବିଏମ ସେନାପତି ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ସଂଘର ସଦସ୍ୟମାନେ ନିଆଳ ହାଟରୁ ଶୋଭଯାତ୍ରାରେ ବାହାରି ଭାଟପଡା, ତୁଳସୀ, ବଳଭଦ୍ରପୁର ଶାସନ ଆଦି ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିଶ୍ୱମ୍ଭର ପାଣି, ଶିବରାମ ପାଣି, ଛତ୍ରଧାରୀ ନାୟକ ଓ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ।



କେନ୍ଦ୍ରାପଡା ଚଉଦକୁଲାଟସ୍ଥିତ ମା ଦୁର୍ଗାଙ୍କ ମେଢ।



ମହାକାଳପଡା ରାମନଗର ବଣିକ ସଂଘ ପକ୍ଷରୁ ମା'ଙ୍କ ଭସାଣି ଯାତ୍ରା।



ମାର୍ଶାଘାଇ ଦୁର୍ଗାପୂଜା ମଣ୍ଡପ।

### ଶେଷ ହେଲା ଇନ୍ଦୁପୁରର ପ୍ରସିଦ୍ଧ ଦୁର୍ଗାଙ୍କ ମେଳଣୋତ୍ସବ

# ପାରମ୍ପରିକ ବାଦ୍ୟରେ ଦୁଲୁକିଲା ମେଳଣ ପଡ଼ିଆ

**ଡେରାବିଶ, ୨୦।୧୦(ସ୍ୱ.ପ୍ର.)–**

କେନ୍ଦ୍ରାପଡା ଜିଲାର ଅନ୍ୟତମ ପ୍ରସିଦ୍ଧ ଇନ୍ଦୁପୁରସ୍ଥିତ ମା'ଦୁର୍ଗାଙ୍କ ମେଳଣୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ମଙ୍ଗଳବାରଠାରୁ ଜିଲାର ଇନ୍ଦୁପୁର, ଧୁମାତ ଅଞ୍ଚଳ ମା'ଙ୍କ ପୂଜାର୍ଚ୍ଚନା ପାଇଁ ଚଳଚଞ୍ଚଳ ଥିଲା । ଶୁକ୍ରବାର ବିଜୟା ଦଶମୀ ତିଥିରେ ଏହି ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା'ଙ୍କ ଘଟ ବିସର୍ଜନ ହୋଇଥିଲା । ଏହି ଅବସରରେ ହବେଳିସାହିର ମା' ଦୁର୍ଗାଙ୍କ ମେଢ଼ ମେଳଣୋତ୍ସବର ମୁଖ୍ୟ ଆକର୍ଷଣ ଥିଲା । ଶନିବାର ପୂର୍ବାହ୍ନ ୧୧ଟାରେ ଏହି ପୂଜା ମଣ୍ଡପରୁ ୨୦୦ରୁ ଊର୍ଦ୍ଧ୍ୱ ଭକ୍ତ ମା'ଙ୍କ ମୂର୍ତ୍ତିଙ୍କୁ କାନ୍ଧରେ ନେଇ ଆସିଥିଲେ। ଏହାକୁ ଦେଖିବା ପାଇଁ ଇନ୍ଦୁପୁର ବଜାର ସମେତ ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇଥିଲା । ପରମ୍ପରା ଅନୁଯାୟୀ, ପୂଜା ମଣ୍ଡପଠାରୁ ମେଳଣ ପଡିଆ ମଧ୍ୟରେ ଥିବା ଅଞ୍ଚଳରେ ଭକ୍ତମାନେ ୭ ଥର ପ୍ରଦକ୍ଷିଣ କରିଥିଲେ । ଅପରାହ୍ନ ୧ଟାରେ ମେଳଣ ପଡିଆକୁ ପ୍ରବେଶ କରି ଉପବେଶନ କରିଥିଲେ । ଚଳିତ ବର୍ଷ ପ୍ରଶାସନ ଓ ଶାନ୍ତି କମିଟି ଦ୍ୱାରା ନିର୍ଦ୍ଧାରିତ ୧୫ଟି ମେଢ ପରମ୍ପରା ଅନୁସାରେ କ୍ରମାନ୍ୱୟରେ ମେଳଣ ପଡିଆକୁ ପ୍ରବେଶ କରଥିଲେ । ମେଳଣୋତ୍ସବର ଆଇନ ଶୃଙ୍ଖଳା ପାଇଁ ଜିଲା ପ୍ରଶାସନ ଓ ନିକିରାଇ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ଶାନ୍ତି କମିଟି ସଦସ୍ୟଗଣ ସଜାଗ ଥିବା କମିଟି ସଭାପତି ଡ. ବିରଞ୍ଚି ନାରାୟଣ ଜଗଦେବ କହିଛନ୍ତି । ମେଳଣର ଥାନପତି ହବେଳିସାହି ମା'ଙ୍କ ମୂର୍ତ୍ତିକୁ ବିରୂପା ନଦୀକୂଳରେ ଥିବା ମା'ଚଣ୍ଡିଙ୍କ ପୀଠସ୍ଥିତ ମେଳଣ ପଡିଆରେ ଅପରାହ୍ନରେ ଉପବେସନ କରିବାପରେ ଇନ୍ଦୁପୁର ଓ ଧୁମାତ ଅଞ୍ଚଳରୁ ଆସିଥିବା ମେଢ଼ ପାରମ୍ପାରିକ ବାଦ୍ୟ ଶୋଭାଯାତ୍ରାରେ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ । କାର୍ଯ୍ୟକ୍ରମରେ ଶାନ୍ତି କମିଟି ପକ୍ଷରୁ ସମ୍ପାଦକ ପ୍ରଭାତ ରଞ୍ଜନ ସୁତାର, କର୍ମକର୍ତ୍ତା ଶରତ କୁମାର ମଲ୍ଲିକ, ଧୁମାତ ସରପଞ୍ଚ ନରହରି ପାଣି, ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକ, ସମିତିସଭ୍ୟ ସନ୍ତୋଷ ବେହେରା, କେଦାର ନାଥ ବିହାରି ଓ ସାମାଜିକ କର୍ମୀ ଆଲୋକ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଏସଡିପିଓ ଉମାଶଙ୍କର ମହାରଣା, ଥାନା ଅଧିକାରୀ ଗୁଣନିଧି ନାୟକ, ଏସଆଇ ଉମାକାନ୍ତ ପଶାୟତ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିବା ବେଳେ ସେଠାରେ ଦୁଇପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

**କେନ୍ଦ୍ରାପଡା ଅଫିସ, –** କେନ୍ଦ୍ରାପଡା ବ୍ଲକ ଚଉଦକୁଲାଟ ଅଞ୍ଚଳର ଚନ୍ଦନପୁର ଗ୍ରାମ ମା' ଦୁର୍ଗାଙ୍କ ପୂଜାସୋବ ଲାଗି ଗତ ୩ ଦିନ ହେବ ଚଳଚଞ୍ଚଳ ଥିଲା । ଶନିବାର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମା'ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମା'ଙ୍କ ବିଲ୍ୱବରଣ, ମହାସପ୍ତମୀ, ମହାଷ୍ଟମୀ, ବିଜୟ ଦଶମୀ ଆଦି ପାରମ୍ପାରିକ ରିତୀନୀତି ଅନୁସାରେ ହୋଇଥିଲା। ପୁରୋହିତ ମନୋଜ ନନ୍ଦ ଏହାକୁ ସମାପନ କରିଥିଲେ । ପୂଜାସୋବ ସମୟରେ ସନ୍ଧ୍ୟାରେ ପାଲା ପରିବେଷଣ କରଯାଉଥିଲା । ଏହି ଦୁର୍ଗାପୂଜା ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ଏଠାରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ସଭାପତି ତପନ କୁମାର ଦାସ ଏହାର ନେତୃତ୍ୱ ନେଉଥିବା ବେଳେ ପୂଜା କମିଟି ସଦସ୍ୟ ଗୋପବନ୍ଧୁ ସାହୁ, ରାଜକିଶୋର ସେଠୀ ଓ ଦୋଳଗୋବିନ୍ଦ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

**ମହାକାଳପଡା, (ଡି.ଏନ.ଏ.)–** ମା'ଦୁର୍ଗାଙ୍କୁ ଶନିବାର ମେଲାଣି ଦିଆଯାଇଛି। ବ୍ଲକର ରାମନଗର ସ୍ଥିତ ବଜାର ବଣିକ ସଂଘ ପକ୍ଷରୁ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଏକ ବିରାଟ ଶୋଭାଯାତ୍ରାରେ ରାମନଗରଠାରୁ ୫ କିଲୋମିଟର ଦୂରରେ ଥିବା ସ୍ଥାନୀୟ ବାହାକୁଦସ୍ଥିତ ମହାନଦୀରେ ବିସର୍ଜନ କରାଯାଇଛି। ସେହିପରି ବତୀଘର, ଜମ୍ବୁ, ବାରଡାଙ୍ଗ ସମେତ ଅନେକ ପୂଜା ମଣ୍ଡପରେ ମା'ଙ୍କୁ ମେଲାଣି ଦିଆଯାଇଛି।

### ଖରସ୍ରୋତା ନଦୀରୁ ଖସିଲା ଅତଡ଼ା

# ୩୦ରୁ ଊର୍ଦ୍ଧ୍ୱ ପରିବାର ଭୟଭୀତ



ଖରସ୍ରୋତା ନଦୀରୁ ଅତଡା ଖସିଯାଇଛି।

**ଆଳି,୨୦।୧୦(ଡି.ଏନ.ଏ.)**

ଆଳି ବ୍ଲକ ଧୋୟାଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀରୁ ଅତଡା ଖସିବାରୁ ନଦୀକୂଳରେ ବସବାସ କରୁଥିବା ୩୦ରୁ ଊର୍ଦ୍ଧ୍ୱ ପରିବାର ଆତଙ୍କିତ ହୋଇପଡିଛନ୍ତି । ଘଟଣାରୁ ପ୍ରକାଶ ଯେ, ଆଳି ବ୍ଲକ ଅନ୍ତର୍ଗତ ଡିମିରିପାଳ ପଞ୍ଚାୟତ ଦେଇ ପ୍ରବାହିତ ଖରସ୍ରୋତା ନଦୀରୁ ଶୁକ୍ରବାର ପୂର୍ବାହ୍ନରେ ଅତଡା ଖସିଯାଇଛି। ପ୍ରାୟ ୨୦ ଫୁଟରୁ ଊର୍ଦ୍ଧ୍ୱ ଅତଡା ଖସିବାରୁ ନଦୀକୂଳରେ ବସବାସ କରୁଥିବା ମଧୁବନ ଗ୍ରାମର ଊର୍ମୀଳା ଦାସ,କୁନି ସାହୁ,ଜୟୀରାମ ରାଉତ,ଶ୍ରିନବାସ ରାଉତଙ୍କ ସମେତ ଅନ୍ୟମାନେ ଭୟଭୀତ ହୋଇପଡିଛନ୍ତି। ଏହି ସ୍ଥାନରେ ବାରମ୍ବାର ଅତଡା ଖସୁଥିବା ନେଇ ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲେ ମଧ କୌଣସ ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏହା ପୂର୍ବରୁ ଗତ ଅଗଷ୍ଟରେ ଅତଡା ଖସିଥିଲା । ସେତେବେଳେ ବିଭାଗ ପକ୍ଷରୁ ବାଲିବସ୍ତା,ବାଉଁଶ ଖୁଣ୍ଟି ଓ ବତା ଦେଇ ମରାମତି କରାଯାଇଥିଲା । ମାତ୍ର ୨ମାସ ମଧ୍ୟରେ ପୁନର୍ବାର ଉକ୍ତ ସ୍ଥାନରୁ ଅତଡା ଖସିଛି । ତୁରନ୍ତ ବିଭାଗ ପକ୍ଷରୁ ଏହାକୁ ମରାମତି କରିବା ନିମନ୍ତେ ଡିମିରିପାଳ ସରପଞ୍ଚ କଳ୍ପନା ସାମଲ,ଦୁଷ୍ମନ୍ତ ସାମଲ, ବିଶ୍ୱଜିତ ସାମଲ ଓ ହିମାଦ୍ରି ଶେଖର ପତି ପ୍ରମୁଖ ଦାବି କରିଛନ୍ତି ।

# ମହିଳାଙ୍କୁ ବିକ୍ରି ଉଦ୍ୟମ ଅଭିଯୋଗ

**କେନ୍ଦ୍ରାପଡା ଅଫିସ/ ମାର୍ଶାଘାଇ (ଡି.ଏନ.ଏ.), ୨୦।୧୦**

କେନ୍ଦ୍ରାପଡା ସଦର ଥାନା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନେମ୍ବରା ଗ୍ରାମରୁ ଜଣେ ୨୨ ବର୍ଷିୟ ମହିଳାଙ୍କୁ ପୋଲିସ ଶନିବାର ଉଦ୍ଧାର କରିଛି । ତାଙ୍କ ଘର କଳାହାଣ୍ଡି ଜିଲାରେ ବୋଲି ଜଣାପଡିଛି। ତାଙ୍କୁ ୫୦ ହଜାର ଟଙ୍କାରେ ବିକ୍ରି କରିବାକୁ ଉଦ୍ୟମ କରାଯାଉଥିଲା ବୋଲି ସମ୍ପୃକ୍ତ ମହିଳା ଜଣକ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ଏହି ଘଟଣାକୁ ଅସ୍ୱିକାର କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପରିବାରରେ କୌଣସି କାରଣରୁ ମନାନ୍ତର ହେବାରୁ ସେ ଭୁବନେଶ୍ୱର ଚାଲିଆସିଥିଲେ। ସେ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରେ ବୁଲୁଥିବା ବେଳେ ମହାକାଳପଡା ବ୍ଲକର ଜଣେ ଯୁବକଙ୍କ ସହ ତାଙ୍କର ଦେଖା ହୋଇଥିଲା। ସମ୍ପୃକ୍ତ ଯୁବକ ଜଣକ ତାଙ୍କୁ କେନ୍ଦ୍ରାପଡା ଆଣି ନେମ୍ବରା ଗ୍ରାମରେ ରଖିଥିଲେ। ମଧ୍ୟାହ୍ନ ସମୟରେ ଉକ୍ତ ଯୁବକ ୫୦ ହଜାର ଟଙ୍କାରେ ତାଙ୍କୁ ବିକ୍ରି କରିଦେବାକୁ ଅନ୍ୟ ଜଣକ ସହ ଆଲୋଚନା କରୁଥିବା ବେଳେ ସମ୍ପୃକ୍ତ ମହିଳା ଶୁଣିଦେଇଥିଲେ। କୌଶଳ କ୍ରମେ ସେ ସେଠାରୁ ଚାଲିଆସି ଉକ୍ତ ଅଞ୍ଚଳର ଉମେଶ କୁମାର ପରିଡାଙ୍କ ଘରେ ଆଶ୍ରୟ ନେଇଥିଲେ । ଉମେଶ ଏନେଇ ସଦର ଥାନାରେ ଖବର ଦେବା ପରେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି, ଏନେଇ ଥାନାରେ ମହିଳା ଜଣକ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ସମ୍ପୃକ୍ତ ମହିଳାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ।

# ସାଇବାବାଙ୍କ ତିରୋଧାନ ଦିବସ

**କେନ୍ଦ୍ରାପଡା ଅଫିସ, ୨୦।୧୦–** ବିଜୟା ଦଶମୀ ତିଥି ଅବସରରେ ସାଇବାବାଙ୍କ ତିରୋଧାନ ଦିବସ ଶୁକ୍ରବାର ସହରର କଜଳାସ୍ଥିତ ଗୋଲଡେନ ଭିଲାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରେ କାକଡ ଆଳତୀ,୧୦୮ କଳସ ଯାତ୍ରା, ମନ୍ତ୍ରାଭିଷେକ, ମହାସ୍ନାନ, ରୁଦ୍ରାଭିଷେକ, ନବକୁଣ୍ଡୀୟ ମହାଯଜ୍ଞ ଓ ମଧ୍ୟାହ୍ନ ଆଳତୀ ଆଦି ଅନୁଷ୍ଠିତ ହୋଇଥିଲା । ସେହିପରି ସାଇ ଭଗବତ ଗୀତା ଲୋକାର୍ପଣ, ଭିକ୍ଷାଝୋଲି, ସାଇ ଭଜନ, ଆଳତୀ, ପାଲିଙ୍କି ସେବା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସାଇ ଆଶ୍ରିତ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

# ବିଜୁ ପଟ୍ଟନାୟକ ଷ୍ଟାଡିୟମ କାର୍ଯ୍ୟକ୍ଷମ କରିବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୨୦।୧୦**

ସହରର ସାରଙ୍ଗସ୍ଥିତ ବିଜୁପଟ୍ଟନାୟକ ଷ୍ଟାଡିୟମ ନିର୍ମାଣ ହେବାର ଗତ ୧୦ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନଥିବା ଅଭିଯୋଗ ହୋଇଛି। ଷ୍ଟାଡିୟମ ନିର୍ମାଣରେ କୋଟିଏ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଅଦ୍ୟାବଧି ଏଠାରେ ଜିଲା ଅଥବା ବ୍ଲକସ୍ତରୀୟ ଖେଳ ହୋଇନାହିଁ ବୋଲି କନ୍ଦ୍ରାପଡା ବ୍ଲକ ଅନୁପଡାସ୍ଥିତ ଗ୍ରାମୀଣ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ପରିଷଦ ପକ୍ଷରୁ ଇତିମଧ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଷ୍ଟାଡିୟମ ଏବେ ଅପରାଧିଙ୍କ ବାସସ୍ଥଳୀ ପାଲଟିଯାଇଛି ବୋଲି ସେମାନେ କହିଛନ୍ତି। ଏସମ୍ପର୍କରେ ସଦସ୍ୟ ଆଶିଷ କୁମାର ଦାସ କହିଛନ୍ତିଯେ, ରାଜନେତା ଓ ପ୍ରଶାସକଙ୍କ ଦୂରଦୃଷ୍ଟି ଅଭାବରୁ ଏହି ଷ୍ଟାଡିୟମ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଜିଲାର ବହୁ କ୍ରୀଡାବିତ ରାଜ୍ୟ ତଥା ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରୁଛନ୍ତି । ତେବେ ଜିଲାରେ ଭିତ୍ତିଭୂମୀ ଥାଇ ମଧ୍ୟ କ୍ରୀଡାବିତଙ୍କୁ ଷ୍ଟାଡିୟମ ଯୋଗାଇ ଦିଆଯାଉନାହିଁ । ଏହି ଦାବିପତ୍ର ପ୍ରଦାନ ସମୟରେ ପରିଷଦର ମନୋଜ କୁମାର ତ୍ରିପାଠୀ, ନିର୍ମଳ ରଞ୍ଜନ ଭଦ୍ର ଓ ଅବିନାଶ ଦେଉରୀ ପ୍ରମୁଖ ସାମିଲ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

IWS TECH SOLUTIONS PVT LTD REQUIRED
40 candidates for its Domestic/ International BPO sector (Regional language preferred) for Bhubaneswar location, free fooding & good incentives.
**Walk in 20th & 21st Oct. 10 A.M. to 4 P.M.** at: 71/C, Jayadurga Nagar, Bomikhal, BBSR-6 (Near Lenskart Showroom)
Mob: 9692645566

WANTED
2 Room Service Boys for Guest House and 1 Maid for House. Labella Guest House, Bhubaneswar.
9437016540

ଏଚ୍‌ଡିପି ପାଇଁ ଆବଶ୍ୟକ
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

ନିଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OASIS MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

MCL Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

REQUIRES SECRETARY-CUM-ADMN. NODAL OFFICER FOR CLAIMS COMMISSION, BHUBANESWAR

Applications with complete bio-data are invited from **intending retired IAS Officers** in the rank of Selection Grade / Super Time Scale having field experience as Collector, ADM in the district conversant with land acquisition, consolidation, tenancy and other related revenue laws for their selection to be engaged as Secretary-cum-Admn. Nodal Officer in the Claims Commission set up by the Hon'ble Supreme Court of India vide order dated 19.07.2010 passed in SLP(C) No. 6933 of 2007 for supervision of matters relating to disbursement of compensation to the land losers and other affected persons of Basundhara Area, Sundargarh and to look after the administrative matter of the Office of the Claims Commission at a **monthly consolidated remuneration of Rs.60,000/- besides conveyance allowance of Rs.12,000/-** within 15 days from the date of advertisement. The engagement will co-terminate with the Commission. Further, the engagement is purely temporary and terminable at any time giving one month prior notice. Interested persons may send their applications to the General Manager (P-Coordination) in the following address within 15 days of publication of this advertisement.

Address
General Manager (P-Coordination)
Mahanadi Coalfields Ltd.
P.O : Jagriti Vihar, Burla
Dist : Sambalpur, Odisha-768 020

R-4852

WANTED
ଧରିତ୍ରୀ DHARITRI Oriya daily
is looking for

CIRCULATION EXECUTIVES
- Graduates, having good communication skills. Experience in Sales / recovery in media will be given preference.
- Good working knowledge of Computers (Excel & Word) will be required.

SALES PROMOTERS
- Required Intermediate / Graduate Male Candidates having 1-2 yrs experience in sales. Fresher candidates may also apply.
- Candidates must possess own 2-Wheeler / mobile phone.

Apply immediately to :
recruitment@dharitri.com
Attractive salary commensurate with experience

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଛେଳି ଚୋରି ଅଭିଯୋଗରେ ଯୁବକଙ୍କୁ ନିସ୍ତୁକ ମାଡ଼

ନାଉଗାଁ,୨୦।୧୦(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅଧୀନ ଅଲଣା ପଞ୍ଚାୟତରେ ଜଣେ ଯୁବକଙ୍କୁ ଛେଳି ଚୋରି ଅଭିଯୋଗରେ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଛନ୍ତି। ବାଲିକୁଦା-ଅଲଣାହାଟକୁ ସଂଯୋଗ କରୁଥିବା ରାସ୍ତାର ଅଲଣା ହାଟ ନିକଟରେ ୪ଯୁବକ ଏକ ବାଇକ୍‌ରେ ଆସି ରାସ୍ତା କଡ଼ରେ ବନ୍ଧା ହୋଇଥିବା ଏକ ଛେଳିକୁ ଚୋରାଇ ନେଉଥିଲେ। ଏହାକୁ ସ୍ଥାନୀୟ ଲୋକେ ଦେଖି ଦେଇଥିଲେ। ଏହାପରେ ସେମାନେ ଲୋକଙ୍କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେଥିରୁ ୩ଜଣ ଖସି ପଳାଇଥିବାବେଳେ ଜଣେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ। ଅଲଣା ଗ୍ରାମର ୨ନଂ ୱାର୍ଡ ବାସିନ୍ଦା ଯୁବକଙ୍କୁ ତାଙ୍କ ଠିକଣା ପଚାରିବାକୁ ସେ ଭୁଲ୍ ଠିକଣା ଦେଇଥିଲେ। ଏପରି କି ତାଙ୍କ ପରିଚୟ ଜାଣିବା ପାଇଁ ତାଙ୍କୁ ନିକଟସ୍ଥ ଅଧାରାକେନ୍ଦ୍ରଙ୍କୁ ଅଣାଯାଇଥିଲା। ହେଲେ ପରିଚୟ ମିଳି ପାରିନାହିଁ। ତେବେ ବାରମ୍ବାର ଅଞ୍ଚଳରୁ ଛେଳି ଚୋରି ହେଉଥିବାରୁ ଏମାନେ ଛେଳି ଚୋରି କରୁଥିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଗ୍ରାମବାସୀ ମାଡ଼ ମାରିବା ସହ ଅଟକ ରଖିଛନ୍ତି। ଥାନାରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ମାମଲା ରଫାଦଫା କରାଯାଉଥିବାରୁ ଗ୍ରାମବାସୀ ଯୁବକଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ଖୋଳତାଡ଼ ଆରମ୍ଭ କରିଥିବା କହିଛନ୍ତି।

# ପାରାଦୀପରେ ଦାମଙ୍କ ରାବଣପୋଡ଼ି



ସଭା ମଞ୍ଚରେ ବିଧାୟକ ଦାମୋଦର ରାଉତ ଓ ଅନ୍ୟ ଅତିଥିମାନେ।


ପାରାଦୀପରେ ରାବଣ ପୋଡ଼ି ଉତ୍ସବ।

ପାରାଦୀପ,୨୦।୧୦(ସ୍ୱ.ପ୍ର.)

■ଦୂରେଇଗଲେ ବିଜେଡି କର୍ମୀ
■ଭାଷଣରେ ତୃତୀୟ ମହଲାକୁ ଟାର୍ଗେଟ

ବହୁବାଦବିବାଦ ମଧ୍ୟରେ ଶୁକ୍ରବାର ରାତିରେ ପାରାଦୀପର ବିଜୁ ମଇଦାନରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। ସାଗର କ୍ଲବ ନୂଆବଜାର ପକ୍ଷରୁ ଆୟୋଜିତ ଏହି ରାବଣ ପୋଡ଼ି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଥିଲେ ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ସହଯୋଗୀ ଯଜ୍ଞେଶ୍ୱର ବାବୁ ଏହି ଉତ୍ସବରେ ଉପସ୍ଥିତ ଥିଲେ। ପ୍ରାକ୍ତନ ପୌରାଧ୍ୟକ୍ଷ କିଶୋର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦାମ ୪୫ ମିନିଟ୍ ଧରି ବକ୍ତବ୍ୟ ପ୍ରଦାନ କରି ବିଭିନ୍ନ ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିଥିଲେ। ରାବଣ ପୋଡ଼ି ପ୍ରସଙ୍ଗଠାରୁ ଦୂରେଇ ଯାଇ କିପରି ବିଜେଡି ପ୍ରତିଷ୍ଠା ହୋଇଥିଲା, ଦଳ ପ୍ରତିଷ୍ଠା ପରେ ସେ କିପରି ସାମିଲ ହୋଇଥିଲେ, ଦଳରୁ କିପରି ବିଭିନ୍ନ ନେତାଙ୍କୁ ବହିଷ୍କାର କରାଯାଇଛି, ଏବେ ରାଜ୍ୟରେ କିପରି କୃଷି ଦୁର୍ନୀତିଠାରୁ ଆରମ୍ଭ କରି ଯାବତୀୟ ଦୁର୍ନୀତି ହୋଇଛି ସେସବୁ ଉପରେ ଦାମ ବକ୍ତବ୍ୟ ପ୍ରଦାନ କରିଥିଲେ। ସବୁଥିରେ ସେ ତୃତୀୟ ମହଲାକୁ ଦୋଷାରୋପ କରିଥିଲେ। ଏରସମାରେ ରାବଣପୋଡ଼ି ଉତ୍ସବରେ ତାଙ୍କୁ ସାମିଲ କରା ନ ଯିବା ଦଳ ଓ ନେତାଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ଚେତାବନୀ ଦେଇଥିଲେ। ଯେଉଁମାନେ ଭଷ୍ମାସୁର ହୋଇ ଏବେ ଦୁର୍ନୀତିରେ ଲିପ୍ତ ସେହି ମଣିଷ ରୂପୀ ରାବଣକୁ ହତ୍ୟା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଉକ୍ତ ରାବଣପୋଡ଼ି ଉତ୍ସବରେ ଦାମଙ୍କ ଏକାନ୍ତ ଅନୁଗତ ତଥା ବିଜେଡିର କାଉନସିଲର, ପୌରାଧ୍ୟକ୍ଷଙ୍କଠାରୁ ଆରମ୍ଭ କରି କର୍ମୀମାନେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ରାବଣପୋଡ଼ି ସ୍ଥଳକୁ ଯିବା ପୂର୍ବରୁ ଦାମ ଷଣ୍ଢକୁଦ ବସ୍ତିରେ ହେଉଥିବା ଦୁର୍ଗାପୂଜା ପାଖକୁ ଯାଇଥିଲେ। ସେଠାରେ ମଧ କର୍ମୀମାନେ ତାଙ୍କଠାରୁ ଦୂରେଇ ରହିଥିଲେ। ଉକ୍ତ ପୂଜାର ଆୟୋଜକ ସାଗର କ୍ଲବର ମୁଖିଆ ଦାମଙ୍କ ପାରିବାରିକ ଲୋକ ହୋଇଥିବାରୁ ସେ ଏହି ଉତ୍ସବକୁ ଆସିବାରେ ସଫଳ ହୋଇଥିଲେ। ତାଙ୍କୁ ସେଠାରେ ଅତିଥି ନ କରିବା ପାଇଁ ସପ୍ତାହ ହେଲା କସରତ ଚାଲିଥିଲା। ଶେଷରେ କେତେକ ମୁଖିଆଙ୍କ ମତ ଥିଲା ଶେଷଥର ପାଇଁ ସୁଯୋଗ ଦିଆଯାଉ। ଉତ୍ସବ ପୂର୍ବରୁ ପ୍ରଚାର ହେଉଥିଲା ସଭାକୁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଆସିବେ। ଏପରି କି ପଣ୍ଡାଙ୍କ ହୋର୍ଡିଂ ବିଭିନ୍ନ ସ୍ଥାନରେ ମରାଯାଇଥିଲା। କିନ୍ତୁ ସେ ଆସି ନ ଥିଲେ। ସଭାରେ ଦାମ ଭାଷଣ ଦେଉଥିବାବେଳେ ମଞ୍ଚରେ ବସିଥିବା ଲୋକେ ତାଳି ମାରୁଥିଲେ। ସେହି ସମୟରେ ମଞ୍ଚ ତଳେ ବସିଥିବା ଲୋକେ ଦାମଙ୍କୁ ଗାଳି କରୁଥିଲେ। ସଭା ପରେ ରାତି ୧୨ଟା ପର୍ଯ୍ୟନ୍ତ ସର୍କିଟ୍ ହାଉସ୍‌ରେ ବସି କେତେଜଣ ଅନୁଗତଙ୍କୁ ଭେଟିବା ପାଇଁ ଦାମ ଲଗାତର ଫୋନ କରିଥିଲେ। ମାତ୍ର ଶେଷ ପର୍ଯ୍ୟନ୍ତ ହାତଗଣତି ୨ରୁ ୩ ଜଣ ତାଙ୍କ ପାଖକୁ ଯାଇଥିଲେ।

# ବିରିଡ଼ି, ବାଲିଆରେ ଭସାଣି ଉତ୍ସବ

ବିରିଡ଼ି/ବାଲିଆ,୨୦।୧୦(ଡି.ଏନ.ଏ)

ବିରିଡ଼ି ଅଞ୍ଚଳରେ ପବିତ୍ର ଦଶହରା ପର୍ବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପାଗ ଅନୁକୂଳ ହେତୁ ବହୁ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଏହି ପୂଜାକୁ ଧୂମଧାମରେ ପାଳନ କରିଥିଲେ। ଏହି ଅଞ୍ଚଳରେ ହୋଇଥିବା ମା' ଦୁର୍ଗାଙ୍କ ୧୧ ମଣ୍ଡପ ଓ ଅନ୍ୟାନ୍ୟ ଦେବଦେବୀଙ୍କ ୭୦ଟି ପୂଜା ମଣ୍ଡପ ଜନସାଧାରଣ ବୁଲି ଦେଖିଥିଲେ। ଚଳିତବର୍ଷ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା କୁଳକଇଜଙ୍ଗାସ୍ଥିତ ଜଗତ୍‌ଗୁରୁ ରାମାନନ୍ଦାଚାର୍ଯ୍ୟଙ୍କ ପୀଠର ବିଂଶଭୁଜା ଦୁର୍ଗା ମୂର୍ତ୍ତି। ଏଥିସହିତ ଅଲାଣ୍ଡୋ, ବାଲିଆ, ହାଜିପୁର ଓ ବିରିଡ଼ି ହାଟ ଦୁର୍ଗା ପୂଜା ମଣ୍ଡପ, ବାଲିଆରେ ସୋଲ ନିର୍ମିତ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ମଧ ବେଶ୍ ଆକର୍ଷଣୀୟ ହୋଇଥିଲା। ଶନିବାର ଭସାଣି ଉତ୍ସବରେ ବାଲିଆ ଗୋପୀନାଥପୁର ଶାନ୍ତି କମିଟି ଆନୁକୂଲ୍ୟରେ ୧୮ ଟି ମେଢ ମାଛଗାଁ କେନାଲରେ ବିସର୍ଜନ ହୋଇଥିଲାବେଳେ ବିରିଡି ହାଟ ଓ କୁଳକଇଜଙ୍ଗା ବିଂଶଭୂଜା ଦୁର୍ଗା ବିସର୍ଜନ କରାଯାଇଥିଲା।


ବିରିଡ଼ିରେ ଭସାଣି ଶୋଭାଯାତ୍ରାରେ ଯାଉଥିବା ମେଢ଼।

# ଷ୍ଟେଶନରୁ ନାବାଳିକାଙ୍କୁ ଅପହରଣ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

■ଟ୍ରେନ ଡ୍ରାଇଭର ପରିଚୟ ଦେଇ ନେଇଯାଇଥିଲେ ଯୁବକ
■ଖୋର୍ଦ୍ଧାରୁ ଉଦ୍ଧାର ହେଲେ

ଭୁବନେଶ୍ୱର ରେଳ ଷ୍ଟେଶନରୁ ଅପହରଣ କରିନିଆଯାଇଥିବା ଜଣେ ୧୦ ବର୍ଷୀୟା ନାବାଳିକାଙ୍କୁ ଶନିବାର ଖୋର୍ଦ୍ଧାରୁ ଉଦ୍ଧାର କରାଯାଇଛି। ନାବାଳିକାଙ୍କ ଘର ପାରାଦୀପର ଷଣ୍ଢକୁଦରେ। ସେ ତାଙ୍କ ଆଈଙ୍କ ସହ ପାରାଦୀପରୁ ଟ୍ରେନ ଯୋଗେ ଭୁବନେଶ୍ୱର ଆସିବା ପରେ ମଧ୍ୟପ୍ରଦେଶରେ ରହୁଥିବା ପିଉସୀ ଘରକୁ ଯାଇଥାନ୍ତେ। କିନ୍ତୁ ପାରାଦୀପ ଷ୍ଟେଶନରୁ ଉକ୍ତ ଟ୍ରେନରେ ସେମାନଙ୍କ ସହ ଆସିଥିବା ଜଣେ ଯୁବକ ଗୁରୁବାର ରାତିରେ ଭୁବନେଶ୍ୱର ଷ୍ଟେଶନରୁ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ନାତୁଣୀକୁ ଖୋଜାଖୋଜି କରି ନ ପାଇବାରୁ ଆଈ ଶନିବାର ଏ ନେଇ ଜିଆରପି ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ କହିବା ଅନୁଯାୟୀ, ଜଣେ ଯୁବକ ଟ୍ରେନ ଡ୍ରାଇଭର ପରିଚୟ ଦେଇ ତାଙ୍କୁ କୁର୍‌କୁରେ ଖାଇବାକୁ ଡାକି ନେଇଥିଲେ। ପରେ ତାଙ୍କୁ ଅଟୋରେ ବସାଇ ଖୋର୍ଦ୍ଧା ନେଇ ସେଠାରେ ଥିବା ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଯୁବକ ଜଣକ ଶୌଚ ହେବାକୁ ଯାଉଥିବା କହି ତାଙ୍କୁ ଛାଡ଼ି ପଳାଇଥିଲେ। ସେ ଭୟଭୀତ ଅବସ୍ଥାରେ ସେଠାରେ ଦୀର୍ଘ ସମୟ ଛିଡା ହୋଇଥିଲେ ମଧ ଯୁବକ ଜଣକ ଆସି ନ ଥିଲେ। ପରେ ସେହି ବାଟଦେଇ କେତେଜଣ ଲୋକ ନଦୀପଠାକୁ ଆସିଥିଲେ। ସେ ସେମାନଙ୍କ ନିକଟକୁ ଯାଇ ଘଟଣା ବିଷୟରେ କହିବା ପରେ ସେମାନେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଟାଉନ ଥାନା ପୋଲିସ ଜିମା ଦେଇଥିଲେ। ଟାଉନ ଥାନା ପୋଲିସ ନାବାଳିକାଙ୍କୁ ଚାଇଲ୍ଡ କେୟାରକୁ ହସ୍ତାନ୍ତର କରିଥିଲା। ଜିଆରପି ଥାନା ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରାଯିବା ସହ ଷ୍ଟେଶନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ କରାଯାଉଛି।

# ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ସମୂହ ଦୀପଦାନ

ତିର୍ତ୍ତୋଲ,୨୦।୧୦(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ନେତକୁଣ୍ଡସ୍ଥିତ ଧବଳେଶ୍ୱର ମନ୍ଦିର ପରିସରରେ ଶନିବାର ସନ୍ଧ୍ୟାରେ ଅମୃତସର ରେଳ ଦୁର୍ଘଟଣାର ମୃତାହତଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ତରଫରୁ ସମୂହ ଦୀପଦାନ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ନେତା ରବିନାରାୟଣ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଦେବଦତ୍ତ ଦାଶ, ଉପସଭାପତି ଅଜିତ ଦାସ, ସାଧାରଣ ସମ୍ପାଦକ ଶୁଭମଜ୍ୟୋତି ସ୍ୱାଇଁ, ସତ୍ୟଜିତ ସ୍ୱାଇଁ, ବିଶ୍ୱଜିତ ଆଚାର୍ଯ୍ୟ, ରଜତ ସାହୁ, ଦୀପକ ଦାସ, ସୌମ୍ୟ ମହାନ୍ତି, ଶୁଭାଶିଷ ମହାପାତ୍ର, ସତ୍ୟପ୍ରିୟ ନାୟକ ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ନାବାଳିକା ବଳାତ୍କାର ଅଭିଯୋଗରେ ଯୁବକ ଅଟକ

ତିର୍ତ୍ତୋଲ,୨୦।୧୦(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ପୀଡିତାଙ୍କ ଆଇମାଙ୍କ ଅଭିଯୋଗକୁ ଭିତ୍ତି କରି ଏନେଇ କେସ୍ ନଂ. ୨୬୩/୧୮ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଶନିବାର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ କହିଛି।

ସମ୍ବଲପୁରୀ ବସ୍ତ୍ରାଳୟ
ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ବିଶେଷ ସରକାରୀ ରିହାତି
10%+20%
ଅବଧି ତା୦୪।୧୦।୨୦୧୮ ରୁ ତା୨୪।୧୦।୨୦୧୮ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍ ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିଙ୍କଠାରେ ଉପଲବ୍ଧ ଅଟେ।

## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା-୦୨.୧୦.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା୨୨.୧୦.୨୦୧୮, ୨୩.୧୦.୨୦୧୮, ୨୫.୧୦.୨୦୧୮, ୨୬.୧୦.୨୦୧୮ ଏବଂ ୨୭.୧୦.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡ଼ି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ରୁ ୬୦ | ୨୨.୧୦.୨୦୧୮ | ୧୨.୧୧.୨୦୧୮ | ପୂର୍ବାହ୍ନ ୧୧ଘଟିକା |
| ୬୧ରୁ ୧୨୦ | ୨୩.୧୦.୨୦୧୮ | ୧୩.୧୧.୨୦୧୮ | |
| ୧୨୧ରୁ ୧୮୦ | ୨୫.୧୦.୨୦୧୮ | ୧୪.୧୧.୨୦୧୮ | |
| ୧୮୧ରୁ ୨୪୦ | ୨୬.୧୦.୨୦୧୮ | ୧୫.୧୧.୨୦୧୮ | |
| ୨୪୧ରୁ ୩୦୦ | ୨୭.୧୦.୨୦୧୮ | ୧୬.୧୧.୨୦୧୮ | |
| ୩୦୧ରୁ ୩୨୩ | ୨୮.୧୦.୨୦୧୮ | ୧୭.୧୧.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ

ଧରିତ୍ରୀ DHARITRI
Quiz No.7
Puja Quiz- 2018
Main Sponsor TVS
Co-Sponsors CENTRAL Nikon
☑Tick mark the box which is correct
୧. କେଉଁ ସହରକୁ 'ସିଟି ଅଫ୍ ପ୍ୟାଲେସେସ୍'' କୁହାଯାଏ ?
କ. ମୁମ୍ବାଇ ☐ ଖ. କୋଲକାତା ☐ ଗ. ବାଙ୍ଗାଲୋର ☐ ଘ. କେଉଁଟି ନୁହେଁ ☐
୨. ହଜାରିବାଗ୍ ନ୍ୟାସନାଲ୍ ପାର୍କ କେଉଁଠାରେ ଅବସ୍ଥିତ ?
କ. କେରଳ ☐ ଖ. ଝାରଖଣ୍ଡ ☐ ଗ. ଆସାମ ☐ ଘ. କେଉଁଟି ନୁହେଁ ☐
୩. ଆଜମେର ଦୁର୍ଗ କିଏ ନିର୍ମାଣ କରିଥିଲେ ?
କ. ଆକବର ☐ ଖ. ଅଜୟ ପାଲ ଚୌହାନ ☐ ଗ. ବାବର ☐ ଘ. କେଉଁଟି ନୁହେଁ ☐
୪. ହିନ୍ଦୁ ପୁରାଣ ଅନୁସାରେ ଭଗବାନ ବିଷ୍ଣୁଙ୍କର ଦଶମ ଅବତାର କ'ଣ ଅଟେ ?
କ. କାଳସର୍ପ ☐ ଖ. ବାମନ ☐ ଗ. କଲ୍‌କୀ ☐ ଘ. କେଉଁଟି ନୁହେଁ ☐
୫. ଭାରତର ୨୯ତମ ରାଜ୍ୟ କିଏ ?
କ. ଛତିଶଗଡ଼ ☐ ଖ. ଝାରଖଣ୍ଡ ☐ ଗ. ତେଲେଙ୍ଗାନା ☐ ଘ. କେଉଁଟି ନୁହେଁ ☐
Participant's Name:
Address:
Education
Mobile: Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 7
B-15, Industrial Estate, Rasulgarh, Bhubaneswar-10



### ଉଜ୍ଜ୍ୱଳ ଆଲୋକସେବା ଉଦ୍‌ଘାଟିତ

ବାଲିକୁଦା,୨୦।୧୦(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ମୂଲୁଗାଁ ପଞ୍ଚାୟତର ଦଳେଇତୋଟା ବଜାରଠାରେ ଉଜ୍ଜ୍ୱଳ ଆଲୋକସେବା ଉଦ୍‌ଘାଟିତ ହୋଇଛି। ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଲିଲି ପରିଡା, ସମିତିସଭ୍ୟ ଦିଲୀପ ସ୍ୱାଇଁଙ୍କ ସମେତ ସମସ୍ତ ୱାର୍ଡସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ବିଜୁ ଯୁବବାହିନୀ ସଭାପତି ଦଧିବାବନ ମଲ୍ଲିକ, ରାକେଶ ମହାପାତ୍ର, ଲଳିତ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ମାନସ ଭୋଇ, ପ୍ରଭାତ ମହାରଣା, ଅଜୟ ଦାସ ଦୀପ୍ତିରଞ୍ଜନ ମହାନ୍ତି, ଦିଲୀପ ବାରିକ ପ୍ରମୁଖ ପରିଚାଳନା କରିଥିଲେ।




DSPL - 204

ହସିଲା ସୂର୍ଯ୍ୟ ଆୟୋଡିନ ଲୁଣ
ଚକମକ ବୁଦ୍ଧି, ଚମକେ ଗୁଣ
ଗର୍ଭବତୀ ମା' ପାଇଁ ଆୟୋଡିନ ଲୁଣ
ଗର୍ଭ ଅବସ୍ଥାରେ ପ୍ରତିଦିନ ଆୟୋଡିନ ଲୁଣ ଖାଇଲେ ଜନ୍ମ ହେବାକୁ ଥିବା ଶିଶୁର ମାନସିକ ଓ ଶାରୀରିକ ଅଭିବୃଦ୍ଧି ହୋଇଥାଏ।
ବଢୁଥିବା ଶିଶୁ ପାଇଁ ଆୟୋଡିନ ଲୁଣ
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଲୁଣ ବ୍ୟବହାର କଲେ ପିଲାଙ୍କର ଉପଯୁକ୍ତ ମାନସିକ ବିକାଶ ହୋଇଥାଏ। ସେମାନଙ୍କ ବୁଦ୍ଧି ସ୍ତର ବୃଦ୍ଧି ପାଇଥାଏ।
ସବୁବେଳେ ହସିଲା ସୂର୍ଯ୍ୟ ଚିହ୍ନ ଥିବା ଆୟୋଡିନ ଲୁଣ କିଣନ୍ତୁ ।
10003/13/0087/1819
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଯୁକ୍ତ ଲୁଣ ପିଲାଙ୍କ ମାନସିକ ଶକ୍ତି ଓ ବୁଦ୍ଧି ଲାଗି ସବୁଠୁ ଲାଭଦାୟକ ଉପାୟ।
unicef
facebook.com/HFWOdisha http://www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

## ସଂକ୍ଷେପରେ

### ଯୁବକଙ୍କ ଆକ୍ରମଣରେ ଜଣେ ଗୁରୁତର

ଡେରାବିଶ,୨୦।୧୦(ସ୍ୱ.ପ୍ର): ନିକିରେଇ ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ମଙ୍ଗଳପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଆକ୍ରମଣରେ ଛୋଟି ଗ୍ରାମର ଜୟନ୍ତ ପ୍ରଧାନ ଗୁରୁତର ଆହାତ ହୋଇଛନ୍ତି। ଜୟନ୍ତଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଥାନା ଅଧିକାରୀ ଗୁଣମଣି ନାୟକ ଜୟନ୍ତଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ଥାନା ସୂତ୍ରରୁ ପ୍ରକାଶ।

### ଛାତ୍ରୀଙ୍କ ବିୟୋଗରେ ସ୍ମୃତିସଭା

ଡେରାବିଶ, ୨୦। ୧୦(ସ୍ୱ.ପ୍ର): ଡେରାବିଶ ବ୍ଲକ କୁରୁଜଙ୍ଗାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ସ୍ୱାଗତିକା ଦାସଙ୍କ ଅକାଳ ବିୟୋଗରେ ଶନିବାର ପ୍ରଧାନ ଶିକ୍ଷକ ଅଲେଖ ପ୍ରସାଦ ରାଉତଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ର ,ପୁରାତନ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ମୃତିସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗଦେଇ ସ୍ୱାଗତିକାଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ ଯେ, ହାଇସ୍କୁଲ ଶିକ୍ଷା ସମାପ୍ତି ପରେ ସ୍ୱାଗତିକା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଜ୍ଞାନରେ ଡିଗ୍ରୀ ହାସଲ କରି କମ୍ପ୍ୟୁଟର ଶିକ୍ଷା ଲାଭ କରୁଥିଲେ। ମାତ୍ର ଗତ ୯ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା।

### ଦୁର୍ଗାପୂଜା ଓ ସମ୍ବର୍ଦ୍ଧନା ଉତ୍ସବ

ଡେରାବିଶ,୨୦।୧୦ (ସ୍ୱ.ପ୍ର.): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ସବଳଙ୍ଗ କଣିପଡାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ଜୟଭାରତୀ ସାଥୀ ସମାଜ ପରିସରରେ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୟା ଦଶମୀରେ ସାଥୀ ସମାଜ ଆନୁକୂଲ୍ୟରେ ବିଜୟା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସାଥୀ ସମାଜ ସମ୍ପାଦକ ନିରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ବୈଷ୍ଣବ ଚରଣ ସାମଲ, ଅବସରପ୍ରାପ୍ତ ପ୍ରଶାସକ ଅଲେଖ ଚନ୍ଦ୍ର ପଢ଼ିହାରୀ ମୁଖ୍ୟବକ୍ତା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନନ୍ଦକିଶୋର ପରିଡା, ଗବେଷକ ଡା. ବାସୁଦେବ ଦାସ, ରାଜ୍ୟ ଖଦୀ ବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସମାଜରେ କୁସଂସ୍କାର, ଅନ୍ୟାୟ ଓ ଅନୀତି ବିରୋଧରେ ସଂଗ୍ରାମ ପାଇଁ ଯୁବ ସମାଜ ସଂକଳ୍ପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଥୀସମାଜ ତରଫରୁ ଦୁର୍ଗାପୂଜା ଉପଲକ୍ଷେ ପ୍ରକାଶିତ ସ୍ମରଣିକା ମା' ଭରସା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାଥୀ ସମାଜ ତରଫରୁ ବୈଷ୍ଣବ ଚରଣ ସାମଲ ଓ ଅଲେଖ ପଢ଼ିହାରୀଙ୍କୁ 'ଭାରତୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ସମାଜର ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ୯ଜଣ ବ୍ୟକ୍ତି ବିଶେଷଙ୍କୁ ଉତ୍କଳ ପୁତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରେ କଣ୍ଠଶିଳ୍ପୀ ଶିଶର କୁମାର ବେଦାନ୍ତ ଓ ତପନ କୁମାର ପାଲ ଆବାହନୀ ସଙ୍ଗୀତ ଗାନ କରିଥିବା ବେଳେ ସାଥୀସମାଜ ଉପସଭାପତି ପ୍ରାଧ୍ୟାପକ ପ୍ରତାପ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସୁବୋଧ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମନୋରମା ରାଉତ, ରବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ମଲ୍ଲିକ, ଦାମୋଦର ବେଦାନ୍ତ, ଲକ୍ଷ୍ମଣ ମହାରଣା, ସୁରେନ୍ଦ୍ର କୁମାର ବାରିକ, ଚୈତନ୍ୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।








ପଞ୍ଚାମୁଣ୍ଡାଇ ବଜାରରେ ଶନିବାର ଅନୁଷ୍ଠିତ ଭସାଣି ଶୋଭାଯାତ୍ରାରେ ସାମିଲ ବିଭିନ୍ନ ପୂଜା ମଣ୍ଡପର ମେଢ଼।

# ପଞ୍ଚାମୁଣ୍ଡାଇରେ ମା'ଦୁର୍ଗାଙ୍କ ଭସାଣି ଯାତ୍ରା

ପଞ୍ଚାମୁଣ୍ଡାଇ,୨୦।୧୦(ସ୍ୱ.ପ୍ର.)

ଆନନ୍ଦ ଉଲ୍ଲାସରେ ପଞ୍ଚାମୁଣ୍ଡାଇରେ ମା ଦୁର୍ଗାଙ୍କ ଭସାଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାମୁଣ୍ଡାଇ ବଜାରରେ ଚଳିତବର୍ଷ ୩ ପୂଜାମଣ୍ଡପରେ ମା ଦୁର୍ଗା ପୂଜା ପାଇଥିବା ବେଳେ ଅନ୍ୟ ୨୨ ମଣ୍ଡପରେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରଯାଇଛି। ଶାନ୍ତିଶୃଙ୍ଖଳାର ସହ ଶନିବାର ସକାଳେ ଭସାଣୀ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ମା ଗୃହଲକ୍ଷ୍ମୀ, ସନ୍ତୋଷୀ, ଗାୟତ୍ରୀ, ଅନ୍ନପୂର୍ଣ୍ଣା ଓ ଲକ୍ଷ୍ମୀ ନୃସିଂହଙ୍କ ମୃଣ୍ମୟୀ ମୂର୍ତ୍ତି ବାଲିପଡା କାଠପାହୀସ୍ଥିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ସେହିପରି କଚେରି ଦୁର୍ଗା, ରାମ ଅଭିଷେକ, ନିତାଇଗୌର ଓ କୃଷ୍ଣ ବଳରାମଙ୍କ ମୃଣ୍ମୟୀ ମୂର୍ତ୍ତି ମଧ ବିସର୍ଜିତ ହୋଇଯାଇଛି। ପରେ ବଙ୍ଗଳାସାହି ଦୁର୍ଗା, ପୋଖରିଆପଡା ଦୁର୍ଗା, ମହାବୀର, ଲକ୍ଷ୍ମୀନାରାୟଣ, ଦଶଅବତାର, ମା' ଶାରଳା ହରଗୌରୀ, ହରିହର, ନୀଳକଣ୍ଠେଶ୍ୱର, ସୂର୍ଯ୍ୟ ଦେବତା, ଟାଉନ ହଲ ଲକ୍ଷ୍ମୀ ବରାହ ଓ ନୀଳମାଧବଙ୍କ ମେଢ଼ ଭସାଣୀ ଯାତ୍ରରେ ନଗର ପରିକ୍ରମା କରିଛନ୍ତି। ରାତି ୧୧ଟା ସୁଦ୍ଧା ମେଢ଼ଗୁଡିକୁ ବାଲିପଡାସ୍ଥିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ପଞ୍ଚାମୁଣ୍ଡାଇ ଏସଡିପିଓ ଉମାଶଙ୍କର ମହାରଣା, ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକଙ୍କ ଅନ୍ୟାନ୍ୟ ପୋଲିସ କର୍ମୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରୁଛନ୍ତି। ଭସାଣୀ ଯାତ୍ରା ପାଇଁ ୨ ସେକ୍ସନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ପୌରକାର୍ଯ୍ୟାଳୟ ନିକଟରେ ଥିବା ସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ମା'ବନ ଦୁର୍ଗାଙ୍କ ଭସାଣୀ ହୁଏ ନାହିଁ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୧।୧୦।୨୦୧୮ (ରବିବାର)**

- ଶହୀଦ ପୋଲିସ ସ୍ମୃତି ଦିବସ।
**ସ୍ଥାନ–** ଏସପି କାର୍ଯ୍ୟାଳୟ, ଜଜାଙ୍ଗ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୮ଟା
- ବ୍ଲକ ବିଜେଡିର ସାଇକେଲ ଶୋଭାଯାତ୍ରା।
**ସ୍ଥାନ–**ଛତା, ଚାତରା ଚକଡା, ଡେରାବିଶ, **ସମୟ–** ପୂର୍ବାହ୍ନ ୭ଟା।
- ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା,ଭଜନ ସମାରୋହ।
**ସ୍ଥାନ–** ସିଦ୍ଧ ମହାକାଳୀ ମନ୍ଦିର, ଦେମାଳ, ଆଳି, **ସମୟ–** ପୂର୍ବାହ୍ନ ୧୦ଟା ।
- ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା।
**ସ୍ଥାନ–** ବାଳକାଟି ଜିପି ହାଇସ୍କୁଲ, ଆଳି, **ସମୟ–** ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମହିଳା ଗୋଷ୍ଠୀର ପ୍ରସ୍ତୁତି ବୈଠକ।
**ସ୍ଥାନ–** ଶିଖର, ମହାକାଳପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ଗଜେଶ୍ୱର ବଣିକ ସଂଘର ପ୍ରସ୍ତୁତି ବୈଠକ।
**ସ୍ଥାନ–** ଓସ୍ତର ହାଟ, ମହାକାଳପଡା, **ସମୟ–** ସନ୍ଧ୍ୟା ୭ଟା।

**୨୨।୧୦।୨୦୧୮ (ସୋମବାର)**

- ମିଳିତ ଜନଶୁଣାଣି ଶିବିର।
**ସ୍ଥାନ–** ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ଘ.୧୦.୩୦ ମିନିଟ।
- ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ। **ସ୍ଥାନ–** ଶାରଦା ଏକାଡେମୀ ହାଇସ୍କୁଲ, ଛକନା, ପାଟକୁରା, ଗରଦପୁର, **ସମୟ–** ପୂର୍ବାହ୍ନ ୧୦ଟା।
- ମହିଳା ବିଜେଡି ସମାବେଶ।
**ସ୍ଥାନ–** ଟେଲିକମ ଗ୍ରାଉଣ୍ଡ, କଜଳା, କେନ୍ଦ୍ରାପଡା ସହର, **ସମୟ–** ପୂର୍ବାହ୍ନ ୧୦ଟା।

**୨୩।୧୦।୨୦୧୮ (ମଙ୍ଗଳବାର)**

- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳନ।
**ସ୍ଥାନ–** ଟାଉନ ହଲ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଶ୍ରୀବଳଦେବଜୀଉଙ୍କ ଅନନ୍ତ ବେଶ।
**ସ୍ଥାନ–** ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୫ଟା।

**୨୪।୧୦।୨୦୧୮ (ବୁଧବାର)**

- ଚେତନା ସମାଜ ପକ୍ଷରୁ କୁମାରୋତ୍ସବ।
**ସ୍ଥାନ–** ସଖୀବଟ, ମାର୍ଶାଘାଇ, **ସମୟ–** ସନ୍ଧ୍ୟା ୫ଟା।
- ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ।
**ସ୍ଥାନ–** କେନ୍ଦ୍ରାପଡା ଜିଲା, **ସମୟ–** ଅପରାହ୍ନ ୪ଟା।
- ପତଞ୍ଜଳି ଯୋଗ ଶିବିର।
**ସ୍ଥାନ–** ମାର୍ଶାଘାଇ ସରକାରୀ ହାଇସ୍କୁଲ ଷ୍ଟାଡିୟମ, **ସମୟ–** ସକାଳ ୬ଟା।
- ରାଜ୍ୟ ଖାଦ୍ୟ ସୁରକ୍ଷା ରାଶନ କାର୍ଡ ବଣ୍ଟନ।
**ସ୍ଥାନ–** ମହାକାଳପଡା ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୧ଟା।

**୨୬।୧୦।୨୦୧୮ (ଶୁକ୍ରବାର)**

- ପଞ୍ଚାୟତ ଉନ୍ନୟନ ପାଇଁ ଗ୍ରାମସଭା।
**ସ୍ଥାନ–**ଭାଗବତପୁର ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ରାଜନଗରରେ ନିଆରା ଭସାଣି ଉତ୍ସବ



ମା' ଦୁର୍ଗାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ହଂସୁଆ ନଦୀରେ ଥାନପତି ମେଢକୁ ବିସର୍ଜନ ପାଇଁ ନିଆଯାଉଛି।

ରାଜନଗର,୨୦।୧୦(ଡି.ଏନ.ଏ.)

ରାଜନଗର ବ୍ଲକରେ ଶାରଦୀୟ ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି। ପାଗ ଅନୁକୂଳ ଥିବାରୁ ବିଭିନ୍ନ ପୂଜା ମଣ୍ଡପରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଠାରେ ହେଉଥିବା ଭସାଣି ଉତ୍ସବ ସମଗ୍ର ଓଡିଶାରେ ସ୍ୱତନ୍ତ୍ର । ରାଜନଗର ଗାଁ ନିକଟରେ ପ୍ରବାହିତ ହଂସୁଆ ନଦୀରେ ମା' ଦୁର୍ଗାଙ୍କୁ ଚାପ ଡଙ୍ଗାରେ ନିଆଯାଇ ଶନିବାର ବିସର୍ଜନ କରାଯାଇଛି। ମା'ଙ୍କୁ ବିଦାୟ ଦେବା ସମୟରେ ନଦୀର ଉଭୟ ପାର୍ଶ୍ୱ ଓ ହଂସୁଆ ସେତୁ ଉପରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଭସାଣି ଉତ୍ସବକୁ ଉପଭୋଗ କରିଥିଲେ। ପାରମ୍ପାରିକ ବାଦ୍ୟ, ନୃତ୍ୟ ଓ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଧ୍ୱନି ପରିବେଶକୁ ଉତ୍ସବମୁଖର କରିଥିଲା। ରାଜନଗରର ଥାନପତି ମା' ଦୁର୍ଗାଙ୍କୁ ଦେବୀ ଘରୁ ଗୋପାଳମାନେ କାନ୍ଧରେ ବୋହି ବଜାର ପରିକ୍ରମା କରିଥିଲେ। ଏହାପରେ ହଂସୁଆ ନଦୀରେ ଥିବା ସୁସଜ୍ଜିତ ଡଙ୍ଗାରେ ମା' ବସି ନଦୀରେ ୭ ଘେରା ଚାପ ଖେଳିଥିଲେ। ମା' ଦୁର୍ଗାଙ୍କ ସହିତ ଗଳିଦାଣ୍ଡର ବନଦୁର୍ଗା, ସାନବଡଗୋପାଳପୁରର ମା' ଶାରଳା, ମାଛ ମାର୍କେଟ୍‌ର ମା' ଗଙ୍ଗାମାତାଙ୍କୁ ଶ୍ରଦ୍ଧାଳୁ ଓ ପୂଜା କମିଟିର ସଦସ୍ୟମାନେ କାନ୍ଧେଇ ନେଇ ସୁସଜ୍ଜିତ ଡଙ୍ଗାରେ ବସାଇଥିଲେ । ନଦୀରେ ଚାପ ଖେଳ ସରିବା ପରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମା'ଙ୍କ ଭସାଣି ଉତ୍ସବ ପାଇଁ ପୋଲିସ ବାହିନୀ ଓ ଅଗ୍ନିଶମ ବାହିନୀ ପକ୍ଷରୁ ନଦୀ ମଧ୍ୟରେ ପଇଁତରା ମରା ଯାଇଥିଲା। ଆଇଆଇସି ସୁକାନ୍ତ କୁମାର ପାତ୍ର ନଦୀ ମଧ୍ୟରେ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

ଚଳିତବର୍ଷ ରାଜନଗର ଅଞ୍ଚଳର ୩୮ଟି ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଥିଲା। ଦଶହରାରେ ରାଜନଗରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ତହସିଲଦାର ତଥା ମାଜିଷ୍ଟ୍ରେଟ୍ ନିହାର ରଞ୍ଜନ ମଲ୍ଲିକ ଓ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ। ଏହି ଉତ୍ସବରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି , ଆପିକଲ ଅଧ୍ୟକ୍ଷ କୃତ୍ତିବାସ ପାତ୍ର, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଭାଜପା ନେତା ଇଂ.ଜ୍ଞାନଦେବ ବେଉରା, ଅଜୟ କୁମାର ବେହେରା, ବିଜୟ ନାୟକ, ବିଜେଡି ନେତା ଅଶୋକ କୁମାର ପ୍ରତିହାରୀ, କଂଗ୍ରେସ ନେତା ଅରୁଣ କୁମାର ରାଉତ ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଥିଲେ।

# ଡେରାବିଶରେ ଦୁର୍ଗାପୂଜା ଓ ଭସାଣି ଉତ୍ସବ

ଡେରାବିଶ,୨୦। ୧୦(ସ୍ୱ.ପ୍ର)



ଛୋଟିରେ ମା' ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।

ଅସତ୍ୟ ଉପରେ ସତ୍ୟର ବିଜୟ ଏବଂ ଅଧର୍ମର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ଶରତକାଳୀନ ସାର୍ବଜନୀନ ଦୁର୍ଗାପୂଜା ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ଡେରାବିଶ ବ୍ଲକ ଅଞ୍ଚଳରେ ବିଜୟା ଦଶମୀ ଶୁକ୍ରବାର ପାରମ୍ପାରିକ ରୀତିନୀତି ମଧ୍ୟରେ ସମାପନ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ଭସାଣି ଉତ୍ସବ ଶନିବାର ହୋଇଯାଇଛି। ବ୍ଲକ ଅଧୀନ ଏଣ୍ଡର, ତିଲଙ୍ଗ, ଛରିଣା, କୁଅଁରପୁର, ବିଶୋକ, କୁଣିଆପାଳ, ବାବୁରାମ ପାଟଣା, ହଳଦିଆପାଟଣା, ଛୋଟି, ଘଣ୍ଟପଦା,ପଲେଇ ନାଲୁବାବା ମଠ, ସବଳଙ୍ଗ କଣିପଡା ସାଥୀ ସମାଜ ପରିସର, ଖରିଦାସାହି, ମୁକୁନ୍ଦପୁର ଓ ଭୋଳହାଟ ଠାରେ ସୋମବାର ଠାରୁ ଆରମ୍ଭ ହୋଇଥିବା ମା'ଙ୍କର ସାର୍ବଜନୀନ ପୂଜା ପାଇଁ ସଂପୃକ୍ତ ପୂଜା ମଣ୍ଡପ ଗୁଡିକ ଚଳଚଞ୍ଚଳ ହୋଇ ଉଠିଥିଲା। ଏଣ୍ଡର ପୂଜା ମଣ୍ଡପ ବହୁ ପ୍ରାଚୀନ ହୋଇଥିବା ବେଳେ ଏଠାରେ ବଙ୍ଗୀୟ ରୀତିନୀତି ମଧ୍ୟରେ ମା'ଙ୍କ ପୂଜା ହୋଇଥିଲା । ଗୁରୁବାର ଅଷ୍ଟମୀ ତିଥି ଅବସରରେ ମଣ୍ଡପରେ ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ପଣାହାଣ୍ଡି ଭୋଗ ପାଇଁ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ମୁକୁନ୍ଦପୁର ପଞ୍ଚାୟତ ପାଣିଓଳାସ୍ଥିତ ଠାକୁର ଅଭିରାମ ପରମହଂସ ଆଶ୍ରମ ପରିସରରେ ଥିବା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭାବେ ମହାଷ୍ଟମୀ ପୂଜା ପାଳନ କରାଯାଇଥିଲା। ମା'ଙ୍କ ପୂଜାର୍ଚ୍ଚନା ସହ ମାଛ ତରକାରୀ ନୈବେଦ୍ୟ କରାଯାଇଥିଲା। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ନିଜକୁ ହଜାଇ ଦେଇଥିଲେ । ପ୍ରତ୍ୟେକ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିସହ ଅସ୍ଥାୟୀ ଦୋକାନ ସହ ଅନୁକୂଳ ପାଗ ଯୋଗୁ ଚଳିତବର୍ଷ ଦୁର୍ଗାପୂଜାକୁ ଶ୍ରଦ୍ଧାଳୁମାନେ ଆନନ୍ଦର ସହ ଉପଭୋଗ କରିଛନ୍ତି। ଦୁର୍ଗାପୂଜା ଅବସରରେ ପାଟକୁରା ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ, ଖଦୀ ବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡା, ବରିଷ୍ଠ ବିଜେଡି ନେତା ରବି ସାମଲ ଓ ପ୍ରମୋଦ କୁମାର ସାହୁ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପଞ୍ଚାୟତ ସମିତି ଅଧକ୍ଷ ସରୋଜ କାନ୍ତ ସାହୁ, ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡାଙ୍କ ସମେତ ବିଭିନ୍ନ ଦଳର ରାଜନେତାମାନେ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

ଡେରାବିଶ, ୨୦। ୧୦(ସ୍ୱ.ପ୍ର.)

କଟକ–ଚାନ୍ଦାବାଲି ରାଜରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟରେ ଶନିବାର ଏକ ବୋଲେରୋ ଧକ୍କାରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ରତାଦିଆ ଖଣ୍ଡସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଇଶାଣଦିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁ (୬୫) ଚାନ୍ଦୋଳ ହାଟକୁ ଅପରାହ୍ନରେ ଆସୁଥିବା ବେଳେ ଏକ ବୋଲେରୋ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା ।

# ଶ୍ୱଶୁରଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

ରାଜନଗର,୨୦।୧୦(ଡି.ଏନ.ଏ.)

ରାଜନଗର ଥାନା ଅଞ୍ଚଳରେ ଶ୍ୱଶୁର ଘରକୁ ବୁଲି ଯାଇଥିବା ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ଶ୍ୱଶୁର ଘର ନିମନ୍ତ୍ରଣ ପାଇ ସେ ଦୁର୍ଗାପୂଜାରେ ସେଠାକୁ ଯାଇଥିଲେ। କିନ୍ତୁ କୌଣସି କାରଣରୁ ଶ୍ୱଶୁର ଘର ଲୋକେ ଜ୍ୱାଇଁଙ୍କୁ ହତ୍ୟା କରିଥିବା ଶୁକ୍ରବାର ରାଜନଗର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ମୃତ ଯୁବକଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଇଛି। ପ୍ରକାଶ ଯେ, ମହାକାଳପଡା ବ୍ଲକ ଅନ୍ତର୍ଗତ ରତନପୁର ଗାଁର ଶ୍ରୀଧର ସେଠୀ (୨୦) ଗତ ୧୭ ତାରିଖରେ ରାଜନଗର ଥାନା ଅଧୀନ ରାଜନଗର ଗାଁର ନିଜ ଶ୍ୱଶୁର ଘରକୁ ବୁଲିବାକୁ ଯାଇଥିଲେ। ମାତ୍ର ୧୮ ତାରିଖ ରାତିରେ ଶ୍ରୀଧରଙ୍କୁ ତାଙ୍କ ଶ୍ୱଶୁର ଘରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ଏ ନେଇ ଶ୍ରୀଧରଙ୍କ ମାଆ ଲୋଚନା ସେଠୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଶ୍ୱଶୁର ଘର ନିମନ୍ତ୍ରଣ ପାଇ ଦୁର୍ଗାପୂଜାରେ ସେଠାକୁ ବୁଲି ଯାଇଥିଲେ । କିନ୍ତୁ ସେଠାରେ ଶ୍ରୀଧରଙ୍କୁ ତାଙ୍କ ଶ୍ୱଶୁର ଅଭିମନ୍ୟୁ ସେଠୀ, ଶାଶୁ ଉର୍ବଶୀ ଏବଂ ତାଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟ ମିଳିମିଶି ହତ୍ୟା କରିଛନ୍ତି । ତାଙ୍କ ମୁଣ୍ଡ ଓ ବେକରେ ମାଡ ଚିହ୍ନ ରହିଛି ବୋଲି ଏତଲାରେ ଦର୍ଶାଯାଇଛି। ଏ ସଂପର୍କରେ ରାଜନଗର ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରେ ୧୭୮/୨୦୧୮ନଂରେ ୩୦୨ ଦଫାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା କହିଛନ୍ତି ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଭକ୍ତି ଗୀତିମାଳା ଲୋକାର୍ପିତ

ତିର୍ତ୍ତୋଲ,୨୦।୧୦(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅନ୍ତର୍ଗତ ଚନ୍ଦାପାଟ ହାଟଠାରେ ମା'ଦୁର୍ଗା ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ କବି ରମାକାନ୍ତ ରାଉଳଙ୍କ ଲିଖିତ ଶ୍ରୀଜଗନ୍ନାଥ ଭକ୍ତିଗୀତିମାଳା ପୁସ୍ତକ ଲୋକାର୍ପିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଧୁ ଶ୍ରୀଚରଣ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ଉପେନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ନାଟ୍ୟକାର ଅଧ୍ୟାପକ ଉତ୍ତମ ଦାସ, ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାରାଜ, ସମ୍ପାଦକ ଦୁର୍ଗାଚରଣ ମୁଦୁଲି, ସହସମ୍ପାଦକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀଜଗନ୍ନାଥ ଭକ୍ତିମାଳା ପୁସ୍ତକ ଲୋକାର୍ପିତ କରିଥିଲେ। କବି ରାଉଳ ଏହି ଅବସରରେ ବକ୍ତବ୍ୟ ରଖି ପୁସ୍ତକର ବିଷୟବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ।

### ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ବାଲିକୁଦା,୨୦।୧୦(ସ୍ୱ.ପ୍ର.): ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସୁକିଦା ଗାଁର ମୁରବୀ ତଥା ପୂର୍ବତନ ୱାର୍ଡସଭ୍ୟ ଯଦୁମଣି ପରିଡାଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ ଗତ କିଛି ବର୍ଷ ହେବ ହୃଦଘାତ ଜନିତ ରୋଗରେ ପୀଡିତ ଥାଇ ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ କୃତ୍ତିବାସ ପରିଡା ମୁଖାଗ୍ନି ଦେଉଥିବାବେଳେ ସାନପୁଅ କାବୁଲି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସରପଞ୍ଚ ପର୍ଶୁରାମ ସେଠୀ, ପୂର୍ବତନ ଜିଲାପରିଷଦ ସଦସ୍ୟ ଶୁଭେନ୍ଦୁ ଦାଶ, ପୂର୍ବତନ ସରପଞ୍ଚ ମନମୋହନ ପରିଡା, ରାଜ୍ୟ ଅବସରପ୍ରାପ୍ତ କୃତୀ ଶିକ୍ଷକ ଅରୁଣ କୁମାର ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।

### ମହାକାଳୀଙ୍କ ପୀଠରେ ବାର୍ଷିକଯାତ୍ରା ସମ୍ପନ୍ନ

ବଡ଼ମ୍ବା,୨୦।୧୦(ଡି.ଏନ.ଏ.): ବଡ଼ମ୍ବାର ପ୍ରତ୍ୟକ୍ଷଦେବୀ ଖାରୋଡ଼ ଗ୍ରାମବାସିନୀ ମା' ମହାକାଳୀଙ୍କ ପୀଠରେ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜରାଜୁଡ଼ା ସମୟରୁ ପାଳିତ ହେଇଆସୁଥିବା ଏହି ଯାତ୍ରା ଅବସରରେ ପୀଠରେ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଖାରୋଡ଼ ସମେତ ପାଖାଆଖ ଗ୍ରାମର ପାଇକ ସମ୍ପ୍ରଦାୟର ୫ଟି ଦଳ ଯାତ୍ରାରେ ପାଇକ ଆଖଡ଼ା ପ୍ରଦର୍ଶନ କରିବାସହ ସେମାନଙ୍କ ଦଶହରା ଅନୁକୂଳ କରିଥିଲେ। ପୀଠରେ ମହାକାଳୀଙ୍କ ଯଥାବିଧି ପୂଜାର୍ଚ୍ଚନା ଷୋଡ଼ଶ ଉପଚାରରେ ଦେହୁରୀଙ୍କ ଦ୍ୱାରା କରାଯିବାସହ ଅନ୍ୟାନ୍ୟ ଦେବନୀତି ସମ୍ପନ୍ନ ହୋଇଥିଲା। ପରେ ଅପରାହ୍ଣରେ ମନ୍ଦିର ସନ୍ନିକଟ ଦଶହରା ପଡ଼ିଆରେ ତୋପ ଫୁଟାଯାଇ ଉତ୍ସବ ପାଳନ କରାଯାଇଥିଲା। ବାର୍ଷିକ ଯାତ୍ରା ଅବସରରେ ସ୍ଥାନୀୟ କଳାତୀର୍ଥ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଏବଂ ଅନୁଷ୍ଠାନ ସମ୍ପାଦକ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କଣ୍ଠଶିଳ୍ପୀମାନେ ସୁମଧୁର ଦେବୀ ବନ୍ଦନା ଏବଂ ଭଜନ ପରିବେଷଣ କରିଥିଲେ। ସାଂସ୍କୃତିକ ସଭାରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁଗଳ ପ୍ରଧାନଙ୍କ ରଚିତ ମା'ଙ୍କ ଜଣାଣ ବହିକୁ ବିଧାୟକ ମିଶ୍ର ଉନ୍ମୋଚନ କରିଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ରଘୁପତି ମହାନ୍ତି, ସାମାଜିକ କର୍ମୀ ରବିନ୍ଦ୍ର କୁମାର ସାହୁ ଓ ବିକ୍ରମ ଆରୁଖଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ଜନପ୍ରତିନିଧି ସଭାରେ ଯୋଗ ଦେଇଥିଲେ।



ଶନିବାର ଏରସମା ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ଅନୁଷ୍ଠିତ ରାବଣପୋଡି ଉତ୍ସବରେ ହୋଇଥିବା ଜନସମାବେଶ।



ରାବଣପୋଡ଼ି ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ଅଶୋକ ପଣ୍ଡା, ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟ ଅତିଥିମାନେ।

## ■ ରାବଣପୋଡ଼ିକୁ ନେଇ ଏରସମାରେ ଉତ୍ତେଜନା

# ଦାମଙ୍କ ସଭାମଞ୍ଚ ଭାଙ୍ଗିଲା ପୋଲିସ

ଜଗତ୍‌ସିଂହପୁର ଅଫିସ,୨୦।୧୦

ଦୀର୍ଘ ୨୫ ବର୍ଷ ହେବ ଏରସମା ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ପୃଷ୍ଠପୋଷକତାରେ ଦୁର୍ଗାପୂଜା ସମୟରେ ରାବଣ ପୋଡ଼ି ଉତ୍ସବ ହୋଇଆସୁଥିଲା। କିନ୍ତୁ ଚଳିତବର୍ଷ ଦାମଙ୍କ ଏହି ଉତ୍ସବ ଆୟୋଜନରେ ପୋଲିସ ପ୍ରଶାସନ ଅଙ୍କୁଶ ଲଗାଇଛି। ଦାମଙ୍କ ସମର୍ଥକମାନେ ପଡିଆରେ ମଞ୍ଚ କରିଥିବାବେଳେ ପୋଲିସ ପ୍ରଶାସନ ତରଫରୁ ଶୁକ୍ରବାର ତାହାକୁ ଭାଙ୍ଗି ଦିଆଯାଇଛି। ଅନ୍ୟପକ୍ଷରେ ରାବଣ ପୋଡି ଉତ୍ସବ ପାଳନ ପାଇଁ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସୁଯୋଗ ଦେଇ ପୋଲିସ ପ୍ରଶାସନ ଅଡୁଆରେ ପଡିଛି। ଦୀର୍ଘବର୍ଷ ଧରି ଚାଲିଥିବା ରାବଣ ପୋଡି ଉତ୍ସବକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଇଥିବା ଅଭିଯୋଗ କରି ଶହେ ଘରିଆ ଏରସମା ଗ୍ରାମ୍ୟ କମିଟି ପକ୍ଷରୁ ଶନିବାର ଏରସମା ବନ୍ଦ ଡାକରା ଦିଆଯାଇଥିଲା। ଲୋକେ ରାସ୍ତାରେ ଟାୟାର ଜାଳି ତୀବ୍ର ବିରୋଧ କରିଥିଲେ। ଏହାକୁ ସମର୍ଥନ କରି ଏରସମାର ବ୍ୟବସାୟୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ ବଜାର ବନ୍ଦ କରି ଦେଇଥିଲେ। ବିଧାୟକ ମୁଦୁଲିଙ୍କ ଗୋଷ୍ଠୀ ପକ୍ଷରୁ ପୃଥକ ଭାବେ ରାବଣ ପୋଡି ଉତ୍ସବ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ, ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଦାମଙ୍କ ପୃଷ୍ଠପୋଷକତାରେ ରାବଣ ପୋଡି ଉତ୍ସବ ପାଳନ କରାଯାଏ। ପ୍ରଶାନ୍ତ ବିଧାୟକ ହେବା ପରେ ଦାମଙ୍କ ନିମନ୍ତ୍ରଣରେ ଏଥିରେ ଅତିଥି ହେଉଥିଲେ। କିନ୍ତୁ ଦାମ ବିଜେଡିରୁ ବହିଷ୍କୃତ ହେବା ପରେ ଦୁଇ ନେତାଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ଫଳରେ ଉତ୍ସବରେ ବିଭ୍ରାଟ ଦେଖାଦେଇଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ଦାମ ସମର୍ଥକଙ୍କ କହିବା କଥା ହେଲା ପ୍ରଶାନ୍ତ ବିଧାୟକ ହେବା ପରେ ମଧ୍ୟ ଦାମ ରାବଣ ପୋଡି ଉତ୍ସବରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ। ଚଳିତବର୍ଷ ରାବଣ ପୋଡି ଉତ୍ସବ ୧୯ ତାରିଖରେ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପୋଲିସ, ପ୍ରଶାସନ ଚକ୍ରାନ୍ତ କରି ଆଞ୍ଚଳିକ ଉନ୍ନୟନ ପରିଷଦ ପଡିଆରେ ଉତ୍ସବ କରିବାକୁ ଅନୁମତି ଦେଇ ନ ଥିଲା। ଏପରି କି ଦାମଙ୍କ ସମର୍ଥକମାନେ ପଡିଆରେ କରିଥିବା ମଞ୍ଚ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ୨୦ ତାରିଖରେ ପ୍ରଶାନ୍ତଙ୍କ ଗୋଷ୍ଠୀଙ୍କୁ ରାବଣ ପୋଡ଼ି ଉତ୍ସବ କରିବାକୁ ଅନୁମତି ଦିଆଯାଇଛି। ପୋଲିସ, ପ୍ରଶାସନର ଏଭଳି ପାତରଅନ୍ତରକୁ ନେଇ ଏରସମା ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ପୋଲିସ, ପ୍ରଶାସନ ବିଧାୟକଙ୍କ ନିର୍ଦ୍ଦେଶରେ ବସଉଠ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଶହେ ଘରିଆ ଏରସମା ଗ୍ରାମ୍ୟ କମିଟି ପକ୍ଷରୁ ବନ୍ଦ ପାଳନ ସମୟରେ ଏରସମା ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ବେହେରା ନିଜେ ଭ୍ୟାନ୍‌ରେ ବୁଲି ଡାକବାଜି ଯନ୍ତ୍ର ଦ୍ୱାରା ଦୋକାନବଜାର ବନ୍ଦ ନ କରିବା ପାଇଁ ପ୍ରଚାର କରିଥିଲେ। କୌଣସି ବ୍ୟବସାୟୀ ଭୟଭୀତ ନ ହୋଇ ଦୋକାନ ଖୋଲନ୍ତୁ ବୋଲି ସେ କହିଥିଲେ ସୁଦ୍ଧା କେହି ଦୋକାନ ଖୋଲି ନ ଥିଲେ। ସେମାନେ ପୋଲିସ ଉପରେ ଆସ୍ଥା ପ୍ରକଟ କରି ନ ପାରି ଏଭଳି ପକ୍ଷପାତିତାକୁ ନିନ୍ଦା କରିଛନ୍ତି।





ଦାମଙ୍କ ସଭାମଞ୍ଚ ଭାଙ୍ଗିଦେବା ପ୍ରତିବାଦରେ ଏରସମା ବନ୍ଦ ପାଳନ ବେଳେ ଟାୟାର ଜାଳି ଲୋକେ ପ୍ରତିବାଦ କରୁଛନ୍ତି। ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛି।

■ପ୍ରତିବାଦରେ ଏରସମା ବନ୍ଦ
■୨୫ ବର୍ଷ ହେଲା ଉତ୍ସବ କରୁଥିଲେ ଦାମ

## ମାଗଣା ବିଦ୍ୟୁତ୍ ବଲ୍‌ବ ବଣ୍ଟନ



ହିତାଧିକାରୀଙ୍କୁ ବଲ୍‌ବ ପ୍ରଦାନ କରାଯାଉଛି।

ବାଲିକୁଦା,୨୦।୧୦(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ବିଦ୍ୟୁତ୍ ବଲ୍‌ବ ବଣ୍ଟନ କରାଯାଇଛି। ଏହି ଅବସରରେ ସରପଞ୍ଚ ରମେଶ ପାଇଟାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ବବିତା ସ୍ୱାଇଁ, ସମିତିସଭ୍ୟ ରମେଶ ପଲେଇ, ନାଏବ ସରପଞ୍ଚ ମମତା ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ଖାଉଟି କାର୍ଡ ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ପରିବାର ପିଛା ଦୁଇଟି ଲେଖାଏଁ ଏଲଇଡି ବଲ ଯୋଗାଇ ଦେଇଥିଲେ। ଗରିବ ହିତାଧିକାରୀଙ୍କ ବିଦ୍ୟୁତ୍ ଦେୟ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ନୂତନ ଯୋଜନାର ଆରମ୍ଭ କରିଛନ୍ତି ବୋଲି ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ। ଏହି ଯୋଜାନରେ ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତର ୩ ଶହ ହିତାଧିକାରୀଙ୍କୁ ବଲ୍ବ ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡସଭ୍ୟା ସସ୍ମିତା ମୁଦୁଲି, ସାବିତ୍ରୀ ସ୍ୱାଇଁ, ଗୀତା ମଲ୍ଲିକ, କାଳି ସେଠୀ, ମାନସୀ ସେଠୀ, ମାମିନା ସେଠ, ମିଲି ପରିଡା, ଲିଲି କାଣ୍ଡି, ବିଦ୍ୟୁଲତା ମଲ୍ଲିକ, ନୟନା କାଣ୍ଡି, ମମତା ସାହୁ, ୱାର୍ଡସଭ୍ୟ ବୁଲା ସ୍ୱାଇଁ, ବାବାଜି ସାମଲ, ପ୍ରକାଶ ମୁଦୁଲି, ବାବୁ କାଣ୍ଡି, ପ୍ରକାଶ ଲେଙ୍କା, ବୁଦ୍ଧେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଦୁଇ କୈବର୍ତ୍ତ ଗୋଷ୍ଠୀଙ୍କ ସମାନ୍ତରାଳ ସମାବେଶ

# ବାହାର ମତ୍ସ୍ୟଜୀବୀଙ୍କ ଅନୁପ୍ରବେଶକୁ ବିରୋଧ

କୁଜଙ୍ଗ,୨୦।୧୦(ସ୍ୱ.ପ୍ର.)

କୁଜଙ୍ଗ ଓ ପାରାଦୀପ ଅଞ୍ଚଳର ଦୁଇ କୈବର୍ତ୍ତ ଗୋଷ୍ଠୀଙ୍କ ମଧ୍ୟରେ ସମାନ୍ତରାଳ ବୈଠକ ଅନୁଷ୍ଠିତ ହୋଇଛି। କୁଜଙ୍ଗ ବ୍ଲକ ଚଉମୁହାଣୀଠାରେ ମା'ରାମଚଣ୍ଡୀ କୈବର୍ତ୍ତ ମୁକ୍ତି ବାହିନୀର ସଭା କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି ଜ୍ୟୋତିରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଲୋକନାଥ ଭବନଠାରେ କୈବର୍ତ୍ତ ଶୋଳ ଭାଇ ସଭା ପକ୍ଷରୁ ଗୋବିନ୍ଦଚନ୍ଦ୍ର ତରାଇଙ୍କ ଅଧ୍ୟକ୍ଷତାରେ ସମାବେଶ ହୋଇଥିଲା। ଗୋଟିଏ ଜାତିର ଦୁଇଟି ସମାନ୍ତରାଳ ଅନୁଷ୍ଠାନ ପକ୍ଷରୁ ପୃଥକ ସମାବେଶ ଆୟୋଜିତ ହୋଇଥିବାରୁ ସମ୍ପ୍ରଦାୟ ମଧ୍ୟରେ ଜାତିର ସ୍ୱାର୍ଥ ପ୍ରଭାବିତ ହେଉଥିବା ଆଲୋଚନା ହେଉଛି।

ପ୍ରକାଶ ଯେ, କୈବର୍ତ୍ତମାନଙ୍କ ନିର୍ବାଚିତ ସଂସ୍ଥା କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି ସାମଲଙ୍କ ନେତୃତ୍ୱରେ ମହାନଦୀ କୂଳରେ ଅନୁଷ୍ଠିତ ହୋଇଥିବା ସମାବେଶରେ ମା ରାମଚଣ୍ଡୀ କୈବର୍ତ୍ତ ମୁକ୍ତି ବାହିନୀର ଶତାଧିକ ସାଧାରଣ ମତ୍ସ୍ୟଜୀବୀ ଯୋଗଦେଇଥିଲେ। ଅସ୍ତରଙ୍ଗ ତଥା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରୁ ମତ୍ସ୍ୟଜୀବୀମାନେ ଆସି ମହାନଦୀ ମୁହାଣରେ ବିଭିନ୍ନ ଯାନ୍ତ୍ରିକ ଡଙ୍ଗା ତଥା ଅତ୍ୟାଧୁନିକ ଜ୍ଞାନ କୌଶଳ ଜରିଆରେ ମାଛ ମାରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ କୌଳିକ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ବ୍ୟାହତ ହେଉଥିବା ଅଭିଯୋଗ ହୋଇଥିଲା। କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତିର ସମ୍ପାଦକ ଅଲେଖ ଚରାଣ ତରାଇ, ନିର୍ବାଚିତ ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ବେହେରା, ରସାନନ୍ଦ ତରାଇ, ପବିତ୍ର ସେଠୀ, ମହେଶ୍ୱର ସାହୁ, ମା ରାମଚଣ୍ଡୀ କୈବର୍ତ୍ତ ମୁକ୍ତି ବାହିନୀର ସଭାପତି ବାବୁଲୀ ସ୍ୱାଇଁ, ରଞ୍ଜନ ବେହେରା, ନୀରଞ୍ଜନ ସ୍ୱାଇଁ, କାଙ୍ଗାଳି ସାମଲ, ପରିକ୍ଷୀତ ସାମଲ, ଉମେଶ ତରାଇ, ରତ୍ନାକର ତରାଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଲୋକନାଥ ଭବନଠାରେ ଅନୁଷ୍ଠିତ ସମାବେଶରେ କୈବର୍ତ୍ତମାନଙ୍କ ବିଭିନ୍ନ ସ୍ୱାର୍ଥ ଏବଂ ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁରବୀ କୁଳମଣୀ ବେହେରାଙ୍କ ନାମରେ କୈବର୍ତ୍ତଙ୍କୁ ନଦୀସ୍ୱତ୍ତ୍ୱ ପ୍ରଦାନ କରାଯାଇଥିବାବେଳେ କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତିଙ୍କ କାର୍ଯ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେହିପରି ଭାବେ କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲାର ଲକ୍ଷାଧିକ କୈବର୍ତ୍ତଙ୍କୁ ବିଭିନ୍ନକ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସନ୍ତରା ନଦୀର ତୈଳବିଶୋଧନାଗାର ପ୍ରକଳ୍ପ ନିକଟରେ ନିର୍ମାଣ କରାଯାଇଥିବା ଏକ ଅସ୍ଥାୟୀ ପୋଲ ଯୋଗୁ ନଦୀର ଜଳପ୍ରବାହ ପ୍ରଭାବିତ ହେଉଛି। ଫଳରେ ମତ୍ସ୍ୟଜୀବୀ ତଥା ଚାଷୀମାନେ ପ୍ରଭାବିତ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏବଂ ବିଶୋଧନାଗାର ପ୍ରକଳ୍ପ କର୍ତ୍ତୃପକ୍ଷ ଏହି ଅସ୍ଥାୟୀ ପୋଲକୁ ହଟାଇବାକୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶରତ ବେହେରା, ମଥୁରାନନ୍ଦ ତରାଇ, ଜୀବନଲାଲ ବେହେରା, ରତ୍ନାକର ବେହେରା, ନରେନ୍ଦ୍ର ପରିଡ଼ା, ସୁରେନ୍ଦ୍ର ତରାଇ, ସୁଧାଂଶୁ ମହାପାତ୍ର, ମାଗୁଣୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ରେଢୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ରଘୁନାଥପୁର, ୨୦।୧୦ (ଡି.ଏନ୍.ଏ)



ରୋଗୀ କଲ୍ୟାଣ ବୈଠକରେ ଉପସ୍ଥିତ ଅଧିକାରୀମାନେ।

ରଘୁନାଥପୁର ବ୍ଲକ ରେଢୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଆର୍‌କେଏସ୍ (ରୋଗୀ କଲ୍ୟାଣ ସମିତି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମି ରଂଜନ ବେହେରା, ଡା. ଅସଫର ପରଭେଜ, ଡା. ସୁକୁମାର ଦାଶ,ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ପିଏଚ୍‌ଇଓ ରାନୁ ମହାପାତ୍ର, ବିପିଏମ୍ ପ୍ରଭାସ ଚନ୍ଦ୍ର ତ୍ରିପାଠୀ, ଶାନ୍ତିଲତା ଦ୍ୱିବେଦୀ, ନବଜ୍ୟୋତିର ସମ୍ପାଦକ କ୍ଷୀରୋଦ କୁମାର ଦାଶ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଏହାର ପ୍ରତିକାର ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶେଷକରି ସାନିଟେସନ୍, ଔଷଧ ରଖିବା ପାଇଁ ଫ୍ରିଜ୍, ଏସି ଚାମ୍ବର ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟନ୍ତ ଜରୁରୀ ବୋଲି ଉପସ୍ଥିତ ଅଧିକାରୀଗଣ ପ୍ରକାଶ କରିଥିଲେ। ଏହାଛଡ଼ା ଆଉଟ୍‌ଡୋର ରୋଗୀଙ୍କ ଉପସ୍ଥିତକୁ ଲକ୍ଷ୍ୟ ରଖି ଅନ୍ୟାନ୍ୟ ଜରୁରୀ ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହେଲଥ୍ ସୁପରଭାଇଜର ବସନ୍ତ କୁମାର ବିଶ୍ୱାଳ, ଫାର୍ମାସିଷ୍ଟ ଜିତେନ୍ଦ୍ର କୁମାର ମଲ୍ଲିକ ଓ ହେଲ୍‌ଥ ୱାର୍କର ଚନ୍ଦକାରାଣୀ ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ■ ୨ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ଉର୍ଦ୍ଧ୍ୱ ସ୍କୁଲରେ ମିଶ୍ରଣକୁ ବିରୋଧ

# ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖିଲେ ଗ୍ରାମବାସୀ

ରଘୁନାଥପୁର, ୨୦।୧୦ (ଡି.ଏନ୍.ଏ)





ଦୁଇ ପ୍ରାଥମିକ ବିଦ୍ୟାଳୟକୁ ଉର୍ଦ୍ଧ୍ୱ ସ୍କୁଲରେ ମିଶ୍ରଣକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସ୍ଥାନୀୟ ଦ୍ୱୀପାଞ୍ଚଳର ବାବୁଜଙ୍ଗ ୨ ପ୍ରାଥମିକ ବିଦ୍ୟାଳୟକୁ, ସ୍ଥାନୀୟ ଉର୍ଦ୍ଧ୍ୱ ସ୍କୁଲରେ ମିଶ୍ରଣ କରିବା ନେଇ ସରକାରଙ୍କ ପକ୍ଷରୁ ରଖାଯାଇଥିବା ପ୍ରସ୍ତାବକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଫଳରେ ଶିକ୍ଷା ବିଭାଗ, ଚିଠି ନଂ. ୨୫୦୫/୧୦।୧୦।୧୮ ନିର୍ଦ୍ଦେଶ ମୁତାବକ ୧୦ ଦିନ ମଧ୍ୟରେ ବିଦ୍ୟାଳୟର ରେକର୍ଡ ପତ୍ର, ଉକ୍ତ ଉର୍ଦ୍ଧ୍ୱ ସ୍କୁଲକୁ ସ୍ଥାନାନ୍ତର କରିବାକୁ ଆସିଥିବା ପ୍ରଧାନ ଶିକ୍ଷକ ବିଜୟ କୁମାର ବରାଳଙ୍କୁ ଶନିବାର ହଟହଟା ହେବାକୁ ପଡିଛି। ପରିଚାଳନା କମିଟିର ସଭାପତି, ସଭ୍ୟାସଭ୍ୟ, ଖାଦ୍ୟ କମିଟି ସଭ୍ୟ ଓ ଗ୍ରାମବାସୀ ମିଳିତ ଭାବେ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରାଇ ନ ଦେଇ ଅଟକ ରଖିଥିବା ଦେଖାଯାଇଥିଲା। ପରିଚାଳନା କମିଟିର ସଭାପତି ବିଘ୍ନେଶ୍ୱର ବେଉରା, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାଥ ଖୁଣ୍ଟିଆ ଓ ପୂର୍ବତନ ସଭ୍ୟ ମନୋଜ କୁମାର ମହାନ୍ତିଙ୍କଠାରୁ ପ୍ରକାଶ।

୧୯୦୭ରେ ସ୍ଥାପନ ହୋଇଥିବା ବିଦ୍ୟାଳୟ ୧୧୧ ବର୍ଷର ପ୍ରାଚୀନ ଶିକ୍ଷାନୁଷ୍ଠାନ। ସଭିଁଏ ପଢନ୍ତୁ ସଭିଁଏ ଶିକ୍ଷିତ ହୁଅନ୍ତୁ ସ୍ଲୋଗାନ ମାଧ୍ୟମରେ ସରକାର ସମସ୍ତଙ୍କ ସାକ୍ଷର କରିବାର ପ୍ରୟାସ ଚଳାଇଥିବା ବେଳେ, କେଉଁ ଆଧାରରେ ପୁରୁଣା ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇ ଏକ ଉର୍ଦ୍ଧ୍ୱ ସ୍କୁଲରେ ମିଶ୍ରଣ କରାଯାଉଛି। ଏହାଛଡ଼ା ଉର୍ଦ୍ଧ୍ୱ ସ୍କୁଲର ଶିକ୍ଷା ପଦ୍ଧତି ଏବଂ ସାପ୍ତାହିକ ଶିକ୍ଷା ବ୍ୟବସ୍ଥା ସହ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆଦୌ ଜଡ଼ିତ ହୋଇପାରିବେନି ବୋଲି ବହୁ ଅଭିଭାବକ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ମିଳିତ ଭାବେ ବିଦ୍ୟାଳୟ ସମ୍ମୁଖରେ ବସି ରହି ପ୍ରଧାନ ଶିକ୍ଷକଙ୍କୁ ପ୍ରାୟ ୩ ଘଣ୍ଟା ଅଟକ ରଖିଥିଲେ। ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀଙ୍କ ଉଦ୍ୟମକ୍ରମେ ପ୍ରଧାନ ଶିକ୍ଷକ ବରାଳ ସେଠାରୁ ଫେରି ଯାଇଥିଲେ। ପ୍ରକାଶ ଥାଉ କି ୨୦ରୁ କମ ସଂଖ୍ୟକ ପିଲା ଥିବା ସ୍କୁଲ କିମ୍ବା ୧ କିମି ବ୍ୟବଧାନରେ ଥିବା ଦୁଇଟି ସ୍କୁଲକୁ ମିଶ୍ରଣ କରିବାକୁ ଶିକ୍ଷା ବିଭାଗର ପ୍ରସ୍ତାବ ଉପରେ ଅନେକ ସ୍ଥାନରେ ବିରୋଧାଭାସ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟ ୧ କିମି ବ୍ୟବଧାନ ଭିତରେ ଥିବାରୁ ଏହାକୁ ସ୍ଥାନୀୟ ଉର୍ଦ୍ଧ୍ୱ ସ୍କୁଲରେ ମିଶ୍ରଣ ପାଇଁ ପ୍ରସ୍ତାବ ରହିଛି। ଉକ୍ତ ସ୍କୁଲକୁ ଯିବା ବାଟରେ କେତେକ ଜଳାଶୟ ଥିବା ଯାହାକି ପିଲାମାନଙ୍କ ପାଇଁ ବିପଦ ସାବ୍ୟସ୍ତ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହାଛଡ଼ା ଆଗାମୀ ଶିକ୍ଷାବର୍ଷରୁ ଉପସ୍ଥାନ ବଢାଇବାକୁ ଚେଷ୍ଟା ଜାରି ରହିଥିବା ସେମାନେ କହିଛନ୍ତି। ଶିକ୍ଷା ବିଭାଗ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେବାକୁ ସବିତା ସେଠୀ, ପ୍ରଭାତି ବାରିକ, ଅନୀତା ନାୟକ, ଅରୁଣା ବେଉରା, ଉର୍ମିଳା ସେଠୀ, ରାଜଶ୍ରୀ ସେଠୀ, ନନ୍ଦିନୀ ସେଠୀ, ରଶ୍ମି ମହାପାତ୍ର, ମଧୁସୂଦନ ଦାସ, ମଦନମୋହନ ସାହୁ, ବାଇଲୋଚନ ସେଠୀ ସମେତ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି।

# ଫେଷ୍ଟିଭ୍ ଅଫର୍

**ଫେଷ୍ଟିଭ୍ ସିଜନ୍ । ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ଦୋକାନ ତଥା ମଲ୍‌ଗୁଡିକରେ ପ୍ରତ୍ୟେକ ସାମଗ୍ରୀରେ ମିଳୁଛି ଆକର୍ଷଣୀୟ ଅଫର୍। ଯଦିଓ ଏହା ସବୁ ବର୍ଗଙ୍କ ଲାଗି ଉପଲବ୍ଧ, ହେଲେ ବିଶେଷକରି ଏହାର ଭରପୂର ଫାଇଦା ନେଉଛନ୍ତି ଯୁବପିଢି....**






ବେଶ୍ କିଛିଦିନ ହେବ ଚାଲିଛି ପାର୍ବଣର ଋତୁ। ସରିଛି ଦଶହରା ଆଉ ଆସୁଛି ଲକ୍ଷ୍ମୀପୂଜା ସାଙ୍ଗକୁ କୁମାର ପୂର୍ଣ୍ଣିମା। ଯେଉଁଥିପାଇଁ ପ୍ରତିଟି ଛୋଟ ବଡ ଦୋକାନ ଠାରୁ ଆରମ୍ଭ କରି ଅନ୍‌ଲାଇନ୍ ସାଇଟ୍‌ଗୁଡିକରେ ଦେଖିବାକୁ ମିଳୁଛି ପୂଜା ପାଇଁ ନୂଆ ନୂଆ ସାମଗ୍ରୀର ସମ୍ଭାର। ଆଉ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ସବୁଠି ଦିଆଯାଉଛି ବିଭିନ୍ନ ଆକର୍ଷଣୀୟ ଫେଷ୍ଟିଭ୍ ଅଫର୍। ଯଦିଓ ବାତ୍ୟା ତିତ୍‌ଲି ପାଇଁ ୨-୩ ଦିନ ପୂଜା ବଜାର ଟିକେ ମାନ୍ଦା ରହିଥିଲା ହେଲେ କମିନି ଅନ୍‌ଲାଇନ୍ ଫେଷ୍ଟିଭ୍ ଶପିଂ କ୍ରେଜ୍। ବିଶେଷ କରି ଯୁବପିଢି ଅଟୋମୋବାଇଲ୍, ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍, ଡ୍ରେସ୍ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ଥିବା ସ୍ପେଶାଲ୍ ଅଫର୍‌ଗୁଡିକର ଭରପୂର ଫାଇଦା ନେଉଛନ୍ତି। ତେବେ ବ୍ୟବସାୟୀଙ୍କ ଦ୍ୱାରା ଦିଆଯାଉଥିବା ସବୁ ସ୍ପେଶାଲ୍ ଅଫର୍‌ଗୁଡିକରେ ଯେ, ଗ୍ରାହକ ଲାଭବାନ୍ ହେଉଥିବେ ତାହା ପ୍ରଶ୍ନବାଚୀ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ମାର୍କେଟ୍‌ରୁ ହେଉ ଅବା ଅନ୍‌ଲାଇନ୍‌ରୁ ସେଲ୍ କିମ୍ବା କୌଣସି ସ୍ପେଶାଲ୍ ଅଫର୍‌ରେ ସାମଗ୍ରୀ କିଣୁଥିଲେ କେତୋଟି କଥା ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ.....

■ଦୋକାନ ବା ଶପିଂ ମଲ୍‌ରୁ ହେଉ କିମ୍ବା ଅନ୍ ଲାଇନ୍‌ରେ ପୂଜା ଲାଗି ବିଭିନ୍ନ ଆକର୍ଷଣୀୟ ଅଫର୍ ଏବଂ ସ୍ପେଶାଲ୍ ଡିସ୍କାଉଣ୍ଟ ଦିଆଯାଇଥାଏ। ବିଶେଷ କରି କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର୍ ଦେଖି ଗ୍ରାହକ ଆକୃଷ୍ଟ ହୋଇଥାନ୍ତି। ହେଲେ ଏଭଳି ଅଫର୍ ନିଶାରେ କେବେ କେବେ ଜିନିଷ କିଣି ସାରିବା ପରେ ଗ୍ରାହକ ବିଭିନ୍ନ ସର୍ତ୍ତାବଳୀ ସମ୍ପର୍କରେ ଜାଣିବାକୁ ପାଇଥାନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଫେଷ୍ଟିଭ୍ ଅଫର୍‌ରେ କୌଣସି ବି ସାମଗ୍ରୀ କିଣିବା ବେଳେ ଟର୍ମ ଆଣ୍ଡ କଣ୍ଡିଶନ୍ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।

■ବେଳେ ବେଳେ ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଅଫର୍ ଆଦି ଦେଖି ଗ୍ରାହକ ଅଫର୍ ହାତଛଡା ନ ହୋଇଯିବା ଲୋଭରେ ଶୀଘ୍ର କିଣିନିଅନ୍ତି। ହେଲେ ଆପଣଙ୍କୁ ବୁଝିବାକୁ ହେବ ଯେ, ଏହା ପଛରେ ବି ବ୍ୟବସାୟିକ ଚାଲ୍ ରହିଛି। ତେଣୁ କୌଣସି ବି ସାମଗ୍ରୀ କିଣିବା ବେଳେ ତରବର ଭାବେ ନିଷ୍ପତ୍ତି ନ ନେଇ ପ୍ରଥମେ ବିଚାର କରନ୍ତୁ। ଆପଣ ଚାହିଁଲେ ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନ୍‌ରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।

■ପୂଜାରେ ବିଭିନ୍ନ ଆକର୍ଷଣୀୟ ଅଫର ଦେଖି ଖୁସି ହୋଇ ଅନେକେ ଆବଶ୍ୟକରୁ ଅଧିକ ଡ୍ରେସ୍ କିଣିନିଅନ୍ତି ଏବଂ ପରବର୍ତ୍ତୀ ସମୟରେ ଠକାମିର ଶିକାର ହୁଅନ୍ତି। ତେଣୁ ଅଫର ନିଶାରେ ଅଧିକ କିଣି ନେବା ବଦଳରେ ପ୍ରଥମେ ଉକ୍ତ ଡିସ୍କାଉଣ୍ଟେଡ୍ ଡ୍ରେସ୍‌ର ମ୍ୟାଟେରିଆଲ୍ ଠିକ୍ ଅଛି ନା ନାହିଁ ଦେଖନ୍ତୁ ଏବଂ ଏହା ଆପଣଙ୍କୁ ଫିଟ୍ ହେଉଛି କି ନାହିଁ ଟ୍ରାଏଲ୍ ରୁମ୍‌ରେ ଚେକ୍ କରିନିଅନ୍ତୁ। ତା'ଛଡା ଏହାକୁ ଏକ୍ସଚେଞ୍ଜ କରିହେବ କି ନାହିଁ କିମ୍ବା ଯଦି ହେବ ତେବେ କେତେଦିନ ମଧ୍ୟରେ, ଏ ସମ୍ପର୍କରେ ଭଲ ଭାବେ ବୁଝିନିଅନ୍ତୁ।

■ଅଧିକ ରିହାତି ଯେପରି ୫୦%, ୬୦% ଛାଡ, ଗୋଟିଏ କିମ୍ବା ଦୁଇଟିରେ ଅନ୍ୟ ଗୋଟିଏ ସମ୍ପୂର୍ଣ୍ଣ ଫ୍ରି, ଏକ ନିର୍ଦ୍ଦିଷ୍ଟ ରାଶି ଯେପରି ୧୦୦୦ରୁ ଅଧିକ ଟଙ୍କାର ସାମଗ୍ରୀରେ ମାଗଣା ଉପହାର ଆଦି ଅଫର ଦେଖି ଗ୍ରାହକ ପ୍ରଥମେ ଏହି ସାମଗ୍ରୀ କିଣିବା ପ୍ରତି ଗୁରୁତ୍ୱ ଦେଇଥାନ୍ତି। ହେଲେ ଆପଣ ଜାଣନ୍ତି କି, କୌଣସି ସାମଗ୍ରୀ ମାଗଣାରେ ମିଳି ନ ଥାଏ। ବରଂ ଆପଣ କିଣୁଥିବା ସାମଗ୍ରୀର ଦାମ୍ ବଢାଇ ଦିଆ ଯାଇଥାଏ ଏବଂ ସେଥିରେ ହିଁ ଫ୍ରି ଦିଆଯାଉଥିବା ସାମଗ୍ରୀର ଦାମ୍ ମିଶିଥାଏ।

■ପୂଜା ଲାଗି ଅନ୍‌ଲାଇନ୍ ଶପିଂ ଏକ ଭଲ ବିକଳ୍ପ। ବିଶେଷକରି ପୂଜା ସିଜନ୍‌ରେ ବିଭିନ୍ନ ଆକର୍ଷଣୀୟ ଅଫର୍ ମଧ୍ୟ ରହିଥାଏ। ହେଲେ ଯଦି ଆପଣ ପ୍ରଥମଥର ପାଇଁ ଅନ୍‌ଲାଇନ୍ ଶପିଂ କରୁଛନ୍ତି, ତେବେ ପ୍ରଥମେ ଉକ୍ତ ସାଇଟ୍‌ର ପ୍ରାଇଭେସିକୁ ଭଲଭାବେ ପଢ଼ନ୍ତୁ । ଏଥିରେ ଆପଣ କିଣୁଥିବା ଜିନିଷ ପସନ୍ଦ ନ ହେଲେ ବଦଳାଇବା ଏବଂ ଜିନିଷ ଦେଖିବା ପରେ ପେମେଣ୍ଟ କରିବା (କ୍ୟାଶ୍ ଅନ୍ ଡେଲିଭରି) ଭଳି ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ। ଆଉ ଗୋଟିଏ କଥା ମନେରଖନ୍ତୁ, ଅନ୍‌ଲାଇନ୍ ଶପିଂ ଲାଗି କ୍ୟାଶ ଅନ୍ ଡେଲିଭରି ସବୁଠୁ ଭଲ। କିନ୍ତୁ ଯଦି ଆପଣ ଏଥିପାଇଁ କ୍ରେଡିଟ୍ କାର୍ଡ ସାହାଯ୍ୟ ନେଉଛନ୍ତି ତେବେ ସାବଧାନ ରହିବେ।

# ଇଣ୍ଟରଭ୍ୟୁ ଗେଟ୍‌ଅପ୍

**ସବୁ ଆଶାୟୀ ପ୍ରାର୍ଥୀ ଜବ୍ ଇଣ୍ଟରଭ୍ୟୁରେ ଭଲ କରିବାକୁ ଚାହାନ୍ତି। ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନିଜର ବେଷ୍ଟ ଦେବା ସତ୍ତ୍ୱେ କେବେ କେବେ ସଫଳତା ମିଳି ନ ଥାଏ । ଏହା ପଛରେ ଅନ୍ୟ ଏକ କାରଣ ହେଉଛି ଗେଟ୍‌ଅପ୍ । ଏହା ମଧ୍ୟ ପର୍ସନାଲିଟିକୁ ପ୍ରଭାବିତ କରିଥାଏ । ତେଣୁ ଜବ୍ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ କିପରି ଗେଟ୍‌ଅପ୍ ନେବେ ଜାଣି ରଖନ୍ତୁ ...**



❖ଯଦି ଆପଣ ଆକାଉଣ୍ଟ, ଫାଇନାନ୍ସ, ଲ', କନ୍ସଲ୍ଟାନ୍ସି ଭଳି ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ପାଇଁ ଯାଉଥାନ୍ତି ତେବେ ଫର୍ମାଲ୍ ଡ୍ରେସ୍ ବାଛନ୍ତୁ। କେତେକ ସ୍ଥାନରେ ଇଣ୍ଟରଭ୍ୟୁ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇଥାଏ, ଯଦି ସେପରି ହୋଇଥାଏ ତାହାକୁ ପିନ୍ଧନ୍ତୁ ନଚେତ୍ ପ୍ଲେନ୍ ଶାର୍ଟ ସହିତ ଫର୍ମାଲ୍ ପ୍ୟାଣ୍ଟ ଏବଂ ବ୍ଲେଜର୍ ପିନ୍ଧନ୍ତୁ। ତା' ସହିତ କାଜୁଆଲ ପରିବର୍ତ୍ତେ ଫର୍ମାଲ ଜୋତା ବାଛନ୍ତୁ। କର୍ପୋରେଟ୍ ଇଣ୍ଡଷ୍ଟ୍ରୀ ଇଣ୍ଟରଭ୍ୟୁ ପାଇଁ ମଧ୍ୟ ଏହି ଗେଟ୍‌ଅପ୍ ପରଫେକ୍ଟ ।

❖ ଆଡ୍‌ଭର୍ଟାଇଜିଂ, ଗ୍ରାଫିକ୍ ଡିଜାଇନ୍, ମ୍ୟୁଜିକ୍ ଆଦି ଭଳି କ୍ରିଏଟିଭ୍ ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଥିଲେ ଏଭଳି ଗେଟ୍‌ଅପ୍ ବାଛନ୍ତୁ ଯାହା ଆପଣଙ୍କୁ ଡିସେଣ୍ଟ ଲୁକ୍ ଦେବା ସହ କ୍ଲାସି ମଧ୍ୟ ଲାଗିବ। ଏଥିରେ ଆପଣ ଫର୍ମାଲ୍ ସହିତ କାଜୁଆଲ୍ ଡ୍ରେସ୍‌କୁ ମିକ୍ସ ମ୍ୟାଚ୍ ବି କରିପାରିବେ।

❖ ଯଦି କୌଣସି ଫ୍ୟାଶନ୍ ବା ଗ୍ଲାମର ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ତେବେ ସେଥିପାଇଁ ଷ୍ଟାଇଲିସ୍ କାଜୁଆଲ୍ ଗେଟ୍‌ଅପ୍ ବାଛି ପାରିବେ। ତାହା ଟ୍ରେଣ୍ଡି ହୋଇଥିଲେ ଆପଣ ଲାଟେଷ୍ଟ ଫ୍ୟାଶନ୍ ସହ ଅପ୍‌ଡେଟ୍ ଅଛନ୍ତି ବୋଲି ଜଣାପଡିଥାଏ। ଏହା ସହିତ ପରଫେକ୍ଟ ଜୋତା ଏବଂ ଆସେସରିଜ୍ ବାଛିବା ବି ଗୁରୁତ୍ୱପୂର୍ଣ୍ଣ। ତେବେ ମନେରଖନ୍ତୁ ଟ୍ରେଣ୍ଡି ଲାଗିବା ନିଶାରେ ଏମିତି ଆଉଟ୍‌ଫିଟ୍ ବାଛନ୍ତୁ ନାହିଁ ଯାହା ଆପଣଙ୍କ ପର୍ସନାଲିଟିକୁ ସୁଟ୍ କରୁ ନ ଥିବ।

❖ ଯେଉଁ ବି ଫିଲ୍ଡରେ ଇଣ୍ଟରଭ୍ୟୁ ଥାଉ ନା କାହିଁକି କେବେ ଆବଶ୍ୟକରୁ ଅଧିକ ଗର୍ଜିଅସ୍ କିମ୍ବା ଟ୍ରାଡିଶନାଲ୍ ପୋଷାକ ବାଛନ୍ତୁ ନାହିଁ।

❖ ଇଣ୍ଟରଭ୍ୟୁ ପାଇଁ ସର୍ବଦା ସଫା ଏବଂ ଆଇରନ୍ ଦିଆହୋଇଥିବା ପୋଷାକ ବ୍ୟବହାର କରନ୍ତୁ।

❖ ରେଡ୍, ପିଙ୍କ୍, ୟେଲୋ ଭଳି ବୋଲ୍ଡ କଲର ପୋଷାକ ପରିବର୍ତ୍ତେ ହ୍ୱାଇଟ୍, ବ୍ଲୁ, ବ୍ଲାକ୍, ଗ୍ରେ ଭଳି ଫର୍ମାଲ କଲର ପୋଷାକ ପିନ୍ଧନ୍ତୁ।

❖ ପୋଷାକ ଅନୁସାରେ ହିଁ ଜୋତା ବାଛନ୍ତୁ। ଅଧିକ ଷ୍ଟାଇଲିସ୍ କିମ୍ବା ଶବ୍ଦ କରୁଥିବା ଜୋତା ପିନ୍ଧିବା ଦ୍ୱାରା ଏହା ଆପଣଙ୍କ ପର୍ସନାଲିଟି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

❖ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ ଆବଶ୍ୟକରୁ ଅଧିକ ମେକ୍‌ଅପ୍ କିମ୍ବା ଜୁଏଲେରି ବ୍ୟବହାର କରନ୍ତୁ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ........ ରାଜ୍ୟ ସରକାରଙ୍କ ପକ୍ଷରୁ ସଶକ୍ତ କିଷାନ ଯୋଜନା ଏବଂ କୃଷି ସମୂହ ଯୋଜନା ଆରମ୍ଭ କରାଯାଇଛି ?

୨- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ..... ମସିହାରେ ଜାତୀୟକରଣ ହୋଇଥିଲା ?

୩- ଶରଦ ଯୋଶୀ ସମ୍ମାନ........... କ୍ଷେତ୍ରରେ ପ୍ରଦାନ କରାଯାଇଥାଏ ?

୪- ଅଗଷ୍ଟ ୨୦ ତାରିଖ........ ଦିବସ ଭାବେ ପାଳନ କରାଯାଇଥାଏ ?

୫- କଳ୍ପସୂତ୍ରର ଲେଖକ......... ?

## ଗତ ସପ୍ତାହର ଉତ୍ତର

୧ ଛିନ୍ଦୱାରା, ମଧ୍ୟପ୍ରଦେଶ

୨ 'ଶେୟାର୍ ଦି ମେସେଜ୍, ସେଭ୍ ଏ ଲାଇଫ୍'

୩ ରଜନୀ କାନ୍ତ ମିଶ୍ର

୪ ସେପ୍ଟେମ୍ବର ୨୩

୫ ବନ୍ଦର ବିକାଶ

## ଉତ୍ତର ଦାତା



ସୌମ୍ୟକାନ୍ତ ଶୁଭଦର୍ଶନ ପୂଜାରୀ
ଭୁବନେଶ୍ୱର



ଶୁଭାଶିଷ ମାରାଣ୍ଡି
ଭୁବନେଶ୍ୱର

## ଟପ୍ 10

**ପୃଥିବୀର ସବୁଠାରୁ ବଡ଼ ହ୍ରଦ**

୧- କାସ୍ପିଆନ୍ ସି.........
୩୭୧,୦୦୦ ବର୍ଗ କି.ମି.

୨- ଲେକ୍ ସୁପେରିଅର୍....
୮୨, ୪୧୪ ବର୍ଗ କି.ମି.

୩- ଲେକ୍ ଭିକ୍ଟୋରିଆ......
୬୯, ୪୮୫ ବର୍ଗ କି.ମି.

୪- ଲେକ୍ ହରନ୍...........
୫୯, ୬୦୦ ବର୍ଗ କି.ମି.

୫- ଲେକ୍ ମିଚିଗାନ୍........
୫୮,୦୦୦ ବର୍ଗ କି.ମି.

୬- ଲେକ୍ ଟାଙ୍ଗାନାଇକା....
୩୨,୮୯୩ ବର୍ଗ କି.ମି.

୭- ଲେକ୍ ବୈକାଲ୍.......
୩୧, ୫୦୦ ବର୍ଗ କି.ମି.

୮- ଗ୍ରେଟ୍ ବିୟର୍ ଲେକ୍ .....
୩୧, ୦୮୦ ବର୍ଗ କି.ମି.

୯- ଲେକ୍ ମାଲାୱି........
୩୦, ୦୪୪ ବର୍ଗ କି.ମି.

୧୦- ଗ୍ରେଟ୍ ସ୍ଲେଭ୍ ଲେକ୍.....
୨୮, ୯୩୦ ବର୍ଗ କି.ମି.



**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com


DSPL - 191

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
ଓଡିଶା ସରକାର

ଓଡ଼ିଶା ଶାସନ

**ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

**ମାନସିକ ରୋଗ ସମ୍ପର୍କରେ ଜାଣିବା କଥା**

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗର ଲକ୍ଷଣ**

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

**ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ**

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA, PHASE-II, 2ND FLOOR, BHUBANESWAR**
Mail ID: seccbbsr@gmail.com

**E-Procurement Tender Call Notice No. 14 of 2018-19**

No. 5054 (Estg.) Bhubaneswar the 11th Oct'2018

**No. 732-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for three No. road works to be received in online bidding, double cover system for construction works as detailed in https://tendersorissa.gov.in. The details of bid documents will be available in the above website from 4.00PM of 25.10.2018 to 5.00PM of 08.11.2018. The bidders must possess compatible Digital Signature Certificate of Class II or III. Bids received online shall be opened at 11.00AM of 09.11.2018 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-Procurement portal www.tendersorissa.gov.in.

Addendum / Corrigendum, if required, will be available only in the website.

*Sd./- Er. R.K. Sahu*
*Superintending Engineer*
*Central Circle (R&B), Bhubaneswar*

34005/11/0025/1819



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, PADAMPUR**
Phone No-(06683)-223418 (Off.), E-mail:-eemipad@yahoo.co.in
No. 3953 / Date- 01.10.2018

588-A

**E-PROCUREMENT NOTICE**

**BID IDENTIFICATION No: EE, MID, PDP/06/2018-19**

| | |
|---|---|
| Name of work | :- Civil Construction Works |
| No. of works | :- 09 (Nine) Nos. |
| Estimated cost | :- Varies from Approximately Rs. 23.68 lakh to Rs 47.37 lakh for 09 Nos. of works. |
| Tender paper cost | :- Referred to DTCN. |
| Period of completion | :- Referred to DTCN. |
| Availability of bid documents | :- From 26.10.2018 at-10.00 AM to 08.11.2018 upto 5.00 PM in website (www.tendersorissa.gov.in) |
| Period of receipt of bid through online | :- From 26.10.2018 at 10.00 AM to 08.11.2018 upto 5.00 PM through online. |
| Date of opening of bid documents | :- On dt.14.11.2018 At 11.00 AM Onwards. |
| Digital signature certificate of Bidder | :- The bidder must possess compatible digital signature certificate (DSC) of Class-II or Class-III. |
| Name & Address of the OIT | :- Executive Engineer, M.I.Division, Padampur. At- Padampur, PO- Raj bora sambar, Dist:-Bargarh, PIN-768036 |
| Further details can be seen from the E-Procurement market place | :- http://tendersorissa.gov.in |

The detail tender call notice can also be seen in the DOWR website- http://dowrorissa.gov.in.

*Executive Engineer*
*M.I. Division, Padampur*

32037/11/0004/1819

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଦୁଇ ନାବାଳିକା ମୃତ

କେସିଙ୍ଗା, ୨୦।୧୦ (ଡି.ଏନ.ଏ.): କେସିଙ୍ଗା ଏନଏସିସ୍ଥିତ ୱାର୍ଡ ନଂ.୧ ନିକଟରେ ଥିବା ଖଲିଆପାଲି ପୋଖରୀରେ ବୁଡ଼ି ଦୁଇ ନାବାଳିକାଙ୍କ ଶନିବାର ମୃତ୍ୟୁ ଘଟିଛି । ମୃତକ ଦୁଇ ଜଣ ହେଲେ ୧ନମ୍ବରସ୍ଥିତ ବଗାଡର ରୋଜି ସାହୁ(୧୫), ନମିତା ସାହୁ(୧୨) । ଦୁହେଁ ସାଙ୍ଗ ହୋଇ ବଗାଡ ନିକଟରେ ଥିବା ଖଲିଆବନ୍ଧକୁ ଗାଧୋଇବାକୁ ଯାଇଥିଲେ । ଦୁହେଁ ପାଣିରେ ପହଁରୁ ଥିବା ସମୟରେ ବୁଡି ଯାଇଥିଲେ । ସେହି ଘାଟରେ ଅନ୍ୟ ସ୍ତ୍ରୀ ଓ ପୁରୁଷ ଲୋକମାନେ ମଧ ଥିଲେ । ହେଲେ ସେମାନେ ଏହି ୨ ନାବାଳିକାଙ୍କୁ ଉଦ୍ଧାର କରି ପାରି ନ ଥିଲେ । ଖବର ପାଇ ସ୍ଥାନୀୟ ଯୁବକମାନଙ୍କ ପୋଖରୀରେ ପଶି ବହୁ ପରିଶ୍ରମ ପରେ ଦୁହିଁଙ୍କୁ ଉଦ୍ଧାର କରିଥିଲେ । ୱାର୍ଡବାସୀଙ୍କ ଉଦ୍ୟମକ୍ରମେ ମୃତଦେହକୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଥିଲା । ଏହାପରେ ମୃତଦେହକୁ ଉଭୟେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଉକ୍ତ ଘଟଣାରେ ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ବାଇକ୍‌କୁ ଧକ୍କା ଦେଇ ପୋଖରୀରେ ବୁଡ଼ିଲା କାର

# ଦୁଇ ପରିବାରର ୬ ମୃତ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର/ପିପିଲି(ଡି.ଏନ.ଏ.) ୨୦।୧୦

ବିଜୟା ଦଶମୀରେ ସାରା ରାଜ୍ୟ ଉତ୍ସବମୁଖର ଥିବାବେଳେ ରାଜଧାନୀ ଉପକଣ୍ଠ ଉତ୍ତରା ଛକ ନିକଟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର(ସିଫା) ସମ୍ମୁଖରେ ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ କାର ଗୋଟିଏ ବାଇକ୍‌କୁ ପଛପଟୁ ଧକ୍କା ଦେଇ ରାସ୍ତାପାର୍ଶ୍ୱ ଦଳ ପୋଖରୀକୁ ଓଲଟି ପଡ଼ିବା ଫଳରେ ୨ ପରିବାରର ୬ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାଇକ୍ ଚାଳକ ପିପିଲି ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗାଁର ପ୍ରଭାକର ପ୍ରଧାନ(୩୫), ତାଙ୍କ ମା' ଲକ୍ଷ୍ମୀପ୍ରିୟା ପ୍ରଧାନ(୬୦) ଏବଂ କାର ଚାଳକ ପିପିଲି ନିକଟ ନିର୍ମଳା ଗାଁର ଅନିରୁଦ୍ଧ ବାରିକ, ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ(୨୦), ଆଈ ଶାଶୁ ନେତ୍ରମଣି ବେହେରା ଓ ଅନିରୁଦ୍ଧଙ୍କ ୨ ବର୍ଷର ଝିଅ ସାଇସ୍ମିତା। ସମସ୍ତେ ଭୁବନେଶ୍ୱରରେ ଦୁର୍ଗାପୂଜା ଦେଖି ଘରକୁ ଫେରୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି। ସୂଚନା ମୁତାବକ, ପ୍ରଭାକର ଏବଂ ତାଙ୍କ ମା' ଲକ୍ଷ୍ମୀପ୍ରିୟା ମା'ଙ୍କ ଦର୍ଶନ ସାରି ଏକ ବାଇକ୍ (ଓଡି୦୨ସି୬୫୧୯) ଭୁବନେଶ୍ୱରରୁ ଗାଁକୁ ଫେରୁଥିଲେ। ଏହି ସମୟରେ ଏକ ମାରୁତି ସୁଇଫ୍ଟ ଡିଜାୟାର କାର୍(ଓଆର ୦୨ ଏଲ୍ ୭୫୭୫)ରେ ଅନିରୁଦ୍ଧ ପରିବାର ସହ ମେଢ ଦେଖି ଘରକୁ ଫେରୁଥିଲେ। ସିଫା ସମ୍ମୁଖରେ କାର୍‌ଟି ଦ୍ରୁତଗତିରେ ଅନ୍ୟ ଏକ କାରକୁ ଅତିକ୍ରମ କରିବାକୁ ଯାଇ ପ୍ରଭାକରଙ୍କ



ଦୁର୍ଘଟଣାଗ୍ରସ୍ତ ବାଇକ୍।

### ଦଶହରା ବୁଲି ଘରକୁ ଫେରୁଥିଲେ

ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ପରେ ଭାରସାମ୍ୟ ହରାଇ କାରଟି ରାସ୍ତାପାର୍ଶ୍ୱରେ ଥିବା ଏକ ଦଳ ଗଡିଆ ଭିତରକୁ ଖସି ପଡ଼ି ବୁଡ଼ି ଯାଇଥିଲା। କାର୍ ଡୋର ବନ୍ଦ ଥିବାରୁ ଭିତରୁ କେହି ବାହାରିପାରି ନ ଥିଲେ। ଫଳରେ କାର ଭିତରେ ଥିବା ୪ ଜଣ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ସେହିଭଳି ପ୍ରଭାକର ଏବଂ ତାଙ୍କ ମା'ଙ୍କର ମଧ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପିପିଲି ଥାନା ଅଧିକାରୀ ଶରତ ସାହୁ, ଉତ୍ତରା ଫାଣ୍ଡି ପୋଲିସ, ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ପୋଲିସ କ୍ରେନ୍ ସାହାଯ୍ୟରେ ପାଣିରୁ କାରକୁ ବାହାର କରିଥିଲା। କାରକୁ ଉପରକୁ ଅଣାଯିବା ପରେ ସେଥିରୁ ୪ଜଣଙ୍କ ମୃତଦେହ ଜବତ କରାଯାଇଥିଲା। ପ୍ରଥମେ ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଉଭୟ ଗାଡି ନମ୍ବରରୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରି ଖବର ଦେଇଥିଲା। ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତକଙ୍କ ଆତ୍ମୀୟ ଏବଂ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ହସ୍ପିଟାଲ ପରିସର ଫାଟିପଡିଥିଲା। ଶନିବାର ସକାଳୁ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣା ପରେ ଲକ୍ଷ୍ମୀନାରାୟଣପୁର ଏବଂ ନିର୍ମଳା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରେଡ୍‌କ୍ରସ୍ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଥାନାରେ ଏକ ମାମଲା (୩୦୨/୧୮) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ପିପିଲି ଥାନା ଅଧିକାରୀ କହିଛନ୍ତି।

## ପୁରୀ ହିଂସା ଘଟଣାରେ ପୁଣି ୪ ଗିରଫ

ପୁରୀ ଅଫିସ, ୨୦।୧୦: ପୁରୀ ହିଂସାକୁ ନେଇ ଦିନକୁଦିନ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଗିରଫଦାରି ସଂଖ୍ୟା ଯେତିକି ବଢୁଛି ଜନ ଅସନ୍ତୋଷ ମଧ ସେହିପରି ବୃଦ୍ଧି ପାଉଛି। ଏହି ହିଂସାରେ କେତେଜଣ ହାତଗଣତି ସେବାୟତ ସାମିଲ ଥିଲେ ବି ଶ୍ରୀମନ୍ଦିର ନୀତି ବନ୍ଦର ଧମକ ମିଳୁଥିବାରୁ ପୋଲିସ ସେମାନଙ୍କ ଦେହରେ ହାତ ମାରୁନାହିଁ। ହେଲେ ଗତ ଦୁଇଦିନ ମଧ୍ୟରେ ପୋଲିସ ପୁଣି ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏବେ ଏହି ସଂଖ୍ୟା ୮୪ରେ ପହଞ୍ଚିଛି। ମିଳିଥିବା ସୂଚନା ଅନୁଯାୟୀ ସିଂହଦ୍ୱାର ଫାଣ୍ଡି ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନା ପୋଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଳଗଣ୍ଡି ଅଞ୍ଚଳରେ ରହୁଥିବା ବ୍ରହ୍ମଗିରିର ମଦନ ଭୋଳ ଏବଂ ମାର୍କଣ୍ଡେଶ୍ୱର ସାହିର ସୁଦର୍ଶନ ମହାନ୍ତି। ଅନ୍ୟପକ୍ଷରେ ସିଂହଦ୍ୱାର ଥାନା ପୋଲିସ ଜଣେ ସେବାୟତଙ୍କୁ ଆଣି ଅଟକ ରଖିଥିଲା। କିନ୍ତୁ ସେ ନୀତି ବନ୍ଦର ଧମକ ଦେବାରୁ ତାଙ୍କୁ ଛାଡିଥିବା ଜଣାପଡିଛି। ସେହିପରି ଟାଉନ ଥାନା ପୋଲିସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଟେକାପଥର ମାଡ଼ ଏବଂ ରାସ୍ତା ଅବରୋଧ ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଣିକର୍ଣ୍ଣିକା ସାହିର ହରିହର ଦାସ ଓ ବରାହୀ ଲେନ୍ ଭଣ୍ଡାରି ଗଳିର ଶ୍ୟାମସୁନ୍ଦର ପଣ୍ଡା।

# ପରଲୋକରେ ପ୍ରଯୋଜକ ଅମିୟ ପଟ୍ଟନାୟକ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଅମିୟ ରଞ୍ଜନ ପଟ୍ଟନାୟକଙ୍କର ଶୁକ୍ରବାର ପରଲୋକ ଘଟିଛି। ଦିଲ୍ଲୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ସେ ପାନକ୍ରିୟାଜ୍ ସଂକ୍ରମଣରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବର୍ଗଙ୍କ ସମେତ ବଡ଼ଭାଇ ତଥା ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଶୁକ୍ରବାର ଅମିୟଙ୍କ ମରଶରୀରକୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀରୁ ଭୁବନେଶ୍ୱର ଅଣାଯିବା ପରେ ତାଙ୍କ ବାସଭବନରେ ରଖାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ସେଠାରେ ଶେଷ ଦର୍ଶନ କରିଥିଲେ। ଶନିବାର ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅମିୟଙ୍କ ପୁଅ ତଥା ଚଳଚ୍ଚିତ୍ର ପ୍ରଯୋଜକ ଅନୁପମ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ପୁରୀ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ସମେତ ଅମିୟଙ୍କ ବଡ଼ ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ଦୀପ୍ତିରଞ୍ଜନ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱର୍ଗଦ୍ୱାରରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅମିୟ ୧୯୮୫ରେ ପ୍ରଥମେ 'ହାକିମ ବାବୁ' ଚଳଚ୍ଚିତ୍ର ନିର୍ମାଣ କରିଥିଲେ, ଯାହାର ନିର୍ଦ୍ଦେଶନା ଦେଇଥିଲେ ଜଣାଶୁଣା ନିର୍ଦ୍ଦେଶକ ପ୍ରଣବ ଦାସ। ଏହାକୁ ରାଜ୍ୟ ଏବଂ ରାଷ୍ଟ୍ରୀୟ ପୁରସ୍କାର ମଧ ମିଳିଥିଲା। ଏହାପରେ ସେ ପ୍ରଯୋଜନା ସହ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଥିଲେ। ୧୯୮୫ରେ 'ମମତା ମାଗେ ମୂଲ' ସିନେମା ନିର୍ମାଣ କରିଥିଲେ। ଏହା ସୁପରହିଟ୍ ହୋଇଥିଲା। ପରେ ସେ 'ପୁଅ ମୋର କଳାଠାକୁର', 'ଚକା ଆଖି ସବୁ ଦେଖୁଛି', 'ଆସୁଛି ମୋ କାଳିଆ ସୁନା' ଭଳି ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ। ହର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ 'ଚକାଡୋଳା କରୁଛି ଲୀଳା' ଏବଂ 'ପରଦେଶୀ ବାବୁ' ସିନେମା ନିର୍ମାଣ କରିଥିଲେ।

### ପୁରୀରେ ଶେଷକୃତ୍ୟ ସମ୍ପନ୍ନ



ରାଜା ରାଣୀ, ଚକାଡୋଳା କରୁଛି ଲୀଳା, ବାବୁ ଆଇ ଲଭ୍ ୟୁ ଆଦି ଚଳଚ୍ଚିତ୍ର ଓଡ଼ିଶା ସିନେ ଜଗତରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ସୃଷ୍ଟି କରିଥିଲା।

ଅମିୟଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଚଳଚ୍ଚିତ୍ର ସବୁ ବର୍ଗର ଲୋକଙ୍କୁ ମନୋରଞ୍ଜନ ଯୋଗାଇଛି। କ୍ୟାମେରା ପଛରେ ତାଙ୍କର ଉପସ୍ଥିତି ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରତ୍ୟେକ ବ୍ୟକ୍ତିଙ୍କର ମନେରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଜଣେ ପରିବାର ସଦସ୍ୟଙ୍କୁ ହରାଇନୁ ବରଂ ଓଡ଼ିଶାର ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ହରାଇଛୁ, ଯିଏ ନିଜ ଜୀବନକୁ ସବୁବେଳେ ଓଡ଼ିଶାର ସଂସ୍କୃତି ଓ ଗର୍ବକୁ ପ୍ରଚାର ପ୍ରସାର ଲାଗି ଉତ୍ସର୍ଗ କରିଛନ୍ତି ବୋଲି ପିସିସି ସଭାପତି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି।

# ବଦଳୁଛି ଆଶ୍ରୟସ୍ଥଳ ଠିକଣା, ଦ୍ୱନ୍ଦ୍ୱରେ ହବିଷିଆଳି

ପୁରୀ ଅଫିସ, ୨୦।୧୦

ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ଆଉ ଦିନେ ଦୁଇଦିନ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚିବେ ହବିଷିଆଳି। ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ ରାଜ୍ୟ ସରକାର ହବିଷିଆଳିଙ୍କୁ ମାଗଣାରେ ରହିବା ଲାଗି ବ୍ୟବସ୍ଥା କରିଛନ୍ତି। ଗତବର୍ଷ ଗୁଡ଼ିକରେ ହବିଷିଆଳି ଆଶ୍ରୟସ୍ଥଳ କେଉଁଠି କରାଯିବ ତାହା ବହୁ ପୂର୍ବରୁ ସ୍ଥିର ହେଉଥିବା ବେଳେ ଚଳିତବର୍ଷ ପ୍ରଶାସନ ନିର୍ଣ୍ଣୟ ନେଇପାରୁ ନାହିଁ। ପୂର୍ବରୁ ୩ଟି (ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ମୋଚିସାହି କଲ୍ୟାଣ ମଣ୍ଡପ ଓ ମେଡିକାଲ ନିକଟସ୍ଥ ଯାତ୍ରୀ ନିବାସ) ଜାଗାରେ ଆଶ୍ରୟସ୍ଥଳ ହେବ ବୋଲି ସ୍ଥିର ହୋଇଥିଲା। ଏପରି କି ଜିଲାୱାରି ହବିଷିଆଳିଙ୍କ ରହଣି ତାଲିକା ପ୍ରଶାସନ ଚୂଡ଼ାନ୍ତ କରିଥିଲା। ଶନିବାର ଜିଲାପାଳଙ୍କ ଅଧକ୍ଷତାରେ ବୈଠକ ବସି ଏଥିରେ ପୁଣି ପରିବର୍ତ୍ତନ କରାଯାଇଛି। ୩ଟି ବଦଳରେ ୪ଟି ଜାଗାରେ ଆଶ୍ରୟସ୍ଥଳ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୨୫୦୦ ହବିଷିଆଳିଙ୍କୁ ମାଗଣାରେ ରଖିବା ଲାଗି ଚୂଡ଼ାନ୍ତ ହୋଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ ଯାତ୍ରୀନିବାସ, ମୋଚିସାହି ନିକଟ ପୌରସଂସ୍ଥା କଲ୍ୟାଣ ମଣ୍ଡପ ଓ ଜଗନ୍ନାଥ ବଲ୍ଲଭରେ ହବିଷିଆଳିଙ୍କୁ ରଖିବା ଲାଗି ସ୍ଥିର କରାଯାଇଛି। ହେଲେ କେଉଁ ଜିଲାର ହବିଷିଆଳି କେଉଁଠି ରହିବେ ତାହା ଚୂଡ଼ାନ୍ତ ହୋଇନାହିଁ। ଜିଲା ପ୍ରଶାସନର ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନକୁ ନେଇ ହବିଷିଆଳି ବି ଦ୍ୱନ୍ଦ୍ୱରେ ପଡିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ୧୩୯୮ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ଆସନ୍ତା ୨୨ ତାରିଖ ପଞ୍ଜୀକରଣର ଶେଷ ଦିବସ ରହିଛି।

### ନାମ ପଞ୍ଜୀକରଣ କଲେଣି ୧୩୯୮

# ଉପଜିଲାପାଳଙ୍କ ଅଫିସ ପରିସରରେ ଯୁବକଙ୍କ ଆତ୍ମହତ୍ୟା

ଧର୍ମଗଡ,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଆଶ୍ରୟ ଗୃହରୁ ଶନିବାର ସକାଳେ ପୋଲିସ ଏକ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି । ମୃତ ବ୍ୟକ୍ତି ଜଣଙ୍କ ଧର୍ମଗଡ଼ ଜଗନ୍ନାଥ ପଡାର ଭୋଦେବ ବଗର୍ତ୍ତୀ (୪୫) । ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ପୋଲିସ ତାର ପ୍ରାଥମିକ ତଦନ୍ତରୁ ଜାଣି ପାରିଛି । ଭୋଦେବ ଉପଜିପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ଛୋଟ ଠେଲା ହୋଟେଲ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ । ଗତ ଦୁଇ ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଗତବର୍ଷ ତାଙ୍କ ଝିଅର ମଧ ମୃତ୍ୟୁ ହୋଇଥିଲା । ଶନିବାର ପୋଲିସ ଖବରପାଇ ଘଟଣାସ୍ଥଳରେ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚାଲୁଥିବା ପ୍ରକାଶ କରିଛି । ତାଙ୍କର ଏକମାତ୍ର ପୁଅ କୈଳାସ( ୨୨) ବର୍ତ୍ତମାନ ଅସହାୟ ହୋଇପଡିଛନ୍ତି। କୈଳାସଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।


**BHUBANESWAR MUNICIPAL CORPORATION**

**No : 35091** **Dt.20.10.2018**

**AUCTION SALE NOTICE**

Sealed quotations in plain paper are invited from intending bidders for auction sale of Scrap Materials of BMC.

a. Last date of receipt of sealed quotation on **29.10.2018** upto. **05.00 PM.**

b. Inspection of materials from **21.10.2018 to 30.10.2018** during office hours.

c. Date & time of opening on **31.10.2018** at **11 AM.**

The details of Scrap materials terms & conditions, EMD, to be deposited, off set price etc. can be seen from BMC website www.bmc.gov.in or can be seen at BMC office (Mechanical Section).

**Executive Engineer,Division No.-II, BMC**

Progress Through Partnership for a Better Bhubaneswar



**ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ଭୁବନେଶ୍ୱର–୧୪**

21-RR

**'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ**

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ସମ୍ମାନସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ସଙ୍ଗଠନ/ ସାହିତ୍ୟିକ/ସାହିତ୍ୟିକାଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥ ରାଶି ପ୍ରଦାନ ସହିତ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ। ଏହି ସମ୍ମାନ ପ୍ରତ୍ୟେକବର୍ଷ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ।

୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କ ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ। ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କରେ ଉତ୍କୃଷ୍ଟ ଆଲୋଚନା ବା ସାରସ୍ୱତ ରଚନାର କୃତିତ୍ୱକୁ ଅଗ୍ରାଧିକାର ଦିଆଯିବ।

(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ସଙ୍ଗଠନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ। ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ, ତାଙ୍କୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ। ଯେଉଁ ଅନୁଷ୍ଠାନ ଫକୀରମୋହନଙ୍କ ସାହିତ୍ୟର ପ୍ରଚାର/ପ୍ରସାର ପାଇଁ କାର୍ଯ୍ୟକରିଥିବେ, ସେହି ଅନୁଷ୍ଠାନକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।

୩. ଏଥିପାଇଁ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।

୪. ସାହିତ୍ୟିକ ସଙ୍ଗଠନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ।

୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।

୬. ଆବେଦନ କରିଥିବା ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାରପ୍ରାପ୍ତ ହୋଇ ନ ଥିବେ।

୭. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

୮. ଏହି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।

୯. ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ ଫର୍ମ ସଠିକ୍ ଭାବେ ପୂରଣ କରି ୨୦ ନଭେମ୍ବର ୨୦୧୮ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ ଦ୍ୱିତୀୟ ମହଲା, ଭୁବନେଶ୍ୱର– ୭୫୧୦୧୪ରେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣୀୟ ହେବ ନାହିଁ। ଏ ବିଷୟରେ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ସୁରେଶ ଚନ୍ଦ୍ର କର, ସଂସ୍କୃତ ବିଦ୍ୱାନ, ମୋ– ୯୪୩୯୯୧୧୯୮୭ଙ୍କ ସହ ଯୋଗାଯୋଗ କରିପାରିବେ।

୧୦. ଆବେଦନ ସମ୍ବନ୍ଧୀୟ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର website: www.odishaculture.gov.inରେ ମଧ ଉପଲବ୍ଧ ଅଟେ।

**ସ୍ୱା./– ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର**

**ଆବେଦନ ଫର୍ମ**

**ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ–୨୦୧୮**

୧. ସାହିତ୍ୟିକ/ସାହିତ୍ୟିକା/ଅନୁଷ୍ଠାନଙ୍କ ନାମ :
୨. ସାହିତ୍ୟିକ/ସାହିତ୍ୟିକା/ଅନୁଷ୍ଠାନଙ୍କ ଠିକଣା ଓ ଫୋନ୍ ନଂ. :
୩. (କ) ଜନ୍ମତାରିଖ (ବ୍ୟକ୍ତିଙ୍କ କ୍ଷେତ୍ରରେ) :
(ଖ) ପଞ୍ଜୀକରଣ ତାରିଖ ଓ ସ୍ଥାନ (ଅନୁଷ୍ଠାନ କ୍ଷେତ୍ରରେ)
(ଆବଶ୍ୟକୀୟ ପ୍ରମାଣପତ୍ର ନକଲ ସଂଯୋଗ କରିବେ) :
୪. ସାହିତ୍ୟିକ ଗବେଷଣା/କୃତିର ସବିଶେଷ ବିବରଣୀ (ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ) :
୫. ବ୍ୟାସକବି ଫକୀରମୋହନଙ୍କ ରଚନା ଉପରେ କରିଥିବା ଗବେଷଣା ତଥା ସାହିତ୍ୟିକ ପର୍ଯ୍ୟାଲୋଚନାର ସବିଶେଷ ବିବରଣୀ :
(ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ)
୬. ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲାଭ କରିଥିବା ପୁରସ୍କାରର ବିବରଣୀ (ପ୍ରମାଣପତ୍ରର ନକଲ ଦାଖଲ କରିବେ) :
୭. ଅନୁଷ୍ଠାନ କ୍ଷେତ୍ରରେ ବିଗତ ପାଞ୍ଚବର୍ଷର କାର୍ଯ୍ୟ ଓ ବ୍ୟୟସମୀକ୍ଷା ବିବରଣୀ :

ଉପରୋକ୍ତ ସମସ୍ତ ତଥ୍ୟ ସଠିକ୍ ଅଟେ।

ସାହିତ୍ୟିକ/ସାହିତ୍ୟିକା/ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର
(ଅନୁଷ୍ଠାନ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କ ସ୍ୱାକ୍ଷର)

03001/11/0045/1819



**OFFICE OF THE VYASANAGAR MUNICIPALITY**
**VYASANAGAR, JAJPUR**

Email_Id : vyasanagarmunicipality@gmail.com, Website : ulbodisha.gov.in, Ph. No. : 06726-220207

**QUOTATION CALL NOTICE FOR MOSQUITO CONTROL OPERATION**

**No. 3802/ Date : 20.10.2018**

The Executive Officer, Vyasanagar Municipality, Jajpur Road invites sealed Quotations from persons / firms sufficient knowledge, manpower, machineries and experience in running integrated mosquito and pest control operation in Urban Local Bodies / township areas and having valid license to stock and use restricted insecticides for commercial pest control operations issued by the comptent authority according to the insecticide Act 1968 and rules there under, for the below mentioned works. The quotation should accompany attested xerox copies of PAN card / TCC/ Valid VAT clearance certificate / service tax registration certificate / EPF & ESI registration certificate / proof of work experience & work completion certificate / valid registration certificate under institute Act-1968/ valid paste control License / IPCA membership and EMD of Rs. 20,000.00 (Rupees Twenty thousand only) in shape of Demand Draft / Bankers Cheque issued from any nationalized Bank in favour of the Executive Officer, Vyasanagar Municipality payable at Vyasanagar, Jajpur Road. The quotation should also accompany an undertaking to the effect that the bidders / firms shall produce the required Labour License and insurance to the cover accidental risk of all categories of work men under the work men compensation Act, If awarded with the work. The bidder/ firm shall require to submit a certificate duly signed by a reputed expert not below the rank ADMO, PH of the State Govt. to the effect that the chemicals he. they proposed to use in the mosquito control operation are genuine, effective and result oriented. The bidder / firm should also submit the booklets containing the detailed technical specification of any of the above documents with EMD is liable for rejection of the quotation. The quotations complete in all respect should be delivered in the designated tender box kept for the purpose in the office of the Municipality latest by 11.30 A.M. of dtd. 29.10.2018 which will be opened at 12.00 A.M. same day in presence of the bidders or their authorised representatives if they so wish. But the same can also be opened by the undersigned in absence of any or all the bidders/ firms. The rate including cost & conveyance of all materials, chemicals, solutions, machineries & equipments, vehicles and fuel required to carry out the operation, tools and tackles with taxes, cost of all labor, including public awareness campaign through a public address system regarding the dos, don'ts and timing of operation etc. should be quoted both in figures and words and in case of discrepancy between the two, the rates as indicated in words will be considered. The selected bidder will have to execute an agreement containing the detailed scope of work, terms & conditions and mode of operation & payment with the undersigned before issue of work order. Any other details can be had from the office of the undersigned during office hours on all working days.

The undersigned reserves the right to accept or reject any or all the quotations or part thereof without assigning any reason thereof.

| Sl. No. | Name of Operation | Area of Operation | Freeq-uency | Approxi-mate no. of operations required | Unit | Rate in (Rs.) | |
|---|---|---|---|---|---|---|---|
| | | | | | | In figures | In words |
| 1 | 2 | 3 | 4 | 5 | 6 | 7 | 8 |
| 1 | Anti Mosquito larvae operation by appliction of NVBDCP approved larvicides diluted properly in water in required proportion. | All possible bredding place such as drains, catch basins, puddles, swampy area, stagnant waters, tree stumps, discarded automobile tires and all other such places in and around 100 mtr radius of the Vyasanagar Municipal area. | Once in a week | 9 | Per one litre consumption of solution prepared diluting approved larvicide with water in required propertion | | |
| 2 | Thermal fogging operation using NVBDCP approved adultcides to be diluted properly in diesel in required proportion. | All streets, residential colonies & areas parking places, lawns, gardens, Bus Stand, Railway station, construction sites, Schools, Colleges, abandoned buildings sites, all possible mosquito resting sites including hedges, covered drains, bushes tree shaded areas and all around 100 mtr radius of the Vyasanagar Municipal area. | Once in a fortnight | 5 | Per one litre consumption of solution prepared diluting approved adulticide for fogging with Diesel in required proportion | | |
| 3 | Adult Mosquito Control by indoor residual spraying to individual houses using NVBDCP approved adultcides.. | All house holds in the Municipal Area (in-door and out-door spraying) | Once in a month | Once | Per one Kg Consumption of solution prepared diluting approved adulticide with water in required proportion. | | |

**LIST OF SOME ADULTICIDES / LARVICIDES AND MIXING RATIO**

| Sl. No. | Operation | Adulticide / Larvicide | Unit (One litre Solution Break up) |
|---|---|---|---|
| 1 | Thermal Foggin | Deltamethrin 1.25% ULV | 5ml = 995 ml of Diesel |
| | | Cyphenothrin 5% EC | 10ml + 990 ml of Diesel |
| 2 | Indoor residual Spraying | Lambdacyhalothrin 10% WP | 12.5 gms in 1 Litre of water |
| | | Deltamethrin 2.5% WP | 40 gms in 1 Litre of water |
| 3 | Anti Larvae Treatment | Temephos 50% EC | 1.5 ml in 1 litre of water |

**Sd./- Executive Officer, Vyasanagar Municipality**




# MATRIMONIAL

## BRIDE WANTED

Wanted Khandayat bride for good looking fair groom 1984/5'11'', interior designer, company based Job (Kolkata), salary- 42,000/-. Contact: 9337748884, 7892291976. D-63393

Karan boy 1988, 5'6", B.Tech serving Infosys, Bangalore "Sunasansar". 9937512659. D-8991

Gopal boy 1987/ 5'10" MJMC working media sector, BBSR. Required service holder, Caste no bar. Barsha. 9338229705, 7381384339. D-64728

Gopal groom Bank 31+, Doctor 29, Infosys 31. Samadhan- 8594926181. D-65037

Now Matrimonial ads. only on Wednesday & Sunday
Book 1 Get 1 FREE

## GROOM WANTED

Beautiful Karan girl 1988 B.Sc, MBA required suitable match. 8908955060. D-64728

Divorcee Brahmin bride Teacher 32, Clerk 38 (caste-no-bar). Contact: 7873374269. D-65033

Divorcee bride Bank 35, Engineer 29, Clerk 31, Samadhan. 8594926181. D-65036

Newly open herbal full body massage with refreshment well trained therapist. 7381239385. D-64621

Herbal full body massage by smart/ expert therapist. Contact: 8338067247. D-65114

All type of full body massage by expert therapist. 7609005923. D-65115

Singar massage club fully relaxed by expert lady also home service available. Contact: 9937637219. D-8941

Experience full body massage with us by expert enquiry. 7377048581. D-65116

Newly opening ayurvedic body massage smart therapist, Shree herbal. 7750020754. D-65117

Ayurvedic herbal body massage by smart expert therapist. 9040900385, 9778137131. D-64622

Physiotherapy and herbal massage by trained ladies/ gents therapist. 9938811534. D-65034

Saishree ayurvedic full body massage ladies & gents. Contact: 7438896074. D-64623

Ayurvedic full body massage ladies / gents smart experts therapist. 9114697517. D-64624

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆଦ୍ୱିକ୍ ରାଉତ
ଟରଣ୍ଟୋ (କାନାଡା)
ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ । ତୋତେ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ : ଜେଜେ ମା, ଅଜା, ଆଈ, ବଡବାପା, ବଡମା, ବାପା, ମା, ଦାଦା, ଖୁଡ଼ୀ, ମାମୁଁ ଓ ପରିବାରବର୍ଗ ଧ-୮୯୯୪

## 1st Birthday Wish



M. Shivanya
Santoshi Vihar, Bhubaneswar
ଆଜିର ଏହି ପ୍ରଥମ ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ତୁମର ଚଲାପଥ କୁସୁମିତ କରିବା ସହ ତୁମକୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବାପା– ମନଜିତ୍ ସାହୁ, ମା– ମାନସୀ ମିଶ୍ର। ଧ-୮୯୯୬




## SALE

SUV for sell: Model, 2015 August, diesel from Saangyong Rexton Rx6 manual transmission, black colour 43500km driven. Insurance valid upto August 2019, NOC is available. Features- all alloy wheel including spare, special provision for 4wheel drive, leather ire seats for all 7seats, Panasonic roof screen, rain sensing wiper, automatic headlight. ABS, EBS, hill descent, Engine 2700cc CDRI engine, 163bhp 350Nm torque 210 topspeed. Contact: 7377771414. D-65032

Two LPT 407 in good condition for sale. Contact: 9040551000. D-60925

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344

Indigo cs model-2008 Dec. Diesel, private white. Contact- 9437286768 price- 1,20,000/-. D-8979

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Gharabari Individual plots Pahal (2000X3), Satya Vihar, 18 Guntha commercial plot at NH-203, ready for possession flats, duplex at Bomikhal, Patia for immediate sale. Details: 9937850303.(ବିଷ୍ଣୁ) D-8911

Two BHK flat near Ravi talkies market area, Puri- Road, Bhubaneswar. 7873492433. D-63857

A luxurious 3BHK flat at Tata Ariana BBSR for sale. Contact: 9337413323, 9437313522. D-64903

3000 sqft. yellowzone plot near GITA Infosys-2 roadside Bhubaneswar. 9438400633. D-64350

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ଭୁବନେଶ୍ୱର Sum Hospital IIIT, Nalco ନିକଟ କାଟେଣୀରେ yellowzone gharabari 30' road plot 499/-. 9178388976. D-64727

2100 sft. gharabari residential plot immediate sale Hanspal on NH-5, Bhubaneswar. Contact Deepak: 9937329999. D-64523

Just pay 1,00,000 book a studio 1BHK, 2BHK flats at Puri. 9583879744. D-8968

Behind Sahid Nagar Police Station SC plot 1500/- sqft. 9438389968. 60,00,000/-. D-8978




Rent 6000/- for 2BHK at Sarbodaya Nagar, Puri (near bus stand & Railway Station). 9338401309, 9853916309. D-62131

2BHK, dining, drawing independent house in Bajrangvihar, Patia, Bhubaneswar. Contact: 9866123690. D-65101

1000 sqft. full furnished office with AC, tables, chairs, fans, Aquaguard on Cuttack- Puri road: 9437001960. D-65030

Furnished 3BHK flat near Convent Big Bazar, Satya Nagar. 9778431330. D-61025

3BHK marbled flat at Unit-8 Soubhagya Nagar main road. Contact: 9000004523. D-64904

2BHK first floor 8000/- near KIIT University, BBSR. Family service holder. 9658197163. D-61027

1BHK+ 1small room, parking verandah, backyard, @B4, Krishna Garden 1, Barabari, Bhubaneswar contact: 9438014968, 8658972393, only for family. D-8987




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

## ଜନ୍ମଦିନ ଶୁଭେଚ୍ଛା



ଜିତୁ ବେହେରା
ଆଜି ତମର ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତମ ଚଲାପଥ କୁସୁମିତ ହେଉ। କର୍ପୋରେଟର– ପ୍ରେମାନନ୍ଦ ଜେନା, ରଶ୍ମି ଜେନା, ମାମୁନି, ବାପି। ଧ-୮୯୯୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

ଭୁବନେଶ୍ୱରରେ ଘରବାରି ପ୍ଲଟ୍ ବର୍ଗଫୁଟ 450/-, 599/- Bank Finance ଘର କିଣନ୍ତୁ। 9556899700. D-8898




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

## GENERAL

### PURCHASE

ଟେଣ୍ଟହାଉସ ଜିନିଷ କିଣିବାକୁ ଆମେ ଚାହୁଁଛୁ ଯଥା ଟେବୁଲ୍ ଚେୟାର ବାସନ। 6371005354. D-63858




Shivam logistic packers movers. Household/ car relocation country wide. 9777044177, 9338461133. D-8849




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

# ମନେ ପଡ଼ନ୍ତି



## ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ରାଇଚରଣ ମହାନ୍ତି
ଆବିର୍ଭାବ: ୨୭।୧୨।୧୯୨୯
ଚମ୍ପାମଡ଼ାଇ, ଦେବୀଦ୍ୱାର, ଯାଜପୁର
ତିରୋଧାନ: ୧୧।୧୦।୨୦୧୮
କୋରୁକୋଣ୍ଡା, ମାଲକାନଗିରି
ଅତି ସାଧାରଣ, ପ୍ରେମୀ, ସ୍ନେହୀ, କର୍ତ୍ତବ୍ୟନିଷ୍ଠ, ଭଗବତ ପ୍ରେମୀ, ପରୋପକାରୀ ଆତ୍ମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବେ। ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଗତ ୧୧ ତାରିଖରେ ସ୍ୱର୍ଗବାସୀ ହେଲେ। ସେହି ଅମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ– ପଦ୍ମାବତୀ ମହାନ୍ତି, ପୁତ୍ର ଓ କନ୍ୟାଗଣ– ଟୁଟୁ, ବୁଟୁ, ବୁନୁ, ଗୋପନ, ଗୋବିନ୍ଦ, ଗୌରାଙ୍ଗ, ଗୋକୁଳ, ଗୌତମ, ପୁପୁନୁ, ବୁବୁନୁ, ବୀଣାପାଣି, ବିନୋଦିନୀ, କମଳିନୀ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣିଜୀ, ବନ୍ଧୁ ଓ ପରିବାରବର୍ଗ। ଧ-୮୯୯୦

## ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କୁମୁଦିନୀ ସୁବୁଦ୍ଧି
(ଜେମା)
ତମାଣ୍ଡୋ, ଭୁବନେଶ୍ୱର
ତିରୋଧାନ: ବିଜୟା ଏକାଦଶୀ
ଆଜିର ଏହି ପୁଣ୍ୟତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପରମ କାରୁଣିକ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ସୁବୁଦ୍ଧି ପରିବାରବର୍ଗ। ଧ-୬୦୯୨୬

## ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧୋତ୍ସବ



ସ୍ୱର୍ଗତ ଆଦିତ୍ୟ ପ୍ରସାଦ ସେନାପତି
(ପପୁ)
ଯେମାଦେଇ, ଖୋର୍ଦ୍ଧା
ଜନ୍ମ: ୦୪।୦୭।୧୯୮୩
ମୃତ୍ୟୁ: ୦୩।୧୦।୨୦୧୪
ଭୁଲିପାରୁ ନାହୁଁ ତୋତେ। ତୋତେ ଝୁରି ହେଉଛନ୍ତି। ବାପା, ବୋଉ, ଭଉଣୀ, ଭିଣୋଇ, ଭାଣିଜୀ, ଭଣଜାମାନେ ଏବଂ ପୁଅ– ସତ୍ୟବ୍ରତ, ସ୍ତ୍ରୀ– ଲିପି ଓ ପରିବାରବର୍ଗ ସମସ୍ତେ। ଧ-୮୯୮୯

## ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଭାସ୍କର ମହାନ୍ତି
ଜନ୍ମ: ୧୫।୦୬।୧୯୩୧
ତିରୋଧାନ: ୧୧।୧୦।୨୦୧୮
ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ମହାନ୍ତି ପରିବାର ଓ ସମ୍ପର୍କୀୟ ମହାନ୍ତି ଟ୍ରେଡର୍ସ, ଚରମ୍ପା, ଭଦ୍ରକ। ଧ-୮୯୯୫

# CLASSIFIED BOOKING STATIONS

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/ 4177(B), Vivekananda Marg, BBSR-2, Babina/ Dudu Mohanty, Mob- 9438092141, 9937073667

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674- 2726335, 9337013246

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda
Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob: 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

$ Dollar 73.32 (29) | Sensex 463.95 34,315.63 | Nifty 149.50 10,303.55 | Gold ₹45 32,270.00 | Silver ₹100 39,600.00

ଗଙ୍ଗାରେ ମିଥାନଲ୍ ଦ୍ୱାରା ପରିଚାଳିତ ୱାଟରକ୍ରାଫ୍ଟ ଚଳାଇବା ଲାଗି ରୁଷିଆ ସହ ଆଲୋଚନା ହୋଇଛି।

– ନୀତିନ ଗଡକରୀ, କେନ୍ଦ୍ର ନୌପରିବହନ ମନ୍ତ୍ରୀ



ଅତିଧନୀ କ୍ଲାଏଣ୍ଟଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ସେବା 'ୱେଲଥ୍ ହବ'ର ଶୁଭାରମ୍ଭ କରାଯାଇଛି।

–ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



## ସଂକ୍ଷେପରେ

### ତେଲ ଦର ପୁଣି କମିଲା

**ନୂଆଦିଲ୍ଲୀ, ୨୦-୧୦:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିବା ଯୋଗୁ ଶନିବାର ଦେଶରେ ପେଟ୍ରୋଲ ଓ ଡିଜେଲ ଦର ପୁନର୍ବାର କମିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧.୯୯ ଟଙ୍କା ରହିଛି, ଯାହାକି ଶୁକ୍ରବାର ଦର ଠାରୁ ୩୯ ପଇସା କମ୍। ସେହିପରି ଡିଜେଲ ଦର ୧୨ ପଇସା ହ୍ରାସ ପାଇ ଲିଟର ପିଛା ୭୫.୩୬ଟଙ୍କାରେ ବିକ୍ରି ହେଉଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୮୭.୪୬ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୯ଟଙ୍କାରେ ମିଳୁଛି। ସରକାର ଚଳିତ ମାସ ୫ରେ ତେଲ ଦର ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲେ। କିନ୍ତୁ ସେବେଠାରୁ ଆଜି ପର୍ଯ୍ୟନ୍ତ ଡିଜେଲ ଦର ଲିଟର ୨.୭୪ଟଙ୍କା ବଢ଼ିସାରିଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଦର ଲିଟର୧.୩୩ଟଙ୍କା ବଢ଼ିଛି।

### ବର୍ଷକ ମଧ୍ୟରେ ୭୩୦୦ ବିତ୍ତଶାଳୀ ସୃଷ୍ଟି

**ନୂଆଦିଲ୍ଲୀ, ୨୦-୧୦:** ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ଅସମାନତା ବୃଦ୍ଧି ପାଉଥିବା ନେଇ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ଅଥଚ କ୍ରେଡିଟ ସୁଇସ୍‌ର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ବର୍ଷକ ମଧ୍ୟରେ ଦେଶରେ ୭୩୦୦ ବିତ୍ତଶାଳୀ ସୃଷ୍ଟି ହୋଇଛନ୍ତି। ଫଳରେ ଦେଶରେ ଏବେ ମୋଟ୍ ସେମାନଙ୍କ ସଂଖ୍ୟା ୩,୪୩,୦୦୦ରେ ପହଞ୍ଚିଛି। ରିପୋର୍ଟରେ କୁହାଯାଇଛି ଯେ, ସେମାନଙ୍କ ନିକଟରେ ମୋଟ୍ ପ୍ରାୟ ୬ ଲକ୍ଷ କୋଟି ଡଲାର ସମ୍ପତ୍ତି ରହିଛି। ଆଲୋଚ୍ୟ ବର୍ଷରେ ଦେଶରେ ମହିଳା ଧନୀଙ୍କ ସଂଖ୍ୟା ୧୮.୬% ହାରରେ ବଢ଼ିଛି। ବିତ୍ତଶାଳୀଙ୍କ ମଧ୍ୟରେ ୩୪୦୦ଜଣଙ୍କର ସମ୍ପତ୍ତିର ପରିମାଣ ପ୍ରାୟ ୫୦ ମିଲିୟନ ଡଲାର ରହିଥିବା ବେଳେ ୧୫୦୦ ଜଣଙ୍କ ନିକଟରେ ପ୍ରାୟ ୧୦୦ ମିଲିୟନ ଡଲାରରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି। ୨୦୨୩ ସୁଦ୍ଧା ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ବ୍ୟବଧାନ ୫୩%କୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

### ବାଙ୍ଗାଲୋରରେ ପ୍ରଥମ ବିଟ୍‌କଏନ ଏଟିଏମ୍

**ନୂଆଦିଲ୍ଲୀ, ୨୦-୧୦:** ସମସ୍ତ ପ୍ରକାର ଭର୍ଚୁଆଲ କରେନ୍ସି ବା ଇଲେକ୍ଟ୍ରୋନିକ ମୁଦ୍ରା କାରବାରକୁ ରିଜର୍ଭ ବ୍ୟାଙ୍କ ବ୍ୟାନ୍ କରିଥିବା ବେଳେ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ୟୁନୋକଏନ ପକ୍ଷରୁ ବେଙ୍ଗାଲୁରୁରେ ଦେଶର ପ୍ରଥମ ବିଟ୍‌କଏନ ଏଟିଏମ୍ ପ୍ରତିଷ୍ଠା କରାଯାଇଛି। ବିଶ୍ୱର ଅନେକ ଦେଶରେ ଏଭଳି ବ୍ୟବସ୍ଥା ଏବେ ପ୍ରଚଳିତ। ଏହି ଏଟିଏମ୍ ଜରିଆରେ ୟୁନୋକଏନ ଗ୍ରାହକ ବିଟ୍‌କଏନ କିଣାବିକା କରିପାରିବେ। ତେବେ ନଗଦ ଅର୍ଥରେ ଏହା ସମ୍ଭବ ହେବ। ରିଜର୍ଭ ବ୍ୟାଙ୍କର ବ୍ୟାନ୍ ପରେ ଏକ୍ସଚେଞ୍ଜ ପକ୍ଷରୁ ଏହି କିଓସ୍କ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ୟୁନୋକଏନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଦିଲ୍ଲୀ ଓ ମୁମ୍ବାଇରେ ଏଭଳି କିଓସ୍କ ଖୋଲାଯିବ ବୋଲି ଏକ୍ସଚେଞ୍ଜ କହିଛି। ତେବେ ଏଠାରେ କେବଳ ନଗଦ କାରବାର ହେବ। ଏଥିପାଇଁ କୌଣସି ଡେବିଟ୍ ଅଥବା କ୍ରେଡିଟ୍ କାର୍ଡ ଗ୍ରହଣ କରାଯିବ ନାହିଁ। ୧୦୦୦ ଅଥବା ୫୦୦ ଟଙ୍କାର ଗୁଣିତକରେ ସର୍ବନିମ୍ନ ଜମା ଅଥବା ଉଠାଣ କରାଯାଇପାରିବ ବୋଲି ୟୁନୋକଏନ ପକ୍ଷରୁ କୁହାଯାଇଛି।

## ପେମେଣ୍ଟସ ରେଗୁଲେଟୋରି ବୋର୍ଡ ଗଠନ

# କେନ୍ଦ୍ରକୁ ଖୋଲାଖୋଲି ବିରୋଧକଲା ରିଜର୍ଭ ବ୍ୟାଙ୍କ

**ମୁମ୍ବାଇ/ନୂଆଦିଲ୍ଲୀ,୨୦-୧୦**

- ନିଜ ନିୟନ୍ତ୍ରଣରେ ରଖିବାକୁ ଆର୍‌ବିଆଇର ଯୁକ୍ତି
- ୱେବସାଇଟ୍‌ରେ ଡିସେଣ୍ଟ ନୋଟ୍ ସାର୍ବଜନୀନ
- ଗଭର୍ନରଙ୍କ ଅଧୀନରେ ବୋର୍ଡ ଗଠନ ପ୍ରସ୍ତାବ



କେନ୍ଦ୍ର ସରକାର ଦେୟ ପ୍ରଦାନ ଏବଂ ସମାଧାନ ବ୍ୟବସ୍ଥା ଆଇନ ୨୦୦୭ରେ ସଂଶୋଧନ ଆଣିବାକୁ ଚାହୁଁଛନ୍ତି। ଏଥିପାଇଁ ସୁପାରିସ କରିବାକୁ ଆର୍ଥିକ ବ୍ୟାପାର ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଆର୍‌ବିଆଇର ଏକଜିକ୍ୟୁଟିଭ ଡାଇରେକ୍ଟର ଗଣେଶ କୁମାର ସଦସ୍ୟ ରହିଥିଲେ। ଦେୟ ପ୍ରଦାନ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ପେମେଣ୍ଟସ ରେଗୁଲେଟୋରି ବୋର୍ଡ ଗଠନ କରିବାକୁ ଏହି କମିଟି ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରଥମଥର ନିୟମର ବିରୁଦ୍ଧାଚରଣ କରି ଏହି ସୁପାରିସ୍‌କୁ ଖୋଲାଖୋଲି ବିରୋଧ କରିଛି ଏବଂ ନିଜର ଅସହମତି ନୋଟ୍(ଡିସେଣ୍ଟ ନୋଟ୍)କୁ ସାର୍ବଜନୀନ କରିଛି। ଏଥିଯୋଗୁ ସରକାର ଅଡୁଆରେ ପଡିଯାଇଛନ୍ତି। ପେମେଣ୍ଟସ ରେଗୁଲେଟୋରି ବୋର୍ଡର ନିୟନ୍ତ୍ରଣ ଆର୍‌ବିଆଇ ନିକଟରେ ରହିବା ଉଚିତ ବୋଲି ନୋଟ୍‌ରେ ଦର୍ଶାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପ୍ରସ୍ତାବିତ ବୋର୍ଡରେ ତିନି ଜଣ ଲେଖାଏ ସଦସ୍ୟଙ୍କୁ ଉଭୟ ଆର୍‌ବିଆଇ ଏବଂ କେନ୍ଦ୍ର ସରକାର ଚୟନ କରିବେ ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କ ନିକଟରେ ଏହାର ଅଧିକାର ରହିବା ଆବଶ୍ୟକ। ଏହାଦ୍ୱାରା ବୋର୍ଡ ପରିଚାଳନା ସୁରୁଖୁରୁରେ ହୋଇପାରିବ ବୋଲି ନୋଟ୍‌ରେ ଉଲ୍ଲେଖ କରାଯାଇଛି। ଅର୍ଥମନ୍ତ୍ରୀ ଘୋଷଣା କରିଥିବା ଆର୍ଥିକ ବିଲ୍ ଅନୁଯାୟୀ ବୋର୍ଡ ଗଠନ କରାଯାଉ ନାହିଁ ବୋଲି ଏଥିରେ ଦର୍ଶାଯାଇଛି। କମିଟି ପକ୍ଷରୁ ସୁପାରିସରେ କୁହାଯାଇଥିଲା ଯେ, ଆର୍‌ବିଆଇର ପରାମର୍ଶକ୍ରମେ କେନ୍ଦ୍ର ସରକାର ବୋର୍ଡର ଅଧ୍ୟକ୍ଷଙ୍କୁ ନିଯୁକ୍ତ କରିବେ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇ କହିଛି ଯେ, ବୋର୍ଡର ନିୟନ୍ତ୍ରଣ କ୍ଷମତା ଗଭର୍ନରଙ୍କ ନିକଟରେ ରହିବା ଆବଶ୍ୟକ। ପ୍ରସ୍ତାବିତ ଆର୍ଥିକ ବିଲ୍‌ରେ ଗଭର୍ନରଙ୍କୁ ହିଁ ବୋର୍ଡର ଅଧ୍ୟକ୍ଷ ଭାବେ ରଖାଯାଇଥିଲା। ନୋଟ୍‌ରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରଣ ବାହାରେ ଦେୟ ବ୍ୟବସ୍ଥା ପାଇଁ ଅନ୍ୟ ଏକ ନିୟନ୍ତ୍ରକ ରହିପାରିବେ ନାହିଁ। ରିଜର୍ଭ ବ୍ୟାଙ୍କର ଯୁକ୍ତିକୁ ସୁପାରିସ୍‌ରେ ଯଥାଯଥ ସ୍ଥାନ ଦିଆଯାଇନି ବୋଲି ଅଭିଯୋଗ କରାଯାଇଛି। ଉକ୍ତ କମିଟି ଗତ ସେପ୍ଟେମ୍ବରରେ ତାଙ୍କ ରିପୋର୍ଟ ଅର୍ଥ ମନ୍ତ୍ରଣାଳୟକୁ ପ୍ରଦାନ କରିଥିଲେ। ଏହାପରଠାରୁ ଲୋକଙ୍କ ଠାରୁ ମତାମତ ସଂଗ୍ରହ ଲାଗି ସରକାର ଏହାକୁ ସାର୍ବଜନୀନ କରିଥିଲେ। ଅନ୍ୟପକ୍ଷରେ ଆର୍‌ବିଆଇର ଡିସେଣ୍ଟ ନୋଟ୍‌କୁ ମଧ୍ୟ ଏଥିରେ ଦର୍ଶାଯାଇଥିଲା। କିନ୍ତୁ ଆର୍‌ବିଆଇ ସ୍ୱତନ୍ତ୍ର ଭାବେ ନିଜ ୱେବସାଇଟ୍‌ରେ ଏହି ଡିସେଣ୍ଟ ନୋଟ୍‌କୁ ଦର୍ଶାଇଛି। ବର୍ତ୍ତମାନ ପ୍ରଚଳିତ ଆଇନରେ ସଂଶୋଧନ ଦ୍ୱାରା ଲକ୍ଷ୍ୟ ପୂରଣ ସମ୍ଭବ ଥିବା ବେଳେ ଆଉ ଏକ ବିଲ୍ ଆଣିବା ନେଇ ଆର୍‌ବିଆଇ ପ୍ରଶ୍ନ ଉଠାଇଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପେମେଣ୍ଟସ ସିଷ୍ଟମ ଦେଶର ମୁଦ୍ରା ବ୍ୟବସ୍ଥାର ଏକ ସହାୟକ ଅଙ୍ଗ ହୋଇଥିବାରୁ ଏହାର ନିୟନ୍ତ୍ରଣ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା କରାଯିବା ଉଚିତ। କାର୍ଡ ଭଳି ଦେୟ ପ୍ରଣାଳୀ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ କହିଛି ଯେ, ବିଶ୍ୱସ୍ତରରେ ବ୍ୟାଙ୍କ ଦ୍ୱାରା କାର୍ଡ ଜାରି କରାଯାଇଥାଏ। ଏଥିରେ ଏକାଧିକ ନିୟନ୍ତ୍ରକ ବ୍ୟବସ୍ଥା ଗ୍ରହଣୀୟ ନୁହେଁ। ବ୍ୟାଙ୍କିଙ୍ଗ ପ୍ରଣାଳୀ ଏବଂ ଦେୟ ପ୍ରଦାନ ପ୍ରଣାଳୀ ସମାନ ନିୟାମକ ଦ୍ୱାରା ନିୟନ୍ତ୍ରିତ ହେଲେ ଅଧିକ ତାଳମେଳ ରହିପାରିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଯୁକ୍ତି ଦର୍ଶାଇଛି।



## ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ମହା ଜଏ ଲକି ଡ୍ର

**ଭୁବନେଶ୍ୱର,୨୦-୧୦**

ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୱିଙ୍ଗସ ଅଫ୍ ଜଏ ଅଫର ଅନ୍ତର୍ଗତ ମହା ଜଏ ଲକି ଡ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଦୁଇ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଲକ୍ଷ୍ନୌର ପ୍ରେମ କୁମାର ଶ୍ରୀବାସ୍ତବ ଏବଂ ଗୁଜରାଟର ସବିବ ଅସଲାମ୍ ଶେଖ୍ ହୋଣ୍ଡା ବ୍ରିଓ କାର ଜିତିବାର ସୁଯୋଗ ଲାଭ କରିଛନ୍ତି। ଏହି ଅଫର ଅନ୍ତର୍ଗତ କମ୍ପାନୀ ୨୦,୦୦୦ରୁ ଅଧିକ ପୁରସ୍କାର ପ୍ରଦାନ କରିବ। ଅଫର ସମୟ ମଧ୍ୟରେ ଗ୍ରାହକମାନେ ଏଲଜି ଏଲଇଡି ଟିଭି, ସାମସଙ୍ଗ ସ୍ମାର୍ଟଫୋନ୍, ଆମେରିକାନ ଟୁରିଷ୍ଟର ଟ୍ରଲି ବ୍ୟାଗ୍ , ସୋନି ଇୟରଫୋନ ଭଳି ବିଭିନ୍ନ ପୁରସ୍କାର ଲାଭ କରିପାରିବେ। କମ୍ପାନୀର ନିଶ୍ଚିତ ଗିଫ୍ଟ ବାଦ୍ ଗ୍ରାହକ ମହାଜଏ ରିୱାର୍ଡ, ବମ୍ପର ଜଏ ରିୱାର୍ଡର ବିଜେତା ହେବାର ସୁଯୋଗ ରହିଛି। ଏଥିରେ ହୋଣ୍ଡା ଆମେଜ୍ କାର ଗ୍ରାହକ ଲାଭ କରିପାରିବେ।

## ବଜାରରେ ଅନର ୮ ଏକ୍ସ

**ନୂଆଦିଲ୍ଲୀ,୨୦-୧୦**



ହାୱାଇର ସବ୍ ବ୍ରାଣ୍ଡ ଅନର ପକ୍ଷରୁ ବଜାରକୁ ଆସିଛି ନୂଆ ୮ ଏକ୍ସ। ଏକ୍ସ ସିରିଜ୍ ପୋର୍ଟଫୋଲିଓରେ କମ୍ପାନୀ ଏହି ନୂଆ ମଡେଲକୁ ବଜାରକୁ ଛାଡିଛି। ଏଥିରେ ଅକ୍ଟାକୋର କିରିନ୍ ୭୧୦ କ୍ଷମତା ରହିଛି। ଏହା ସହ ୧୬.୫୧ ସେମିର ଫୁଲଭିୟୁ ନୋଚ୍ ଡିସ୍ପଲେ ,୨.୫ଡି ଡବଲ୍ ଟେକ୍ସର ଅରୋରା ଗ୍ଲାସ ବଡି, ଗ୍ରେଟିଂ ଇଫେକ୍ଟ ରହିଛି। ୬ଜିବି ସହ ୧୨୮ ଭାରିଆଣ୍ଟର ବଜାର ଦର ୧୮,୯୯୯ ଟଙ୍କା ରହିଛି। ଏହା ରେଡ୍,ବ୍ଲୁ ଏବଂ ବ୍ଲାକ୍ ରଙ୍ଗରେ ଉପଲବ୍ଧ । ଗ୍ରାହକଙ୍କୁ ଅତୁଳନୀୟ ସ୍ମାର୍ଟଫୋନ ଅଭିଜ୍ଞତା, ଉନ୍ନତ ଟେକ୍ନୋଲୋଜି, ଡିଜାଇନ ଏବଂ ଭାଲ୍ୟୁ ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଥିବା ହାୱାଇ ଇଣ୍ଡିଆ କଞ୍ଜ୍ୟୁମର ବିଜ୍‌ନେସ ଗ୍ରୁପ ଉପସଭାପତି ପି.ସଞ୍ଜୀବ ସୂଚନା ଦେଇଛନ୍ତି।

## ଉନ୍ନତ ଓନରଶିପ୍ ଅଭିଜ୍ଞତା ଦେଉଛି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା

**ଭୁବନେଶ୍ୱର,୨୦-୧୦**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ଲିଜିଂ ଫର୍ ରିଟେଲ ବାୟର୍ ସମ୍ପର୍କରେ ଘୋଷଣା କରିଛି। ଏହା ଦ୍ୱାରା ଗ୍ରାହକଙ୍କୁ ଏକ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟକରୁଥିବା ପ୍ରକାଶ କରିଛି। ଏହି ସୁବିଧା ପର୍ସନାଲ ରେଞ୍ଜ୍ ଯାନ ଉପରେ ଉପଲବ୍ଧ ହେଉଛି। ସୁଲଭ ତଥା ସହଜରେ ଓନରଶିପ୍ ଅଭିଜ୍ଞତା ପ୍ରଦାନ କ୍ରୟ ବିକଳ୍ପକୁ ବୃଦ୍ଧି କରିବା ଦିଗରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀ କେୟୁଭି ୧୦୦ ଏନ୍ଏକ୍ସଟି ଏବଂ ଏକ୍ସୟୁଭି ୫୦୦ ଉପରେ ମାସିକ ଯଥାକ୍ରମେ ୧୩,୪୯୯ ଟଙ୍କା ଓ ୩୨,୯୯୯ ଟଙ୍କାର ଲିଜ୍ ରେଣ୍ଟାଲ ସୁବିଧା ପ୍ରଦାନ କରୁଛି। ଲିଜ୍ ବେନିଫିଟ ମଧ୍ୟରେ ମୋଟ୍ ସୁବିଧା,ଡାଉନପେମେଣ୍ଟ କ୍ଷେତ୍ରରେ ସୁବିଧା, ଜିରୋ ରିସ୍କ ଭଳି ଅନ୍ୟ କେତେକ ସୁବିଧା ପ୍ରଦାନ କରୁଛି। ଓନର୍‌ଶିପ ଅଭିଜ୍ଞତାକୁ ସୁଗମ କରିବା ଲାଗି ଏଭଳି ପଦକ୍ଷେପ ଉପରେ କାର୍ଯ୍ୟ କରୁଛୁ ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଗ୍ରୁପ ସିଏଫ୍ଓ ତଥା ସିଆଇଓ ଭି.ଏସ୍. ପାର୍ଥସାରଥି ସୂଚନା ଦେଇଛନ୍ତି।

## ମାଲ୍ୟାଙ୍କ ୬ ଦାମୀ କାର୍ ବିକ୍ରି ହେବ

**ନୂଆଦିଲ୍ଲୀ,୨୦-୧୦**

ଏକାଧିକ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇ ଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ୬ଟି ଦାମୀ କାର୍ ବିକ୍ରି ଲାଗି ୟୁକେ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଅଦାଲତଙ୍କ ଏନଫୋର୍ସମେଣ୍ଟ ଅଫିସର ଏହି କାର୍‌ଗୁଡିକୁ ବିକ୍ରି କରିପାରିବେ। ବିକ୍ରି ହେବାକୁ ଥିବା କାର୍ ମଧ୍ୟରେ ରହିଛି ୦୦୦୭ ଭିଜେଏମ୍ ପୋର୍ସ କାୟେନ, ବିଓ୫୫ ଭିଜେଏମ୍ ୨୦୦୬ ଫେରାରୀ ଏଫ୍‌୪୩୦, ଏଫ୍୧ ଭିଜେଏମ୍ ରେଞ୍ଜ ରୋଭର, ଏଫ୍୧ ଭିଜେଏମ୍, ମେବ୍ୟାକ୍ ୬୨ ଭିଜେଏମ୍ ରହିଛି। ଅକ୍ଟୋବର ୧୧ରେ ବିଚାରପତି କକ୍‌ରିଲ୍ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ମାଲ୍ୟାଙ୍କ ୨୦୧୬ ମିନି କଣ୍ଟ୍ରିମ୍ୟାନ ଏବଂ ଫେରାରୀ ଏଫ୫୧୨ଏମ୍‌କୁ ଉକ୍ତ ୪ଟି କାର୍ ସହ ଏକତ୍ର ବିକ୍ରି କରାଯିବ। ସୂଚନାଥାଉ କି, ଗତ ମେ'ରେ ୟୁକେ ହାଇକୋର୍ଟ ମାଲ୍ୟାଙ୍କ ସାରା ବିଶ୍ୱରେ ଥିବା ସମସ୍ତ ସମ୍ପତ୍ତି ବିକ୍ରି କରିବାକୁ ଅନୁମତି ଦେଇଥିଲେ ଏବଂ ବିକ୍ରି ଲବ୍ଧ ଅର୍ଥକୁ ଭାରତୀୟ ବ୍ୟାଙ୍କକୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଏସ୍‌ବିଆଇ ଲାଇଫ୍ ଦିବ୍ୟାଙ୍ଗଙ୍କ ଲାଗି ସହାୟତାର ହାତ ବଢ଼ାଇଲା

**ଭୁବନେଶ୍ୱର,୨୦-୧୦**

ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ ସାଇନ୍ସକୁ ଏକ ଭ୍ରାମ୍ୟମାଣ ମେଡିକାଲ ୟୁନିଟ ଦାନ କରାଯାଇଛି। ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ତଥା ଚିକିତ୍ସା କରିବା ଦିଗରେ ଏହା ବିଶେଷ ଭାବେ ସହାୟକ ହେବ। ଏଥିରେ ଅଡିଓମିଟର, ଇମ୍ପିଡେନ୍ସ, ସ୍କ୍ରିନର, ଫିଜିଓଥେରାପି ଭଳି ଉପକରଣ ରହିଛି। ଏହା ୩୦ ଜିଲାରେ ବୁଲିବ। ପ୍ରତିବର୍ଷ ୩୦ ହଜାର ଲୋକଙ୍କ ନିକଟରେ ପହଞ୍ଚିବ। ଏସଂକ୍ରାନ୍ତ ଚେକ୍‌କୁ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ସଞ୍ଜୀବ କୁମାର ନୌଟିୟାଲ୍ ଏହି ଚେକ୍‌କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଏସବିଆଇ ଲାଇଫର ସଭାପତି ରବୀନ୍ଦ୍ର କୁମାର, ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ପ୍ରମୁଖ ଉପସ୍ଥିତ ଥିଲେ।

## ହାୟର ଇଣ୍ଡିଆର ନୂଆ ଇଜି କନେକ୍ଟ ଏଲ୍ଇଡି

**ନୂଆଦିଲ୍ଲୀ,୨୦-୧୦**



ପ୍ରମୁଖ ଇଲେକଟ୍ରୋନିକ୍ସ ବ୍ରାଣ୍ଡ ହାୟର ପକ୍ଷରୁ ଇଜି କନେକ୍ଟ ଏଲ୍ଇଡିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସ୍ମାର୍ଟ ଶେୟାର ବୈଶିଷ୍ଟ୍ୟ ସହ ୨ଟି ନୂଆ ଏଲ୍ଇଡି ଏଲ୍ଇ ୪୩ବି ୯୨୦୦ ଡବ୍ଲୁବି (୧୦୮ ସେମି ଫୁଲ୍ ଏଚ୍‌ଡି) ଓ ଏଲ୍ଇ ୩୨ବି ୯୨୦୦ ଡବ୍ଲୁବି (୮୦ ସେମି ଏଚ୍‌ଡି) ବଜାରକୁ ଆସିଛି। ଏହା ଗ୍ରାହକଙ୍କ ସ୍ମାର୍ଟ ଭ୍ୟୁୟିଙ୍ଗ ଅଭିଜ୍ଞତା ପ୍ରଦାନ କରୁଥିବା କମ୍ପାନୀ ସୂଚନା ଦେଇଛି। ଏହାର ମୂଲ୍ୟ ଯଥାକ୍ରମେ ୪୦,୯୯୯ ଏବଂ ୨୨,୯୯୦ ଟଙ୍କା ରହିଛି। ବିନା କୌଣସି ଅସୁବିଧାରେ ଗ୍ରାହକଙ୍କୁ ମନ ପସନ୍ଦର କଣ୍ଟେଣ୍ଟ ଅନୁଭବ ପ୍ରଦାନ ଲାଗି ଏଭଳି ଟିଭି ପ୍ରସ୍ତୁତ କରିଛୁ ବୋଲି ହାୟର ଇଣ୍ଡିଆର ସଭାପତି ଏରିକ୍ ବ୍ରାଗାଞ୍ଜା କହିଛନ୍ତି।

## ଏୟାର ଇଣ୍ଡିଆର ମିଶ୍ରଣ, ୧୧୧ ବିମାନ କିଣା

# ଇଡି ନଜରରେ ପୂର୍ବତନ ମନ୍ତ୍ରୀ, ଅଧିକାରୀ

**ନୂଆଦିଲ୍ଲୀ,୨୦-୧୦**



ଉପା ସରକାର ସମୟରେ ଏୟାର ଇଣ୍ଡିଆ ସହ ଇଣ୍ଡିଆନ ଏୟାରଲାଇନ୍ସର ମିଶ୍ରଣ ଏବଂ ୧୧୧ଟି ବିମାନ କିଣାରେ ମନିଲଣ୍ଡରିଂ ହୋଇଛି କି ନା ଜାଣିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବେ ଖୋଳତାଡ ଆରମ୍ଭ କରିଛି। ଏନେଇ ଏକାଧିକ ମାମଲା ଦାଏର କରାଯାଇଛି। ଉପା ସରକାର ସମୟର ମନ୍ତ୍ରୀ, ଅଧିକାରୀଙ୍କ ଉପରେ ଏବେ ଇଡିର ନଜର ପଡିଛି। ଏହାଛଡା କେନ୍ଦ୍ର ସରକାର ସେତେବେଳେ ବୋଇଂ ଓ ଏୟାରବସ୍‌ରୁ ୭୦ ହଜାର କୋଟି ଟଙ୍କା ବ୍ୟୟରେ ୧୧୧ଟି ବିମାନ କିଣିଥିଲେ। ଏ ସଂକ୍ରାନ୍ତରେ ଗତ ମେ'ରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଅଭିଯୋଗର ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସେତେବେଳେ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ମିଶ୍ରଣ ପରେ ଏୟାର ଇଣ୍ଡିଆ ବଡ଼ ଧରଣର ଋଣଯନ୍ତାରେ ପଡିଯାଇଛି। ଏହାଛଡା ସରକାର ସେତେବେଳେ ଲାଭଜନକ ରୁଟ୍‌ରୁ ଏୟାର ଇଣ୍ଡିଆକୁ ପ୍ରତ୍ୟାହାର କରିନେଲେ। ଫଳରେ କିଛି ଘରୋଇ ଓ ଅନ୍ତର୍ଜାତୀୟ ବିମାନ କମ୍ପାନୀ ଏହାର ଫାଇଦା ନେଲେ। ଏ ସମ୍ପର୍କରେ ସିଏଜି ତାଙ୍କ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ସହ ୧୧୧ଟି ବିମାନ କିଣିବା ନେଇ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ। ଉପା ସରକାର କ୍ଷମତାକୁ ଆସିବା ପୂର୍ବରୁ ଏୟାର ଇଣ୍ଡିଆ ୪୩ଟି ବିମାନ କିଣିବାକୁ ପ୍ରସ୍ତାବ ଦେଇଥିଲା। ତେବେ ବଜାର ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଏଥିରେ ସଂଶୋଧନ କରିଥିଲେ। ଏହି କାରବାରରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରି ପିଏମ୍ଏଲ୍ଏ ଅଧୀନରେ ଇଡି ଏକାଧିକ ମାମଲା ଦାଏର କରିଛି। ବିମାନ କିଣାର ସମସ୍ତ ଦସ୍ତାବିଜ ହସ୍ତଗତ ହେବା ପରେ ଇଡି ଏବେ ଏହାର ଖୋଳତାଡ ଆରମ୍ଭ କରିଛି। ତତ୍କାଳୀନ ଉପା ସରକାରଙ୍କ ମନ୍ତ୍ରୀ, ଏୟାର ଇଣ୍ଡିଆ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀଙ୍କ ନିଷ୍ପତ୍ତିର ଯାଞ୍ଚ ଆରମ୍ଭ ହୋଇଛି।

## କୋହଳ ହେଲା ଆର୍‌ବିଆଇ ନିୟମ

## ଏନ୍‌ବିଏଫ୍‌ସିକୁ ମିଳିବ ୫୦ହଜାର କୋଟି ଋଣ

**ନୂଆଦିଲ୍ଲୀ, ୨୦-୧୦**

ଗଭୀର ଅର୍ଥସଙ୍କଟର ସମ୍ମୁଖୀନ ହେଉଥିବା ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି) ଗୁଡିକୁ ଏଣିକି ସହଜରେ ଋଣ ମିଳିଯିବ। ବ୍ୟାଙ୍କିଙ୍ଗ ସେକ୍ଟରକୁ ନିୟନ୍ତ୍ରଣ କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବ୍ୟାଙ୍କମାନଙ୍କ ଲାଗି ଋଣ ଦେବା ନିୟମକୁ କିଛି ମାତ୍ରାରେ କୋହଳ କରିଛି। ଫଳରେ ଏନ୍‌ବିଏଫ୍‌ସିଙ୍କୁ ଏବେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ମିଳିବା ସହଜ ହେବ। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କ ଏନ୍‌ବିଏଫ୍‌ସି ଏବଂ ଏଚ୍‌ଏଫ୍‌ସିକୁ ଯେତିକି ଅଧିକ ଋଣ ଦେବେ, ସେମାନଙ୍କୁ ସେତିକି ପରିମାଣର ସରକାରୀ ସିକ୍ୟୁରିଟି ରିଜର୍ଭ ବ୍ୟାଙ୍କ ନିକଟରେ ଜମା କରିବାକୁ ହେବ। ଏହାକୁ ଆଧାର କରି ବ୍ୟାଙ୍କଗୁଡିକ ଋଣ ଦେଇପାରିବେ। ଏହାଦ୍ୱାରା ବ୍ୟାଙ୍କଗୁଡିକ ନିକଟରେ ଋଣ ଦେବା ଲାଗି ପର୍ଯ୍ୟାପ୍ତ ଅର୍ଥ ମିଳିଯିବ।

## ସାମ୍‌ସଙ୍ଗ ପକ୍ଷରୁ ରିହାତି

**ଭୁବନେଶ୍ୱର,୨୦-୧୦**




ପ୍ରମୁଖ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ନେଭର ବିଫୋର ଅଫର ସମ୍ପର୍କରେ ଘୋଷଣା ହୋଇଛି। ଏହି ଅଫର ମାଧ୍ୟମରେ କମ୍ପାନୀ ଏହାର ବିଭିନ୍ନ ରେଞ୍ଜର ପ୍ରଡକ୍ଟ ଉପରେ ରିହାତି ପ୍ରଦାନ କରୁଛି। ଫେଷ୍ଟିଭ ଅଫର ଅନ୍ତର୍ଗତ ନଭେମ୍ବର ୧୧ ଯାଏ ଗ୍ରାହକମାନେ ୨୫% ପର୍ଯ୍ୟନ୍ତ ତ୍ୱରିତ କ୍ୟାଶବ୍ୟାକ୍ ସୁବିଧା ପାଇବେ। ସେହିଭଳି ଏଚ୍‌ଡିଏଫ୍‌ସି, ଆକ୍ସିସ ଏବଂ ଆଇସିଆଇସିଆଇ ବ୍ୟାଙ୍କ୍ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡରେ କ୍ରୟ କ୍ଷେତ୍ରରେ ଅତିରିକ୍ତ ୧୫% ରିହାତି ସୁବିଧା ଲାଭ କରିପାରିବେ। ଉଚ୍ଚ ଗୁଣବତ୍ତାବିଶିଷ୍ଟ ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଛୁ ବୋଲି ସାମ୍‌ସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବିଜ୍‌ନେସର ବରିଷ୍ଠ ଉପସଭାପତି ରାଜୀବ ଭୂତାନି ସୂଚନା ଦେଇଛନ୍ତି।

## କାନାରା ବ୍ୟାଙ୍କ ପକ୍ଷରୁ କ୍ରେଡିଟ୍ ଏକ୍ସପୋ

**ଭୁବନେଶ୍ୱର,୨୦-୧୦**

କାନାରା ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ କ୍ରେଡିଟ୍ ଏକ୍ସପୋ ସ୍ଥାନୀୟ ରେଡ୍‌କ୍ରସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ବାଙ୍ଗାଲୋର କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏମ୍.ଭି. ରାଓ, ବ୍ୟାଙ୍କର ମଣ୍ଡଳମୁଖ୍ୟ ତଥା ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଲଡର ଏବଂ ଗାଡି ଡିଲରମାନେ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କଟକ ଏବଂ ଭୁବନେଶ୍ୱରର ଶାଖା ପ୍ରବନ୍ଧକମାନେ ଅଂଶ ଗ୍ରହଣ କରିଥିଲେ। ସହାୟକ ମହାପ୍ରବନ୍ଧକ ବି.କେ. ରଥ ଓ ସୁଜିତ କୁମାର ଏଥିରେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ରବିବାର, ୨୧ ଅକ୍ଟୋବର, ୨୦୧୮





“ଲୋକେ ମୋତେ ଷ୍ଟାର ଖେଳାଳିର ମାନ୍ୟତା ପ୍ରଦାନ କରିଥିଲେ ମଧ୍ୟ ଏହା ମୋ ପ୍ରଦର୍ଶନକୁ ପ୍ରଭାବିତ କରିବ ନାହିଁ।
–ନାଓମି ଓସାକା, ଜାପାନିଜ ଟେନିସ ଖେଳାଳି।



“ଇଡେନ ହାଜାର୍ଡ ଯଦି ତାଙ୍କ ଫର୍ମ ବଜାୟ ରଖିପାରନ୍ତି ତେବେ ଚେଲ୍‌ସି ଏହି ସିଜନରେ ପ୍ରିମିୟର ଲିଗ୍ ଟାଇଟଲ ହାସଲ କରିପାରିବ।
–ଜୋସ୍ ମୋରିନୋ, ମାଞ୍ଚେଷ୍ଟର ୟୁନାଇଟେଡ୍ ଏଫ୍‌ସି, ମ୍ୟାନେଜର।

## ସଂକ୍ଷେପରେ

### ପ୍ରାଜନେଶ ଫାଇନାଲରେ



ନୂଆଦିଲ୍ଲୀ, ୨୦।୧୦ (ପି.ଟି.): ଭାରତୀୟ ଡେଭିସ୍ କପ୍ ଖେଳାଳି ପ୍ରାଜନେଶ ଗୁଣେଶ୍ୱରନଙ୍କ ପାଇଁ ସିଜନରେ ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ ଜିତିବା ସୁଯୋଗ ଆସିଛି। ଚାଇନାରେ ଚାଲିଥିବା ନିଙ୍ଗ୍‌ବୋ ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟରେ ସେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ୫ମ ସିଡ୍ ତଥା ସର୍ବିୟାର ମିଓମିର୍ କେକ୍‌ମାନୋଭିଚ୍‌ଙ୍କୁ ୬-୨, ୬-୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଗତ ଏପ୍ରିଲରେ କୁନ୍‌ମିଙ୍ଗ ଚ୍ୟାଲେଞ୍ଜର ଜିତିଥିବା ପ୍ରାଜନେଶ ଫାଇନାଲରେ ତୃତୀୟ ସିଡ୍ ତଥା ଇଟାଲିର ଥୋମାସ ଫାବିଆନୋଙ୍କୁ ଭେଟିବେ। ଅନ୍ୟପକ୍ଷରେ ଆଣ୍ଟ୍ୱେର୍ପଠାରେ ଡିଭିଜ ଶରନ ଓ ତାଙ୍କ ପାର୍ଟନର ଆର୍ଟେମ ସିଟାକ୍ ୟୁରୋପିଆନ ଓପନରେ ସେମାନଙ୍କ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ଏହି ଯୋଡ଼ି ନିକୋଲାସ ମାହୁଟ୍ ଏବଂ ଏଡୋଆର୍ଡ ରୋଜର ଭେସ୍‌ଲିନ୍‌ଙ୍କଠାରୁ ୫-୭, ୬-୭ (୩)ରେ ହାରିଯାଇଛନ୍ତି।

### ‘ରାୟୁଡୁ ୪ର୍ଥ କ୍ରମରେ ବ୍ୟାଟିଂ କଲେ ମଧ୍ୟକ୍ରମର ଅବସ୍ଥା ସୁଧୁରିପାରିବ’

ଗୁଆହାଟି,୨୦।୧୦: ବରିଷ୍ଠ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଦଳର ୪ର୍ଥ କ୍ରମରେ ସ୍ଥାନ ପକ୍କା କଲେ ମଧ୍ୟକ୍ରମର ଅବସ୍ଥା ସୁଧୁରି ପାରିବ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି ଶନିବାର କହିଛନ୍ତି। ବ୍ୟାଟିଂ କ୍ରମରେ କେବଳ ୪ର୍ଥ ସ୍ଥାନକୁ ନେଇ ଦଳ ଚିନ୍ତିତ। ରାୟୁଡୁ ଉକ୍ତ ସ୍ଥାନରେ ବ୍ୟାଟିଂ କରିବା ପରେ ମଧ୍ୟକ୍ରମର ଅବସ୍ଥା ଅଳ୍ପ ବହୁତ ସୁଧୁରିଛି। “୪ର୍ଥ କ୍ରମର ସ୍ଥାନକୁ ନେଇ ଆମେ ଦୀର୍ଘ ଦିନ ହେଲା ଚିନ୍ତିତ। ଆମେ ବହୁ ଖେଳାଳିଙ୍କୁ ସେହି କ୍ରମରେ ଖେଳାଇଲୁ। ଦୁର୍ଭାଗ୍ୟବସତଃ କୌଣସି ଖେଳାଳି ସୁଯୋଗର ଫାଇଦା ଉଠାଇ ପାରି ନ ଥିଲେ। ରାୟୁଡୁ ଦଳକୁ ଆସିବା ପରେ ଏସିଆ କପ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ତାଙ୍କୁ ବିଶ୍ୱକପ୍ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ଯଥେଷ୍ଟ ସୁଯୋଗ ଦେବାକୁ ପଡ଼ିବ” ବୋଲି କୋହଲି କହିଛନ୍ତି। ଚଳିତବର୍ଷ ଆଇପିଏଲରେ ଭଲ ପ୍ରଦର୍ଶନ ବଳରେ ସେ ଦିନିକିଆ ଦଳକୁ ଫେରିଛନ୍ତି। ଇଂଲଣ୍ଡ ଗସ୍ତରେ ମଧ ତାଙ୍କୁ ଦଳରେ ସ୍ଥାନ ମିଳିଥିଲା। ମାତ୍ର ୟୋ ୟୋ ଟେଷ୍ଟରେ ବିଫଳ ହେବା ଯୋଗୁ ସେ ବାଦ୍ ପଡ଼ିଥିଲେ। ଏହାପରେ ସେ ସଫଳତାର ସହ ଏସିଆ କପ୍‌ରେ ଦଳକୁ ଫେରିଥିଲେ। ୨୯ ବର୍ଷୀୟ ବ୍ୟାଟ୍ସମ୍ୟାନ ଆହୁରି କହିଛନ୍ତି, ଦଳ ଅନୁଭବ କରୁଛି ରାୟୁଡୁ ଜଣେ ମଧ୍ୟକ୍ରମର ଭଲ ବ୍ୟାଟ୍ସମ୍ୟାନ ହୋଇପାରିବେ। ତାଙ୍କର ଅଭିଜ୍ଞତା ଅଛି। ସେ ଆଇପିଏଲ ଏବଂ ରାଜ୍ୟ ଦଳ ପାଇଁ ଭଲ ପ୍ରଦର୍ଶନ କରି ସାରିଛନ୍ତି। ଏବେ ଆମ ନିକଟରେ ବିଶ୍ୱକପ୍ ପୂର୍ବରୁ ୧୮ ମ୍ୟାଚ୍ ଖେଳିବାର ଅଛି, ଯାହାକି ଆମ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନଙ୍କ ଲାଗି ଯଥେଷ୍ଟ।

### ପ୍ରୋ କବାଡ଼ି ଲିଗ୍: ବେଙ୍ଗଲ- ୟୁପି ମ୍ୟାଚ୍ ଟାଇ



ପୁନେ, ୨୦।୧୦(ପି.ଟି.): ପ୍ରୋ କବାଡ଼ି ଲିଗ୍ (ପିକେଏଲ)ରେ ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ସହ ଟାଇ ରହିଛି। ବେଙ୍ଗଲ ୱାରିୟର ଓ ୟୁପି ଅଯୋଧା ମଧରେ ଅନୁଷ୍ଠିତ ଏହି ରୋମାଞ୍ଚକ ମ୍ୟାଚ୍ ୪୦-୪୦ରେ ଟାଇ ରହିଛି। ବେଙ୍ଗଲ ତରଫରୁ ମନିନ୍ଦର ସିଂ ୧୬ ପଏଣ୍ଟ ସ୍କୋର କରିଥିଲେ। ତାଙ୍କୁ ସୁର୍ଜିତ ସିଂ ସହଯୋଗ କରିଥିଲେ ଓ ସେ ୬ ଟ୍ୟାକଲ ପଏଣ୍ଟ ହାସଲ କରିଥିଲେ। ଅନ୍ୟପଟେ ୟୁପି ତରଫରୁ ପ୍ରଶାନ୍ତ କୁମାର ରାଏ ୧୩ ପଏଣ୍ଟ ସ୍କୋର କରିଥିଲେ। ସେହିପରି ରିଶାଙ୍କ ଦେବାଡିଗା ୯ ରେଡ ପଏଣ୍ଟ ଅର୍ଜନ କରିଥିଲେ। ଏଥି ସହିତ ୟୁପି ଲିଗ୍‌ରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ରବିବାରଠାରୁ ଆନ୍ତଃ ଜୋନାଲ ସପ୍ତାହ ଆରମ୍ଭ ହେବ। ବେଙ୍ଗଲ ଓ ଦବଙ୍ଗ ଦିଲ୍ଲୀ କେଜି, ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲଟନ ପରସ୍ପରକୁ ଭେଟିବେ।

## ■ ବିଜୟ୍ ହଜାରେ ଟ୍ରଫି

# ମୁମ୍ବାଇକୁ ତୃତୀୟ ଟାଇଟଲ

ବେଙ୍ଗାଲୁରୁ, ୨୦।୧୦(ପି.ଟି.)

ଉଇକେଟ କିପର ବ୍ୟାଟ୍ସମ୍ୟାନ ଆଦିତ୍ୟ ତାରେଙ୍କ ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ବଳରେ ମୁମ୍ବାଇ ଦିଲ୍ଲୀକୁ ୪ ଉଇକେଟରେ ପରାସ୍ତ କରି ତୃତୀୟଥର ପାଇଁ ବିଜୟ ହଜାରେ ଟ୍ରଫି ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ହାଇସ୍କୋରିଂ ହୋଇ ନ ଥିଲା। ଶେଷଥର ପାଇଁ ମୁମ୍ବାଇ ୨୦୦୬-୦୭ରେ ରାଜସ୍ଥାନକୁ ହରାଇ ଚାମ୍ପିୟନ ହୋଇଥିଲା।

ଟସ୍ ଜିତି ମମ୍ବାଇ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୪୫.୪ ଓଭରରେ ୧୭୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ମୁମ୍ବାଇ ବ୍ୟାଟିଂ ଆରମ୍ଭ କରି ୩୫ ଓଭରରେ ୬ ଉଇକେଟ ହରାଇ ୧୮୦ ରନକରି ବିଜୟୀ ହୋଇଥିଲା। ତାରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୮ ରନ ଟାର୍ଗେଟର ପିଛା କରି ମୁମ୍ବାଇ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ମାତ୍ର ୪୦ ରନରେ ମୁମ୍ବାଇ ୪ ଉଇକେଟ ହରାଇଥିଲା। ଓପନର ପୃଥ୍ୱୀ ଶ ୮, ଆଜିଙ୍କ୍ୟ ରାହାନେ ୧୦, ଅଧିନାୟକ ଶ୍ରେୟାସ ଆୟାର ୭, ସୂର୍ଯ୍ୟକୁମାର ଯାଦବ ୪ ରନ କରି ଆଉଟ ହୋଇଥିଲେ। ଏହାପରେ ପଞ୍ଚମ ଉଇକେଟ ଯୋଡିରେ ତାରେ ଓ ସିଦ୍ଧେଶ ଲାଡ ୧୦୫ ରନ କରି ସ୍ଥିତି ସମ୍ଭାଳିବା ସହ ବିଜୟ ପାଇଁ କ୍ଷେତ୍ର ପସ୍ତୁତ କରିଥିଲେ। ତାରେ ୮୯ ବଲରୁ ୧୩ ଚୌକା ଓ ୧ ଛକା ସହାୟତାରେ ୭୧ ରନ କରି ଆଉଟ ହେବା ପରେ ଲାଡ ୪୮ ରନର ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଶିବମ ଦୁବେ ୧୯ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ନବଦୀପ ସଇନି ସର୍ବାଧିକ ୩, କୁଲୱନ୍ତ ଖେଜ୍ରୋଲିୟା, ମନନ ଶର୍ମା ଓ ଲଳିତ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ମୁମ୍ବାଇ ଦଳ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ମଧ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଉଇକେଟ କିପର ଉନ୍ମୁକ୍ତ ଚାନ୍ଦ ୧୩, ଅଧିନାୟକ ଗୌତମ ଗମ୍ଭୀର ୧, ମନନ ଶର୍ମା ୫ ରନ କରି ଆଉଟ ହୋଇଥିଲେ। ଦିଲ୍ଲୀ ୨୧ ରନରେ ୩ ଉଇକେଟ ହରାଇଥିଲା। ହିମତ ସିଂ ସର୍ବାଧିକ ୪୧ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ସୋରେ ୩୧, ନୀତୀଶ ରାଣା ୧୩, ଲଳିତ ଯାଦବ ୬, ସୁବୋଧ ଭଟ୍ଟି ୨୫, ସଇନି ୭ ରନ କରି ଆଉଟ ହୋଇଥିଲେ। ପବନ ନେଗୀ ୨୧ ରନକରି ରିଟାୟାର୍ଡ ହର୍ଟ ହୋଇଥିଲେ। ବୋଲିଂରେ ମୁମ୍ବାଇ ପକ୍ଷରୁ ଧାୱଲ କୁଲକର୍ଣ୍ଣୀ ଓ ଶିବମ ଦୁବେ ୩ଟି ଲେଖାଏ, ତୁଷାର ଦେଶପାଣ୍ଡେ ୨, ଶାମ୍ସ ମୁଲାନୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ ୪୫.୫ ଓଭରରେ ୧୭୭ ଅଲଆଉଟ୍। (ହମିତ- ୪୧, ଶୋରେ- ୩୧, ଭଟ୍ଟି- ୨୫, ନେଗୀ- ୨୧, କୁଲକର୍ଣ୍ଣୀ- ୩/୩୦, ଦୁବେ- ୩/୨୯, ଦେଶପାଣ୍ଡେ- ୨/୩୦)।
ମୁମ୍ବାଇ ୩୫ ଓଭରରେ ୧୮୦/୬ (ତାରେ- ୭୧, ଲାଡ- ୪୮, ଦୁବେ- ୧୯*, ସଇନି- ୩/୫୩)।

## ଭାରତ ଏ’ ମହିଳା ଟି୨୦ ଦଳ ଘୋଷିତ

ମୁମ୍ବାଇ, ୨୦।୧୦ (ପି.ଟି.)

ସୋମବାରଠାରୁ ଏଠାରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ଏ’ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ୧୫ଜଣିଆ ଭାରତ ଏ’ ମହିଳା ଟି୨୦ ଦଳ ଘୋଷଣା କରିଛି। ଏଥିରେ ସିନିୟର ଦଳର ଅଧିକାଂଶ ଖେଳାଳି ସ୍ଥାନ ପାଇଛନ୍ତି। ହରମନପ୍ରୀତ କୌରଙ୍କୁ ଅଧିନାୟିକା ଏବଂ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତି ଦିଆଯାଇଛି। ୱେଷ୍ଟଇଣ୍ଡିଜରେ ନଭେମ୍ବର ୯ରୁ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ସର୍ବଭାରତୀୟ ମହିଳା ଚୟନ କମିଟି ଏହି ଦଳ ମନୋନୟନ କରିଛି। ସିନିୟର ଖେଳାଳିମାନେ ଟି୨୦ ବିଶ୍ୱକପ୍ ପାଇଁ ଏହି ସିରିଜରେ ନିଜକୁ ପ୍ରସ୍ତୁତ କରିପାରିବେ। ଅଷ୍ଟ୍ରେଲିଆ ଏ’ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ବିକେସି ମୁମ୍ବାଇଠାରେ ଅକ୍ଟୋବର ୨୨, ୨୪ ଓ ୨୬ରେ ଖେଳାଯିବ।

**ଭାରତ ଏ’ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ମିଥାଲି ରାଜ, ଜେମିମା ରୋଡ୍ରିଗୁଏଜ୍, ବେଦ କ୍ରିଷ୍ଣାମୂର୍ତ୍ତି, ଦୀପ୍ତି ଶର୍ମା, ଟାନ୍ୟା ଭାଟିଆ (ଉଇକେଟକିପର), ପୁନମ ଯାଦବ, ରାଧା ଯାଦବ, ଅନୁଜା ପାଟିଲ, ଏକତା ବିସ୍ତ, ଡି. ହେମଲତା, ମାନସୀ ଯୋଶି, ପୂଜା ବସ୍ତ୍ରାକାର, ଅରୁନ୍ଧତୀ ରେଡ୍ଡୀ।

## ମେଘାଳୟର ବୃହତ ବିଜୟ

ଭୁବନେଶ୍ୱର, ୨୦।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଛି। କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ

**ଭିନୁ ମଙ୍କଡ ଟ୍ରଫି**

ମ୍ୟାଚ୍‌ରେ ମେଘାଳୟ ୧୯୮ ରନର ବୃହତ ବ୍ୟବଧାନରେ ସିକିମକୁ ପରାସ୍ତ କରିଛି। ଅନ୍ୟ ଦୁଇଟି ମ୍ୟାଚ୍‌ରେ ବିହାର ଓ ଅରୁଣାଚଳ ପ୍ରଦେଶ ବିଜୟ ଲାଭ କରିଛନ୍ତି।

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସିକିମ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ମେଘାଳୟ ୪୯.୫ ଓଭରରେ ୨୮୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ହ୍ରିତିକ୍ ଶର୍ମା ୧୦୯ ରନ କରିଥିଲେ। ଜବାବରେ ସିକିମ ଆରିଫ୍ ଅହମ୍ମଦଙ୍କ ୭୦ ରନ ସତ୍ତ୍ୱେ ମାତ୍ର ୯୦ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅଭିଶେକ ସର୍ବାଧିକ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ସେହିପରି ରେଲ୍‌ୱେ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବିହାର ୮ ଉଇକେଟ୍‌ରେ ମଣିପୁରକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ମଣିପୁର ୪୮.୪ ଓଭରରେ ୧୪୯ ରନ କରିଥିବାବେଳେ ବିହାର ୩୬.୧ ଓଭରରେ ୨ଟି ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିହାର ପକ୍ଷରୁ ପିୟୂଷ କୁମାର ସିଂ ୬୩ ରନ କରିଥିଲେ। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ତିମ ତଥା ୩ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୩୦ ରନରେ ପୁଡୁଚେରୀକୁ ହରାଇ ଦେଇଛି। ମହମ୍ମଦ ବିଲାଲଙ୍କ ୭୦ ରନ ବଳରେ ପ୍ରଥମେ ବ୍ୟାଟିଂ ଅରୁଣାଚଳ ପ୍ରଦେଶ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ପୁଡୁଚେରୀ ୟୋର୍ଜୁମ ସେରା (୫ ଉଇକେଟ୍)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୪୨.୪ ଓଭରରେ ୧୬୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ବିଜୟ ହାସଲ ପରେ ଅରୁଣାଚଳ ପ୍ରଦେଶର ଖେଳାଳିମାନେ।

## ଇଂଲଣ୍ଡ ସିରିଜ ବିଜୟୀ

କାଣ୍ଡି (ଶ୍ରୀଲଙ୍କା), ୨୦।୧୦(ଏଏଫ୍‌ପି)

ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଇଂଲଣ୍ଡ ଡିଏଲ୍‌ଏସ୍ ପଦ୍ଧତିରେ ୧୮ ରନରେ ଜିତି ନେଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୭୩ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ତଥା ଉଇକେଟ୍‌କିପର ନିରୋଶାନ ଡିକ୍‌ୱେଲା (୫୨) ଓ ଦସୁନ ସନକା (୬୬) ଅର୍ଦ୍ଧଶତକ ହାସଲ କରିଥିବାବେଳେ ଅଧିନାୟକ ଦିନେଶ ଚାଣ୍ଡିମଲ (୩୩), ଥିସାରା ପେରେରା (୪୪) ଓ ଅକିଲ ଧନଞ୍ଜୟ (୩୨*) ଉପଯୋଗୀ ଇନିଂସ ଖେଳିଥିଲେ। ସଫଳ ବୋଲର ଭାବେ ଭ୍ରମଣକାରୀ ଇଂଲଣ୍ଡ ପକ୍ଷରୁ ମୋଇନ ଅଲୀ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ୨୭ ଓଭରରେ ୨ ଉଇକେଟ୍ ହରାଇ ୧୩୨ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଖେଳ ଆଉ ସମ୍ଭବପର ନ ହେବାରୁ ଅମ୍ପାୟର ଡିଏଲ୍‌ଏସ୍ ପଦ୍ଧତିର ସହାୟତା ନେଇଥିଲେ। ଏଥିରେ ଇଂଲଣ୍ଡ ଉନ୍ନତ ରନରେଟ୍ ଯୋଗୁ ୧୮ ରନରେ ବିଜୟୀ ହୋଇଥିଲା। ଇଂଲଣ୍ଡ ତରଫରୁ ଜାସନ ରଏ ୪୫, ଜୋ ରୁଟ୍ ୩୨* ଓ ଅଧିନାୟକ ଇଅନ ମୋର୍ଗାନ ୩୧* ରନ କରିଥିଲେ। ଏହି ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଆଗୁଆ ୩-୦ରେ ଜିତିନେଇଛି।



ବ୍ୟାଟିଂ ଅବସରରେ ଇଂଲଣ୍ଡର ଜାସନ ରଏ।

## ଇଣ୍ଡିଆ-ସି ଦଳରେ ଓଡ଼ିଶାର ପପୁ

କଟକ ଅଫିସ,୨୦।୧୦

ଗତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ନିମନ୍ତେ ପଦାର୍ପଣ କରିଥିବା ପପୁ ରାୟ ଆସନ୍ତା ପ୍ରଫେସର ଡି.ବି. ଦେଓଧର ଟ୍ରଫି ନିମନ୍ତେ ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଛନ୍ତି। ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ସି ଦଳରେ ରାଜ୍ୟର ଏହି ପ୍ରତିଭାବାନ ବାମହାତୀ ସ୍ପିନର ଜଣଙ୍କୁ ଦେଖିବାକୁ ମିଳିବ। ଗତ ବିଜୟ ହଜାରେ ଟ୍ରଫିରେ ଲିଗ୍ ପର୍ଯ୍ୟାୟର ପପୁ ୮ଟି ଯାକ ମ୍ୟାଚ୍ ଖେଳିଥିବା ବେଳେ ଓଡ଼ିଶା ପକ୍ଷରୁ ସର୍ବାଧିକ ଉଇକେଟ ଦଖଲକାରୀ ହୋଇଥିଲେ। ଟୁର୍ନାମେଣ୍ଟରେ ସେ ୧୮.୪୨ ଆଭରେଜରେ ୧୪ଟି ଉଇକେଟ ଅକ୍ତିଆର କରିଛନ୍ତି। ହାଇଦ୍ରାବାଦ ବିପକ୍ଷରେ ୩୮ ରନ୍‌ରେ ୩ଟି ଉଇକେଟ ପପୁଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା।

୧୫ବର୍ଷ ବୟସରୁ ପପୁ କ୍ରିକେଟରେ କ୍ୟାରିୟର ଆରମ୍ଭ କରିଥିଲେ। କୋଚ୍ ଜ୍ଞାନଚାନ୍ଦ ଦାସଙ୍କ ନିକଟରେ ସେ ସ୍ପିନ ବୋଲିଂ ପ୍ରଶିକ୍ଷଣ ନେଇଥିଲେ। ୨୦୧୫ ମସିହାରେ ରାଜ୍ୟ ୨୩ ବର୍ଷରୁ କମ୍ ଦଳରେ ଖେଳିବା ପରେ ଗତ ବିଜୟ ହଜାରେ ଟ୍ରଫି ପପୁଙ୍କ ପାଇଁ କ୍ୟାରିୟରରେ ମୋଡ଼ ଆଣିଥିଲା। ଏହି ଟୁର୍ନାମେଣ୍ଟରେ ପପୁ ଓଡ଼ିଶାର ଏକମାତ୍ର ଭରସାଯୋଗ୍ୟ ବୋଲର ଭାବେ ନିଜକୁ ପ୍ରମାଣିତ କରିଥିଲେ। ପ୍ରତି ମ୍ୟାଚ୍‌ରେ ପପୁ ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ସହଜରେ ପ୍ୟାଭିଲିୟନ ଫେରାଇଥିଲେ। ଦେଓଧର ଟ୍ରଫିରେ ଖେଳିବାର ସୁଯୋଗ ମିଳିଲେ ଏହାର ଫାଇଦା ଉଠାଇବି ବୋଲି ପପୁ କହିଛନ୍ତି। ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଜାତୀୟ ଦଳ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ଯାଜପୁର ଟାଉନ୍‌ରେ ରହୁଥିବା ପପୁ ପିଲାଟି ବେଳୁ ବାପା, ମା ଛେଉଣ୍ଡ। ବାପା ସ୍ୱର୍ଗତ ଜମଦାର ରାୟ ଓ ମା ସ୍ୱର୍ଗତା ପାର୍ବତୀ ଦେବୀଙ୍କୁ ସେ କେବେ ଦେଖି ନାହାନ୍ତି ବୋଲି କହିଛନ୍ତି। ଛୋଟବେଳୁ ନିଜ ମାଉସୀ ଅନିତା ଦେବୀଙ୍କ ପାଖରେ ଲାଳନପାଳନ ହେଉଛନ୍ତି। ଏପରିକି ପପୁଙ୍କୁ ମିଶାଇ ତାଙ୍କର ଅନ୍ୟ ୪ ଭାଇ ଓ ୨ ଭଉଣୀ ମଧ ମାଉସୀ ଘରେ ରୁହନ୍ତି। ମାଉସୀ ଅନିତା ଓ ମଉସା ଦରବା ରାୟ ତାଙ୍କୁ କ୍ରିକେଟ ଖେଳିବା ଦିଗରେ ସବୁ ବେଳେ ଉତ୍ସାହିତ କରିଛନ୍ତି ବୋଲି ପପୁ କହିଛନ୍ତି।



ପପୁ ରାୟ।

**ଦେଓଧର ଟ୍ରଫି**

## ■ କିଟ୍‌ରେ କ୍ରୀଡ଼ା ମହାକୁମ୍ଭ

# ୧୦ହଜାର ପ୍ରତିଯୋଗୀଙ୍କ ସମାବେଶ

ଭୁବନେଶ୍ୱର ,୨୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍‌ରେ ଚାଲିଛି କ୍ରୀଡ଼ା ମହାକୁମ୍ଭ। ସବୁ କ୍ୟାମ୍ପସରେ କ୍ରୀଡ଼ାର ମାହୋଲ। କେଉଁଠି ବ୍ୟାଡମିଣ୍ଟନ ପ୍ରତିଯୋଗିତା ଚାଲିଛି ତ ଆଉ କେଉଁ କ୍ୟାମ୍ପସରେ ଭଲିବଲ, ବାସ୍କେଟବଲ, ହକି, ଟେନିସ, କ୍ରିକେଟ, ସନ୍ତରଣ ଆଉ ଚେସ। ଗୁରୁବାରଠାରୁ ଆରମ୍ଭ ହୋଇଛି ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଏବଂ ସିବିଏସ୍‌ଇ ଫାର ଇଷ୍ଟ ସନ୍ତରଣ ପ୍ରତିଯୋଗିତା। ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଦେଶର ୧୬୩ ବିଶ୍ୱବିଦ୍ୟାଳୟରୁ ୩୫ଶହ ପ୍ରତିଯୋଗୀଙ୍କ ସମେତ ଅଫିସିଆଲ, ମ୍ୟାନେଜର ଓ କୋଚଙ୍କୁ ମିଶାଇ ପ୍ରାୟ ୬ ହଜାର ପ୍ରତିନିଧି ଯୋଗ ଦେଇଛନ୍ତି। ଚାରିଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତା ଚାଲିବ। ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ (ମହିଳା), ଟେନିସ (ପୁରୁଷ ଓ ମହିଳା), ଭଲିବଲ (ପୁରୁଷ), ବାସ୍କେଟବଲ (ପୁରୁଷ) ଓ ହକି (ପୁରୁଷ ଓ ମହିଳା) ପ୍ରତିଯୋଗିତା ରହିଛି। ସେହିପରି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଆରମ୍ଭ ହୋଇଛି ସିବିଏସଇ ଫାର ଇଷ୍ଟ ସନ୍ତରଣ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ମିଜୋରାମ ଓ ମଣିପୁର ଆଦି ୧୦ଟି ରାଜ୍ୟର ୭୦ଟି ସ୍କୁଲରୁ ୪ଶହ ପ୍ରତିଯୋଗୀଙ୍କ ସମେତ ଅଫିସିଆଲ, କୋଚ ଓ ଅଭିଭାବକଙ୍କୁ ମିଶାଇ ହଜାରେରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଏକକାଳୀନ ଏତେଗୁଡ଼ାଏ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ କିଟ ପରିସର ଏବେ କ୍ରୀଡ଼ା ମହାକୁମ୍ଭରେ ପରିଣତ ହୋଇଛି। ଏହି ସମସ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଦେଶ ଓ ବିଦେଶରୁ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କ ପାଇଁ ରହିବା ଓ ଖାଇବା ତଥା କ୍ରୀଡ଼ାଭାସ ପାଇଁ କିଟ ପରିସରରେ ସମସ୍ତ ବ୍ୟବସ୍ଥା କରାଯାଇଛି। କିଟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ନେତୃତ୍ୱରେ କିଟ କ୍ରୀଡ଼ା ବିଭାଗର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏହି ସମସ୍ତ କ୍ରୀଡ଼ା ପ୍ରତିଯୋଗିତାର ସୂଚାରୁ ପରିଚାଳନା ପାଇଁ ଆୟୋଜନ କାର୍ଯ୍ୟରେ ଲାଗିଛନ୍ତି। ଅକ୍ଟୋବର ୧୫ତାରିଖରୁ କିଟ ବିଶ୍ୱବିଦ୍ୟାଳୟ ପରିସରରେ ତୃତୀୟ ଭାରତ ଚୀନ ଚେସ ସମିଟ୍ ୨୦୧୮ ଆରମ୍ଭ ୨୩ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ।



" ନମ୍ବର ୪ ସ୍ଥାନରେ ଅମ୍ବାତି ରାୟୁଡୁ ଯଦି ସ୍ଥିର ପ୍ରଦର୍ଶନ ବଜାୟ ରଖିପାରନ୍ତି ତେବେ ମିଡଲ ଅର୍ଡର ସମସ୍ୟା ସମାଧାନ ହୋଇପାରିବା।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ।



" ରବିବାରଠାରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଦିନିକିଆ ସିରିଜରେ ଆମକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।
–ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ ଅଧିନାୟକ।

# ମିଡଲ ଅର୍ଡର ସୁଧାରିବା ଲକ୍ଷ୍ୟରେ ଭାରତ

**ଗୁଆହାଟୀ, ୨୦।୧୦(ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୨–୦ରେ କ୍ଲିନ୍ ସୁଇପ୍ କରିବା ପରେ ଭାରତ ଏବେ ଦିନିକିଆ ସିରିଜରେ ଭିନ୍ନ ପ୍ରକାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ସ୍ଥାନୀୟ ବର୍ଷପରା କ୍ରିକେଟ ଷ୍ଟାଡିୟମରେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲାରେ ଭାରତ ଓ ୱେଷ୍ଟଇଣ୍ଡିଜ ମୁହାଁମୁହିଁ ହେବେ। ଦିନିକିଆ ଫର୍ମାଟରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରୁଥିଲେ ମଧ୍ୟ ଭାରତ ପାଇଁ ମିଡଲ ଅର୍ଡରରେ ସମସ୍ୟା ଜାରିରହିଛି। ମିଡଲ ଅର୍ଡରର ଏହି ଅସ୍ଥିରତାକୁ ସୁଧାରିବା ଲକ୍ଷ୍ୟରେ ଭାରତ ରହିଛି। ଇଂଲଣ୍ଡରେ ଆୟୋଜନ ହେବାକୁଥିବା ୨୦୧୯ ବିଶ୍ୱକପ୍ ଏବେ ଅବଗଣନା ଆରମ୍ଭ ହୋଇଯାଇଛି। ଏହି ମେଗା ଇଭେଣ୍ଟ ଆରମ୍ଭ ହେବାକୁ ଆଉ ମାତ୍ର ୮ ମାସରୁ କମ୍ ସମୟ ରହିଥିବା ବେଳେ ଭାରତ ହାତରେ ରହିଛି ଆଉ ମାତ୍ର ୧୮ଟି ଦିନିକିଆ। ୪ ନମ୍ବର ସ୍ଥାନରେ କିଏ ବ୍ୟାଟିଂ କରିବ ସେ ନେଇ ବହୁ ପରୀକ୍ଷା ନିରୀକ୍ଷା ଚାଲୁ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଫଳତା ମିଳିପାରି ନାହିଁ।

ଏହି ସିରିଜରେ ଅଧିନାୟକ ବିରାଟ କୋହଲିଙ୍କ ପ୍ରତ୍ୟାବର୍ତ୍ତନ ହେବ। ଗତ ଏସିଆ କପ୍ ନ ଖେଳି ବିଶ୍ରାମ ନେବାକୁ ଭାରତ ଶ୍ରେୟସ୍କର ମଣିଥିଲା। ଅବଶ୍ୟ କୋହଲିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏସିଆ କପ୍ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଥିଲା। ଯୁବ ତଥା ପ୍ରତିଭାସମ୍ପନ୍ନ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦିନିକିଆରେ ପଦାର୍ପଣ କରିବା ନିଶ୍ଚିତ ମନେହେଉଛି। ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ପନ୍ତ ଦିନିକିଆରେ ମଧ୍ୟ କମାଲ କରିବା ଆଶା କରାଯାଉଛି। ପନ୍ତଙ୍କୁ ନେଇ



ଅଭ୍ୟାସ ସେସନ ଅବସରରେ ଅଧିନାୟକ ବିରାଟ କୋହଲି।

କୋହଲି ଦିନିକିଆରେ ପରୀକ୍ଷା ନିରୀକ୍ଷା କରିବା ମନେ ହୁଏ। ୨୧ ବର୍ଷୀୟ ପନ୍ତ ନିଜର ପଦାର୍ପଣ ସିରିଜରେ ଇଂଲଣ୍ଡ ବିପକ୍ଷ ଓଭାଲ ଟେଷ୍ଟରେ ଲଡୁଆ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇଟି ଟେଷ୍ଟରେ ସେ ୯୨ ରନ ଲେଖାଏ କରି ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କ ବଦଳରେ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି। ନୂଆ ଫର୍ମାଟରେ ଖେଳିବା ପୂର୍ବରୁ ପନ୍ତଙ୍କ ଉପରେ ଚାପ ରହିବ।

ପୁଣିଥରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଫୋକସ୍‌କୁ ଆସିଛନ୍ତି। ଧୋନୀଙ୍କ ବ୍ୟାଟିଂରେ ପୂର୍ବ ଚମକ କମିବା ପରିଲକ୍ଷିତ ହୋଇଛି। ପୁଣି ମିଡଲ ଅର୍ଡରରେ ମଧ୍ୟ ତାଙ୍କୁ ସେତେଟା ସୁଯୋଗ ମିଳିପାରୁ ନାହିଁ। ତେଣୁ ଏହି ସରିଜରେ ସେ ପରୀକ୍ଷାର ସମ୍ମୁଖୀନ ହେବେ। ଏହା ସତ୍ତ୍ୱେ ଧୋନୀଙ୍କ ଉପରେ ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସକେ ପ୍ରସାଦ ଭରଷା କରିଛନ୍ତି। ଅତିକମ୍‌ରେ ବିଶ୍ୱକପ୍ ପର୍ଯ୍ୟନ୍ତ ଧୋନୀ ପ୍ରଥମ ପସନ୍ଦର ଉଇକେଟ କିପର ରହିବେ ବୋଲି ସେ କହିଛନ୍ତି।

ଗତ ଏସିଆ କପ୍‌ରେ ଧୋନୀ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ୪ ଇନିଂସ ଖେଳି ସେ ୧୯. ୨୫ ଓ ୬୨.୦୯ ଷ୍ଟ୍ରାଇକ୍ ରେଟ୍‌ରେ ମାତ୍ର ୭୭ ରନ ସଂଗ୍ରହ କରିଥିଲେ। ୨୦୧୮ରେ ସେ ୧୫ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ୧୦ଟିରେ ବ୍ୟାଟିଂ କରିବାର ସୁଯୋଗ ହାସଲ କରି ୨୮.୨୧ ରନ ହାରରେ, ୬୭. ୩୬ ଷ୍ଟ୍ରାଇକ୍ ରେଟ୍‌ରେ ରନ ସଂଗ୍ରହ କରିଥିଲେ। ସେ ଇଂଲଣ୍ଡରେ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଇଂଲଣ୍ଡରେ ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଶତକ ହାସଲ କରିପାରିନାହାନ୍ତି। ୨୦ଟି ଦିନିକିଆ ଖେଳି ସେ ଇଂଲଣ୍ଡରେ ୩୮.୦୬ ହାରରେ ରନ ସଂଗ୍ରହ କରିଛନ୍ତି। ଯେତେବେଳେ କି, ତାଙ୍କ କ୍ୟାରିୟର ଆଭରେଜ ୫୦. ୬୧ ରହିଛି।

ଅମ୍ବାତି ରାୟୁଡୁ ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। ଏସିଆ କପ୍‌ରେ ସେ ୬ଟି ଇନିଂସରୁ ୪୩.୭୫ ରନ ହାରରେ ୧୭୫ ରନ ସଂଗ୍ରହ କରିଥିଲେ। ୩ ବର୍ଷ ତଳେ ଦିନିକିଆ ପଦାର୍ପଣ କରିଥିଲେ ମଧ୍ୟ ମନୀଷ ପାଣ୍ଡେ ଅବଶ୍ୟ ଏପର୍ଯ୍ୟନ୍ତ ଦଳରେ ତାଙ୍କ ସ୍ଥାନ ପକ୍କା କରିପାରିନାହାନ୍ତି। ଲୋୟର ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା କମାଲ କରିବା ଆଶା କରାଯାଉଛି। ଗତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜରେ ମିଳିଥିବା ସୁଯୋଗର ଭରପୂର ଫାଇଦା ଉଠାଇ ଜାଡେଜା ରନ ସଂଗ୍ରହ କରବା ସହ ବୋଲିଂରେ ମଧ୍ୟ ଦମ୍ ଦେଖାଇଥିଲେ। ଦୀର୍ଘ ଗୋଟିଏ ବର୍ଷ ପରେ ମଧ୍ୟ ସେ ଗତ ଏସିଆ କପ୍‌ରେ ଦିନିକିଆ ପ୍ରତ୍ୟାବର୍ତ୍ତନ କରି ସଫଳ ହୋଇଥିଲେ।

ବୋଲିଂରେ ଦୁଇ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ, ଦ୍ରୁତ ବୋଲର ମହମ୍ମଦ ସାମି ଓ ଇନ୍ ଫର୍ମ ଉମେଶ ଯାଦବ ଭଲ ପ୍ରଦର୍ଶନ କରିବା ଆଶା କରାଯାଉଛି। ଦୁଇ ତାରକା ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଏମାନଙ୍କ ଉପରେ ଦ୍ରୁତ ବୋଲିଂର ଦାୟିତ୍ୱ ରହିବ। କାର୍ଯ୍ୟଭାର କମାଇବା ପାଇଁ ଭୁବନେଶ୍ୱର ଓ ବୁମରାଙ୍କୁ ପ୍ରଥମ ଦୁଇଟି ଦିନିକିଆରେ ବିଶ୍ରାମ ଦିଆଯାଇଛି। ଏସିଆ କପ୍‌ର ଦୁଇଟି ମ୍ୟାଚ୍ ଖେଳି ବେଶ୍ ସଫଳ ହୋଇଥିବା ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦ ସୁଯୋଗର ଫାଇଦା ଉଠାଇବା ଆଶା କରାଯାଉଛି।

ଟେଷ୍ଟ ସିରିଜରେ ଭଲ ଖେଳି ନ ଥିଲେ ମଧ୍ୟ ୱେଷ୍ଟଇଣ୍ଡିଜ୍ ଦିନିକିଆରେ ବେଶ୍ ଶକ୍ତିଶାଳୀ ମନେ ହୁଏ। ଅବଶ୍ୟ ଆଘାତସମସ୍ୟା ଦଳ ପାଇଁ ଚିନ୍ତା ସୃଷ୍ଟି କରିଛି। ଡାଇନାମିକ ଓପନ ଏଭିନ ଲୁଇସ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଦିନିକିଆ ସିରିଜରୁ ଓହରିଯାଇଛନ୍ତି। ପୁଣି କ୍ରିସ୍ ଗେଲ ଓ ଆଣ୍ଡ୍ରେ ରସେଲଙ୍କ ଭଳି ଅଭିଜ୍ଞ ତଥା ତାରକା ଖେଳାଳି ଦଳରେ ନାହାନ୍ତି। ଏଥି ସହିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଆଚରଣବିଧି ଉଲ୍ଲଂଘନ କରିବା କାରଣରୁ କୋଚ୍ ଷ୍ଟୁଆର୍ଟ ଲ ପ୍ରଥମ ଦୁଇଟି ଦିନିକିଆରେ ଦାୟିତ୍ୱରେ ରହିପାରିବେ ନାହିଁ। ଫଳରେ ୱେଷ୍ଟଇଣ୍ଡିଜ୍‌ର ସମସ୍ୟା ଦ୍ୱିଗୁଣିତ ହୋଇଛି। ତେବେ ଦଳରେ ଅଭିଜ୍ଞ ମାର୍ଲନ ସାମୁଏଲ୍ସ, ଅଧିନାୟକ ତଥା ଅଲରାଉଣ୍ଡର ଜାସନ ହୋଲ୍ଡର ଓ ଦ୍ରୁତ ବୋଲର କେମର ରୋଚ୍‌ଙ୍କ ଭଳି ଖେଳାଳି ରହିଛନ୍ତି। ୱେଷ୍ଟଇଣ୍ଡିଜ ଦଳରେ ୩ ଜଣ ନବାଗତ ଚନ୍ଦରପଲ ହେମରାଜ, ଅଲରାଉଣ୍ଡର ଫାବିଆନ ଆଲେନ ଓ ଦ୍ରୁତ ବୋଲର ଓସାନ ଥୋମାସ ସାମିଲ ହୋଇଛନ୍ତି। ଦିନିକିଆ ର୍‍ୟାଙ୍କିଂର ନବମ ସ୍ଥାନରେ ରହିଥିବା ୱେଷ୍ଟଇଣ୍ଡିଜ ତା'ର ଗତ ସିରିଜରେ ବାଂଲାଦେଶଠାରୁ ୧–୨ରେ ପରାସ୍ତ ହୋଇଥିଲା। ୨୦୧୪ ପରଠାରୁ ୱେଷ୍ଟଇଣ୍ଡିଜ୍ ଗୋଟିଏ ହେଲେ ବି ଦିନିକିଆ ସିରିଜ ଜିତିନାହିଁ। ସ୍ଥାନୀୟ ବର୍ଷପରା ଷ୍ଟାଡିୟମରେ ଦ୍ୱିତୀୟଥର ପାଇଁ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ଗତବର୍ଷ ଏଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକ ଟି୨୦ ମ୍ୟାଚ୍ ଖେଳାଯାଇଥିଲା। ସେତେବେଳେ ଅଷ୍ଟ୍ରେଲିଆ ଟିମ୍ ବସ୍ ଉପରକୁ ଆକ୍ରମଣ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।

## ପ୍ରଥମ ଦିନିକିଆ ଆଜି

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ, ଲୋକେଶ ରାହୁଲ ଓ ଉମେଶ ଯାଦବ।

**ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, ସୁନୀଲ ଅମ୍ବ୍ରିସ, ଦେବେନ୍ଦ୍ର ବିଶୁ, ଚନ୍ଦରପଲ ହେମରାଜ, ଶିମରନ ହେଟମେୟର, ଶାଇ ହୋପ୍, ଅଲଜାରି ଜୋଶେଫ୍, କିରନ ପାୱେଲ, ଅଶଲେ ନର୍ଶ, କିମୋ ପଲ, ରୋଭମ୍ୟାନ ପାୱେଲ, କେମର ରୋଚ୍, ମାର୍ଲନ ସାମୁଏଲ୍ସ,ଓସାନ ଥୋମାସ ଓ ଓବେଡ ମ୍ୟାକକୋଏ।

**ସମୟ: ଅପରାହ୍ନ ୧.୩୦**
**ସ୍ଥାନ: ଗୁଆହାଟୀ**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ**

## ସଂକ୍ଷେପରେ

### ପ୍ରବୀଣ କୁମାରଙ୍କ ଅବସର



**ଲକ୍ଷ୍ନୌ,୨୦।୧୦:** ଭେଟେରାନ ପେସର ପ୍ରବୀଣ କୁମାର ଶନିବାର ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିବାର ଦୀର୍ଘ ୧୧ ବର୍ଷ ପରେ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମିରଟ ବୋଲର କ୍ୟାରିୟର ବହୁ ସ୍ମରଣୀୟ ବିଜୟ ହାସଲ କରିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୧୧ରେ ତାଙ୍କର ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ ଯୋଗୁ ଇଂଲଣ୍ଡ ମାଟିରେ ଭାରତ ସ୍ମରଣୀୟ ବିଜୟ ହାସଲ କରିଥିଲା। ସେ ଲର୍ଡ୍ସ ଟେଷ୍ଟରେ ୫ ଉଇକେଟ ନେଇ ୧୮ତମ ଭାରତୀୟ ବୋଲର ଭାବେ ହନର୍ସ ବୋର୍ଡ ଅଫ୍ ଦି ଲର୍ଡ୍ସରେ ସ୍ଥାନ ପାଇଥିଲେ। ରଣଜୀ କ୍ରିକେଟରେ ଅନ୍ୟତମ ବୋଲର ଉତ୍ତର ପ୍ରଦେଶ ପକ୍ଷରୁ ଖେଳୁଥିଲେ। ଅଧିକ ବେଗ ନ ଥିଲେ ମଧ ବଲକୁ ଉଭୟ ଦିଗରେ ସୁଇଙ୍ଗ କରିବାର ଦକ୍ଷତା ତାଙ୍କର ଥିଲା। ୨୦୦୫-୦୬ ସିଜନରେ ସର୍ବାଧିକ ୪୧ ଉଇକେଟ ନେବା ସହ ୩୮୬ ରନ୍ କରିଥିଲେ। ଏହାପରେ ତାଙ୍କୁ ୨୦୦୭ରେ ତାଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିଲା। ସେ ଅନ୍ତର୍ଜାତୀୟ ସ୍ତରରେ ୬୮ ଦିନିକିଆ ଓ ୬ ଟେଷ୍ଟ ଖେଳିଥିଲେ। ଏଥିରୁ ୭୭ ଓ ୨୭ ଉଇକେଟ ନେଇଥିଲେ। ତାଙ୍କୁ ୨୦୧୧ ବିଶ୍ୱକପ୍ ଦଳରେ ମଧ ସାମିଲ କରାଯାଇଥିଲା। ମାତ୍ର ଆହତ ସମସ୍ୟା ଯୋଗୁ ସେ ଦଳରୁ ବାଦ୍ ପଡ଼ିଥିଲେ। ସେ ଅନ୍ତିମ ଥର ୨୦୧୨ରେ ଦ. ଆଫ୍ରିକା ବିପକ୍ଷରେ ଖେଳିଥିଲେ।

### ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଡି କକ୍

**ମୁମ୍ବାଇ,୨୦।୧୦:** ଦକ୍ଷିଣ ଆଫ୍ରିକା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି କକ୍ ନିଲାମ ପ୍ରକ୍ରିୟା ପୂର୍ବରୁ ପ୍ରଥମ ଖେଳାଳି ଭାବେ ଦଳ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଡି କକ୍‌ଙ୍କୁ ଗତ ଅକଶନରେ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର (ଆର୍‌ସିବି) ଦଳ ୨.୮ କୋଟି ଟଙ୍କାରେ କିଣିଥିଲା। ସେ ୨୦୧୮ ସିଜନରେ ୮ ମ୍ୟାଚ୍ ଖେଳି ୧୨୪.୦୭ ଷ୍ଟ୍ରାଇକ ରେଟ୍‌ରେ ୨୦୧ ରନ୍ କରିଥିଲେ। ମିଳିଥିବା ସୂଚନା ମୁତାବକ ଏହି ବିସ୍ଫୋରକ ଓପନରଙ୍କୁ ସମାନ ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ କିଣିବା ସ୍ପଷ୍ଟ ହୋଇଛି। ଏଥିସହ ମୁମ୍ବାଇ ଦଳ ମୁସ୍ତାଫିଜୁର ରେହମାନ (୨.୨ କୋଟି) ଓ ଶ୍ରୀଲଙ୍କା ଅଫ୍ ସ୍ପିନର ଅକିଲା ଧନଞ୍ଜୟ (୫୦ ଲକ୍ଷ) ବିଦା କରିଛି। ଦଳରେ ପୂର୍ବରୁ ଇଶାନ କିଶାନ ଓ ଆଦିତ୍ୟ ତାରେଙ୍କ ଭଳି ଉଇକେଟକିପର ଅଛନ୍ତି। ଏଣୁ ଡି କକ୍‌ଙ୍କୁ ଦଳର ଉପରକ୍ରମରେ ବ୍ୟାଟିଂ କରିବେ ଆଶା କରାଯାଉଛି। କିନ୍ତୁ ସୂର୍ଯ୍ୟକୁମାର ଯାଦବ ଓ ଇଭିନ ଲୁଇସ ଓପନିଂ କରୁଥିବାବେଳେ ୩ୟ କ୍ରମରେ କିଶାନ ବ୍ୟାଟିଂ କରନ୍ତି। କିନ୍ତୁ ଗତ ସିଜନର ଶେଷ ଆଡ଼କୁ ଲୁଇସ୍ ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ। ଏହା ଡି କକ୍‌ଙ୍କୁ ଦଳକୁ ଆଣିବାର କାରଣ ହୋଇପାରେ। ସେ ଆର୍‌ସିବି ପକ୍ଷରୁ ଖେଳିବା ପୂର୍ବରୁ ଦିଲ୍ଲୀ ଡେୟାରଡେଭିଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ। ନିୟମ ଅନୁଯାୟୀ ୨୦୧୮ ସିଜନ ଶେଷ ହେବା ପରେ ଓ ନିଲାମ ପ୍ରକ୍ରିୟା ଆରମ୍ଭ ହେବାର ଏକ ମାସ ପୂର୍ବରୁ ପ୍ରତ୍ୟେକ ଦଳ ୨ ଖେଳାଳିଙ୍କୁ ପରିବର୍ତ୍ତନ କରିବାକୁ ଅଧିକାର ଦିଆଯାଇଛି।

### ମହିଳା କରନୀ ସେନା ମୁଖ୍ୟ ଜାଡେଜାଙ୍କ ପତ୍ନୀ

**ରାଜକୋଟ,୨୦।୧୦:** କ୍ଷେତ୍ରୀୟ ରାଜପୁତ ସମୁଦାୟ କରନୀ ସେନା ନିର୍ଦ୍ଦିଷ୍ଟ ଭାବେ ଗୁଜରାଟ ଓ ରାଜସ୍ଥାନରେ ସକ୍ରିୟ ଅଛନ୍ତି। ଏହି ଗ୍ରୁପ ଗତବର୍ଷ ରିଲିଜ୍ ହୋଇଥିବା ଫିଲ୍ମ 'ପଦ୍ମାବତ'କୁ ସର୍ବଭାରତୀୟ ସ୍ତରରେ କଡ଼ା ବିରୋଧ କରିଥିଲେ। କରନୀ ସେନାର ମହିଳା ବିଭାଗର ମୁଖ୍ୟ ଭାବେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିବାଡା ଜାଡେଜାଙ୍କୁ ଶୁକ୍ରବାର ନିଯୁକ୍ତ କରାଯାଇଛି। ଜାତୀୟ କରନୀ ସେନା ସଭାପତି ମାହିପାଲସିନ୍‌ହା ମାକ୍ରାନା ରିବାଡାଙ୍କୁ ଗୁଜରାଟର ମହିଳା ବିଭାଗର ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ରାଜକୋଟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରିବାଡା ଏ ନେଇ ସୌରାଷ୍ଟ୍ର ଅଞ୍ଚଳର କରନୀ ସେନା ଦାୟିତ୍ୱରେ ଥିବା ଜେ. ପି. ଜାଡେଜାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହ ମହିଳାଙ୍କ ଅଧିକାର ପାଇଁ ଲଢ଼ିବେ ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ଭାରତୀୟ ହକିରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି: ଚାର୍ଲ୍ସୱର୍ଥ

ଭାରତୀୟ ହକିକୁ କଡ଼ା ସମାଲୋଚନା କରୁଥିବା ଅଷ୍ଟ୍ରେଲୀୟ ଲିଜେଣ୍ଡ ରିଚାର୍ଡ ଚାର୍ଲ୍ସୱର୍ଥ ଏବେ ତାଙ୍କ ସ୍ୱର ବଦଳାଇଛନ୍ତି। ଏସିଆନ୍ ଗେମ୍ସରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ସେ ଭାରତୀୟ ହକିକୁ ବେଶ୍ ପ୍ରଶଂସା କରିଛନ୍ତି। ଗତ ୩–୪ ବର୍ଷ ମଧ୍ୟରେ ଭାରତୀୟ ହକିରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି ବୋଲି ସେ ମତ ଦେଇଛନ୍ତି।

ଜଣେ କୋଚ୍ ଓ ଖେଳାଳି ହିସାବରେ ଚାର୍ଲ୍ସୱର୍ଥ ବିଶ୍ୱକପ୍ ଜିତିଛନ୍ତି। ଭାରତୀୟ ହକିର ପରିଚାଳନାକୁ ସେ ପୂର୍ବରୁ କଡ଼ା ସମାଲୋଚନା କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଏଥିରେ ବିତସ୍ପୃହ ହୋଇ ସେ ଭାରତୀୟ ହକି ଟେକ୍‌ନିକାଲ ଡାଇରେକ୍ଟର ହିସାବରେ ମାତ୍ର ୧୦ ମାସ କାର୍ଯ୍ୟକରି ଇସ୍ତଫା ଦେଇଥିଲେ। ବାରମ୍ବାର କୋଚ୍‌ଙ୍କୁ ପରିବର୍ତ୍ତନ କରାଯିବା ନେଇ ସେ ଅପତ୍ତି




ଉଠାଉଥିଲେ। ତେବେ ବର୍ତ୍ତମାନ ଭାରତୀୟ ହକି ଠିକ୍ ଦିଗରେ ଗତି କରୁଛି ବୋଲି କହିଛନ୍ତି। ୩–୪ ବର୍ଷ ତଳେ ମୁଁ ଭାରତୀୟ ହକିକୁ ନେଇ ସେତେଟା ଆଶାବାଦୀ ନ ଥିଲି। କିନ୍ତୁ ବର୍ତ୍ତମାନ ଏଥିରେ ବୈପ୍ଳବିକ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି। ଖେଳାଳିମାନେ ସେମାନଙ୍କ ଆଭିମୁଖ୍ୟ ବଦଳାଇଛନ୍ତି ଓ ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଭାରତ ଦୁଇଟି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିବାରେ ସକ୍ଷମ ହୋଇଛି। ପ୍ରକୃତରେ ଦେଖିବାକୁ ଗଲେ ଗତ ସଂସ୍କରଣରେ ଭାରତ ଏବେ ଅଷ୍ଟ୍ରେଲିଆଠାରୁ ବେଶ୍ ଭଲ ଖେଳୁଛି। ଭାରତ କେବଳ ଶୁଟ୍ ଆଉଟ୍‌ରେ ପରାସ୍ତ ହୋଇଥିଲା ବୋଲି ଚାର୍ଲ୍ସୱର୍ଥ କହିଛନ୍ତି।

ହକି ଇଣ୍ଡିଆ ଲିଗ୍ କାରଣରୁ ଏହି ପରିବର୍ତ୍ତନ ଆସିଛି। ଆନ୍ତର୍ଜାତିକ ଖେଳାଳିମାନଙ୍କ ସହ ନିୟମିତ ଭାବେ ଖେଳିବା କାରଣରୁ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ଭାରତରେ ହକି ପ୍ରତିଭାର ଅଭାବ ନାହିଁ। କିନ୍ତୁ ଏମାନଙ୍କୁ ବିକଶିତ ହେବାର ଆବଶ୍ୟକତା ରହିଛି।

ବିଂଶତମ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟ ହକି ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିଲା। ହକିକୁ ଭାରତ ଏକ ଭିନ୍ନ ରୂପ ଦେବାରେ ସଫଳ ହୋଇଥିଲା। ୭୦ ଦଶକରେ ଭାରତ ଓ ପାକିସ୍ତାନକୁ ହରାଇବା ଅଷ୍ଟ୍ରେଲିଆ ପାଇଁ କଷ୍ଟକର ଥିଲା। ତେବେ ଗତ ୩୦ ବର୍ଷ ମଧ୍ୟରେ ଭାରତୀୟମାନେ ଅଧିକ କିଛି ଶିକ୍ଷା କରିବାକୁ ଉତ୍ସାହିତ ନ ଥିଲେ। ଫଳରେ ଭାରତୀୟ ହକିର ଅବନତି ହୋଇଥିଲା ବୋଲି ସେ କହିଛନ୍ତି। ତେବେ ବର୍ତ୍ତମାନ କଥା ଅଲଗା ହୋଇଛି ଓ ଭାରତୀୟ ହକି ଉନ୍ନତି ପଥରେ ରହିଛି। ଖେଳାଳିମାନଙ୍କର ଆତ୍ମବିଶ୍ୱାସ ବଢିଛି। ନିଜର ପ୍ରତିଦ୍ୱନ୍ଦ୍ୱୀ ଓ ଖେଳ ସମ୍ପର୍କରେ ଖେଳାଳିମାନେ ବେଶ୍ ଭଲଭାବେ ଅବଗତ ରହିଛନ୍ତି। ସ୍ଥିର ପ୍ରଦର୍ଶନ ଉପରେ ମଧ୍ୟ ଖେଳାଳିମାନେ ଗୁରୁତ୍ୱ ଦେଉଛନ୍ତି। ତେବେ ଅନ୍ତିମ ମୁହୂର୍ତ୍ତରେ ଭାରତୀୟ ଖେଳାଳିମାନେ ତ୍ରୁଟି ସୁଧାରିବାରେ ବିଫଳ ହେଉଛନ୍ତି ବୋଲି ସେ କହିଛନ୍ତି। ଏସିଆନ ଗେମ୍ସରେ ମାଲେସିଆ ବିପକ୍ଷ ସେମିଫଇନାଲରେ ଏହା ଦେଖିବାକୁ ମିଳିଥିଲା। ଭାରତ ଶୁଟ୍ ଆଉଟ୍‌ରେ ହାରିଥିଲା। ଟୋକିଓ ଅଲିମ୍ପିକ୍ସ ପର୍ଯନ୍ତ ଭାରତୀୟ ସପୋର୍ଟ ଷ୍ଟାଫ୍‌ଙ୍କୁ ନେଇ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଅତ୍ୟଧିକ ପରିବର୍ତ୍ତନ କ୍ଷତିକାରକ ହୋଇଥାଏ। ଟେରୀ ୱାଲ୍ସ ଓ ରୋଲେଣ୍ଟ ଅଲ୍‌ଟମ୍ୟାନ୍ସଙ୍କୁ ବହିସ୍କାର କରାଯାଇଥିଲା। ତେବେ ହରେନ୍ଦ୍ର ସିଂ କୋଚ୍ ହିସାବରେ ଭଲ ଭାବେ ଦାୟିତ୍ୱ ନର୍ବାହ କରୁଛନ୍ତି ବୋଲି ସେ କହିଛନ୍ତି।

# ଦିନିକିଆ ପଦାର୍ପଣ ଅପେକ୍ଷାରେ ରିଷଭ ପନ୍ତ

**ଗୁଆହାଟୀ,୨୦।୧୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆ ଲାଗି ଶନିବାର ୧୨ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ୨୦ ବର୍ଷୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଏଥିରେ ସ୍ଥାନ ମିଳିଛି। ନିକଟରେ ଶେଷ ହୋଇଥିବା ଟେଷ୍ଟ ସିରିଜ୍‌ର ଭଲ ପ୍ରଦର୍ଶନ ଯୋଗୁ ତାଙ୍କୁ ଗୁଆହାଟିଠାରେ ଖେଳାଯିବାକୁ ଥିବା ଦିନିକିଆରେ ପଦାର୍ପଣ ସୁଯୋଗ ମିଳିବାକୁ ଯାଉଛି। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ଉଇକେଟକିପର ଦାୟିତ୍ୱରେ ରହିବେ। ପୂର୍ବଭଳି ବିରାଟ କୋହଲି ଦଳର ନେତୃତ୍ୱ ନେବେ।

# ଫାଇନାଲ୍‌ରେ ସାଇନା

**ଓଡିଞ୍ଜ୍ (ଡେନ୍‌ମାର୍କ), ୨୦।୧୦ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଡେନମାର୍କ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ କିଡାମ୍ବି ଶ୍ରୀକାନ୍ତ ତାଙ୍କ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ଶନିବାର ଅନୁଷ୍ଠିତ ଏକ ଏକତରଫା ସେମିଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ଗ୍ରେଗୋରିଆ ତୁନ୍‌ଜୁଙ୍ଗଙ୍କୁ ୨୧–୧୧, ୨୧–୧୨ରେ ପରାସ୍ତ କରିଛନ୍ତି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସାଇନା ବିଶ୍ୱର ନମ୍ବର ୱାନ ଖେଳାଳି ଚାଇନିଜ ତାଇପେଇର ତାଇ ଜୁ ଇଙ୍ଗଙ୍କୁ ଭେଟିବେ। କ୍ୟାରିୟରରେ ସାଇନାଙ୍କ ବିପକ୍ଷରେ ତାଇ ଜୁଙ୍କ ବିଜୟ ଓ ପରାଜୟ ରେକର୍ଡ ଯଥେଷ୍ଟ ଭଲ ରହିଛି।



ସାଇନା ନେହ୍ୱାଲ।

ଉଭୟଙ୍କ ମଧ୍ୟରେ ଏ ପର୍ଯ୍ୟନ୍ତ ହୋଇଥିବା ମୁକାବିଲା ଗୁଡ଼ିକରେ ତାଇ ଜୁ ୧୨ଥର ବିଜୟ ଲାଭ କରିଥିବା ବେଳେ ଭାରତୀୟ ଖେଳାଳି ମାତ୍ର ୫ ଥର ଜିତିବାରେ ସକ୍ଷମ ହୋଇ ପାରିଛନ୍ତି। ପୂର୍ବରୁ ଅନୁଷ୍ଠିତ ବିଶ୍ୱର ନମ୍ବର ୱାନ ଖେଳାଳି କେଣ୍ଟୋ ମୋମୋତାଙ୍କ ବିପକ୍ଷ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଶ୍ରୀକାନ୍ତ ୪୨ ମିନିଟ୍‌ରେ ହାରିଯାଇଥିଲେ। ଦ୍ୱିତୀୟ ଗେମ୍‌ରେ ତାଙ୍କର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ସେ ୧୬–୨୧, ୧୨–୨୧ରେ ପରାସ୍ତ ହୋଇଯାଇଥିଲେ।

# ଟେଷ୍ଟ ସିରିଜ ଜିତିଲା ପାକିସ୍ତାନ

**ଆବୁଧାବି, ୨୦।୧୦(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ଶୁକ୍ରବାର ବୃହତ୍ ୩୭୩ ରନରେ ବିଜୟ ହାସଲ କରିଛି। ଏଥି ସହିତ ପାକିସ୍ତାନ ୨ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌କୁ ୧–୦ରେ ହାତେଇ ନେଇଛି। ପ୍ରଥମ ଇନିଂସରେ ୧୩୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୨୦ ଓଭରରେ ୯ ଉଇକେଟ ହରାଇ ୪୦୦ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୫୩୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଚତୁର୍ଥ ଦିନରେ ୪୯.୪ ଓଭରରେ ୧୬୪ ରନ କରି ଅଲଆଉଟ ହେବା ସହ ଏକ ପ୍ରକାର ଆତ୍ମସର୍ପଣ କରିଥିଲା। ୨୮ ବର୍ଷୀୟ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆବାସ ପ୍ରଥମ ଓ ଦ୍ୱିତୀୟ ଇନିଂସରେ ୫ଟି ଲେଖାଏ ଓ ମୋଟ ୧୦ ଉଇକେଟ ହାସଲ କରି ଉଭୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି।



ଉଇକେଟ ହାସଲ ପରେ ଉଲ୍ଲସିତ ମହମ୍ମଦ ଆବାସ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪୭/୧ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଭଲ ଆରମ୍ଭ କରିଥିଲେ ମଧ ଅଷ୍ଟ୍ରେଲିଆ ପରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଓପନର ଆରୋନ ଫିଞ୍ଚ୍ ୨୪ ଓ ଟ୍ରଭିସ୍ ହେଡ ୧୭ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୧ ଓ ୩୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ମାର୍ନସ ଲାବୁସଚାଗ୍ନେ ୪୩ ଓ ମିଚେଲ ଷ୍ଟାର୍କ ୨୮ ରନ କରି ଆଉଟ ହୋଇଥିବା ବେଳେ ବାକି ୬ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ତାରକା ଓପନର ଉସମାନ ଖ୍ୱାଜା ବ୍ୟାଟିଂ କରିବାକୁ ଆସି ନ ଥିଲେ ଓ ଆବସେଣ୍ଟ ହର୍ଟ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ମହମ୍ମଦ ଆବାସ ସର୍ବାଧିକ ୫, ୟାସିର ଶାହ ୩ ଓ ମୀର ହମ୍‌ଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟସ୍ ଜିତି ପାକିସ୍ତାନ ପ୍ରଥମେ ପ୍ରଥମ ଇନିଂସରେ ୨୮୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୪୫ ରନରେ ଅଲଆଉଟ ହୋଇ ୧୩୭ ରନରେ ପଛରେ ପଡିଥିଲା।

**ସଂକ୍ଷିପ୍ତ ସ୍କୋର:**

ପାକିସ୍ତାନ ପ୍ରଥମ ଇନିଂସ– ୨୮୨ ଅଲଆଉଟ୍।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୧୪୫ ଅଲଆଉଟ।
ପାକିସ୍ତାନ ଦ୍ୱିତୀୟ ଇନିଂସ– ୪୦୦/୯ (ଇନିଂସ ଘୋଷଣା)।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ– ୪୯.୪ ଓଭରରେ ୧୬୪ ଅଲଆଉଟ୍ (ଲାବୁସଚାଗ୍ନେ– ୪୩, ହେଡ– ୩୬, ଫିଞ୍ଚ୍– ୩୧, ଆବାସ– ୫/୬୨)



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

MI

CELEBRATE
DIWALI
WITH MI

18th October - 7th November



| | Mi A2 | Redmi Note 5 Pro | | Mi Mix 2 | Redmi Y2 |
|---|---|---|---|---|---|
| | 4GB RAM + 64GB STORAGE | 4GB RAM + 64GB STORAGE | 6GB RAM + 64GB STORAGE | 6GB RAM + 128GB STORAGE | 4GB RAM + 64GB STORAGE |
| MRP | ₹17,499 | ₹15,999 | ₹17,999 | ₹37,999 | ₹13,499 |
| Best Buy | ₹14,999 | ₹12,999 | ₹14,999 | ₹26,999 | ₹10,999 |

Up to ₹3,000 OFF on above Phones + SBI Card ₹500 cashback on SBI credit card | Paytm mall Paytm mall vouchers worth up to ₹1,000

City Distributor : RJS Enterprises Pvt. Ltd.: BHUBANESWAR : Available at MI Preferred Partner: Unit -II : Naman Mobile: 9861039441, Ashok Nagar : Friends Mobile:9938056167, Surya Mobile:9937899007, Bapuji Nagar : Cell Net Tele Link's - 9437232008, Bhootnath Mobile World-9861025777, Laxmi Mobiles & Services-9861150005, UNICORN-9937077134, Sister Mobile-9937070861, JS Enterprises-9937441615, Spectra Vision: 9937722277, Gungun Mobile: 9937621203, Baranga : Manoj Electronics: 9938268724, Sahid Nagar : Ambika Mobiles: Bhawani Mall (Sahid Nagar), 7008858375, Mobile Fashion-8249471142, Laxmi Mobiles & Services-9861150005, TECH ZONE-9437036615, Bajrang Teleservices-9437000412, Bhouma Nagar : Maa Sarbeswari Enterprises: 9861047870, Damana : Dillip Communiocation-9861155009, Mobilinq-7978511544, Forest Park : DIGITAL HOUSE-9438447130, Ganga Nagar : Galaxy Mobile- 9556115400, Garage Chhak: Sister Mobile-9937070861, ID Market : New Mobile Bazar-9937775255, Gudly Mobile- 9337704203, Bhootnath Mobile World-9861025777, Gurukrupa Communication-9439925290, Jagamara : Galaxy Mobile-9556115400, Jaydev Vihar : Mobile Park-7377378332, Hello Mobile- 9861786200, Eastsite Happy Hours Pvt LTD- 7008211884, Khandagiri : Raja Communication- 9437365053, Kanha & Kirteemaa- 9937071285, Kharvela Nagar : Maa Mobile: 7978950362, LaxmiSagar : Maa Mobile-7978950362, Eastsite Happy Hours Pvt LTD-7008211884, Old Town : Shanti Radio Mobile & Watch-9438092183, Palasuni : Sri Omm Electronics- 9778714984, Patia : SMS INFRASTRUSTURE-7008129671, Sai Telepoint-7008013349, Gupta Distributors-9861499995, Patrapada : Sanjaya Mobile Care-439202028, PD Market : Shyam Sunder Electronics-9437084985, Rasulgarh : Amrita Telecom: 9583010161, Ruchika Market : Nexcell- 9668820905, Shailashree Vihar: Bhagyashree Mobile-9438413349,Shyampur : JS Enterprises-9938131947, Subham Market : Sale Point-9937072529, Ravi Takies : Mobile Mart: 9776992048, Trisulia : Rohit Gadget-9853239888, Khurda : Panctuality Communication-9861237083, Shree Mobile-9439115770, Omm Maa Traders-8260338612, Dream Palace- 9337540966, Chandrasekharpur : Ambika Mobiles: 7008858375, Cuttack: Badambadi : Todays Mobile-9853534953, MY MOBILE-9438591089, Bajrakabati Road : Nigam International-9938522222, Buxibazar : Digital World-9861232503, CDA : City Mobiles-9937070255, Chiku Communications-8895614330, Chandi Chhak : Sai Laxmi Graphic-9861111610, Choudhury Bazar : TechAdda-6292120809, College Square : Maa Tarini Mobile Galleary: 9853790100, Nigam International-9938522222, Rishika Communication-9937074982, Ranihat Canal Road : Jay Durga Communication-9937074955, Dargha Bazar : Mobile India-7735907735, Dolamundai : Shree Mobile- 9776199909, Jagatpur : Chandrika Telipoint: 9338294890, Kanika Chhak : Mobile Planet-9583059665, LinkRoad : New Help Line-9337239234, Mahanadi Vihar : SUNIL ELECTRONICS- 9437225355, Mangalabag : Shivam Electronics: 9437097201, NayaBazar : Anand Xerox-9776911110, Nayasadak : Mangal Enterprises-9437013425, Nuapada : New Help Line- 9337239234, Ranihat : New York Electronics-9040055446, Sikharpur : Maa Duladevi Communications-9937011180, Tinikonia Bagicha : Gupta Distributors-9861499995, Nandi Sahi : Ambika Mobiles-7008858375, Choudwar : M/s Premium: 9938069877, PURI: TechAdda- 7077225274, Shree Mobile-9040741541, SALEPUR: Amit Electronics-9937273550, ANGUL: Galaxy Mobile- 9777071462, Goel Agency-9438730001, Sunshine Communication-7873866660, Talcher : Cell Planet: 9778913055, KEONJHAR: Ambika Mobiles- 7008505651, BARGARH: Baragarh: Shree Sourav Sales-9861711167, On Mobile-9777470207, KHETRAJPUR: THE MOBILE CAMPUS-9040345689, RENGALI: Vishal Enterprises-9668682222, SAMBALPUR: Ambika Mobiles-7789930203, Audio & Video-9437050711, Bimal Electronics-9937072245, Richa Mobile-9556372530, Proline Communication-9937072139, TALCHER: Cell Planet-9778913055, JHARSUGUDA: Digital Lounge-9338821000, ROURKELA: Shree Balaji Traders-9439807001, Kansbahal : Hari Omm Mobile-9861246572, Digital Deal- 9437049932, Mobile World-9861372165, Suchitra Communication-9937071875, THE FONE ZONE-9861408048, B K Enterprises- 7978854083, Bhagawati Enterprises-9090904737, Mobile Vatika-9338183330, SUNDARGARH: Roop Electronics-9938213333, Maya Music- 9439903999, City Distributor : Lakshmi Syndicate Pvt. Ltd.: BERHAMPUR: Ganesh Market: CGR International-9040444460,Tata Benz Square : IBC Systems- 9337154474, One Way Traffic Road, Dalua Street : Aryabhatt Door Darshan-7205828128, Gandhi Nagar : Best Buy: Sai Complex-9937399944, Ambika Mobile-7008858375. My Mobinet Dot In: Sai Complex- 9937071656, Sameer Plaza: Sai Complex-9937078480, Tamanna Mobile: Sai Complex- 9090383887, Urban Bank Road : Sangam Electronics & Co.: 9337512626



JAPAN'S NO.1 TV
NOW IN INDIA

ପ୍ରତିଟି ପର୍ବ ସଜୀବ ହୋଇଉଠେ
ଶାର୍ପ ଟିଭି ରେ।

SHARP

androidtv



60UA6800X ₹117990
50UA6800X ₹70490

easysmart series



50UA6500X ₹54990

FREE GIFTS
JBL SOUNDBAR
JBL BT SPEAKER
AMAZON FIRE STICK
2 YEAR WARRANTY + 1 YEAR EXTENTED WARRANTY*
Conditions Apply*

0 Down Payment
Processing fees

eilex PRISM
4K HDR
Real Colour



easysmart series



40LE380X ₹33990
32SA4500X ₹23490

RICH COLOUR series



2T-C40AB2M ₹29990
2T-C32AB2M ₹20990

classic series



40LE185M ₹27990



32LE185M ₹17490



24LE175I ₹10990

AVAILABLE AT
GUPTA DISTRIBUTORS
PRABHU
MA
shree bazaar
Reliance digital

DISTRIBUTOR & DEALER ENQUIRY – BRANCH MANAGER: MR. DEEPAK SAMAL 7008997880 / 9437158773 BHUBANESWAR: GUPTA DISTRIBUTOR BARMUNDA-9348912906, GUPTA DISTRIBUTOR PATIA-7008267294, SAI SRADHA ELECTRONICS-7978581528, RAY ELECTRONICS-9337007627, MAHAVEER AGENCY-7008190822, SALIKA SALES ENTERPRISES-7788881313 PURI: PRABHU ELECTRONICS-9937772866 CUTTACK: LP ELECTRONICS-9090410446, PARADEEP-SHREE BAZAAR-MARGADARSHI-8328962588, J S PUR-DASH AGENCIES-7377962148, SALEPUR-BASUDEV ELECTRONICS-7978446653, CHADIKHOL-M/S SHAKTI ENTERPRISES-7978214307, CHATYA-MARUTI TRADERS-9348199202, GUPTA DISTRIBUTOR J S PUR-8637246206 ENQUIRY: COSTAL -GURU CHARAN BARIK -7978923647, ANUGUL-JITEN PATI-9437700013, BERHAMPUR-RAMKRISHNA-9937474686, KEONJHAR-DIBYA MISHRA-9438212750, WESTERN-SANGRAM-7894429845

## ସଂକ୍ଷେପରେ

### ଟ୍ରକ୍-ବାଇକ ଧକ୍କା, ଜଣେ ମୃତ

କୋରେଇ,୨୦।୧୦(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ବେଣୀପୁର ଛକ ନିକଟରେ ଶୁକ୍ରବାର ରାତି ୯ଟାରେ ଟ୍ରକ୍-ବାଇକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ସେ ହେଲେ ବରୁଣ୍ଡି ଥାନା ଅନ୍ତର୍ଗତ ମଉଡା ଗ୍ରାମର ଉମେଶ ଦାସ। ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକ ଜବତ କରିବା ସହ ଏକ ମାମଲା(୨୧୬/୧୮) ରୁଜୁ କରିଥିଲା। ପ୍ରକାଶ ଯେ, ଉମେଶ ବାଇକ୍ ଯୋଗେ ଯାଜପୁରରୋଡରୁ ଘରକୁ ଫେରୁଥିବା ବେଳେ ବେଣୀପୁର ଛକ ନିକଟରେ ଭାରସାମ୍ୟ ହରାଇ ଏକ ଦଣ୍ଡା ଚକିଆ ଟ୍ରକ ପଛକୁ ଧକ୍କା ଦେଇଥିଲେ।

### ମିନିଟ୍ରକ୍ ଚୋରି, ଡ୍ରାଇଭର ଅଟକ

କୋରେଇ,୨୦।୧୦(ସ୍ୱ.ପ୍ର.)- ମିନିଟ୍ରକ ଚୋରି ଅଭିଯୋଗରେ କୋରେଇ ପୋଲିସ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚୂରା କରୁଛି। ସେ ହେଲେ ବରୁଣ୍ଡେଇ ଗ୍ରାମ ବଳିତ ସାହିର ରବି ବେହେରା। ପ୍ରକାଶ ଯେ, ବିଜୟ କୁମାର ପଟ୍ଟନାୟକ ବୈତରଣୀରୋଡ ବଜାରଠାରେ କୋଳିଳ ଦେବୀ ଟ୍ରେଡର୍ସ ନାମରେ ଏକ ଧାନ ଗୋଦାମ ଅଛି ଏବଂ ସେ ମିନିଟ୍ରକ୍ ଯୋଗେ ବ୍ୟବସାୟ କରନ୍ତି। ରବି ତାଙ୍କ ପାଖରେ ଡ୍ରାଇଭର ଭାବେ କାମ କରନ୍ତି। ରବି ପ୍ରତିଦିନ ରାତିରେ ଗାଡ଼ି(ଓଡି-୩୪-୯୦୮) ନେଇ ତାଙ୍କ ଘର ନିକଟରେ ରଖନ୍ତି। ହେଲେ ଗତ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଗାଡ଼ି ଚୋରି କରିନେଇଥିବା ରବି ଭୋର ୪.୩୦ରେ ବିଜୟଙ୍କ ନିକଟକୁ ଫୋନ୍ କରିଥିଲେ। ବିଜୟ ବୈତରଣୀରୋଡ ଅଞ୍ଚଳକୁ ଆସି ବହୁ ଖୋଜାଖୋଜି କରିବା ପରେ ଗାଡ଼ି ନ ପାଇବାରୁ ଡ୍ରାଇଭରଙ୍କ ଉପରେ ସନ୍ଦେହ କରି କୋରେଇ ଥାନାରେ ଅଭିଯୋଗ କରିଥିଲେ।

### ନବରାତ୍ର ପାଳିତ

ବରି,୨୦।୧୦(ସ୍ୱ.ପ୍ର.)- ଯାଜପୁର ସଦର ଥାନା ଅଧୀନ କେଜେକା କିଆଁ ଛକ ନିକଟରେ ଗତ ୯ ତାରିଖଠାରୁ ନବରାତ୍ର ପୂଜା ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପୂଜକ ନନ୍ଦକିଶୋର ପାଣିଗ୍ରାହୀ ରାତିନୀତିରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସାବିତ୍ରୀ ଓଝା, ଉମେଶ ଦାସ, ସୁରେନ୍ଦ୍ର ଦାସ, ଅଶୋକ ଭଲ, କୃଷ୍ଣଚନ୍ଦ୍ର ଦାସ, ଶ୍ରୀଧର ଦାସ, ଭଗବାନ ସିଂ, ରାମଚନ୍ଦ୍ର ମହାପାତ୍ର, ଅଜିତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମଙ୍ଗଳ ବିଦ୍ୟା କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

■ ସରିଲା ଦୁର୍ଗାପୂଜା, ସରିନି ମେଳା

# ଆହୁରି ୫ଦିନ ଜମିବ ଯାତ୍ରା

କାଳିଆପାଣି,୨୦।୧୦(ଡି.ଏନ.ଏ.)

ଖଣି ଅଞ୍ଚଳର ଟାଟା କଲୋନୀ ପରିସରରେ ଦୁର୍ଗାପୂଜା ଓ ରାବଣ ପୋଡ଼ି ମହାସମାରୋହରେ ପାଳିତ ହୋଇଯାଇଛି। ମା' ମେଲାଣି ନେଇଛନ୍ତି। ମାତ୍ର ସରିନି ମେଳା। ଆହୁରି ପାଞ୍ଚଦିନ ଧରି ଯାତ୍ରା ଓ ମେଳା ଲାଗି ରହିବ ବୋଲି ଜଣାପଡ଼ିଛି। ଶୁକ୍ରବାର ବିଜୟା ଦଶମୀ ଥିବାରୁ ରାବଣ ପୋଡ଼ି କାର୍ଯ୍ୟକ୍ରମ ହୋଇଥିଲା। ମେଳାସ୍ଥଳରେ ଏକ ୩୫ ଫୁଟର ରାବଣ ମେଢ଼ ନିର୍ମାଣ କରିଯାଇ ରାତି ୯ଟାରେ ଦହନ କରାଯାଇଥିଲା। କମ୍ପାନୀ ଖଣିମୁଖ୍ୟ ଅବନିଶ କୁମାର ଓ ସୁଜିଦା କ୍ଲବ ପୁର୍ବତନ ଅଧ୍ୟକ୍ଷ ଭଗବତୀ ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଗ୍ନିସଂଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଉତ୍କଳ ସମ୍ବାଦିକ ସଂଘ ତଥା ସୁଜିଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ,



ମେଳାସ୍ଥଳରେ ଲୋକଙ୍କ ସମାଗମ।

ଖଣି ଉତ୍ପାଦନ ମୁଖ୍ୟ ସବ୍ୟସାଚୀ ମିଶ୍ର, କାଳିଆପାଣି ଥାନାଧିକାରୀ ଯୁବରାଜ ସ୍ୱାଇଁ, ଗାଁସୋଲ ସରପଞ୍ଚ ବିଶ୍ୱଜିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀ ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପୂଜା କମିଟି ସମ୍ପାଦକ ଶ୍ୟାମକାନ୍ତ ପଟ୍ଟନାୟକ, କର୍ମଚାରୀ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଦୁର୍ଗାପୂଜା ଶେଷ ହୋଇଥିବା ବେଳେ ମେଳା ଓ ଯାତ୍ରା ଆହୁରି ୫ ଦିନ ରହୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀ ଖୁସି ଅଛନ୍ତି। ଲୋକେ କମ୍ ଦାମ୍ ରେ ବିଭିନ୍ନ ଜିନିଷ ପାଇପାରୁଥିବା ବେଳେ ବ୍ୟବସାୟୀମାନେ ଭଲ ଦୁଇ ପଇସା ଅଧିକ ରୋଜଗାର କରୁଛନ୍ତି। ତେବେ ବାହାର ଅଞ୍ଚଳର କେତେଜଣ ବ୍ୟବସାୟୀ ଠେଲାରେ ଜିନିଷ ଲଦି ଏଠାକୁ ଆସି ବିକ୍ରି କରୁଥିବା ବେଳେ ସେମାନଙ୍କଠାରୁ ମଧ୍ୟ ପୂଜା କମିଟି ୫୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିଛି। ମାତ୍ର ରସିଦ ଦେଉ ନ ଥିବାରୁ ପୁନର୍ବାର ଆଉ କେତେଜଣ ସେମାନଙ୍କୁ ଆସି ଟଙ୍କା ମାଗୁଥିବା କେତେକ ବ୍ୟବସାୟୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

## ବିଶ୍ୱହିନ୍ଦୁ ପରିଷଦର ବୈଠକ

ଯାଜପୁରରୋଡ,୨୦।୧୦(ନି.ପ୍ର.)

ବ୍ୟାସନଗର ସରସ୍ୱତୀ ଶିଶୁ ମନ୍ଦିରଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଅବସରରେ ଜେଲ୍ଲାସ୍ତର ବିଶ୍ୱହିନ୍ଦୁ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱଦେଶୀ ଜାଗରଣ ମଞ୍ଚର ବିରଞ୍ଚି ନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ କାଳରୁ ରହିଆସିଛି ବୋଲି କହିଥିଲେ। ଏହି ଶକ୍ତି ସଦ୍‌ବିନିଯୋଗ କରି ଭାରତକୁ ବିଶ୍ୱର ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ କେଶବ ବଳିରାମ ହେଡଗେୱାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ। ଦେଶୁ ପ୍ରତେକ ହିନ୍ଦୁ ସଂଘରେ ସାମିଲ ହେବାକୁ ପଣ୍ଡା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶସ୍ତ୍ର ପୂଜନ କରାଯିବା ପରେ ଦୀପଙ୍କର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବଶ୍ରୀ ଅବିନାଶ ବୈଶାଖ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲୀପ କୁମାର ଜେନା, ଜ୍ଞାନରଞ୍ଜନ ରାଉତ, ବିଜୟ କୁମାର ପଣ୍ଡା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଆଚୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଶାନ୍ତ କୁମାର ଜେନା, ଗୌର ଚନ୍ଦ୍ର ନାୟକ, ଅଶିଷ ମଲ୍ଲ, ପ୍ରମୋଦ ରାଉତ ଓ ସୁଧାଂଶୁ ଶେଖର ମଲ୍ଲ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ବ୍ୟାସନଗର ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଲିକ, ଚନ୍ଦ୍ରଶେଖର ପଣ୍ଡା, ଅକ୍ଷୟ ପଣ୍ଡା, ଚନ୍ଦ୍ରମଣି ସାମଲ, ବିଜ୍ଞାନ ଦାସ, ହେମନ୍ତ ଧୀର, ମନୋଜ କୁମାର ଦାସ, ଉପେନ୍ଦ୍ର ମହାନ୍ତି, ଅସିତ୍ ଦାସ, ସୁରେନ୍ଦ୍ର ସାହୁ, ମୋହନଲାଲ ସାହୁ, ତାରିଣୀ ମହାନ୍ତି, ଯଶୋବନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ବଡ଼ଚଣାରେ ରାବଣପୋଡ଼ି

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ)

ପବିତ୍ର ଦଶହରା ଅବସରରେ ବଡ଼ଚଣା ସାର୍ବଜନୀନ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଶୁକ୍ରବାର ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାବଣଙ୍କ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ରାବଣ ପୋଡ଼ି ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ପୂଜା କମିଟି ସଭାପତି ଜଗଦାନନ୍ଦ ପ୍ରଧାନ, ଉପସଭାପତି ଗଣେଶ୍ୱର ବରାଳ, ଅଶୋକ ସିଂ, ରଞ୍ଜିତ ସିଂ, ଅଟଳ କୁମାର ସିଂ, ଲିପୁନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁଷାରକାନ୍ତ ଦେଓ, ମୃଣାଳକାନ୍ତ ଦେଓ, ଚିତ୍ତରା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ମେଲାଣି ନେଲେ ମା'

ବିରଜାକ୍ଷେତ୍ର,୨୦।୧୦(ଡି.ଏନ.ଏ)

ଯାଜପୁର ସହରରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୫ ତାରିଖରୁ ଆରମ୍ଭ ହୋଇଥିବା ଯାଜପୁର ସହରରେ ଦୁର୍ଗାପୂଜା ଶନିବାର ଭସାଣି ଉତ୍ସବ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକ ୫ଦିନ ଧରି ପୂଜା ପାଇବା ପରେ ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଓ ରୀତିନୀତି ଅନୁଯାୟୀ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ପୂଜା କରାଯାଇ ବିସର୍ଜନ କରାଯାଇଥିଲା। ୧୪ରୁ ଊର୍ଦ୍ଧ୍ୱ ମା' ଦୁର୍ଗାପୂଜା ଉପଲକ୍ଷେ ବିଭିନ୍ନ ମଣ୍ଡପଗୁଡ଼ିକୁ ସଜ୍ଜିତ କରାଯାଇଥିଲା। ଶୁକ୍ରବାର ପୂଜା ମଣ୍ଡପଗୁଡ଼ିକରେ ରଙ୍ଗଖେଳ ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳୁ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା। ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ବିଭିନ୍ନ ବାଦ୍ୟ ଓ ସଙ୍ଗୀତ ବଜାଇ ଶୋଭାଯାତ୍ରାରେ ନିଆଯାଇ ବୈତରଣୀ ନଦୀକୂଳ ଦେବୀଗଡ଼ା ଘାଟଠାରେ ଅସ୍ଥାୟୀ କୁଣ୍ଡରେ ବିସର୍ଜନ କରାଯାଇଥିଲା। ୧୪ରୁ ଊର୍ଦ୍ଧ୍ୱ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବ ପରିପ୍ରେକ୍ଷୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଯାଜପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରରେ ପୋଲିସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଖବରଦାତାଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବରି,୨୦।୧୦(ସ୍ୱ.ପ୍ର.)

ଖବରଦାତା ଉତ୍କଳକେଶରୀ ଜେନାଙ୍କ ବିୟୋଗରେ ବରାର ପ୍ରଗତି କ୍ଲବ ପରିସରରେ ପୂଜ୍ୟପୂଜା ପରିଷଦ ପକ୍ଷରୁ ଶୁକ୍ରବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ସତ୍ୟରଞ୍ଜନ କର ସଭାପତିତ୍ୱ କରିଥିଲେ। ପ୍ରଥମେ ସ୍ୱର୍ଗତ ଜେନାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଖବରଦାତା ପଦ୍ମନାଭ ଜେନା, ନିଲୁ ଦାସ, ସୁମନ୍ତ ପଣ୍ଡା, ଅବସରପ୍ରାପ୍ତ ଅଧିକାରୀ ଧୂର୍ଜଟପ୍ରସାଦ ଦାସ, ପ୍ରଗତି କ୍ଲବ ସଭାପତି ବିଚିତ୍ରାନନ୍ଦ ପୁହାଣ, ଦୁର୍ଯ୍ୟୋଧନ ଶତପଥୀ, କୁଳମଣି ଶୁକ୍ଳ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ଲକ୍ଷ୍ମୀନଗରରେ ଭସାଣି ଉତ୍ସବ, ୫ହଜାର ଭକ୍ତ ସାମିଲ

କୋରେଇ,୨୦।୧୦(ସ୍ୱ.ପ୍ର.)

ଲକ୍ଷ୍ମୀନଗର ପଞ୍ଚାୟତର ଲକ୍ଷ୍ମୀନଗର ଗ୍ରାମରେ ଶନିବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ପ୍ରଥା ଅନୁଯାୟୀ ଶତାଧିକ ଲୋକ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ କାନ୍ଧେଇ ତରାପୁର, ବାଲିଆପଶି, ଭିକିପୁର, ଠାକୁରପାଟଣା ସମେତ ସମଗ୍ର ଲକ୍ଷ୍ମୀନଗର ପଞ୍ଚାୟତ ପରିକ୍ରମା କରି ରାଧାନଗର ପଟଣାର ଜଳାଶୟରେ ବିସର୍ଜନ କରିଥିଲେ। ପ୍ରାୟ ୮ କି.ମି. ବ୍ୟାପି ଏହି ଭସାଣି ଶୋଭାଯାତ୍ରାରେ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ମା'ଙ୍କୁ କାନ୍ଧେଇ ନେଲେ ସମସ୍ତ ପାପ ନାଶ ହେବା ସହ ଶରୀର ଶୁଦ୍ଧପୂତ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଇ ବାପ ବୋଲଣା**
**ଅକାଳେ ସକାଳେ ଉଇଁ ଆସିଥିଲା**
**ଛତା ବେଣ୍ଟ କଲି ଗୋଳଣା ।**

ଯେତେ ଜାଣି ଯଉତୁକ ଦେଲେ ମଧ୍ୟ ଝିଅ ଶାଶୁଘରେ ବାପଘର ଲୋକଙ୍କୁ ସେତେ ସମ୍ମାନ ମିଳି ନ ଥାଏ। ନିନ୍ଦା ଅପବାଦ, ଗାଳି ଶୁଣିଲେ ମଧ୍ୟ ମନରେ ମନରେ ବେଳ ଅବେଳରେ ଝିଅ ଶାଶୁଘରେ ହ୍ରାସଗ୍ରୁ ହେବାକୁ ପଡ଼ିଥାଏ। ଝିଅ ଯେଉଁ ଘରେ ବିବାହ କରିଥାଏ ସେ ଘର ପରିବାର ପ୍ରତି ବାପଘର ଲୋକେ ସଦା ସମର୍ପିତ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖାମ୍ଭୁରି ମୁଣ୍ଡୀ, ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ରୋଷେଇ ଏକ ଦାୟିତ୍ୱ ଓ ନିଷ୍ଠାର କାର୍ଯ୍ୟ ହୋଇଥାଏ। ଯେଉଁ ମହିଳା ବା ଗୃହିଣୀ ନିଜ ଶରୀର ପ୍ରତି ଯତ୍ନଶୀଳ ହୋଇ ନ ଥାନ୍ତି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇ ନ ଥାନ୍ତି ତଥା ଲୁଚେଇ ଚୋରେଇ ଖାଦ୍ୟ ଖାଉଥାନ୍ତି ସେଭଳି ମହିଳାଙ୍କ କାର୍ଯ୍ୟକଳାପ କେବେ ସନ୍ତୋଷଜନକ ହୋଇ ପାରି ନ ଥାଏ। ଏପରିସ୍ଥଳେ ଏଭଳି ମହିଳାଙ୍କୁ ରୋଷେଇ ଭଳି ଗୁରୁଦାୟିତ୍ୱ ଦେବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ପ୍ରେରଣ୍ଡ ପଟ୍ଟନାୟକ

## ଉତ୍କଳ ବ୍ରାହ୍ମଣ ମହାସଂଘର ପ୍ରଥମ ଅଧିବେଶନ



ଉତ୍କଳ ବ୍ରାହ୍ମଣ ମହାସଂଘରେ ଉପସ୍ଥିତ କର୍ମକର୍ତ୍ତା।

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ)

ବାଲିଚନ୍ଦ୍ରପୁରଠାରେ ଶନିବାର ଉତ୍କଳ ବ୍ରାହ୍ମଣ ମହାସଂଘର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପସଭାପତି ବିକ୍ରମ କେଶରୀ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁକ୍ତି ମଣ୍ଡପ ପଣ୍ଡିତ ସଭା ସଭ୍ୟ ବିଦ୍ୟାନନ୍ଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ରାହ୍ମଣ ସମାଜର ଉନ୍ନତି ତଥା ବୈଦିକ ସଂସ୍କୃତିର ସାମଗ୍ରିକ ବିକାଶ ନିମନ୍ତେ ଉତ୍କଳ ବ୍ରାହ୍ମଣ ମହାସଂଘ କାର୍ଯ୍ୟ କରିବ ବୋଲି କହିଥିଲେ। ଏଥିରେ ବିଭିନ୍ନ ଜିଲାରୁ ଶତାଧିକ ବ୍ରାହ୍ମଣ ଯୋଗଦେଇ କିଭଳି ଭାବେ ବୈଦିକ ସଂସ୍କୃତିର ରକ୍ଷା ହୋଇପାରିବ ଏବଂ ବିକାଶ ହେବ, ସେ ନେଇ ମତ ରଖିଥିଲେ। ଶରତ ଚନ୍ଦ୍ର କର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘର ସମସ୍ତ ସଦସ୍ୟ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ମିଶ୍ର, ଗୁଲସନ ମିଶ୍ର, ସହ ସମ୍ପାଦକ ଶିବାନନ୍ଦ ଦାଶ, ଅଭୟ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୨୩ଟ ସଭ୍ୟ ମହାସଂଘରେ ଯୋଗ ଦେଇଥିବା କମିଟି ତରଫରୁ ଘୋଷଣା କରାଯାଇଥିଲା। ଆବାହକ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗଗନ ବିହାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶେଷ ହେଲା ଦଶହରା

ବରି, ୨୦।୧୦(ସ୍ୱ.ପ୍ର.)

ଶାରଦୀୟ ଦୁର୍ଗାପୂଜା ଅବସରରେ ବରାରେ ମୃଣ୍ମୟୀ ପ୍ରତିମାର ପୂଜା ୨୦୦ ବର୍ଷର ପୁରୁଣା ପରମ୍ପରା। ବୈଦିକ ରୀତିନୀତି ଅନୁସାରେ ମା'ଙ୍କ ପୂଜା ସମ୍ପନ୍ନ ହୋଇଛି। ଅଳ୍ପାସପୁର, ରାମଚନ୍ଦ୍ରପୁର, ଅଳିପୁର, ବନ୍ତିଡ଼, ବୃନ୍ଦାବରଦା ଆଦି ଅଞ୍ଚଳରେ ଶନିବାର ଦଶହରା ପର୍ବ ଶେଷ ହୋଇଛି। କେତେକ ସ୍ଥାନରେ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଆନନ୍ଦପୁରସ୍ଥିତ ବେହେରା ସାହିର କଳସ ପୂଜା କମିଟି ପକ୍ଷରୁ ଶୁକ୍ରବାର ଭସାଣି ଉତ୍ସବ ଶେଷ ହୋଇଛି। ସେହିପରି ନେଉଳା ଗ୍ରାମର କଳସ ପୂଜା କମିଟି ପକ୍ଷରୁ ଶନିବାର ଘଟ ପୂଜା କାର୍ଯ୍ୟକ୍ରମ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଏ ନେଇ ୨ ଦିନ ଧରି ବରି ବଜାରରେ ଜନଗହଳି ଲାଗିରହିଛି। ଧଉଳି ଗଣନାଟ୍ୟ ପକ୍ଷରୁ ୪ ଦିନ ଧରି ନାଟକ ପରିବେଷଣ କରାଯାଇଥିଲା। ବୃନ୍ଦାବରଦାରେ କ୍ଷତ୍ରିୟ ସମ୍ପ୍ରଦାୟ ପକ୍ଷରୁ ଖଣ୍ଡା ପୂଜା କରାଯାଇ ଖଣ୍ଡାଖେଳ ଅନୁଷ୍ଠିତ ହୋଇଯାଇଥିଲା।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION B.Ed Acharya Nagarjuna University UGC & NCTE Approved Equivalent to Utkal University Weekend Class & Study Material CT(D.El.Ed) Equivalent to Board of Secondary Education Odisha SINCE 2001 NIDT B.J.B. Nagar, Lewis Road, Bhubaneswar 9338229373, 9438286091 9776587145

Get Instant Cash against Gold, Sell Your Gold at 100% Market Value GOLD CASH LTD (an ISO 9001:2015 Certified Company) ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ କେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟାରେ WWW.GOLDCASH.CO 9090902555, 9090903555 Toll Free: 1800-120-3430 Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କସିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ (କାମ ଆମର ବିଶ୍ୱାସ ଆପଣଙ୍କର) Sector-30, Jagatpur, Jaipur, Rajasthan 8278171538 8901770631

Dhanlaxmi Finance Services ସରକାରଙ୍କ ଦ୍ୱାରା ପ୍ରମାଣିତ (Reg No.- od6789dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ। 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି। For more details contact: 9193648139 SATAPADA, PURI, ODISHA - 752011

T.C.F. FINANCE ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କସିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। 08418002678 08859668547 39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଉଦ୍ଦୀପ ଖୋଲା ଚାଲେଞ୍ଜ 2 ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରନ୍ତ ତନ୍ତ୍ର-ମନ୍ତ୍ର ସମ୍ରାଟ BABA AMIM SUFI JI 9540938429 9903852257 Near Master Canteen, Bhubaneswar

ବାବା ରହେମାନ ଖାନ ବଙ୍ଗାଳୀ 7065430524 9599270336

ଆଦର୍ଶ ଫାଇନାନ୍ସ ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ ଆଗେ କାମ, ପରେ ଦାମ୍ ଦୀପାବଳି ଧମାକା ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ ୨% ସୁଧ - ୪୦% ରିହାତି ୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ କମ୍ କାଗଜପତ୍ର କାମ ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ 168, Sector-30, Jagatpura, Jaipur, Rajasthan 73106-12716 89794-48754

!! LOAN LOAN LOAN !! ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଶ୍ରୀ ରାମ ଫାଇନାନ୍ସ ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ !! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !! 2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ ଯୋଗାଯୋଗ କରନ୍ତୁ 9717895136 9871773265 Add : 41/14, Sec-1 Pushp Vihar, Delhi

INVESTORS/ PARTNER required for a running Automobile Unit in Patia. 20 Corporates + 150 (+) Clients. Spares outlet opening facility. CONTACT: 8114721727

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା A to Z ସମସ୍ୟାର ସମାଧାନ 101% ସମାଧାନ ବାବା ସିକନ୍ଦର 21 ବୈଦିକ ବିଦ୍ୟାରେ ନିପୁଣ 9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ ITCT EDUCATION ଅଧିକ ସୂଚନା ପାଇଁ 0712-2223456 | 09422123456 www.itctedu.in

ଋଣ !!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!! ଶ୍ରୀ ଜଗନ୍ନାଥ ଫାଇନାନ୍ସ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ପାଆନ୍ତୁ 1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ 1% ସୁଧ 55% ରିହାତି + 25% ସବ୍‌ସିଡି ମାତା ଓ ଭଉଣୀଙ୍କୁ ବିଶେଷ ରିହାତି 7895183349 9927051692 Add : 41/14, Sec-1 Pushp Vihar, Delhi

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ଧର୍ମଶାଳା୨୦।୧୦(ଡିଏନଏ):** ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆସ୍ଥିତ ଭୋଇସାହିର ଜଣେ ନାବାଳିକାଙ୍କୁ ଅସଦଆଚରଣ ଉଦ୍ୟମ ହୋଇଥିବାନେଇ ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ଥାନା ଅଞ୍ଚଳର ସୁରେଶ ଭୋଇ ନାମକ ଜଣେ ଯୁବକ ତାଙ୍କ ମାଉସୀ ଘର ରଥିଆ ଗ୍ରାମକୁ ଆସିଥିଲେ। ଶୁକ୍ରବାର ରାତିରେ ଭୋଇସାହିର ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ଏନେଇ ନାବାଳିକାଙ୍କ ପିତା ଶନିବାର ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ କୋର୍ଟ ଚାଲାଣ

**ରସୁଲପୁର,୨୦।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ନିକଟରୁ ମଦ ବ୍ୟବସାୟୀ ନରହରି ତରାଇଙ୍କ ଠାରୁ କୁଆଖିଆ ପୋଲିସ ଶୁକ୍ରବାର ରାତିରେ ୪୦ବୋତଲ ମଦ ଜବତ କରିଛି। ଅଭିଯୁକ୍ତଙ୍କ ଘର ଶ୍ରୀବନ୍ତପୁର ପଞ୍ଚାୟତ ଭଗତଭଗବାନ ଗ୍ରାମ ବୋଲି ଜଣାପଡିଛି। ଅଭିଯୁକ୍ତକୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନରହରି ଏକ ବସ୍ତାରେ ୪୦ବୋତଲ ବିଦେଶୀ ମଦ ବୋତଲ ପୁରାଇ ବାଇକରେ ଗାଁକୁ ଯାଉଥିବାବେଳେ ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ପୋଲିସ ମଦ ବେପାରୀ ଓ ବାଇକ୍‌କୁ ଧରି ଥାନାକୁ ଆଣି ପଚରା ଉଚୁରା ଜାରି କରିବା ସହ ଏକ ମାମଲା ରୁଜୁ କରି ନରହରୀଙ୍କୁ କୋର୍ଟ ଚାଲାଣ କରିଛି।

### ପଲିଥିନ ବଣ୍ଟନକୁ ନେଇ ମହିଳାଙ୍କୁ ଅସୌଜନ୍ୟ ବ୍ୟବହାର

**ବିଞ୍ଝାରପୁର,୨୦।୧୦(ଡି.ଏନ୍.ଏ):** ବିଞ୍ଝାରପୁର ଥାନା ବାଙ୍ଗରା ପଞ୍ଚାୟତରେ ରିଲିଫ୍ ପାଲ ବଣ୍ଟାକୁ ନେଇ ଜୈନକା ମହିଳାଙ୍କୁ ସେହି ଗ୍ରାମର ଯୁବକ ଅସୌଜନ୍ୟ ବ୍ୟବହାର କରିଥିବା ନେଇ ଜରି ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗକୁ ୨୪ଘଣ୍ଟା ବିତିଥିଲେ ମଧ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଘଟଣାର ଆପୋଷ ସମାଧାନ କରିବାକୁ ପୋଲିସ ଉପରେ ରାଜନୈତିକ ଚାପ ପଡୁଥିବା ଚର୍ଚ୍ଚା ହେଉଛି। ଅଭିଯୋଗ ମୁତାବକ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଲଗାଣ ବର୍ଷାରେ ବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ ପାଲ ଦିଆଯାଇଥିଲା। ଏହି ପାଲ ବଣ୍ଟାକୁ କେନ୍ଦ୍ର କରି ବାଙ୍ଗରା ଗ୍ରାମର ଜନୈକ ବ୍ୟକ୍ତି ସେହି ଗ୍ରାମର ଜଣେ ମହିଳାଙ୍କୁ ଗତ ୧୮ତାରିଖରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ ବୋଲି ମହିଳା ଜଣକ ଜରି ଫାଣ୍ଡିରେ ୧୯ ତାରିଖରେ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଥିବା ବେଳେ କିଛି ରାଜନୈତିକ ଲୋକ ଘଟଣାର ଆପୋଷ ସମାଧାନ ପାଇଁ ମହିଳାଙ୍କ ଉପରେ ଚାପ ପକାଉଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ କୁହନ୍ତି ଯେ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଦଶହରା ଭସାଣି ପାଇଁ ବ୍ୟସ୍ତଥିବା ଯୋଗୁଁ ମାମଲା ହୋଇ ନାହିଁ। ରବିବାର ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ମାମଲା ରୁଜୁ କରାଯିବ ବୋଲି ଦାସ କହିଛନ୍ତି।

■ ଫେରୋକ୍ରୋମ କାରଖାନାରେ ଶ୍ରମିକ ଅଶାନ୍ତି ଜାରି

# ଷଷ୍ଠ ଦିନରେ ଶ୍ରମିକ ଆନ୍ଦୋଳନ

**ଯାଜପୁର ଅଫିସ,୨୦।୧୦**

ଯାଜପୁରରୋଡସ୍ଥିତ ଫେରୋକ୍ରୋମ କାରଖାନାରେ ଶ୍ରମିକ ଆନ୍ଦୋଳନ ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। କାରଖାନାର ମୁଖ୍ୟଫାଟକ ନିକଟରେ ୨ ଦିନ ଧାରଣା ଚଳାଇବା ପରେ ଏବେ ଫେରୋକ୍ରୋମ ମଜଦୁର ସଂଘ କାର୍ଯ୍ୟାଳୟ ପାଖକୁ ଘୁଞ୍ଚାଇ ନିଆଯାଇଛି। ଏଣେ ଶ୍ରମିକ ଅଭାବରୁ ଫେରୋକ୍ରୋମ କାରଖାନା ଅଚଳ ହୋଇଯାଇଛି। ୬ ଦିନ ଧରି ଫର୍ନେସର ଚିମିନିରୁ ଧୂଆଁ ନ ବାହାରିବା ଫଳରେ ନିୟମିତ କର୍ମଚାରୀ ଓ ଅଧିକାରୀଙ୍କ ମନରେ ଚାକିରି ହରାଇବାର ଛନକା ପଶିଛି। ଅନ୍ୟପକ୍ଷେ ଯାଜପୁରରୋଡ ଉପଶ୍ରମ କମିଶନର ଏଥିରେ ହସ୍ତକ୍ଷେପ କରିଛନ୍ତି। ତେବେ ଶନିବାର ତ୍ରିପାକ୍ଷିକ ବୈଠକ ବିଫଳ ହୋଇଥିବା ସୂଚନା ମିଳିଛି।

୨୦୧୩ରେ ଆଇଡିସିର ଅନ୍ୟ ଏକ ପ୍ରମୁଖ କାରଖାନା ଇଡକଲ କଳିଙ୍ଗ ଆଇରନ ୱାର୍କ୍ସ ଲିମିଟେଡ ବନ୍ଦ ହୋଇ ଯାଇଥିଲା। ସେଠାରେ ଫେରୋକ୍ରୋମ କାରଖାନାର ଶ୍ରମିକଙ୍କ ଭଳି ସମାନ ଢଙ୍ଗରେ ୨୦୧୩ରେ କେତେକ ଯୋଗାଣ ଶ୍ରମିକ ଜିଦ୍ ଖୋର ଭାବେ ଅନଶନ ଚଳାଇବା ପରେ ତତ୍କାଳୀନ କଳିଙ୍ଗ ଆଇରନ ୱାର୍କସର ପରିଚାଳନା ନିର୍ଦ୍ଦେଶକ ଏମ. କେ ପାଲ ତତ୍କାଳୀନ ଇଡକଲର ଅଧ୍ୟକ୍ଷ ବିଶାଳ ଦେବଙ୍କ ସହ ପରାମର୍ଶ କରି କିଛି ଦିନ ପାଇଁ କାରଖାନାକୁ ବନ୍ଦ କରିଥିଲେ। ସେବେଠାରୁ ଏହା ଆଜି ପର୍ଯ୍ୟନ୍ତ ବନ୍ଦ ରହିଛି। ସେଠାରେ ବହୁ ଯନ୍ତ୍ରାଂଶ କଳଙ୍କି ଖାଇଯାଇଥିବାବେଳେ ବହୁ ମୂଲ୍ୟବାନ ଜିନିଷ ଚୋରି ମଧ ହୋଇଯାଇଛି। କାରଖାନା ବନ୍ଦ ଫଳରେ ସେଠାରେ ୧୭ ଶହରୁ ୧୮ ଶହ ଶ୍ରମିକଙ୍କ

**ତ୍ରିପାକ୍ଷିକ ବୈଠକ ବିଫଳ**

ଜୀବିକା ଯାଇଛି। ଏବେ କେତେକ ଶ୍ରମିକ ଚାପରେ ପଡ଼ି ଅନିଚ୍ଛା ସତ୍ତ୍ୱେ ଧାରଣା ଦେଉଥିବା ଶୁଣିବାକୁ ମିଳିଛି। ଅନ୍ୟପକ୍ଷେ କେତେକ ଶ୍ରମିକ ନେତା ଧାରଣାରେ ଯୋଗ ନ ଦେଲେ ୫୦୦ଟଙ୍କା ଲେଖାଏ ଜରିମାନା ଦେବାକୁ ଧମକ ଦେଉଥିବାରୁ ଡରରେ କେତେକ ଧାରଣାକୁ ଯାଉଥିବା ଜଣାଯାଇଛି। ଫେରୋକ୍ରୋମ କାରଖାନାର ଏମଡି କାରଖାନା ଚଳାଇବା ପାଇଁ କାହିଁକି ତତ୍ପର ହେଉ ନାହାନ୍ତି ତାହା ଯାଜପୁରରୋଡ ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସମଗ୍ର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ତେଣେ ଆଇଡିସିର ନିଗମ ମୁଖ୍ୟାଳୟରେ ଉଚ୍ଚ ଦରମାରେ ଅବସ୍ଥାପିତ ଅଧିକାରୀମାନେ ଫେରୋକ୍ରୋମ କାରଖାନାର ଏହି ସମସ୍ୟାର ଆଶୁ ସମାଧାନ ଦିଗରେ ଆଦୌ ଚିନ୍ତିତ ନ ଥିବା ମନେ ହେଉଛି। କହିବାବାହୁଲ୍ୟ ଯେ, ଏହି ଧାରଣା ପ୍ରାୟୋଜିତ ବୋଲି ଅଭିଯୋଗ ହେଉଛି। ଏହି ଧାରଣା ପଛର ଅନ୍ୟତମ ନାୟକ ବହୁ ଦୁର୍ନୀତିରେ ସମ୍ପୃକ୍ତ ଉତ୍ପାଦ ବିଭାଗର ଜନୈକ ଅଧିକାରୀ ବୋଲି ଶୁଣାଯାଉଛି। ସେ କିଛି ଶ୍ରମିକ ନେତାଙ୍କ ଜରିଆରେ ବ୍ୟବସ୍ଥା କରାଇ ଛୁଟି ନେଇ ହାଇଦ୍ରାବାଦ ପଳାଇ ଯାଇଥିବା କୁହାଯାଉଛି। ତେବେ ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବାପରେ ଶ୍ରମ ବିଭାଗ ଏଥିନେଇ ତତ୍ପରତା ପ୍ରକାଶ କରିଛି। ଶ୍ରମ ଯୁଗ୍ମ ସଂସ୍ଥାପକଙ୍କ ତରଫରୁ ଜିଲା ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ତାଙ୍କ ପତ୍ରସଂଖ୍ୟା ୫୮୧୧/୧୮।୧୦।୨୦୧୮ରେ ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କୁ ୨୦ତାରିଖରେ ବୈଠକର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଶନିବାର ଏକ ତ୍ରିପାକ୍ଷିକ ବୈଠକର ଆୟୋଜନ କରିଛନ୍ତି। ଏଥିରେ ଧାରଣାକାରୀ ଶ୍ରମିକଙ୍କ ପକ୍ଷରୁ ୨ଜଣ, କାରଖାନା ପକ୍ଷରୁ ଏଜିଏମ (ଏଚଆରଡି) ବି. ଏନ ପ୍ରଧାନ, ନିରାପତ୍ତା ଅଧିକାରୀ ବିଦ୍ୟାଧର ଆଇଚ ପ୍ରମୁଖଙ୍କ ସହ ସମ୍ପୃକ୍ତ ଠିକାଦାରମାନେ ଉପସ୍ଥିତ ଥିଲେ। ତେବେ ଆଲୋଚନା ବିଫଳ ହେବାରୁ ଆସନ୍ତା ୨୨ ତାରିଖରେ ସମାଧାନ ନ ହେଲେ ୨୩ ତାରିଖରେ ପୁଣି ବୈଠକ କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ଶନିବାର ପୂର୍ବାହ୍ନରେ ଧାରଣାକାରୀ ଶ୍ରମିକଙ୍କ ସଭାପତି ତଥା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓ କାରଖାନାର ଏମଡି ବୀରକିଶୋର ସାହୁଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ଅଧ୍ୟକ୍ଷଙ୍କ ବିନା ଅନୁମୋଦନରେ ପୂଜା ଉପହାର ବଢ଼ାଇ ପାରିବେ ନାହିଁ ବୋଲି ଏମଡି ସାହୁ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଧର୍ମଶାଳା୨୦।୧୦(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଜେନାପୁର ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥ ବାଲିସାହିଠାରେ ଶୁକ୍ରବାର ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଜୟଦେବ ସାହୁ (୪୫) ନିଜ ବାଇକରେ ଚଣ୍ଡିଖୋଲ ଯାଉଥିବାବେଳେ ଓଆର ୦୯-ଏଫ-୨୬୨୫ ନମ୍ବର ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଜୟଦେବଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଥିବା ଡ୍ରାଇଭର ଟ୍ରକ୍ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ଜେନାପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ ସହ ଶବ ଜବତ କରିଥିଲା। ଜେନାପୁର ପୋଲିସ ୨୫୭/ ୧୮ ନମ୍ବରରେ ଏକ କେଶ ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଡାକ୍ତରଖାନା ପଠାଇ ଘଟଣା ତଦନ୍ତ କରୁଛି।

## ଗୋକର୍ଣ୍ଣିକା ପାର୍ବଣ ବିଶେଷାଙ୍କ ଉନ୍ମୋଚନ

**ଧର୍ମଶାଳା,୨୦।୧୦(ଡି.ଏନ୍.ଏ.)**




ଗୋକର୍ଣ୍ଣିକା ପୂଜା ବିଶେଷାଙ୍କ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରେସ୍‌କ୍ଲବ ପରିସରରେ ଗୁରୁବାର ଗୋକର୍ଣ୍ଣିକା ଶାରଦୀୟ ବିଶେଷାଙ୍କ ଓ ବନ୍ଧୁ ମିଳନ ଉତ୍ସବକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ସମାଜକୁ ସାହିତ୍ୟର ଉତ୍ପତ୍ତି ଏବଂ ସାହିତ୍ୟ ହିଁ ସମାଜର ନବଦିଗନ୍ତ ପଥପ୍ରଦର୍ଶକ। ପତ୍ରପତ୍ରିକାଗୁଡିକ ସାହିତ୍ୟର ଡାଳ ସଦୃଶ। ଗ୍ରାମାଞ୍ଚଳରୁ ୪୦ ବର୍ଷ ଧରି ଗୋକର୍ଣ୍ଣିକା ପତ୍ରିକା ନିୟମିତ ପ୍ରକାଶ ପାଇବା ସହ ବହୁ ନୂତନ ଲେଖକ ସୃଷ୍ଟି କରାଇପାରିଛି ବୋଲି ଜିଲାପାଳ ମତପ୍ରକାଶ କରି ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ରାଜ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ କରିବା କ୍ଷେତ୍ରରେ ଓ ସାହିତ୍ୟ ପତ୍ରିକା ପ୍ରକାଶନ ଦିଗରେ ଧର୍ମଶାଳା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇ ଗୋକର୍ଣ୍ଣିକା ତରୁଣ ଓ ପ୍ରବୀଣଙ୍କ ମିଳନ ପୀଠ ବୋଲି ସୂଚନା ଦେଇ ନିଜସ୍ୱ ପ୍ରବନ୍ଧରୁ କିଛି ଅଂଶ ପାଠ କରିଥିଲେ। ସଂପାଦକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଗୋକର୍ଣ୍ଣିକା ପାର୍ବଣ ବିଶେଷାଙ୍କକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ବିଜୟ କୁମାର ଶତପଥୀ, କବି ପଦ୍ମଜା ଶରଣ, ସସ୍ମିତା ଦାଶ, ରମେଶ ମହାନ୍ତି, ଯୁଗପ୍ରଭା ସାବତ, କବି ତୁହିନାଂଶୁ ରଥ, ନିରଞ୍ଜନ ଜେନା, ସ୍ୱର୍ଯ୍ୟମଣି ଖୁଣ୍ଟିଆ ପ୍ରବନ୍ଧ ପାଠ କରିଥିବା ବେଳେ ଉପସଭାପତି ସୁନାକର ସାହୁ, ସହ ସମ୍ପାଦକ ପ୍ରତାପ ରୁଦ୍ର ପଣ୍ଡା, ପ୍ରଦୀପ ସାମଲ ନିଆରା ଢଙ୍ଗରେ ଗଳ୍ପ ପାଠ କରିଥିଲେ। ଏହି ଅବସରରେ ପୂର୍ବତନ ସାଧାରଣ ସମ୍ପାଦକ ବି.କେ. ପରିଡା ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ମହେଶ୍ୱର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାରକା ଠାରେ ଜିଲା ହସ୍ତଶିଳ୍ପ କାରିଗର ସଂଘ ସମାବେଶ

**ଧର୍ମଶାଳା୨୦।୧୦(ଡି.ଏନ.ଏ.)**

ଯାଜପୁର ଜିଲା ହସ୍ତଶିଳ୍ପ କାରିଗର ସଂଘର ସମାବେଶ ଜାରକାସ୍ଥିତ ଜେମାଶୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାରୀଗରମାନେ ନିଜର ହକ ପାଇଁ ସଂଗଠିତ ହୋଇ ଲଢିବାକୁ ଆହ୍ୱାନ ଦେଇଥିଲେ। ଜିଲା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭକ୍ତ ଚରଣ ସାହୁ, ଧ୍ରୁବ ଚରଣ ରାଉତ, ଶିଳ୍ପୀଗୁରୁ କଳ୍ପତରୁ ମହାରଣା, ଜାତୀୟ ଦକ୍ଷତା ପ୍ରମାଣପତ୍ର ପୁରସ୍କାରପ୍ରାପ୍ତ ଶିଳ୍ପୀ ରଞ୍ଜନ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଦ୍ୱାରା ସର୍ବୋଚ୍ଚ ସମ୍ମାନରେ ଭୂଷିତ ହୋଇଥିବା ପ୍ରସ୍ତର ଶିଳ୍ପୀ କଳ୍ପତରୁ ମହାରଣା ଏବଂ ରଞ୍ଜନ ମହାରଣାଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କାରିଗର ସଂଘ ସଭାପତି ପର୍ଶୁରାମ ବେହେରା, ପ୍ରଶାନ୍ତ ବେହେରା, ବ୍ରହ୍ମାନନ୍ଦ ମହାରଣା, ମନୋଜ ନାଥ, ସୁରେଶ ସ୍ୱାଇଁ ପ୍ରମୁଖ କାରିଗରଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।

### ବାରବାଟୀ ଦୁର୍ଗାପୂଜାରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ରସୁଲପୁର,୨୦।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ବଜାରରେ ଅନୁଷ୍ଠିତ ଦୁର୍ଗାପୂଜା ଅବସରରେ ବିଶୃଙ୍ଖଳିତ ଆଚରଣ ଯୋଗୁଁ ବୁଧବାର ୨ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି ପରଦିନ ଉଭୟ ଗୋଷ୍ଠି ମଧ୍ୟରେ ମାରପିଟ୍ ହୋଇଥିଲା। ଏନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ହୋଇ ନ ଥିବା ଜଣାପଡିଛି। ପୋଲିସ ପକ୍ଷରୁ ଘଟଣାକୁ ଆପୋଷ ସମାଧାନ କରିବା ପାଇଁ ଉଦ୍ୟମ ଜାରି ରହିଛି।

## ବ୍ୟାସସରୋବର ସାହିତ୍ୟ ବାଟିକାର ଶାରଦୀୟ କବିତା ଆସର



ଶାରଦୀୟ କବିତା ଆସରରେ ଉପସ୍ଥିତ ଅତିଥି।

**ଯାଜପୁର ଅଫିସ,୨୦।୧୦**

ବ୍ୟାସସରୋବର ସାହିତ୍ୟ ବାଟିକାର ଶାରଦୀୟ କବିତା ଆସର ଶନିବାର ଯାଜପୁର ରୋଡ଼ ଚୋରଦାସ୍ଥିତ ଦୁର୍ଗାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଟିକାର ସଭାପତି ଗୁଣନିଧି ଗୁରୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାହିତ୍ୟ ସମାରୋହରେ ପୂର୍ବତନ ପୌରାଧକ୍ଷା ସବିତା ରାଉତ ମୁଖ୍ୟଅତିଥି, ସାହିତ୍ୟ ଏକାଡେମୀର ଯାଜପୁର ଜିଲା ସଦସ୍ୟା ସଂଯୁକ୍ତା ମହାପାତ୍ର ମୁଖ୍ୟବକ୍ତା ଓ ଯାଜପୁର ଜିଲା ଲେଖକ ସମ୍ମେଳନର ସମ୍ପାଦକ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷକ ବିଜ୍ଞାନ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦୟାନିଧି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବକ୍ତାମାନେ ଶକ୍ତି ଉପାସନା ଉପରେ ଆଲୋକ ପାତ କରିଥିଲେ। ଏହି ଅବସରରେ ରାଧାକୃଷ୍ଣ ସାହିତ୍ୟ ସଂସଦର ସମ୍ପାଦକ ଗୋକୁଳ ବିହାରୀ ପୃଷ୍ଟି, ଧରଣୀଧର ଦତ୍ତ, ସ୍ମୃତି ସଂସଦର ସମ୍ପାଦକ କୁଳମଣି ଦତ୍ତ, ସରଗୀ ଫୁଲର ସମ୍ପାଦକ ବାବୁଲାଲ ପଲେଇ, ଦଧିବାମନ ସାହିତ୍ୟ ସଂସଦର ସମ୍ପାଦକ ତ୍ରୈଲୋଚନ ଜେନା, କାମୁଡ଼େଇ ସାହିତ୍ୟ ସଂସଦର ସଭାପତି ଶରତ କୁମାର ଦାସ, କାଶତଣ୍ଡି ପତ୍ରିକାର ସମ୍ପାଦକ ଅଚ୍ୟୁତାନନ୍ଦ ପାତ୍ର , ବ୍ରଜ ମହାନ୍ତି ସାହିତ୍ୟ ସଂସଦର ସଂପାଦକ ବ୍ରଜ ମୋହନ ମହାନ୍ତି, ନୀଳାଚଳ ସାହିତ୍ୟ ସଂସଦର ସଂପାଦକ ଅକ୍ଷୟ କୁମାର ଦାଶ, ମୃଗତନ୍ତ୍ରାର ସଂପାଦିକା ପ୍ରଣତି ହୋତା, ବଉଳଫୁଲର ସଂପାଦିକା ବ୍ରଜେଶ୍ୱରୀ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନ ଶେଷରେ ବାଟିକାର କୋଷାଧକ୍ଷ ନିତ୍ୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନର ବ୍ରଜେଶ୍ୱରୀ ସିଂହଙ୍କ ଅଧକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ସ୍ମୃତିଲିପିର ସମ୍ପାଦକ ଭୁବନମୋହନ ମହାନ୍ତି ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରାଣୀ ପୃଷ୍ଟି, ଶରତ କୁମାର ଦାସ, ମଧୁସୂଦନ ମହାପାତ୍ର ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନ ଶେଷରେ ବ୍ୟଙ୍ଗ କବି ବାଇଧର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମା ଗାନ୍ଧୀ ସମ୍ମାନ ଘୋଷଣାକୁ ବିରୋଧକରି ଧାରଣା

**ଛତିଆ, ୨୦।୧୦(ଡି.ଏନ୍.ଏ.)**

ବ୍ରିଟିଶ ପାର୍ଲାମେଣ୍ଟରେ ଆସନ୍ତା ୨୫ତାରିଖରେ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କେଶବ ଚନ୍ଦ୍ର ଦାସଙ୍କୁ ମହାତ୍ମା ଗାନ୍ଧୀ ସମ୍ମାନରେ ସମ୍ମାନିତ କରାଯିବ। ବିଭିନ୍ନ ସାମାଜିକ କାର୍ଯ୍ୟରେ ଦାସ ନିଜକୁ ନିୟୋଜିତ କରି ସଫଳତା ଅର୍ଜନ କରିଥିବାରୁ ଇଣ୍ଡିଆନ ସଲିଡାରିଟି କାଉନ୍‌ସିଲ୍ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଛି। ତେବେ ଦାସଙ୍କୁ ମହାତ୍ମାଗାନ୍ଧୀ ସମ୍ମାନରେ ସମ୍ମାନିତ କରିବାକୁ ହୋଇଥିବା ଘୋଷଣାକୁ ବିରୋଧ କରିଛି ଛତିଆ ସଚେତନ ନାଗରିକ ମଞ୍ଚ। ଦାସ କୌଣସି ପ୍ରକାରେ ଗାନ୍ଧିଜୀଙ୍କ ଚିନ୍ତାଧାରାର ନୁହନ୍ତି। ତେଣୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରା ନ ଯାଉ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏପରି କି ଗୁରୁବାର ସ୍ଥାନୀୟ ଚମ୍ପାପୁର ହାଟଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇ ଏହି ଘୋଷଣାକୁ ବିରୋଧ କରାଯାଇଥିଲା।




ଧାରଣାରେ ବସିଥିବା ସଚେତନ ନାଗରିକ ମଞ୍ଚର ସଦସ୍ୟ।

ଧାରଣାରେ ଅଚ୍ୟୁତ କୁମାର ସାହୁ, ଉମେଶ ଚନ୍ଦ୍ର ବିଶ୍ୱାଳ, ବ୍ରଜ ଗୋପାଳ ଦାସ, ଶରତ ଚନ୍ଦ୍ର ସାହୁ, ଦୀପକ କୁମାର ଆଚାର୍ଯ୍ୟ, ଶସଧର ନାୟକ, ଜୟରାମ ଦାସ, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଦାସଙ୍କ ମତାମତ ମିଳିପାରି ନାହିଁ।

### ମେଲାଣି ନେଲେ ମା' ଦଶଭୁଜା

**ଧର୍ମଶାଳା, ୨୦।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ସନ୍ଧ୍ୟାରେ ମା' ଦଶଭୁଜା ଦେବୀଙ୍କ ଭସାଣି ଉତ୍ସବ ପାଳିତ ହୋଇଛି। ଜାରକା ବଜାର, ଧର୍ମଶାଳା ବଜାର, ସାରୋଇ ବଜାର, ଆରୁହା ବଜାର, ଚାନ୍ଦମୋହିନୀ, ଉତ୍ତରପ୍ରତାପ, ଜଳେଶ୍ୱରପୁର, ନୀଳକଣ୍ଠପୁର, କାଏମା ବଜାର, ମର୍ଜିତାପୁର, ଜେନାପୁର, ମୁକୁନ୍ଦପୁର, ବଳରାମପୁର ତଳଗଡ଼ଠାରେ ମା'ଦଶଭୂଜା ଦେବୀଙ୍କ ମୃଣ୍ମୟ ମୂର୍ତ୍ତିକୁ ନିକଟସ୍ଥ ନଦୀ ଓ ପୋଖରୀରେ ବିସର୍ଜନ କରାଯାଇଥିଲା।

## ଧର୍ମଶାଳା ସାହିତ୍ୟ ସମାଜର ୨୯ତମ ବାର୍ଷିକ ଉତ୍ସବ

**ଧର୍ମଶାଳା୨୦।୧୦(ଡି.ଏନ୍.ଏ.)**



ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ।

ଧର୍ମଶାଳା ସାହିତ୍ୟ ସମାଜର ୨୯ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ପର୍ବ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ବିଜୟା ଦଶମୀ ଦିନ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ସଭାପତି ଜଗନ୍ନାଥ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ବରିଷ୍ଠ କବି ତଥା ଧନ୍ଦାମୂଳକ ଶିକ୍ଷା ଯୁଗ୍ମନିର୍ଦ୍ଦେଶକ ଡ. ହରିହର କାନୁନ୍‌ଗୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟକ କାନୁନ୍‌ଗୋ କହିଲେ ଯେ, ଓଡିଶାରେ ସାହିତ୍ୟ ପତ୍ରିକା ସହ ସାହିତ୍ୟିକ ସୃଷ୍ଟି କରିବାରେ ଧର୍ମଶାଳା ପ୍ରମୁଖ ସ୍ଥାନ ଅଧିକାର କରିଛି। ମୁଖ୍ୟ ବକ୍ତାଭାବେ ବରିଷ୍ଠ କବି ତଥା ପୂର୍ତ୍ତ ବିଭାଗ ଅର୍ଥ ପରାମର୍ଶଦାତା ମନୋରଞ୍ଜନ ମହାପାତ୍ର ଓ ଅତିଥି ଭାବେ ଭୁବନେଶ୍ୱର ତ୍ରିପାଠୀ ଯୋଗଦେଇ ସାହିତ୍ୟ ସୃଷ୍ଟି ଉପରେ ଅଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଲେଖକଲେଖିକା ସଂସଦର ସଂଯୋଜକ ଭୁବନାନନ୍ଦ ତ୍ରିପାଠୀ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପାର୍ବଣ ବିଶେଷାଙ୍କ ''ଗଙ୍ଗଶିଉଳି'' ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତିଙ୍କ ''ଯେ ପକ୍ଷୀ ଉଡେ ଯେତେଦୂର'' ଓ ''ସମୁଦ୍ର ଓ ଅନ୍ୟାନ୍ୟ ପ୍ରବନ୍ଧ , ଧ୍ରୁବ ଚରଣ ବିଶ୍ୱାଳଙ୍କ '' ସାଉଁଟାସ୍ମୃତି'', ବିଦ୍ୟୁତଲତା ଦାସଙ୍କ ''ଡାଆଣୀ ଅଲୁଅ'', ରତ୍ନାକର ନାୟକଙ୍କ ''ଅଳସୀ ଜହ୍ନ'' ପୁସ୍ତକ ଗୁଡିକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ବାଗ୍ମୀ କାମଦେବ ଶତପଥୀ, ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପାଲାଗାୟକ ବଟକୃଷ୍ଣ ବେହେରା, ଚିତ୍ର ଶିଳ୍ପୀ ରାମଚନ୍ଦ୍ର ଦାସଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେସନରେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ଅଧକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ଗୁଡିକୁ ଆର୍ଜୁନ ପୃଷ୍ଟି ସବିତା ମିଶ୍ର ସଂଯୋଜନା କରିଥିଲେ। ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

■ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ପ୍ରସ୍ତୁତି

# ପଦଯାତ୍ରା କରି ମହାସମାବେଶରେ ଯୋଗଦେବେ ଚାଷୀ

**ରସୁଲପୁର,୨୦।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ହାଟସ୍ଥିତ ଖୋଲା ଆକାଶ ତଳେ ଶନିବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଗଠନର ବରିଷ୍ଠ ସଦସ୍ୟ ନାରାୟଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନଠୁଆବର, ଓଡିଶୋ, ବଡକଇଁଚି, ଯାବରା, ଶ୍ରୀବନ୍ତପୁର, କଲଣ, ସିଂହାପରୁ ଭଳି ୭ଟି ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦେଇଥିଲେ। ଚାଷୀମାନଙ୍କୁ ପ୍ରାଇଜ୍, ପେନ୍‌ସନ, ପ୍ରେଷ୍ଟିଜ୍ ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ସରକାରଙ୍କ ଉପରେ ଚାପସୃଷ୍ଟି କରାଯାଉଛି । ଏଥର ଆଉ ଏକ ନୂଆ ଦାବି ଚାଷୀ ସୁରକ୍ଷା ଭତ୍ତାକୁ ପୂର୍ବ ଦାବି ସହ ଯୋଡାଯାଇଛି । ମାତ୍ର ଚାଷୀଙ୍କୁ ସେମାନଙ୍କ ନ୍ୟାର୍ଯ୍ୟଦାବି ପ୍ରଦାନ କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଚାଷୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର ନାନା ଉପାୟ ଅବଲମ୍ବନ କରୁଛନ୍ତି । ହେଲେ ସରକାରଙ୍କ ସବୁ ଯୋଜନା ଫସର ଫାଟିଯିବ। ଚାଷୀଙ୍କ ଆନ୍ଦୋଳନ ସମ୍ମୁଖରେ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିବ ବୋଲି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ପ୍ରକାଶ କରିଛନ୍ତି। ଏଥି ସକାଶେ ଚାଷୀ ସଂଗଠନ ପକ୍ଷରୁ କୁଆଖିଆ ବଜାରଠାରୁ ପଦଯାତ୍ରା ଆରମ୍ଭ ହେବ । ଚାଷୀମାନେ ପ୍ରାୟତଃ ୮୦ରୁ ଊର୍ଦ୍ଧ୍ୱ କି.ମି. ଦୂରତା ପାଦରେ ଚାଲି ଚାଲି ଆସନ୍ତା ନଭେମ୍ବର ୫ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ମହା କୃଷକ ସମାବେଶରେ ଯୋଗଦେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ବୈଠକରେ ନଠୁଆବର ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ପାତ୍ର, ଶିକ୍ଷାବିତ୍ ଆଦିକନ୍ଦ ମଲ୍ଲିକ, ବ୍ରହ୍ମବରଦା ସରପଞ୍ଚ ବିଜୟ ଦାସ, ସଂଗଠନର ରସୁଲପୁର ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତି, ଦୁର୍ଯ୍ୟୋଧନ ସାମଲ ଉତ୍ତମ ପାଳ, ଦିନବନ୍ଧୁ ମଲ୍ଲିକ, ଯୁଧିଷ୍ଠିର କବି, ବେଣୁଧର ପୃଷ୍ଟି, ଗଣେଶ୍ୱର ପୁରୀ ପ୍ରମୁଖ ଯୋଗଦେଇ ସଂଗଠନର ବିଭିନ୍ନ ଦିଗପ୍ରତି ଆଲୋକପାତ କରିଥିଲେ ।



ନଠୁଆବର ହାଟଠାରେ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବୈଠକ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ)- ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗ୍ରାମର ଜଣେ ନାବାଳକ ଗୁରୁବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ସୁରେନ୍ଦ୍ର ସେନାପତିଙ୍କ ପୁଅ ସୂର୍ଯ୍ୟକାନ୍ତ(୧୬)। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଗୁରୁବାର ସୂର୍ଯ୍ୟକାନ୍ତ ତାଙ୍କ ମାମୁ ଘର କେନ୍ଦ୍ରାପଡ଼ା ଜିଲା ଡ଼େରାବିଶ ଥାନା ଅନ୍ତର୍ଗତ ତିଲଙ୍ଗ ଗ୍ରାମର ପ୍ରଦୀପ୍ତ ସାମଲଙ୍କ ଘରକୁ ଯାଇଥିଲେ। ସେଠାରେ ଏକ ପୋଖରୀ ଦଳ ସଫା କରିବା ପାଇଁ ୨ ଜଣ ବ୍ୟକ୍ତି ପୋଖରୀ ମଧ୍ୟରେ ପଶିଥିଲେ। ତାଙ୍କ ପଛେ ପଛେ ସୂର୍ଯ୍ୟକାନ୍ତ ପୋଖରୀ ମଧ୍ୟକୁ ଯାଇଥିଲେ। ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ।

### ଚଢ଼ିଗଲା କାର୍, ମହିଳା ମୃତ

ସୁକିନ୍ଦା,୨୦।୧୦(ଡି.ଏନ.ଏ.)- ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟରେ ଜଣେ ମହିଳାଙ୍କ ଉପରକୁ କାର୍ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ସଅମିଲ ସାହିର ଶ୍ୟାମ ତିରିଆଙ୍କ ସ୍ତ୍ରୀ ମାଳତି(୪୫)। ମାଳତି ଦଶହରା ଉପଲକ୍ଷେ ଅନୁଷ୍ଠିତ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ସେ ବାହାରକୁ ଆସିଥିବା ବେଳେ ରାସ୍ତାରେ ଏକ କାର୍ (ଓଆର୦୨ବିଭି୭୭୨୩) ଗାଡ଼ି ପଛକୁ ବୁଲାଉଥିବା ବେଳେ ତାହା ଉପରକୁ ମାଡ଼ି ଯାଇଥିଲା। ଗାଡ଼ିଟି ତାଙ୍କ ଅଣ୍ଟା ଉପରେ ଚଢ଼ିଯିବା କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନିକଟସ୍ଥ ବାସିନ୍ଦା ମହିଳାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବେକରେ ଲୁଙ୍ଗି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

କାଳିଆପାଣି,୨୦।୧୦(ଡିଏନଏ)- କାଳିଆପାଣି ଥାନା ଅର୍ନ୍ତଗତ ରାଁସୋଳ ପଞ୍ଚାୟତର ଟାଟା ଠିକାଦାର କଲୋନୀରେ ଜଣେ ଯୁବକ ନିଜ ପିନ୍ଧା ଲୁଙ୍ଗିକୁ ବେକରେ ବାନ୍ଧି ଶୁକ୍ରବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଉକ୍ତ ଯୁବକ ଜଣକ ହେଲେ ଯାଜପୁର ମାର୍କଣ୍ଡପୁର ଗ୍ରାମର ଅକ୍ଷୟ ରାଉତ (୫୦)। ଦୁର୍ଗାପୂଜା ଓ ରାବଣ ପୋଡ଼ି ଦେଖିବାକୁ ସେ ତାଙ୍କ ସ୍ତ୍ରୀ ଓ ପୁଅ, ଝିଅଙ୍କୁ ବାହାରକୁ ପଠାଇ ଦେବା ପରେ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଘରେ ପହଞ୍ଚି ଅକ୍ଷୟଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ମେଡ଼ିକାଲ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା (ନଂ. ୯ /୧୮) ରୁଜୁ କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି।

### ଶଙ୍ଖଚିଲାରେ ୫୨ତମ ଦୁର୍ଗା ପୂଜା ଉତ୍ସବ ଶେଷ

# ପ୍ରତିଯୋଗିତାରେ ନାଚିଲେ ୧୧ ବଳଦ

କୋରେଇ,୨୦।୧୦(ସ୍ୱ.ପ୍ର.)



ନାଚ ପ୍ରତିଯୋଗିତା ଆସିଥିବା ବଳଦ ଯୋଡି ।

■ମୁଖ୍ୟ ଆକର୍ଷଣ ପାଲଟିଥିଲା ବଳଦ ନାଚ
■୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼

କୋରେଇ ବ୍ଲକର ଶଙ୍ଖଚିଲାଠାରେ ଦୁର୍ଗା କମିଟି ପକ୍ଷରୁ ୫୨ତମ ବାର୍ଷିକ ଦୁର୍ଗା ପୂଜା ଉତ୍ସବ ପାଳିତ ହୋଇଯାଇଛି । ଏ ନେଇ ଦଶମୀ ଅବସରରେ ଶୁକ୍ରବାର କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବଳଦ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୧୧ ବଳଦ ପ୍ରତିଯୋଗୀ ଭାଗନେଇଥିଲେ। ଏହି ବଳଦଗୁଡ଼ିକ ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ନାଚି ନାଚି ଯାଇଥିଲେ। ଯାହାକି ଏହି ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହି ନାଚ ଓ ଉତ୍ସବକୁ ଉପଭୋଗ କରିବା ପାଇଁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କମିଟି ସଭାପତି ଜୟୀରାମ ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ସଚିବ ଗୋପୀନାଥ ମହାନ୍ତି ମୁଖ୍ୟବକ୍ତା, ପୂର୍ବତନ ପ୍ରଶାସନିକ ଅଧିକାରୀ ପିଉସ ପାଣି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଆଲେକ୍‌ଜାଣ୍ଡାର ଦାସ ଓ ହିଙ୍ଗୁଳା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଗେଡୁଆ ସାହୁ(ଠାକୁରପାଟଣା) ପ୍ରଥମ, ରମେଶ ମଲିକ(ଖମଣ) ଦ୍ୱିତୀୟ ଓ ବାବୁଲି ସାହୁ(ଠାକୁରପାଟଣା) ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ପ୍ରମାଣପତ୍ର ସହ ନଗଦ ଅର୍ଥରାଶି ଓ ଅଙ୍ଗବସ୍ତ୍ର ଦେଇ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ସାହୁ, ମାଧିଆ ମଲିକ, ରାମଚନ୍ଦ୍ର ସାହୁ(ଠାକୁରପାଟଣା), ପଦ୍ମନାଭ ମଲିକ, ରବିନ୍ଦ୍ର ସାହୁ, ବାଇଧର ସେଠୀ, ଶିବପ୍ରସାଦ ମହାକୁଡ଼ୁ, ଅଭିମନ୍ୟୁ ମହାକୁଡ଼ୁ ପ୍ରମୁଖ ୮ ପ୍ରତିଯୋଗୀଙ୍କୁ ସ୍ୱାନ୍ତନାମୂଳକ ଭାବେ ମାନପତ୍ର, ଅଙ୍ଗବସ୍ତ୍ର ସହ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଭାସ୍କର ପୃଷ୍ଟି, ମହେଶ୍ୱର ଖୁଣ୍ଟିଆ, ଦିଲ୍ଲୀପ କୁମାର ସାହୁ, ପ୍ରଶାନ୍ତ କୁମାର ଗୁରୁ, ବଳରାମ ସାହୁ, ଦୋଳଗୋବିନ୍ଦ ମଲ୍ଲିକ, ନୃସିଂହଚରଣ ପଥାଳ, ନିରଞ୍ଜନ ମହଲା, ଗଜେନ୍ଦ୍ର ମହାକୁଡ଼ୁ, ଧରଣୀଧର ପାତ୍ର, ମହେନ୍ଦ୍ରକୁମାର ନାୟକ, ଅମୂଲ୍ୟ ମଲିକ, ଗୋବିନ୍ଦ ପରମାଣିକ, ଉପେନ୍ଦ୍ର କୁମାର ସାହୁ, ଧନେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ବନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଚୌଧୁରୀ ପାଟଣା ଓ ନୂଆପାଟଣା ଗ୍ରାମରେ ମା'ଙ୍କ ୪୦ତମ ଦୁର୍ଗା ପୂଜା ଉତ୍ସବ ପାଳିତ ହୋଇଯାଇଛି। ମହାଷ୍ଟମୀରେ ବଡପୂଜା, ଚଣ୍ଡିପାଠ, ଷୋଡଶୋପଚାର, ପୂଜା ହୋଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉପଦେଷ୍ଟା ଭୀକାରୀ ଚରଣ ସେନାପତି, ସାଉଣ୍ଟି ସେନାପତି, ଗଦାଧର ସେନାପତି, କମିଟି ମୁଖ୍ୟ ମହେନ୍ଦ୍ର କୁମାର ସେନାପତିଙ୍କ ସମେତ ନରେନ୍ଦ୍ର ଦାସ, ଜୟନ୍ତକୁମାର ଦାସ, ସନ୍ତୋଷକୁମାର ଦାସ, ରମେଶ ଦାସ, ସୁବାସ ଦାସ, ଶ୍ରୀକାନ୍ତ ଦାସ, ରାମଚନ୍ଦ୍ର ସେନାପତି ପ୍ରମୁଖ କମିଟି କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ପରକୀୟା ପ୍ରୀତିକୁ ବିରୋଧ କରିବାରୁ

# ଭଉଣୀକୁ ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

କଳିଙ୍ଗନଗର,୨୦।୧୦(ଡି.ଏନ.ଏ)

ପ୍ରେମ କରି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଗୀତା ଓ ସତ୍ୟଜିତ। ହେଲେ ସତ୍ୟଜିତଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଗୁରୁବାର ଗୀତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସତ୍ୟଜିତଙ୍କୁ ଶନିବାର ଅଟକ ରଖି ପଚରା ଉଚରା କରୁଛି। ପ୍ରକାଶ ଯେ, ଯାଜପୁରରୋଡ ମୁଣ୍ଡମାଳ ଅଞ୍ଚଳର ଗୀତା ସେନାପତି (୨୩)ଙ୍କୁ ରାଛିପୁର ଗ୍ରାମର ପ୍ରଫୁଲ୍ଲ ରାଉତଙ୍କ ପୁଅ ସତ୍ୟଜିତ (୨୪) ୨୦୧୭ ମାର୍ଚ୍ଚ ୭ରେ ପ୍ରେମ ବିବାହ କରିଥିଲେ । ଉଭୟ ସ୍ୱାମୀ ସ୍ତ୍ରୀ ସେହି ଗ୍ରାମରେ ଏକ ଗ୍ୟାସ ବିତରକ ସଂସ୍ଥାରେ କାମ କରୁଥିଲେ। ଗତ ୧୮ତାରିଖ ସକାଳ ୫ଟାରେ ତାଙ୍କ ଶାଶୁ ଘର ଲୋକେ ଗୀତାଙ୍କ ବାପଘର ଲୋକଙ୍କୁ ଫୋନ କରି ଝିଅ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଥିବା କହିଥିଲେ। ଗୀତାଙ୍କ ଭାଇ ଉମା ସେନାପତି କଟକ ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ତାଙ୍କ ଭଉଣୀକୁ ମୃତବସ୍ଥାରେ ଦେଖିବାକୁ ପାଇଥିଲେ। ଏହାପରେ ସେ ଏ ନେଇ ଯାଜପୁରରୋଡ ଥାନାରେ ଭିଣୋଇ ସତ୍ୟଜିତଙ୍କ ପରକୀୟା ପ୍ରୀତି ଥିବାରୁ ସେ ତାଙ୍କ ଭଉଣୀକୁ ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଯାଜପୁରରୋଡ ପୋଲିସ ଏକ ମାମଲା (ନଂ ୨୬୫/୧୮) ରୁଜୁ କରି ସତ୍ୟଜିତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# ପିଡିଏସ୍ ଚାଉଳ ଚୋରି ଅଭିଯୋଗ: ୪ କୋର୍ଟ ଚାଲାଣ



ଚାଉଳ ଚୋରି ଅଭିଯୋଗରେ ଗିରଫ ଅଭିଯୁକ୍ତ ।

କୋରେଇ,୨୦।୧୦(ସ୍ୱ.ପ୍ର.)

ପାଣିକୋଇଲିସ୍ଥିତ ସରକାରୀ ଗୋଦାମରୁ ପିଡିଏସ୍ ଚାଉଳ ଚୋରି କରିବା ଅଭିଯୋଗରେ ପାଣିକୋଇଲି ପୋଲିସ ଶନିବାର ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନୂଆପଦା ଗ୍ରାମର କୁଳମଣି ସାହୁ, ପାଣିକୋଇଲି ଗ୍ରାମର ଲକ୍ଷ୍ମଣ ମହାକୁଡ଼ ଓ ମାୟାଧର ଦଳେଇ ଏବଂ ଅଳତିରି ଗ୍ରାମର ଫଗୁନ ମାଝି। ଏଥିସହ ଚୋରା ଚାଉଳ ପରିବହନ କରୁଥିବା ଗୋଟିଏ ଅଟୋ(ଓଡି-୦୪-୬୧୫୦) ମଧ୍ୟ ଜବତ କରିଛି। ପ୍ରକାଶ ଯେ, ଗତ ଜୁନ୍ ୨୪ ତାରିଖ ବିଳମ୍ବିତ ରାତିରେ ଗୋଦାମ ଘର ସଟର ଭାଙ୍ଗି ୨୫ ପ୍ୟାକେଟ୍ ଚାଉଳ ଚୋରି କରିଥିଲେ। ଏହି ଘଟଣା ସମ୍ପର୍କରେ ଖାଦ୍ୟଶସ୍ୟ ନିରୀକ୍ଷକ ଶୁଭପ୍ରଭା ସୋରେନ ଜାଣିବା ପରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୧୬୪/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପରେ ବିଶେଷ ସୂତ୍ରରୁ ଖବରପାଇ ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ମଙ୍ଗଳବାର ଚାଉଳ ପରିବହନରେ ସମ୍ପୃକ୍ତ ଥିବା କୁଳମଣିଙ୍କୁ ଥାନାକୁ ଆଣି ପଚରା ଉଚୁରା କରିଥିଲେ। ଫଳରେ ଘଟଣାରେ ତାଙ୍କୁ ସହଯୋଗ କରିଥିବା ସମସ୍ତ ଅଭିଯୁକ୍ତଙ୍କ ବିଷୟରେ ଜାଣିବାକୁ ପାଇଲେ। ଦୀର୍ଘ ଦିନଧରି ଚୋରା ଚାଉଳକୁ ମାୟାଧରଙ୍କ ସମେତ ବିଭିନ୍ନ ଦୋକାନୀଙ୍କୁ ଅଧା ଦାମରେ ବିକ୍ରି କରୁଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି।

### 'ଅନନ୍ୟା ସାହିତ୍ୟ ସଂସଦ'ର ୨୭ତମ ବାର୍ଷିକୋତ୍ସବ

# 'ଚଳନ୍ତି ଦେବୀଙ୍କୁ ଅସମ୍ମାନ କରାଯିବା ଅନୁଚିତ'

ବିରଜାକ୍ଷେତ୍ର,୨୦।୧୦(ଡି.ଏନ୍.ଏ)



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ।

'ଅନନ୍ୟା ସାହିତ୍ୟ ସଂସଦ' ଯାଜପୁର ଆନୁକୂଲ୍ୟରେ ୨୭ତମ ବାର୍ଷିକୋତ୍ସବ ବିଜୟା ମିଳନ, କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନନ୍ୟା ସମ୍ମାନ ପ୍ରଦାନ ଉତ୍ସବ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ସନ୍ତୋଷ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଯାଜପୁର ଜିଲାପାଳ ବରିଷ୍ଠ କବି ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ସାରା ଦେଶରେ ଦେବୀପୂଜା ଚାଲିଥିବାବେଳେ ଚଳନ୍ତି ଦେବୀ ପ୍ରତିମ ନାରୀଙ୍କୁ ଅସମ୍ମାନ କରାଯିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ରମାକାନ୍ତ ଜେନା ତାଙ୍କ ଅଭିଭାଷଣରେ ବହି ଅପେକ୍ଷା ମଣିଷକୁ ପଢ଼ିପାରିଲେ ସାଧନାର ସିଦ୍ଧି ହୁଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ ତାଙ୍କ ଅଭିଭାଷଣରେ ସାହିତ୍ୟ ସୃଷ୍ଟି ପାଇଁ ପ୍ରଚୁର ଅଧ୍ୟୟନ ଓ ହୃଦୟର ଉଦ୍‌ବେଳନ ଆବଶ୍ୟକ ବୋଲି କହିଥିଲେ। ଜିଲା ଲେଖକ ସମ୍ମିଳନୀର ସଭାପତି ରୁଦ୍ର ନାରାୟଣ ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟରେ ବିଭୋର ହେଲେ ଓ ଚେତନାକୁ ପରିବ୍ୟାପ୍ତ କଲେ ସୁସାହିତ୍ୟ ସୃଷ୍ଟି ହୁଏ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟା ସଂଯୁକ୍ତା ମହାପାତ୍ର ଅନନ୍ୟାର ବର୍ଷତମାମ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ଅନ୍ୟତମ ବକ୍ତା ଭାବେ ସ୍ତମ୍ଭକାର ଅଖିଳେଶ ପଦ ମହାନ୍ତି ଓ ବିଶିଷ୍ଟ ଲେଖିକା ଜୟଲକ୍ଷ୍ମୀ ସେଠୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟୁତ୍‌ପ୍ରଭା କର ଅତିଥିଙ୍କୁ ସ୍ୱାଗତ କରିଥିଲା ବେଳେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ କବିତା ପାଠୋତ୍ସବ ଓ ଅନନ୍ୟାର ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷାବିତ୍ ଦଶରଥ ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହରେକୃଷ୍ଣ ପଣ୍ଡା, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଓ ବ୍ୟଙ୍ଗ କବି ବାଇଧର ମାଝୀଙ୍କୁ ଅନନ୍ୟା ସମ୍ମାନ ପ୍ରଦାନ କରାଯାଇଥିଲା। ବିନୋଦ ଚନ୍ଦ୍ର ନାୟକ, କ୍ଷୀରୋଦ ଚନ୍ଦ୍ର ପାଠୀ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମହାରଣା ମାନପତ୍ର ପାଠ କରିଥିଲେ। ଅପରାହ୍ନରେ କବିତା ପାଠୋତ୍ସବ କରାଯାଇଥିଲା। କବିତା ସଂଯୋଜନା କରିଥିଲେ ମନୋଜ ନାଥ, ଜିତେନ୍ଦ୍ର ବେହେରା, ସବିତା ମିଶ୍ର, ଅଧ୍ୟାପକ ଭରତ ବେହେରା, ଭୁବନ ମୋହନ ମହାନ୍ତି ଓ କବି ହାସ୍ୟମୟୀ କବିତା ପାଠ କରିଥିଲେ । ନବକିଶୋର ପଣ୍ଡା, ଗରିଧାରୀ ସ୍ୱାଇଁ, ଗଦାଧର ରାଉତ, ପ୍ରଭାତ ମଲ୍ଲିକ, ବୃନ୍ଦାବନ ସାହୁ, କାର୍ତ୍ତିକ ସ୍ୱାଇଁ, ଚିତ୍ତରଞ୍ଜନ ସାହୁ, ନିର୍ମଳାବାଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାଲ ମାଗିବାରୁ ମହିଳାଙ୍କୁ ଗାଳିଗୁଲଜ

ସିଂହପୁର,୨୦।୧୦(ଡି.ଏନ୍.ଏ)

ଗତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଏଯାବତ୍ ପାଲ ମିଳିନାହିଁ। ଏ ନେଇ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତର ମଦନ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମିପ୍ରିୟା ଗତ ଗୁରୁବାର ସରପଞ୍ଚଙ୍କୁ ପାଲ ମାଗିବାକୁ ଯିବା ବେଳେ ସରପଞ୍ଚଙ୍କ ସହଯୋଗୀ ଶ୍ରୀନିବାସ ନାୟକ ତାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଲକ୍ଷ୍ମିପ୍ରିୟା ଜରୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ତେବେ ସମ୍ପୂର୍ଣ୍ଣ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# ଜନସଚେତନତା କାର୍ଯ୍ୟକ୍ରମ

ବିରଜାକ୍ଷେତ୍ର,୨୦।୧୦(ଡି.ଏନ୍.ଏ)

ଯାଜପୁର ବ୍ଲକ ବେରୁଦା ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ଗୁରୁବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶାଠାରୁ ଦୂରେଇ ରହିବା ଓ ନିଶାକୁ ନାଁ ସ୍ଲୋଗାନ ଦେଇ ବିଜୁ ଯୁବବାହିନୀ ପକ୍ଷରୁ ପଞ୍ଚାୟତ ପରିକ୍ରମା କରିବା ସହ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତସ୍ତରରେ କ୍ରୀଡ଼ା, କଳା, ସଙ୍ଗୀତ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ପ୍ରତିଭାଙ୍କୁ ଅନ୍ୱେଷଣ କରି ମୁଁ ହିରୋ କାର୍ଯ୍ୟକ୍ରମରେ ପୁରସ୍କୃତ ଓ ପ୍ରୋତ୍ସାହିତ କରିବା ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଯାଜପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ନାୟକ, ଯୁବ ସାମାଜିକ କର୍ମୀ ତାରାକାନ୍ତ ପଣ୍ଡା, ସରପଞ୍ଚ ପ୍ରତିନିଧି ରାଜକିଶୋର ପୃଷ୍ଟି, ସୁନୀଲ ପାତ୍ର, ରଘୁନାଥ ଘଡ଼େଇ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ସଂଯୋଜକ ଶଶିକାନ୍ତ ଘଡ଼େଇ ପରିଚାଳନା କରିଥିଲେ । ପଞ୍ଚାୟତସ୍ତରୀୟ ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସଭାପତି ପ୍ରସନ୍ନ କୁମାର ପଣ୍ଡା, ସମ୍ପାଦକ, ଚୌଧୁରୀ ଦେଓ, କୋଷାଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ମେଲାଣି ନେଲେ ମା' ଦୁର୍ଗା



ବେଲାରପୁରରେ ଭସାଣି ଉତ୍ସବ ।



ଚଣ୍ଡେଶ୍ୱର



ବିଞ୍ଝାରପୁର



କୁଆଁସରପୁର ବଙ୍ଗାଳି ସାହି



ଧର୍ମଶାଳା



ଲକ୍ଷ୍ମୀନଗର

## ସଂକ୍ଷେପରେ

### ଅଭିଯୁକ୍ତ ଗିରଫ: ମାଉଜର, ଗୁଳି ଓ ବାଇକ୍ ଜବତ



ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.): ଦିଗପହଣ୍ଡି ଥାନା ମହୁଡ଼ା ଚାଅଁଡ଼ାପଲ୍ଲୀ ଗ୍ରାମର ପାଣ୍ଡା ଓରଫ ମିଥୁନ ପ୍ରଧାନଙ୍କୁ ଶନିବାର ପୋଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ଦେଶୀ ମାଉଜର, ୨ଟି ଜୀବନ୍ତ ଗୁଳି ସମେତ ଏକ ନମ୍ବର ବିହୀନ ବାଇକ ଜବତ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର କୋଟିନଡ଼ା ଗ୍ରାମ ଛକରେ ପୋଲିସ ପକ୍ଷରୁ ରୋଡ ବ୍ଲକିଂ କରାଯାଇ ଗାଡି ମୋଟର ଚେକିଂ ଚାଲିଥିଲା। ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ପାଣ୍ଡାଙ୍କ ବାଇକକୁ ପୋଲିସ ଅଟକାଇବା ବେଳେ ପାଣ୍ଡା ଓ ବାଇକ ପଛରେ ବସିଥିବା ତାଙ୍କ ସହଯୋଗୀ ପୋଲିସକୁ ଚକ୍ମା ଦେଖାଇ ଦୌଡ଼ିଥିଲେ। ପାଣ୍ଡା ଧରା ପଡ଼ିଥିବା ବେଳେ ତାଙ୍କ ସହଥିବା ଯୁବକ ଜଣକ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ପୋଲିସ ଏଏସଆଇ ସନ୍ତୋଷ କୁମାର ଶତପଥିଙ୍କ ଏତଲାକ୍ରମେ ଥାନା ମାମଲା ନଂ ୧୮୩/୧୮ ଅନୁଯାୟୀ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

### ନଦୀରେ ବୁଡ଼ି ବୃଦ୍ଧ ମୃତ

ଛତ୍ରପୁର,୨୦।୧୦(ଡି.ଏନ.ଏ.): ଋଷିକୁଲ୍ୟାରେ ବୁଡି ଛତ୍ରପୁର ଥାନା ପୋଙ୍ଗଲାମପୁର ଗାଁର ବୃଦ୍ଧ ରଘୁ ବରଡଙ୍କ ଶନିବାର ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁସାରେ, ରଘୁ ଶନିବାର ପୂର୍ବାହ୍ନରେ ଗାଧୋଇବାକୁ ଋଷିକୁଲ୍ୟା ନଦୀକୁ ଯାଇଥିଲେ। କୌଣସି କାରଣରୁ ସେ ବୁଡି ଯାଇଥିଲେ। ପରେ ଏ ସମ୍ପର୍କରେ ଖବର ପାଇ ଲୋକେ ନଦୀରେ ଖୋଜାଖୋଜି କରିଥିଲେ। ଅପରାହ୍ନରେ ରଘୁଙ୍କୁ ନଦୀରୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଛତ୍ରପୁର ହସ୍ପିଟାଲରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଛତ୍ରପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ୧୬/୧୮) ରୁଜୁ କରାଯାଇଛି। ଛତ୍ରପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ମାଣିକଗୋଡାରେ ନିଆରା ଦଶହରା

# କନକଦୁର୍ଗାଙ୍କ ଆଖିରେ ବନ୍ଧା ହେଲା ଅନ୍ଧପୁଟୁଳି

ଖୋର୍ଦ୍ଧା ଅଫିସ/ବୋଲଗଡ, ୨୦।୧୦(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକର ମାଣିକାଗୋଡା ଗାଁ। ଏଠାରେ ହିନ୍ଦୁ ମୁସଲମାନ ମିଳିମିଶି ନିଆରା ଢ଼ଙ୍ଗରେ ପାଳନ କରି ଆସୁଛନ୍ତି ଦଶହରା ପର୍ବ। ଆଶ୍ୱିନୀ ଶୁକ୍ଳପକ୍ଷ ସପ୍ତମୀ ସୋମବାର ରାତିରୁ ଆରମ୍ଭ ହୋଇଥିବା ଓଡିଶା ପ୍ରସିଦ୍ଧ ଦଶହରା ପର୍ବ ଅପରାଜିତା ହୋମର ଶେଷ ପରେ ବିଜୟା ଦଶମୀରେ ଶେଷ ହୋଇଛି। ମା' କନକ ଦୁର୍ଗାଙ୍କ ଆଖିରୁ ଶୁକ୍ଳପକ୍ଷ ସପ୍ତମୀରେ ଖୋଲା ଯାଇଥିବା ଅନ୍ଧପୁଟୁଳି ବିଜୟା ଦଶମୀରେ ପୁଣି ବନ୍ଧା ହୋଇଛି। ମା'ଙ୍କ ଆଖିରୁ ବର୍ଷକର ୩୬୫ ଦିନ ମଧ୍ୟରୁ କେବଳ ୪ ଦିନ ପାଇଁ ଅନ୍ଧ ପୁଟୁଳି ଖୋଲାଯାଇଥାଏ। ଦଶହରା ପୂର୍ବାହ୍ନ ଶୁକ୍ରବାର ଯୋଗମାୟାଙ୍କ ପାଖରେ ମାନସିକଧାରୀ ଗୁଡ ଜାଉ କରି ପୂଜାର୍ଚ୍ଚନା ପରେ ନିଜ ନିଜର ମନୋସ୍କାମନା ପୂରଣ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ମାଣିକ ଭୂୟାଁ ଠାକୁରାଣୀଙ୍କ ବିଜେ ପ୍ରତିମା କାଷ୍ଠ ମୂଷଳକୁ ବାଉରୀ ଧରି ଆସନ୍ତି। ଏହି ଠାକୁରାଣୀ କନ୍ଧ ଜାନୀ(ପୂଜକ)ଙ୍କ ଦେହରେ ପ୍ରସନ୍ନ ହୋଇ ସବାର(ଉଭା) ହୋଇଥାନ୍ତି। ଯେଉଁ ଲୋକ ଯାହା ମନର ଅଭିଳାଶ କରିଥାଏ ଠାକୁରାଣୀ ଭବିଷ୍ୟବାଣୀ ପରିପ୍ରକାଶ କରିଥାନ୍ତି। ଗ୍ରାମର ମଧ୍ୟସ୍ଥଳରେ ଯୋଗମାୟା ଦେବୀ ପ୍ରବେଶ କରି ଅଟକି ରୁହନ୍ତି। ସେଠାରେ ଯୋଗମାୟା ଜଣେ ମହିଳାଙ୍କ ଦେହରେ ଏକା ସମୟରେ ସବାର ହୁଅନ୍ତି ଓ ବଳି ଖାଆନ୍ତି। ସେହିଭଳି ମାଣିକଭୂୟାଁ ଠାକୁରାଣୀ ଲଉଡି ଖେଳ, ପାଇକ ଖେଳ, ମଶାଲ, ଢ଼ୋଲବାଦ୍ୟରେ ଭରପୁର ରୋଷଣୀ ପଟୁଆରରେ ମୁସଲମାନ ଦଳବେହେରାଙ୍କ ଦୁଆରକୁ ଦଶହରା ସନ୍ଧ୍ୟାରେ ପହଞ୍ଚିଥିଲେ। ଏଠାରେ ଫଳ ଓ ଶୃଙ୍ଖଳା ଭୋଗ ଖାଇବା ପରେ ହିନ୍ଦୁ ଓ ମୁସଲମାନମାନେ ଏହି ଭୋଗକୁ ମିଳିମିଶି ସେବନ କରିଥିଲେ। ପରେ ଠାକୁରାଣୀ ମୁସଲମାନ ଦଳବେହେରା ସେକ୍ ହବିବୁର ରେହମନଙ୍କୁ ସାଥିରେ ଧରି ଗ୍ରାମର ଦେବୀ ପୀଠ ଶ୍ରୀଭଗବତୀ ଠାକୁରାଣୀଙ୍କ ମନ୍ଦିରରେ ପହଞ୍ଚିବେ। ଏଠାରେ ୩ଦିନ ଧରି ପୂଜା ହେଉଥିବା ଗଜପତିଙ୍କ ପ୍ରଦତ୍ତ ଦଳବେହେରାଙ୍କ ଖଡ୍ଗ, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ଶ୍ରୀମହିସାସୁରମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ଏକ ବିରାଟ କଟାରୀ ଓ ଶ୍ରୀକନକ ଦୁର୍ଗାଙ୍କୁ ଧରି ରୋଷଣି ପଟୁଆରରେ ଅପରାଜିତା ହୋମ ପାଇଁ ଉଦ୍ଦିଷ୍ଟ ସ୍ଥାନ ମାଳିସାହି, ଦିବ୍ୟସିଂହପୁର ବ୍ରାହ୍ମଣ ଶାସନ ଓ କଳାଙ୍ଗର ତ୍ରିଛକିରେ ରାତିରେ ପହଞ୍ଚିଥିଲେ। ଏଠାରେ ରାତି ପ୍ରାୟ ୯ଟାରେ ଅପରାଜିତା ହୋମ ହୋଇଥିଲା। ରାଜଗୁରୁ କୁଶବଟୁ ପିନ୍ଧାଇବା ପରେ ମୁସଲମାନ ଦଳବେହେରା କର୍ତ୍ତା ହୋଇ ଘୃତାହୁତି ଦେଇଥିଲେ। ହୋମ ଶେଷରେ ମା' କନକ ଦୁର୍ଗା ଆଖିରେ ଅନ୍ଧ ପୁଟୁଳି ବାନ୍ଧିବା ପରେ ଅପରାଜିତା ହୋମ ଉଦ୍ଯାପିତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଇ ବାପ ବୋଲୁଣା**
**ଅକାଳେ ସକାଳେ ଉଇଁ ଆସିଥିଲା**
**ଛତା ବେଣ୍ଟ କଲି ଗୋଜଣା ।**

ଯେତେ ଜାନି ଯଉତୁକ ଦେଲେ ମଧ୍ୟ ଝିଅ ଶାଶୁଘରେ ବାପଘର ଲୋକଙ୍କୁ ସେତେ ସମ୍ମାନ ମିଳି ନ ଥାଏ । ନିନ୍ଦା ଅପବାଦ, ଗାଳି ଶୁଣିଲେ ମଧ୍ୟ ଭଲରେ ମନ୍ଦରେ ବେଳ ଅବେଳରେ ଝିଅ ଶାଶୁଘରେ ଦ୍ୱାରସ୍ଥ ହେବାକୁ ପଡ଼ିଥାଏ। ଝିଅ ଯେଉଁ ଘରେ ବିବାହ କରିଥାଏ ସେ ଘର ପରିବାର ପ୍ରତି ବାପଘର ଲୋକେ ସଦା ସମର୍ପିତ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଝାମ୍ପୁରି ମୁଣ୍ଡୀ, ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ରୋଷେଇ ଏକ ଦାୟିତ୍ୱ ଓ ନିଷ୍ଠାର କାର୍ଯ୍ୟ ହୋଇଥାଏ। ଯେଉଁ ମହିଳା ବା ଗୃହିଣୀ ନିଜ ଶରୀର ପ୍ରତି ଯତ୍ନଶୀଳ ହୋଇ ନ ଥାନ୍ତି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇ ନ ଥାନ୍ତି ତଥା ଲୁଚେଇ ଚୋରେଇ ଖାଦ୍ୟ ଖାଇଥାନ୍ତି ସେପରି ମହିଳାଙ୍କ କାର୍ଯ୍ୟକଳାପ କେବେ ସନ୍ତୋଷଜନକ ହୋଇ ପାରି ନ ଥାଏ। ଏପରିସ୍ଥଳେ ଏଭଳି ମହିଳାଙ୍କୁ ରୋଷେଇ ଭଳି ଗୁରୁଦ୍ୱାୟିତ୍ୱ ଦେବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶହୀଦଙ୍କ ଉଦ୍ଦେଶ୍ୟରେ ଗଣଦୌଡ଼




ଫୁଲବାଣୀରେ ପୋଲିସ ପକ୍ଷରୁ ଅନୁଷ୍ଠିତ ଗଣଦୌଡ଼।

ଫୁଲବାଣୀ ଅଫିସ, ୨୦।୧୦

ପୋଲିସ ଶହୀଦ ଦିବସ ପାଳନ ଉପଲକ୍ଷେ ଶହୀଦ୍ଙ୍କ ସ୍ମୃତି ମନେରଖିବା ଲାଗି କନ୍ଧମାଳ ପୋଲିସ ପକ୍ଷରୁ ଶନିବାର ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଖରୁ ଏହି ଦୌଡ ବାହାରିଥିଲା । ଏସ୍‌ପି ପ୍ରତୀକ ସିଂ ଏବଂ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଗଣଦୌଡ ସହର ବସ୍‌ଷ୍ଟାଣ୍ଡ, ଜଗନ୍ନାଥ ମନ୍ଦିର, କୋର୍ଟଛକ ଦେଇ କରୋନେଶନ ପଡିଆରେ ପହଞ୍ଚିଥିଲା । ସେଠାରେ ଏସ୍‌ପି ଉପସ୍ଥିତ ରହି ଦୌଡରେ ସାମିଲ ଥିବା କେତେକ ଯୁବତୀଯୁବକଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଗଣଦୌଡରେ ସ୍ଥାନୀୟ ଜନସାଧାରଣ, ଯୁବତୀ ଯୁବକ ଏବଂ ଖବରଦାତାମାନେ ସାମିଲ ହୋଇଥିଲେ। କନ୍ଧମାଳ ଜିଲାରେ ୨୦୧୨ ଜାନୁୟାରୀ ୫ ତାରିଖରେ କୋଟଗଡ ବ୍ଲକ ଶ୍ରୀରାମପୁରରେ ମାଓବାଦୀ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟାଇଥିଲେ। ଏଥିରେ ସୁନାଶିର ମହାନ୍ତି, ଉମାକାନ୍ତ ଜାନୀ ଓ ସଂଗ୍ରାମ କୁମାର ଲେଙ୍କାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ନାରେଙ୍ଗା ମଲ୍ଲିକ ଶହୀଦ ହୋଇଥିଲେ ।

### ତିତ୍‌ଲି ବାତ୍ୟାରେ ଲକ୍ଷାଧିକ ଟଙ୍କାର ପାନ ଫସଲ ନଷ୍ଟ

କନିଷି,୨୦।୧୦(ଡି.ଏନ.ଏ.)

ତିତ୍‌ଲି ବାତ୍ୟାରେ ରଙ୍ଗେଇଲୁଣ୍ଡା ବ୍ଲକ କୋଠାର ସିଂ ଗ୍ରାମର ଲକ୍ଷାଧିକ ଟଙ୍କାର ପାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରାୟ ଏକ ସପ୍ତାହ ହୋଇଯାଇଥିଲେ ମଧ୍ୟ ସରକାରୀ ସାହାଯ୍ୟ ପାନ ଚାଷୀଙ୍କ ପାଖରେ ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଉଦ୍ୟାନ କୃଷି ବିଭାଗ ଚାଷୀମାନଙ୍କ ପାଖରେ ପହଞ୍ଚିନଥିବା ବେଳେ ଏଯାବତ୍ ତଦନ୍ତ ରିପୋର୍ଟ ଦିଆଯାଇନଥିବା ନେଇ ୫୩ନଂ ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ୍ ଡମ୍ବୁରୁ ରେଡ୍ଡୀ ଅଭିଯୋଗ କରିଛନ୍ତି। ବାତ୍ୟାର ଏକ ସପ୍ତାହ ବିତି ଯାଇଥିବା ବେଳେ ପାନଚାଷୀ ମାନଙ୍କୁ କେବେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କୋଠାରୀ ସିଂ ଗ୍ରାମର ପାନଚାଷୀ ଏନ୍ ତାରଣୀ ରେଡ୍ଡୀ, ଡି ରାଜେୟା ରେଡ୍ଡୀ, ରଘୁନାଥ ବେହେରା ପ୍ରମୁଖ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ସରକାରୀ ବୀମା କିମ୍ବା ଋଣ ଛାଡ଼ କରିବା ପାଇଁ ଦାବି ହୋଇଛି। ଆଗାମୀ ଦିନରେ କିଛି ସରକାରୀ ସାହାଯ୍ୟ ନ ମିଳିଲେ ଚାଷୀ ଆତ୍ମହତ୍ୟା କରିବେ ବୋଲି ପାନ ଚାଷୀ କହିଛନ୍ତି।

ସରିଲା ଦଶହରା ପର୍ବ

## ୩୦ ବର୍ଷରେ ମା' ଭବାନୀ ଯୁବକ ସଂଘ

ଫୁଲବାଣୀ ଅଫିସ, ୨୦।୧୦

ଶେଷ ହୋଇଛି ମା' ଦୁର୍ଗାଙ୍କ ପୂଜା । ନବମୀ ଓ ଦଶମୀ ତିଥିରେ ସହରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ସହରର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପାଖରେ ମା' ଭବାନୀ ଯୁବକ ସଂଘ ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଏହି ସଂଘ ଚଳିତ ବର୍ଷ ୩୦ ବର୍ଷ ପୂର୍ତ୍ତି ପାଳନ କରିଛି। ସଂଗୀତ କାର୍ଯ୍ୟକ୍ରମରେ ଫୁଲବାଣୀ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଗକୁ ଏଭଳି ଅଭିଯାନ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏଥିସହ ସହରର ଉନ୍ନତୀକରଣ ଦିଗରେ ପୌରସଂସ୍ଥା ସବୁ ବେଳେ ଦୃଷ୍ଟି ଦେଉଛି । ଲୋକଙ୍କ ଯାହା ସମସ୍ୟା ରହିଛି ତାହାର ସମାଧାନ ପାଇଁ ଆମେ ଚେଷ୍ଟାରତ ବୋଲି ଉପସ୍ଥିତ ସହରବାସୀଙ୍କୁ କହିଥିଲେ ।



ମଞ୍ଚରେ ପୌରାଧ୍ୟକ୍ଷଙ୍କ ସହ ଅନ୍ୟମାନେ।

ପୂର୍ବପୁରୁଷଙ୍କ ଭିଟାମାଟିରେ ଘର କରିବାକୁ ଦାବି

# ତହସିଲଦାରଙ୍କୁ ଭେଟିଲା ଗ୍ରାମ୍ୟ କମିଟି

ଜି.ଉଦୟଗିରି, ୨୦।୧୦ (ଡି.ଏନ.ଏ.)

ପୁରୁଷ ପୁରୁଷ ଧରି ଭୋଗଦଖଲ କରି ଆସୁଥିବା ଭିଟାମାଟିରେ ଘର ତିଆରି କରିବା ପାଇଁ ଗଲା ବେଳେ ତହସିଲ ପ୍ରଶାସନ ବାରଣ କରିବା ଯୋଗୁ ଶନିବାର ଅପରାହ୍ନରେ ବଡିଙ୍ଗିଆ ଗ୍ରାମ୍ୟ କମିଟିର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କୁ ସେହି ଜାଗାରେ ଘର କରିବାକୁ ଅନୁମତିଦେବା ପାଇଁ ଦାବିକରିଥିଲେ। ଗ୍ରାମ୍ୟ କମିଟି ସଭାପତି ଜବାହରଲାଲ ପ୍ରଧାନ, ଉପସଭାପତି ବିକ୍ରମ ପ୍ରଧାନ, ସମ୍ପାଦକ ରାଜୁ ନାୟକ, ସହ ସମ୍ପାଦକ ଅଚ୍ୟୁତ ନାୟକ, କୋଷାଧ୍ୟକ୍ଷ ଶୀତଳ ନାୟକଙ୍କ ସମେତ ଏକ ପ୍ରତିନିଧି ଦଳ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଧରଣୀଧର ବେହେରାଙ୍କୁ ପଚାରିବାରେ ସେହି ଜାଗା ମାମଲା ଉପଜିଲାପାଳଙ୍କ କୋର୍ଟରେ ବିଚାରାଧୀନ ଅଛି। ତେଣୁ ଜାଗା ଉପରେ ବିଚାର କରିବା ପରେ ପରବର୍ତ୍ତୀ ସମୟରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ସେହି ଜାଗା ସେମାନଙ୍କ ପୂର୍ବପୁରୁଷର। ତେଣୁ ସେଠାରେ ସେମାନଙ୍କୁ ଘର କରିବାକୁ ଅନୁମତି ଦେବା ପାଇଁ ସେମାନେ ଦାବି କରିଥିଲେ ।



ତହସିଲ ସମ୍ମୁଖରେ ବସିଛନ୍ତି ଗ୍ରାମବାସୀ।

# ତିତ୍‌ଲି ସହାୟତା ଫେରାଇଲେ ୯ଜଣ

ଆର.ଉଦୟଗିରି,୨୦।୧୦(ଡି.ଏନ.ଏ.)

ଗଜପତି ଜିଲା ନୂଆଗଡ଼ ବ୍ଲକ ସୁନ୍ଦରଡ଼ାଙ୍ଗ ପଞ୍ଚାୟତର ଆଟଲିମା, ରାମଗିରି, ବୁରୁକାପେଟା, ପାଇକଦା, ଚାଅଁଡ଼ାସାହି ଏବଂ ବୋକାପଲ୍ଲି ଆଦି ୬ଟି ଗ୍ରାମ କିରାମା ପଞ୍ଚାୟତରୁ ବାହାରି ନୂତନ ପଞ୍ଚାୟତ ସୁନ୍ଦରଡ଼ାଙ୍ଗରେ ମିଶିବାକୁ ନେଇ ପଞ୍ଚାୟତ ନିର୍ବାଚନ ଠାରୁ ଅସନ୍ତୋଷ ଲାଗି ରହିଛି। ଏହି ୬ ଖଣ୍ଡ ଗ୍ରାମର ଲୋକେ ସରକାରଙ୍କ କୌଣସି ସାହାଯ୍ୟ ସହାୟତା ଗ୍ରହଣ କରୁନାହାନ୍ତି। ଗତ ୧୧ ତାରିଖ ତିତଲି ବାତ୍ୟା, ବନ୍ୟାରେ ଗ୍ରାମରେ କ୍ଷତି ଘଟିଥିଲା। ସରକାରଙ୍କ ନିର୍ଦ୍ଦେଶପ୍ରକାରେ ଗୁରୁବାର ସୁନ୍ଦରଡ଼ାଙ୍ଗ ପଞ୍ଚାୟତରେ ରିଲିଫ ବଣ୍ଟନ କରାଯାଇଥିଲା। ଏହି ୬ ଖଣ୍ଡ ଗ୍ରାମର ମନୁଜ ବେହେରା, ରୁଜୁ ବୀର, ଆମୋଦିନି ବେହେରା, କୁମୁଦିନୀ ବେହେରା, ପରିଷ୍କାର ବୀର, ଫିଲମିନା ବେହେରା, ଯାକବ ବୀର, ଅଗ୍ରିସ୍ତିନ ନାୟକ ଓ ରାଜୀବ ବୀର ଏହି ୯ ଜଣ ବ୍ୟକ୍ତି ୫୦ କେଜି ଚାଉଳ ଓ ୧ ହଜାର ଟଙ୍କା ଗ୍ରହଣ କରିଥିଲେ। ଏହି ଖବର ଗ୍ରାମବାସୀ ଶୁଣିବା ପରେ ସେମାନଙ୍କୁ ଡ଼ାକି ଡ଼େକାପଲ୍ଲି ଗ୍ରାମରେ ଏକ ବୈଠକ କରିଥିଲେ। ବୈଠକରେ ଚାଉଳ ଓ ଟଙ୍କା ନେଇ ବ୍ଲକ ପ୍ରଶାସନକୁ ଫେରାଇବାକୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ପ୍ରକାରେ ଶୁକ୍ରବାର ଏହି ୬ ଖଣ୍ଡ ଗ୍ରାମର ଲୋକେ ଏକତ୍ରିତ ହୋଇ ଏକ ଗାଡ଼ି କରି ନୂଆଗଡ଼ ବ୍ଲକ କାର୍ଯ୍ୟାଳୟକୁ ଯାଇ ଟଙ୍କା ଓ ଚାଉଳ ଫେରାଇଥିଲେ। ବ୍ଲକର ମୁଖ୍ୟ କିରାଣୀ ସୁଦାମ ଚନ୍ଦ୍ର କାର୍ଯୀଙ୍କୁ ଚାଉଳ ଏବଂ ଟଙ୍କା ପୋଲିସ ସାମ୍ନାରେ ଫେରାଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବା
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

INVESTORS/ PARTNER
required for a running Automobile Unit in Patia.
20 Corporates + 150 (+) Clients.
Spares outlet opening facility.
CONTACT:
8114721727

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi




## ସଂକ୍ଷେପରେ

### ବିବାହିତ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ଓଡ଼ଗାଁ, ୨୦।୧୦(ସ୍ୱ.ପ୍ର.):** ସ୍ଥାନୀୟ ଏନ୍‌ଏସି ସଦର ଅନ୍ତର୍ଗତ ଜାରିଙ୍ଗି ମୌଜାରେ ବୁଧବାର ଜଣେ ବିବାହିତ ଯୁବକ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସେହି ମୌଜାର ଦୃତିକୃଷ୍ଣ ସାହୁ(୨୭)। ଦୃତିକୃଷ୍ଣ ଶ୍ୱଶୁର ଘର ବାହାଡ଼ାଝୋଲାରୁ ଘରକୁ ଫେରିବା ପରେ ମଧ୍ୟାହ୍ନରେ ସ୍ତ୍ରୀଙ୍କ ପିନ୍ଧାଲୁଗା ବେକରେ ବାନ୍ଧି ଓରାରେ ଓହଳି ଆତ୍ମହତ୍ୟା କରିଥିବା ତାଙ୍କ ମାମୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୮) ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୃତିକୃଷ୍ଣ ଜଣେ ମନ୍ଦିର କାରିଗର ହୋଇଥିବା ବେଳେ କିଛି ଦିନ ପୂର୍ବେ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟ ରାଜ୍ୟ ରାଜପଥରେ ମିନିଟ୍ରକ୍ ଅଟକାଇ ବିଦ୍ୟୁତ୍ ସରଞ୍ଜାମ ଲୁଟ୍ ଅଭିଯୋଗରେ ଗିରଫ ହୋଇ ଜାମିନରେ ଆସିଥିଲେ।

### ଆନ୍ତଃରାଜ୍ୟ କ୍ୟାରମ ପ୍ରତିଯୋଗିତା ଆଜି

**ଖଣ୍ଡପଡା,୨୦।୧୦(ସ୍ୱ.ପ୍ର.):** ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେଞ୍ଚୁରିଆନ୍ କ୍ୟାରମ ଆସୋସିଏଶନ,ବାଇଗୁଣିଆର ଦ୍ୱାଦଶ ବାର୍ଷିକ କ୍ୟାରମ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହେବ। ଏଥିରେ ଜିଲା ଓ ଜିଲା ବାହାରର ୩୨ଟି ଦଳ ଅଂଶ ଗ୍ରହଣ କରିବେ। ଏହି ଏକଦିବସୀୟ ଟୁର୍ନାମେଣ୍ଟ ଖଣ୍ଡଗିରି, କୋଲଥିଆ, ଜଟଣୀ, ରଥିପୁର, ଖୋର୍ଦ୍ଧା, ନୟାଗଡ ଜିଲା ଅନ୍ତର୍ଗତ ସିନ୍ଦୁରିଆ, ସୁନାଖଳା, କେନ୍ଦୁପଲ୍ଲୀ, ଚକ୍ରଧରପ୍ରସାଦ, କୁମ୍ଭାରପଡା, ଗଣିଆ, ବେଲପଡା, ବାଇଗୁଣିଆ ଆଦି ଅଞ୍ଚଳର କୃତୀ ଖେଳାଳିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ଜୁନ ମାସରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କ୍ୟାରମ ପ୍ରତିଯୋଗିତା ୨୦୧୯ ପାଇଁ ଖେଳାଳି ଚୟନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଚାମ୍ପିୟନ ଦଳକୁ ଟ୍ରଫି, ମାନପତ୍ର ସହ ୫ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ମାନପତ୍ର ସହ୨ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ମାନସ କୁମାର ପୃଷ୍ଟି ଓ ସମ୍ପାଦକ ଶିଶିର କୁମାର ସାହୁଙ୍କଠାରୁ ପ୍ରକାଶ।

# ନୀଳମାଧବ ଜୀଉଙ୍କୁ ଶଙ୍ଖ,ଚକ୍ର ସମର୍ପଣ

**ଖଣ୍ଡପଡା,୨୦।୧୦(ସ୍ୱ.ପ୍ର.)**

ମହିଷାସୁର ନିଧନ ପାଇଁ ମା'ଦୁର୍ଗାଙ୍କୁ ପ୍ରଦାନ କରାଯାଇଥିବା ଶଙ୍ଖ, ଚକ୍ର ଆୟୁଧ ଶୁକ୍ରବାର ବିଜୟା ଦଶମୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କୁ ସମର୍ପଣ କରାଯାଇଛି । ପାରମ୍ପରିକ ରୀତିରେ ଏହି ତିଥିରେ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ମନ୍ଦିର ବେଢା ପରିକ୍ରମା କରାଇ ସିଂହଦ୍ୱାରସ୍ଥ ଦୋଳ ବେଦିକୁ ବିଜେ କରାଯାଇଥିଲା। ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା ପରେ ରାତ୍ରି ପ୍ରାୟ ୯ଟାରେ ଘଣ୍ଟ,ଘଣ୍ଟା, କାହାଳି, ମୃଦଙ୍ଗ, ଛତ୍ରି, ମଶାଲ, ସଂକୀର୍ତ୍ତନ ଓ ପାଟପଟୁଆର ସହିତ ବିମାନରେ ଆରୂଢ କରାଯାଇ ମହାନଦୀ ଓ କମେଇ ନଦୀ ସଙ୍ଗମ ସ୍ଥଳ ଠାକୁରଙ୍କ ଦଶହରା ପଡିଆକୁ ବିଜେ କରାଯାଇଥିଲା । ସେଠାରେ ପୂଜାର୍ଚ୍ଚନା ସହ ସନ୍ଧ୍ୟା ଆଳତି ଓ ସପ୍ତାଳତି କାର୍ଯ୍ୟକ୍ରମ ସମାପନ ହେବା ପରେ ପାରମ୍ପରିକ ରୀତିରେ ତୋପ ଫୁଟା ଯାଇଥିଲା । ଦଶହରା ପଡିଆରେ ଉପସ୍ଥିତ ଥିବା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଭକ୍ତ ସାଙ୍ଗରେ ଆଣିଥିବା ନୂତନ ଖାତା ଓ କାଗଜରେ ଶ୍ରୀ ଜୀଉ ଓ ମା'ଦୁର୍ଗାଙ୍କୁ ସୁମରଣା କରି ଆରମ୍ଭରେ ଓମ୍ ଶବ୍ଦ ଲେଖି ଦଶହରା ଅନୁକୂଳ କରିଥିଲେ। ଶ୍ରୀ ଜୀଉଙ୍କୁ ଶଙ୍ଖ ଚକ୍ର ସମର୍ପଣ ଓ ତୋପ ଫୁଟାଇବାର ପରମ୍ପରା ସମ୍ପର୍କରେ କୁହାଯାଏ, ପ୍ରବଳ ପ୍ରତାପୀ ମହିଷାସୁରର ନିଧନ ପାଇଁ ସମସ୍ତ ଦେବଦେବୀ ମା'ଦୁର୍ଗାଙ୍କୁ ସେମାନଙ୍କର ଆୟୁଧ ପ୍ରଦାନ କରିଥିଲେ। ଶ୍ରୀ ବିଷ୍ଣୁ ମଧ ତାଙ୍କର ଆୟୁଧ ଶଙ୍ଖ ଚକ୍ର ମା'ଦୁର୍ଗାଙ୍କୁ ପ୍ରଦାନ କରିଥିଲେ। ମା'ଦୁର୍ଗା ଆଶ୍ୱିନ ମାସ ଅଷ୍ଟମୀ ତିଥିରେ ଏକ ସନ୍ଧିକ୍ଷଣରେ ମହିଷାସୁରକୁ ନିଧନ କରିଥିଲେ । ନବମୀ ପୂଜା ପରେ ଦଶମୀ ତିଥିରେ ମା'ଦୁର୍ଗାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଆୟୁଧକୁ ସମ୍ପୃକ୍ତ ଦେବତାଙ୍କୁ ସମର୍ପଣ କରାଯାଇଥିଲା । ଏହି ପରମ୍ପରାକୁ ଉଜ୍ଜୀବିତ କରିବା ଏବଂ ପୁରାତନ କିମ୍ବଦନ୍ତୀକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ପ୍ରତି ବର୍ଷ ଠାକୁରଙ୍କ ଏହି କାର୍ଯ୍ୟକ୍ରମ ପାଳିତ ହୋଇ ଆସୁଛି। ଅପରପକ୍ଷେ ଚାଷୀମାନେ ଭାଦ୍ରବ ଓ ଆଶ୍ୱିନ ଏହି ଦୁଇ ମାସରେ ଧାନ ଫସଲ କରି ବସି ରହିଥାନ୍ତି। ଦଶହରା ପଡିଆରେ ତୋପ ଫୁଟିବା ପରଠାରୁ ଆଖ ପାଖ ଅଞ୍ଚଳର ସମସ୍ତ ଚାଷୀ ରବି ଫସଲ ପାଇଁ ଚାଷ ଅନୁକୂଳ କରିଥାନ୍ତି ବୋଲି କୁହାଯାଏ। ଶ୍ରୀ ଜୀଉ ଦଶହରା ପଡିଆରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଫକୀର ଅତବୁଦ୍ଧି ପାଟଣା, ଛାମୁପାଟଣା ଆଦି ସାହିରେ ଚାଚେରି ଭୋଗ ଖାଇ ମନ୍ଦିରକୁ ପହଡ ପାଇଁ ବିଜେ ହୋଇଥିଲେ ।



ଦଶହରା ପଡିଆରେ ଶ୍ରୀ ଜୀଉଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ଦାମୋଦର ବେଶରେ ଦର୍ଶନ ଦେଲେ ଶ୍ରୀନୀଳମାଧବ ଜୀଉ

**ଖଣ୍ଡପଡା,୨୦।୧୦(ସ୍ୱ.ପ୍ର.)**

ଶନିବାର ନୀଳମାଧବ ଜୀଉ ଦାମୋଦର ବେଶରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ପ୍ରଥମେ ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ମଇଲମ ଓ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା । ପରେ ଠାକୁରଙ୍କ ଦାମୋଦର ବେଶ ସମ୍ପନ୍ନ ହୋଇଥିଲା। ମନ୍ଦିରରେ ରୋଷ ହୋମ, ସୂର୍ଯ୍ୟ ପୂଜା ପରେ ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ସମ୍ପନ୍ନ ହୋଇଥିଲା । କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ୧ମାସ ଧରି ଠାକୁର ଏହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଏଥିଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।



ଶ୍ରୀଜୀଉଙ୍କ ଦାମୋଦର ବେଶ।

# ବନମାଳୀପୁର ଟି ୨୦: କଣ୍ଟିଲୋ ଫାଇନାଲରେ



ଅତିଥିଙ୍କ ସହ ଖେଳାଳିମାନେ।

**ଭାପୁର,୨୦।୧୦(ଡି.ଏନ୍.ଏ.)**

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୧ତମ ଟି ୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ୨ୟ ସେମିଫାଇନାଲରେ କଣ୍ଟିଲୋର ବରୁଣେଇ କ୍ରିକେଟ୍ କ୍ଲବ ୧୩ ରନରେ ଆୟୋଜକ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି କଣ୍ଟିଲୋ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନରେ ସୀମିତ ରହି ୧୩ ରନରେ ହାରିଯାଇଥିଲା। ବିଜୟୀ ଦଳର ଅଶୋକ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ କିଶୋର ଚନ୍ଦ୍ର ବେହେରା ଓ ଜନ୍ମେଜୟ ଦଳେଇ। ବିଧାନସଭାର ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଓ ଜିଲା କଂଗ୍ରେସ ସଭାପତି ରଣଜିତ ଦାସ ଅତିଥି ଭାବେ ଯୋଗଦେଇଥିଲେ। ରବିବାର ଫାଇନାଲ ମ୍ୟାଚ କଣ୍ଟିଲୋର ବରୁଣେଇ କ୍ରିକେଟ୍ କ୍ଲବ ଓ ଖୋର୍ଦ୍ଧା ସାରୁଅର ଇଲେଭେନ ଷ୍ଟାର ମଧ୍ୟରେ ହେବ।

# ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ: ପିପିଲି ଚାମ୍ପିୟନ

**ବୋଲଗଡ,୨୦।୧୦(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇ କଟେରିବର ଖେଳ ପଡିଆରେ ଚାଲିଥିବା ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାରଙ୍ଗକୁ ୧୦ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ପିପିଲି କବାଡି ଟିମ୍ ଚଳିତବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛିଣ୍। ମ୍ୟାଚର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ବାରଙ୍ଗ କବାଡି ଟିମ୍ ୧୨ ପଏଣ୍ଟ ହାସଲ କରିଥିବାବେଳେ ପିପିଲି ଟିମ୍ ୨୨ ପଏଣ୍ଟ ପାଇ ବିଜୟୀ ହୋଇଥିଲା। ଯୋଗେଶ୍ୱର ବେହେରା, ଲକ୍ଷ୍ମୀଧର ଚୌଧୁରୀ, ଭଞ୍ଜ କିଶୋର ଯତି ଓ କାହ୍ନୁ ଚରଣ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଓ ପିପୁଲସ୍ ଫୋରମର ଏମ୍‌ଡି ଗୋବିନ୍ଦ ପଟ୍ଟନାୟକ, ମାଧବ ଚନ୍ଦ୍ର ବିଶ୍ୱାଳ, ସୁମନ୍ତ ଛୋଟରାୟ, ବିଷ୍ଣୁ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ପିପିଲି ଟିମ କ୍ୟାପଟେନଙ୍କୁ ଚାମ୍ପିୟନ ଟ୍ରଫି ଓ ବାରଙ୍ଗ ଟିମ୍ କ୍ୟାପଟେନଙ୍କୁ ରନର୍ସ ଅପ୍ ଟ୍ରଫି ସହିତ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ମା' ରାମଚଣ୍ଡୀଙ୍କ ଛତ୍ରୀ ଯାତ୍ରାରେ ସୁଦୃଶ୍ୟ ଛତ୍ରୀ ନିର୍ମାଣ କରିଥିବା ଆୟୋଜକଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ ।



ଟ୍ରଫି ଗ୍ରହଣ କରୁଛନ୍ତି ପିପିଲି ଟିମ୍ କ୍ୟାପଟେନ।





POLICE COMMEMORATION DAY

Message

I am glad to know that the 59th **Police Commemoration Day** is being observed across the country including Odisha at the State Police Head-quarters and District Police Headquarters on October 21, 2018.

The day is of great significance for Police personnel of all ranks. It is a day of remembering and expressing gratitude to all those martyred police personnel for their bravery, heroism, sacrifice and devotion to duty. Odisha Police has a distinct recored of serving people in difficult circumstances daring and braving challenges. This is truly admirable. While paying my tribute to the martyred police personnel I urge upon those in service to draw fresh inspiration and continue to serve with pride and dignity holding the spirit high. My best wishes to the Odisha Police.

I will the observance all success.

(Ganeshi Lal)

DSPL - 203

12029/13/0048/1819





ପୋଲିସ ଶହୀଦ ସ୍ମୃତି ଦିବସ

ବାର୍ତ୍ତା

ଓଡ଼ିଶା ପୋଲିସ ତରଫରୁ ୫୯ତମ "ପୋଲିସ ଶହୀଦ ସ୍ମୃତି ଦିବସ" ଅକ୍ଟୋବର ୨୧ ତାରିଖ, ୨୦୧୮ ଦିନ ପାଳନ କରାଯାଉଅଛି। ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳନ କରାଯାଇ ଆସୁଅଛି।

ଆଜିର ଏହି ସ୍ମରଣୀୟ ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।

(ନବୀନ ପଟ୍ଟନାୟକ)

DSPL - 203

12029/13/0048/1819



"ବୃକ୍ଷ ଉଦ୍‌ଗମ ମାତ୍ରକେ ଫଳ ଲାଭର ଆଶା କରାଯାଇପାରେ କି? ବୃକ୍ଷ ବଢ଼ି ଫଳ ଧରିବାକୁ ସମୟ ଲଗେ। ସେହିପରି ମଣିଷ ବଡ଼ ହେବାକୁ ସମୟ ଓ ଯୋଗ୍ୟତା ଲୋଡ଼ା।
- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ମା'ଦକ୍ଷିଣଚଣ୍ଡୀଙ୍କ ତ୍ରିଦିନାତ୍ମକ ଦୁର୍ଗାପୂଜା ସମ୍ପନ୍ନ

**ଖଣ୍ଡପଡା,୨୦।୧୦(ସ୍ୱ.ପ୍ର.):** କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ଶ୍ରୀଶ୍ରୀ ଦକ୍ଷିଣ ଚଣ୍ଡୀ ପୀଠରେ ଗତ ସୋମବାର ମହାସପ୍ତମୀଠାରୁ ମହାନବମୀ ପର୍ଯ୍ୟନ୍ତ ତ୍ରିଦିନାତ୍ମକ ମା'ଦକ୍ଷିଣ ଚଣ୍ଡୀଙ୍କ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର କଳସ ଶୋଭାଯାତ୍ରା ଓ ବିଲ୍ୱ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ରାତ୍ର ସାଢ଼େ ୮ଟାରେ ଦେବୀଙ୍କର ସପ୍ତମୀ ପୂଜା, ମଙ୍ଗଳବାର ମହାଷ୍ଟମୀ ପୂଜା ଅବସରରେ ସନ୍ଧିପୂଜା, ଚଣ୍ଡୀପାଠ ଓ ଯଜ୍ଞ, ବୁଧବାର ମହାନବମୀ ପୂଜା, ଅପରାହ୍ନ ୩ଟା ସମୟରେ ପୂର୍ଣ୍ଣାହୁତି ଏବଂ ଗୁରୁବାର ବିଶ୍ରାମ ଥିବାରୁ ଶୁକ୍ରବାର ଅପରାଜିତା ପୂଜା ଅନୁଷ୍ଠିତ ହୋଇଥିଲା।

### ଦଶହରା ମହୋତ୍ସବର ୨୫ ବର୍ଷ ପୂର୍ତ୍ତି ପାଳନ



**ଖଣ୍ଡପଡା,୨୦।୧୦(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ଭିଆଇପି ଜୋନ ମହାଳିକ ସାହିରେ ଦୀର୍ଘ ୨୫ ବର୍ଷ ହେଲା ପାଳିତ ହୋଇ ଆସୁଥିବା ଦୁର୍ଗା ମହୋତ୍ସବର ପୂର୍ତ୍ତି ଉପଲକ୍ଷେ ଦଶହରା ମହୋତ୍ସବ ୨୦୧୮ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଗତ ବୁଧବାର ଅଷ୍ଟମୀ ପୂଜା ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ତଥା ଗ୍ରାମବାସୀଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଭିଆଇପି ଯୋନର ପତାକା ଉତ୍ତୋଳନ କରାଯାଇଥିଲା। ପରେ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ତ୍ତି ପାଳନ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠାନର ସଭାପତି ଅଖିଳ ମହାଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ନୀଳମାଧବ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡ.ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇଥିଲେ।

### ଚାନ୍ଦପୁରରେ ରାବଣପୋଡ଼ି

**ଟାଙ୍ଗୀ (ଖୋର୍ଦ୍ଧା), ୨୦।୧୦ (ଡି.ଏନ.ଏ.):** ଚାନ୍ଦପୁର ଓ କନ୍ଧନୟାଗଡ ପଞ୍ଚାୟତରେ ମିଳିତ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଚାନ୍ଦପୁରସ୍ଥିତ ଦଶଦୋଳ ପଡିଆରେ ବିଜୟା ଦଶମୀ ଅବସରରେ ରାବଣପୋଡି ଉତ୍ସବ ଶୁକ୍ରବାର ରାତ୍ରି ୯.୩୦ ମିନିଟରେ ଅନୁଷ୍ଠିତ ହୋଇଯାଇଛି। ୬୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ଓ ରାବଣପୋଡି କାର୍ଯ୍ୟକ୍ରମରେ ଆତସବାଜି ପ୍ରଦର୍ଶନ ଦେଖିବା ପାଇଁ ଅଞ୍ଚଳର ପ୍ରାୟ ୧୦ ହଜାରରୁ ଅଧିକ ଜନସମାଗମ ହୋଇଥିଲା।

# ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ପଦଯାତ୍ରା

ଦଶପଲ୍ଲା,୨୦।୧୦ (ଡି.ଏନ.ଏ.)



ପଦଯାତ୍ରାରେ ସାମିଲ ହୋଇଥିବା ମହାସଂଘ ସଦସ୍ୟମାନେ।

- ଦଶପଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରିବ ଦାବିପତ୍ର

ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଓଡିଶାର ସୀମାନ୍ତ ନୂଆପଡା ଜିଲା ସିନାପାଲି ବ୍ଲକରୁ ବାହାରିଥିବା ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ଶନିବାର ଦଶପଲ୍ଲାଠାରେ ପହଞ୍ଚିଛି। ଆସନ୍ତା ୩୧ ତାରିଖରେ ମହାସଂଘ ସଦସ୍ୟମାନେ ଭୁବନେଶ୍ୱରରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବେ। ସଦସ୍ୟମାନେ ଦଶପଲ୍ଲାରେ ପହଞ୍ଚିବା ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୀତାରାମ ୟୁଥ୍ କ୍ଲବ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ଓଡିଶାରେ ଶିକ୍ଷା ଅଧିକାର ଆଇନ ୨୦୧୦ ଏପ୍ରିଲ ୧ ତାରିଖରୁ କାର୍ଯ୍ୟକାରୀ ହେଉଛି। ଏହି ଆଇନ ଅନୁଯାୟୀ ରାଜ୍ୟର ୬ରୁ ୧୪ ବର୍ଷର ସମସ୍ତ ଶିଶୁଙ୍କ ପାଇଁ ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ରହିଛି। ମାତ୍ର ଅଧିକାଂଶ ସରକାରୀ କର୍ମଚାରୀ ଓ ଜନପ୍ରତିନିଧି ସେମାନଙ୍କ ପିଲାମାନଙ୍କୁ ସରକାରୀ ଶିକ୍ଷାନୁଷ୍ଠାନଠାରୁ ଦୂରେଇ ଘରୋଇ ବିଦ୍ୟାଳୟରେ ଟଙ୍କା ଦେଇ ପଢାଉଛନ୍ତି। ଏଥିଯୋଗୁ ଶିକ୍ଷା ଅଧିକାର ଆଇନ ଫଳପ୍ରଦ ହେଉ ନ ଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହାଛଡା ଅଧିକାଂଶ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟରତ ସ୍ଥାନରେ ବାସଗୃହ ବ୍ୟବସ୍ଥା ନାହିଁ। ବାସଗୃହ ଅଭାବରୁ ସେମାନେ ଦୂରଦୂରାନ୍ତରରୁ ଯିବାଆସିବାରେ ସମୟ ଅତିବାହିତ କରିବା ସହ ଖର୍ଚ୍ଚାନ୍ତରେ ପଡୁଛନ୍ତି। ଅନ୍ୟପକ୍ଷରେ କେତେକ କର୍ମଚାରୀଙ୍କ ପାଇଁ ସରକାରୀ ବସଗୃହ ଥିଲେ ମଧ୍ୟ ସେମାନେ ବିଭିନ୍ନ ଆଳ ଦେଖାଇ ସେଠାରେ ରହୁନାହାନ୍ତି। ଏହା ଦ୍ୱାରା ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଏହି ପରିପ୍ରେକ୍ଷୀରେ ସମସ୍ତ ସରକାରୀ କର୍ମଚାରୀ ଓ ଜନପ୍ରତିନିଧି ସେମାନଙ୍କ ୬ରୁ ୧୪ ବର୍ଷର ଶିଶୁମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢାଇବା ପାଇଁ ବାଧ୍ୟତାମୂଳକ ଆଇନ କାର୍ଯ୍ୟକାରୀ କରିବା, କର୍ମଚାରୀ କାର୍ଯ୍ୟରତ ସ୍ଥାନରେ ରହିବା ପାଇଁ ବ୍ୟବସ୍ଥା କରିବା, ସରକାରୀ କର୍ମଚାରୀ ଓ ଜନପ୍ରତିନିଧି ଯଦି ଘରୋଇ ବିଦ୍ୟାଳୟରେ ସେମାନଙ୍କ ଶିଶୁଙ୍କୁ ପଢାଇବେ ତେବେ ଉକ୍ତ ଛାତ୍ରୀଛାତ୍ରଙ୍କୁ ସରକାରୀ ଚାକିରୀ କ୍ଷେତ୍ରରେ ପ୍ରାଥମିକତା ଦିଆ ନ ଯିବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ଆବାହକ ତଥା ରାଜ୍ୟ ସଂଯୋଜକ ସୁରଥ ବେହେରାଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରାରେ ତ୍ରିତୟା ଆଡଜୁଆଡ, କ୍ଷୀରସିନ୍ଧୁ ସଗରିଆ, ସୁଭାଷ ଘିଭେଲା, ହେମସାଗର ପୁଞ୍ଜି, ଜନ୍ମେଶ୍ୱର ନାଗ, ଜମ୍ଭୁ ଛାରା ଓ ଲକ୍ଷ୍ମଣ ସିଂହ ପ୍ରମୁଖ ସାମିଲ ହୋଇଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୨୧।୧୦।୨୦୧୮ (ରବିବାର)

- ଭଏସ୍ ଅଫ ନୟାଗଡ଼ ଅଡ଼ିସନ୍
  **ସ୍ଥାନ :** କେପିଡ଼ି ମହିଳା ମହାବିଦ୍ୟାଳୟ, ଦଶପଲ୍ଲା , **ସମୟ**– ସକାଳ ୮ଟା
- ଭଏସ୍ ଅଫ ନୟାଗଡ଼ ଅଡ଼ିସନ୍
  **ସ୍ଥାନ:** ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ, ଗଣିଆ, **ସମୟ:** ସକାଳ ୮ଟା
- ଦ୍ୱାଦଶ ବାର୍ଷିକ କ୍ୟାରମ ପ୍ରତିଯୋଗିତା
  **ସ୍ଥାନ :** ବାଇଗୁଣିଆ, ଭାପୁର, **ସମୟ :** ପୂର୍ବାହ୍ନ ୧୦ଟା
- ବନମାଳୀପୁର ଟି ୨୦ ଫାଇନାଲ ମ୍ୟାଚ
  **ସ୍ଥାନ :** ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ପଡିଆ, **ସମୟ :** ପୂର୍ବାହ୍ନ ୧୧ଟା

### ୨୨।୧୦।୨୦୧୮ (ସୋମବାର)

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ** : ବ୍ଲକ କାର୍ଯ୍ୟାଳୟ ପରିସର, ଗଣିଆ, **ସମୟ :** ପୂର୍ବାହ୍ନ ୧୧ଟା
- ବିଜେଡିର ମହିଳା ସମାବେଶ
  **ସ୍ଥାନ :** କଲେଜ ପଡ଼ିଆ, ନୂଆଗାଁ, **ସମୟ :** ପୂର୍ବାହ୍ନ ୧୧ଟା
- ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଉଦ୍‌ଯାପନୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ
  **ସ୍ଥାନ :** ପାଣ୍ଡୁସାହୁପାଟଣା, କଣ୍ଟିଲୋ, ଖଣ୍ଡପଡ଼ା, **ସମୟ :** ରାତ୍ର ୧୦ଟା

### ୨୩।୧୦।୨୦୧୮ (ମଙ୍ଗଳବାର)

- ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ
  **ସ୍ଥାନ :** ନୂଆଗାଁ ଜୁନିୟର ମହାବିଦ୍ୟାଳୟ, **ସମୟ :** ପୂର୍ବାହ୍ନ ୧୦ଟା
- ୫ ଦିନ ବ୍ୟାପୀ ବିଶ୍ୱଶାନ୍ତି ଘୃତଯଜ୍ଞ ଆରମ୍ଭ
  **ସ୍ଥାନ :** ଗଜଲକ୍ଷ୍ମୀଙ୍କ ପୁଣ୍ୟପୀଠ, ଲକ୍ଷ୍ମୀବଜାର ଓଡ଼ଗାଁ, **ସମୟ :** ସକାଳ ୮ଟା

### ୨୪।୧୦।୨୦୧୮ (ବୁଧବାର)

- ମା' ଗଜଲକ୍ଷ୍ମୀଙ୍କ ୨୦ତମ ବାର୍ଷିକ ପୂଜା ଉତ୍ସବ
  **ସ୍ଥାନ :** ଶିଳ୍ପୀନଗର, ଓଡ଼ଗାଁ, **ସମୟ :** ସକାଳ ୯ଟା
- ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ
  **ସ୍ଥାନ :** ମିନି ଷ୍ଟାଡିୟମ, ଓଡ଼ଗାଁ, **ସମୟ :** ପୂର୍ବାହ୍ନ ୧୦ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

**ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

# ବିସିଜେଡି ପରିବର୍ଦ୍ଧିତ କମିଟି କର୍ମକର୍ତ୍ତା ଚୟନ

ନୟାଗଡ଼ ଅଫିସ,୨୦।୧୦



ଚୟନ ହୋଇଥିବା ନୂତନ ସଦସ୍ୟମାନେ।

ନୟାଗଡ଼ ଜିଲା ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ପରିବର୍ଦ୍ଧିତ କମିଟିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବିସିଜେଡିର ଜିଲା ସଭାପତି ନୀଳମାଧବ ପଣ୍ଡାଙ୍କ ଅନୁମୋଦନ ତଥା ଦଳର ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ରଙ୍କ ସମ୍ମତିକ୍ରମେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଜିଲାର ୪ ନିର୍ବାଚନମଣ୍ଡଳୀ, ବ୍ଲକ ଓ ଏନ୍‌ଏସିର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା ଉପସଭାପତି ଆଦିତ୍ୟ ନାରାୟଣ ପାତ୍ର, ସାଧାରଣ ସମ୍ପାଦକ ରାଜେଶ କୁମାର ସ୍ୱାଇଁ, ସଂଗ୍ରାମ କିଶୋର ସାହୁ, ପବିତ୍ର କୁମାର ବେହେରା, ମହେଶ୍ୱର ସାହୁଙ୍କୁ ଚୟନ କରାଯାଇଛି। ସମ୍ପାଦକ ଭାବେ ବିକାଶ କୁମାର ମହାପାତ୍ର, ଅଭିଜିତ୍ ପଟ୍ଟନାୟକ, ଦିଲୀପ କୁମାର ମହାନ୍ତି, ଚିନ୍ମୟ କୁମାର ମହାପାତ୍ର, ଜ୍ଞାନ ରଞ୍ଜନ ସିଂଙ୍କୁ ଚୟନ ହୋଇଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀ ବିସିଜେଡି ସଭାପତି ଅର୍ଜ୍ଜୁନ ସାହୁ, ଉପସଭାପତି ଶେଖ୍ ଇବ୍ରାହିମ ବକ୍ସ, ରଣପୁର ନିର୍ବାଚନମଣ୍ଡଳୀ ସଭାପତି ଉମାଶଙ୍କର ସାହୁ, ଉପସଭାପତି ସୁନୀଲ କୁମାର ପାଇକରାୟ, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ସଭାପତି ଗିରିଧାରୀ ସ୍ୱାଇଁ, ଉପସଭାପତି ରାଜେନ୍ଦ୍ର କୁମାର ସାହୁ, ଦଶପଲ୍ଲା ନିର୍ବାଚନମଣ୍ଡଳୀ ସଭାପତି ପବିତ୍ର କୁମାର ବେହେରା, ଉପସଭାପତି ଅମିତ କୁମାର ସାହୁଙ୍କୁ ଚୟନ କରାଯାଇଛି। ସେହିଭଳି ନୟାଗଡ଼ ବ୍ଲକ ସଭାପତି ଦୟାନିଧି ବେହେରା, ସାଧାରଣ ସମ୍ପାଦକ ଆଶ୍ରୀ ବଚନ ସିଂ, ଓଡ଼ଗାଁ ବ୍ଲକ ସଭାପତି ଅଶୋକ କୁମାର ନାୟକ, ରଣପୁର ବ୍ଲକ ସଭାପତି ଆଲୋକ କୁମାର ଜେନା, ସାଧାରଣ ସମ୍ପାଦକ ଅବକାଶ ପାଇକରାୟ, ଖଣ୍ଡପଡ଼ା ବ୍ଲକ ସଭାପତି ବର୍ଷା ନାୟକ, ଭାପୁର ବ୍ଲକ ସଭାପତି ଜିତେନ୍ଦ୍ର ଧଳ, ଦଶପଲ୍ଲା ବ୍ଲକ ସଭାପତି ସଞ୍ଜିତ କୁମାର ବେହେରା, ନୂଆଗାଁ ବ୍ଲକ ସଭାପତି ମାନସ ରଞ୍ଜନ ନାୟକଙ୍କୁ ଚୟନ କରାଯାଇଛି। ନୟାଗଡ଼ ଏନ୍‌ଏସି ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ସୁନୀଲ କୁମାର ସାହୁ, ଓଡ଼ଗାଁ ଏନ୍‌ଏସି ସଭାପତି ରଶ୍ମିରଞ୍ଜନ ଦୋରା, ଖଣ୍ଡପଡ଼ା ଏନ୍‌ଏସି ସଭାପତି ସୌମ୍ୟ ରଞ୍ଜନ ଦାସ, ଦଶପଲ୍ଲା ଏନ୍‌ଏସି ସଭାପତି ଅନସୂୟା ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏହି ଅନୁମୋଦନ ପାଇଁ ବିସିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଳର ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ରଙ୍କୁ ଜିଲା କମିଟି ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜିଲା ବିସିଜେଡି ସଭାପତି ନୀଳମାଧବ ପଣ୍ଡା ଏହି ସୂଚନା ଦେଇଛନ୍ତି।

## ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡା,୨୦।୧୦(ସ୍ୱ.ପ୍ର.):** କଣ୍ଟିଲୋ ପାଣ୍ଡୁସାହୁ ପାଟଣାଠାରେ ଗତ ୧୫ ତାରିଖଠାରୁ ଅନୁଷ୍ଠିତ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଗ୍ରାମରେ ୧୯୭୪ ମସିହାଠାରୁ ଦୀର୍ଘ ୪୫ ବର୍ଷ ଧରି ଏହି ମହାଯଜ୍ଞ ପାରମ୍ପରିକ ରୀତିରେ ଦଶହରା ସମୟରେ ଅନୁଷ୍ଠିତ ହୋଇ ଆସୁଛି। ଏହି ଅବସରରେ ଚଳିତ ବର୍ଷ ଋକବେଦ ପାରାୟଣ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ଋକ ବେଦ ଯଜ୍ଞ, ଅହୋରାତ୍ର ଅଷ୍ଟପ୍ରହର ନାମଯଜ୍ଞ, ସନ୍ଧ୍ୟାରେ ଆମନ୍ତ୍ରିତ ସାଧୁ ଓ ବିଦ୍ୱାନ ମଣ୍ଡଳୀ ପଣ୍ଡିତ ରଘୁନାଥ ନାୟକ, ଦିନବନ୍ଧୁ ରାଉତ, ବ୍ରହ୍ମଚାରୀ ନୃସିଂହ ଅଗ୍ନିହୋତ୍ରୀ, ଭୀମସେନ ଶାସ୍ତ୍ରୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ବାଲ୍ୟଲୀଳାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧକ୍ଷତାରେ ଚଳିତ ଓ ବିଗତବର୍ଷମାନଙ୍କରେ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସମ୍ପାଦକ ବନମାଳୀ ସାହୁ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ବିଷ୍ଣୁ ପ୍ରସାଦ ମହାରଣା ମହାଯଜ୍ଞର ଆୟବ୍ୟୟ ସଭାରେ ଉପସ୍ଥାପନ କରିଥିଲେ।

## ରକ୍ତଦାନ ଶିବିର, ୨୭ ୟୁନିଟ୍ ସଂଗ୍ରହ

**ନୂଆଗାଁ,୨୦।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ମହିତମା ଗ୍ରାମରେ ସାମାଜିକକର୍ମୀ ଶିବରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିର ଅବସରରେ ଗ୍ରାମାଞ୍ଚଳ ଲୋକମାନଙ୍କ ମନରେ ରକ୍ତଦାନର ଆବଶ୍ୟକତା ଓ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଶିବିରରେ ୨୫ ଜଣ ନୂତନ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବେଳେ ସମୁଦାୟ ୨୭ ଜଣ ରକ୍ତଦାନ କରିଥିଲେ। ଏଥିରେ ସାମାଜିକ କର୍ମୀ ଦାମୋଦର ସାହୁ, ସୁବ୍ରତ କୁମାର ମିଶ୍ର, ଚିତ୍ତରଞ୍ଜନ ପାତ୍ର ଅନ୍ତର୍ଯ୍ୟାମୀ ସୁବୁଦ୍ଧି, ମହାବୀର ମିଶ୍ର ପ୍ରମୁଖ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ମିଳୁନି ପଲିଥିନ୍: ତହସିଲ ଅଫିସରେ ହୋହଲ୍ଲା

ଓଡ଼ଗାଁ, ୨୦।୧୦(ସ୍ୱ.ପ୍ର.)

ତିତ୍‌ଲି ପ୍ରଭାବରେ ବର୍ଷା ଯୋଗୁ ଓଡଗାଁ ତହସିଲ ଅନ୍ତର୍ଗତ କେତେକ ଗ୍ରାମର ଲୋକଙ୍କ ବାସଗୃହ ଭାଙ୍ଗିବା ନେଇ ଅଭିଯୋଗ ହୋଇଥିଲା। ତିତ୍‌ଲି ପର ଦିନଠାରୁ ତହସିଲ କାର୍ଯ୍ୟାଳୟରେ ପଲିଥିନ ନେବାକୁ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଫଳରେ ଏକାଧିକ ଥର ତହସିଲଦାରଙ୍କୁ ପୋଲିସର ସହାୟତା ନେବାକୁ ପଡିଥିଲା। ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ତଦନ୍ତ କରାଯିବା ପରେ ୨୦ ତାରିଖ ସୁଦ୍ଧା ଆର୍‌ଆଇ ଅଫିସରୁ ଲୋକଙ୍କୁ ପଲିଥିନ ଦିଆଯିବାକୁ କୁହାଯାଇଥିଲା। ହେଲେ ରିପୋର୍ଟରେ ତାଳମେଳ ନ ଥିବା କାରଣରୁ ପଲିଥିନ ପ୍ରଦାନ କରାଯାଇ ନାହିଁ। ଫଳରେ ଶନିବାର ପୁଣିଥରେ ତହସିଲ କାର୍ଯ୍ୟାଳୟରେ ବହୁ ମହିଳାପୁରୁଷ ପଲିଥିନ ନେବାକୁ ଭିଡ ଜମାଇ ହୋହଲ୍ଲା କରିଥିଲେ। ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ଜିଲା କାର୍ଯ୍ୟାଳୟରେ ଜରୁରୀ ବୈଠକରେ ଥିବାରୁ ପୋଲିସ ଆସି ସେମାନଙ୍କୁ ନିୟନ୍ତ୍ରଣ କରିଥିଲା। ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଦେବା ବଦଳରେ ପ୍ରଥମ ଦଫାରେ କେତେକଙ୍କୁ ଅଦରକାରୀ ଭାବେ ପଲିଥିନ ଦିଆଯାଇଥିବାରୁ ଏଭଳି ଅବ୍ୟବସ୍ଥା ଦେଖାଯାଇଥିବା ଏବଂ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରିବାରେ ବିଳମ୍ବ ହେଉଥିବା ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଜାଗର ବାରିକ, ମାଗତା ବାରିକ ଓ ଈଶ୍ୱର ନାୟକଙ୍କ ଘର ଭାଙ୍ଗିଯାଇଥିବା ବେଳେ ସମ୍ପୃକ୍ତ ଆରଆଇଙ୍କ ତଦନ୍ତ ରିପୋର୍ଟ ଅପେକ୍ଷାରେ ସେମାନଙ୍କୁ ଏ ଯାବତ୍ ପଲିଥିନ ଖଣ୍ଡିଏ ମିଳିପାରିନି। ଏଥିପ୍ରତି ତହସିଲଦାର ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।







ପଲିଥିନ ମିଳିନଥିବା ତିତ୍‌ଲି କ୍ଷତିଗ୍ରସ୍ତ ପରିବାର ସଦସ୍ୟ।

# ବିଭିନ୍ନ ସ୍ଥାନରେ ଦଶହରା ଓ ଭସାଣି ଉତ୍ସବ




ଭାପୁରଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ପାଇଁ ନିଆଯାଉଛି।



ଗଣିଆ ଛାମୁଣ୍ଡିଆଠାରେ ପୂଜା ପାଉଥିବା ମା' ଦୁର୍ଗା।

ଦଶପଲ୍ଲା,୨୦।୧୦ (ଡି.ଏନ.ଏ.)

ଦଶପଲ୍ଲାରେ ସପ୍ତମୀଠାରୁ ମା' ଦୁର୍ଗାଙ୍କ ପୂଜା ଉତ୍ସବ ପାଳନ ହୋଇଥିବା ବେଳେ ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଦୁର୍ଗାବଜାରଠାରେ ବଣିକ ସଂଘ ଓ ମେଡିକାଲ ଛକ ବସ୍‌ଷ୍ଟାଣ୍ଡଠାରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଭସାଣି ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଦଶହରାରେ ପୂଜାମଣ୍ଡପରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଉଭୟ ପୂଜା ମଣ୍ଡପରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାବେଳେ ଦଶପଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**ଭାପୁର,(ଡି.ଏନ୍.ଏ.):** ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବ୍ଲକର ପଦ୍ମାବତୀ, ଭାପୁର, ବିଜିପୁର, ରାମପଡ଼ା, ଗୋଳାପୋଖରୀ, ଫତେଗଡ଼, କରବର, ବାଇଗୁଣିଆ, ମାଳିବେରେଣୀ ସମେତ ୩୮ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଶନିବାର ଭାପୁର ବଜାର ସମେତ ଅନେକ ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ କାଳିଗିରି ନଦୀ ଓ ମହାନଦୀରେ ବିସର୍ଜନ କରାଯାଇଛି। ୪ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଯୋଗୁ ଗାଁ ଗଣ୍ଡା ଉତ୍ସବମୁଖର ହୋଇଉଠିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

**ଗଣିଆ,(ଡି.ଏନ.ଏ.):** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ଶୁକ୍ରବାର ପାଳିତ ହୋଇଯାଇଛି। ଗଣିଆ ଦୁର୍ଗା ବଜାର, ଛାମୁଣ୍ଡିଆ, ଆଡ଼କଟା, କିଶୋରପ୍ରସାଦ, ରାଜିଙ୍ଗି, ବେଲପଡ଼ା, ବିଜୟନଗର, ମାଳତିପୁଟ ଆଦି ଗ୍ରାମରେ ସୁସଜ୍ଜିତ ପୂଜା ମଣ୍ଡପ ସାଙ୍ଗକୁ ଆକର୍ଷଣୀୟ ଆଲୋକସଜ୍ଜା ତୋରଣ ମାଳ ଝଲସି ଉଠିଥିଲା। ମା'ଙ୍କ ମହାସପ୍ତମୀ ପୂଜାଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ୪ ଦିନ ଧରି ପୂଜା ମଣ୍ଡପଗୁଡ଼ିକରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଛାମୁଣ୍ଡିଆ ମା' କାଳୀ ଯୁବ ପରିଷଦ ପକ୍ଷରୁ ନାଟକ 'ବନ୍ଧୁ ବାନ୍ଧିଥିଲି ଲୁହ ସାଥିରେ' ପରିବେଷିତ ହୋଇଥିଲା। ଅନ୍ୟପକ୍ଷେ ଗ୍ରାମାଞ୍ଚଳର ବିଭିନ୍ନ ଗ୍ରାମରେ ଗ୍ରାମଦେବତୀ ଠାକୁରାଣୀଙ୍କ ପୀଠରେ ପାରମ୍ପରିକ ପ୍ରଥା ଅନୁଯାୟୀ ପୂଜାର୍ଚ୍ଚନା ସାଙ୍ଗକୁ ଅନୁକୂଳ ସଜବସା ପରମ୍ପରା ଦେଖିବାକୁ ମିଳିଥିଲା। ଫଟୋ: ଛାମୁଣ୍ଡିଆ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଖଣ୍ଡପଡା,(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରାଞ୍ଚଳ ସମେତ କଣ୍ଟିଲୋ, ଖଳିସାହି, ମର୍ଦ୍ଦରାଜପୁର, ଶିଖରପୁର, ବୋଦସା, ବାଣପୁର ପ୍ରଭୃତି ଅଞ୍ଚଳରେ ସାର୍ବଜନୀନ ଦୁର୍ଗାପୂଜା ବିଭିନ୍ନ ପୂଜାମଣ୍ଡପରେ ମହାସମାରୋହରେ ଆରମ୍ଭ ହୋଇଛି। ବିଭିନ୍ନ ପୂଜା କମିଟି ତରଫରୁ ଏନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି। ଶାରଦୀୟ ଦୁର୍ଗାପୂଜା ଅବସରରେ ମା' ପାଟ୍ଟଚଣ୍ଡୀ, ଉମାଦେବୀ ଓ ନିକଟସ୍ଥ ଜଗନ୍ନାଥ ପ୍ରସାଦ ମହିଷାସୁଣୀଙ୍କ ପୀଠରେ ଗତ ୩ଦିନ ଧରି ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହାଛଡା କଣ୍ଟିଲୋର ବିଭିନ୍ନ ସାହି ବସ୍ତିରେ ମୋଟ ୧୮ଟି ସ୍ଥାନରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମିତ ହୋଇଥିଲା। ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା।

## ସଂକ୍ଷେପରେ

### ଗଣ୍ଡଗୋଳ ମାମଲାରେ ୩ ଗିରଫ

**ଛତ୍ରପୁର,୨୦।୧୦ (ଡି.ଏନ୍.ଏ.):** ଛତ୍ରପୁର ଥାନା ପାଲିଆ ଛତ୍ରପୁର ଗାଁରେ ଶୁକ୍ରବାର ରାତିରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ନଂ.୧୬୦ ଓ ୧୬୧/୧୮ ୨ଟି ମାମଲା ରୁଜୁ କରିଥିଲା। ପରେ ତଦନ୍ତ କରି ଉଭୟ ପକ୍ଷର ୩ ଜଣଙ୍କୁ ଶନିବାର ଗିରଫ କରାଯାଇଛି। ସେମାନେ ହେଲେ ପାଲିଆ ଛତ୍ରପୁର ଗାଁରେ କାଳିଆ ଓରଫ୍ ମୁନା ବେହେରା, ଶ୍ରୀନିବାସ ବେହେରା, ଗୋପୀନାଥ ବେହେରା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି।

### ତହସିଲଦାରଙ୍କ ଦସ୍ତଖତ ଜାଲିଆତି କରି ଟଙ୍କା ହଡ଼ପ ଉଦ୍ୟମ

## ଅଭିଯୁକ୍ତ ଥାନାରେ ଅଟକ

**ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.):** ଦିଗପହଣ୍ଡି ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁଙ୍କ ଦସ୍ତଖତ ଜାଲିଆତି କରି ବ୍ୟାଙ୍କ ଅଫ ବରୋଦାରୁ ୩୦,୨୮୪ ଟଙ୍କା ହଡ଼ପ ପାଇଁ ଉଦ୍ୟମ କରି ଜଣେ ଯୁବକ ଧରାପଡ଼ିଛନ୍ତି। ଶନିବାର ଏନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ଗତ ବୁଧବାର ବ୍ୟାଙ୍କ ଅଫ ବରୋଦା ଦିଗପହଣ୍ଡି ଶାଖାରେ ପହଞ୍ଚି ନିଜକୁ ତହସିଲ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ବୋଲି ଶାଖା ପରିଚାଳକ ପ୍ରଭାତ କୁମାର ପଣ୍ଡାଙ୍କୁ ପରିଚୟ ପ୍ରଦାନ କରିଥିଲେ। ଚାଷ କ୍ଷୟକ୍ଷତି ଜନିତ ସରକାରୀ କ୍ଷତିପୂରଣ ଟଙ୍କା ଭୁଲକ୍ରମେ ଜେ. ଗୋବିନ୍ଦ ପାତ୍ରଙ୍କ ଜମାଖାତାକୁ ଚାଲି ଆସିଥିବା ଜଣାଇଥିଲେ। ଗୋବିନ୍ଦଙ୍କ ଜମାଖାତା ନଂ.୨୮୦୬୦୧୦୦୦୦୦୪୩୦ରୁ ତହସିଲ କାର୍ଯ୍ୟାଳୟର ନାଜିର ନମିତା ନାୟକଙ୍କ ଷ୍ଟେଟବ୍ୟାଙ୍କ ଜମାଖାତା ନଂ. ୩୨୪୫୯୯୫୧୦୬୦କୁ ୩୦,୨୮୪ ଟଙ୍କା ଫଣ୍ଡ ଟ୍ରାନ୍ସଫର କରିବା ପାଇଁ ତହସିଲଦାରଙ୍କ ସ୍ୱାକ୍ଷର ଥାଇ ଚିଠି ନଂ.୬୦୪୧ ଅନୁଯାୟୀ ଅନୁରୋଧ ପତ୍ର ଶାଖା ପରିଚାଳକଙ୍କୁ ପ୍ରଦାନ କରିଥିଲେ। ପରେ ଗୁରୁବାର ଚିଠି ନଂ. ୬୦୫୩ ଅନୁଯାୟୀ ଅନ୍ୟ ଏକ ଅନୁରୋଧ ପତ୍ର ଅଭିଯୁକ୍ତ ଜଣକ ପ୍ରଦାନ କରିଥିଲେ।

ଶନିବାର ବ୍ୟାଙ୍କ ଶାଖା ପରିଚାଳକ ଏନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏନେଇ କୌଣସି ଚିଠି କରାଯାଇନଥିବା ସହ ନମିତା ନାୟକ ନାଁରେ କୌଣସି ନାଜିର ତହସିଲ କାର୍ଯ୍ୟାଳୟରେ ନଥିବା ସେ କହିଥିଲେ। ପରେ ତହସିଲଦାର ଏନେଇ ସବିଶେଷ ତଦନ୍ତ କରିବା ପରେ ଥାନାରେ ଏତଲା ଦେଇଥିବା କହିଛନ୍ତି। ଏହି ଘଟଣାରେ ତହସିଲ କାର୍ଯ୍ୟାଳୟର କିଛି କର୍ମଚାରୀ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ଜଣକ ବହୁବର୍ଷ ହେଲା ତହସିଲ ଓ ବ୍ଲକ କାର୍ଯ୍ୟାଳୟକୁ ଯା'ଆସ କରି କର୍ମଚାରୀମାନଙ୍କ ସହ ବନ୍ଧୁତା ସ୍ଥାପନ କରି ଦଲାଲ କାର୍ଯ୍ୟ କରି ଆସୁଥିଲେ ବୋଲି ପୋଲିସର ପ୍ରାରମ୍ଭିକ ଅନୁସନ୍ଧାନରୁ ସୂଚନା ମିଳିଛି।

### ■ଗଞ୍ଜାମ ଜିଲାରେ ତିତ୍‌ଲି ତାଣ୍ଡବ

# ବନ୍ୟା ଭାଙ୍ଗିଦେଲା ଚାଷୀ ମେରୁଦଣ୍ଡ

**ବ୍ରହ୍ମପୁର ଅଫିସ୍,୨୦।୧୦**

■୪୦୯୨ହେକ୍ଟର ଉଦ୍ୟାନ କୃଷି ନଷ୍ଟ
■ପ୍ରଭାବିତ ହେଲେ ୨୯୨୬୧ଚାଷୀ
■ପ୍ରାୟ ସାଢ଼େ ୭କୋଟି ଟଙ୍କାର କ୍ଷତି

ଗଞ୍ଜାମ ଜିଲାରେ ବାତ୍ୟା 'ତିତ୍‌ଲି' ପରବର୍ତ୍ତୀ ବନ୍ୟାର ଭୟାବହତା ବ୍ୟାପକ ଭାବେ ପ୍ରଭାବ ପକାଇଛି। ବନ୍ୟା ଜଳ ଚାଷ ଜମିରେ ଜମି ମାଡିଯିବା ଫଳରେ ଫସଲ ବରବାଦ୍ ହୋଇଯାଇଛି। ତଳ ଅଞ୍ଚଳଗୁଡ଼ିକରେ ବ୍ୟାପକ କ୍ଷତି ହୋଇଛି। ଅନେକ ଚାଷ ଜମି ବର୍ତ୍ତମାନ ସୁଦ୍ଧା ଜଳ ଘେରରେ ରହିଛି, ବନ୍ୟା ପାଣି ଛାଡ଼ିଯାଇଛି। ହେଲେ ଭାଙ୍ଗିଦେଇଛି ଚାଷୀ ମେରୁଦଣ୍ଡ। ଜିଲାର ଯେଉଁ ଅଞ୍ଚଳଗୁଡ଼ିକରେ ଜଳସେଚନର ସୁବିଧା ରହିଛି, ଯେଉଁ ଅଞ୍ଚଳର ଚାଷ ଜମି ଉର୍ବର ଏବଂ ଚାଷୋପଯୋଗୀ, ସେହି ସବୁ ଅଞ୍ଚଳରେ ହିଁ ବନ୍ୟା ପ୍ରବଳ କ୍ଷତି ଘଟାଇଛି। କ୍ଷୟକ୍ଷତି ଆକଳନ ଚାଲିଥିବା ଯୋଗୁ ପ୍ରତିଦିନ ସାଂଘାତିକ ତଥ୍ୟ ପଦାକୁ ଆସୁଛି। ବନ୍ୟାରେ ବିଭିନ୍ନ ଖେତ କ୍ଷତିଗ୍ରସ୍ତ ହୋଇଛି। ହେଲେ ଚାଷୀମାନେ ସର୍ବାଧିକ ପ୍ରଭାବିତ ହୋଇଥିବା କୁହାଯାଉଛି। କାରଣ ଜିଲାର ଯେଉଁ ସବୁ ଅଞ୍ଚଳକୁ ବନ୍ୟା ନିଜ ନିୟନ୍ତ୍ରଣକୁ ନେଇଯାଇଥିଲା, ସେ ସବୁ ଅଞ୍ଚଳରେ କୃଷି ଅଞ୍ଚଳବାସୀଙ୍କ ମୂଳ ବେଉସା। ପୂର୍ବବର୍ଷ ମରୁଡ଼ି ଏବଂ ରୋଗପୋକ ଚାଷ ନଷ୍ଟକରି ଦେଇଥିବା ବେଳେ ଚଳିତ ବର୍ଷ ଦାଉ ସାଜିଛି ବନ୍ୟା। ଗଞ୍ଜାମ ଜିଲାର ୪୦୯୨.୨୯ ହେକ୍ଟର ଉଦ୍ୟାନ କୃଷି ବନ୍ୟା ଯୋଗୁ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

ଉଦ୍ୟାନ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ବନ୍ୟା ପରେ ବିଭାଗୀୟ ଅଧିକାରୀ ଏବଂ ବ୍ଲକସ୍ତରର କର୍ମଚାରୀମାନେ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରିଛନ୍ତି। ଆକଳନରେ ଜିଲାର ସମସ୍ତ ୨୨ ବ୍ଲକରେ ବନ୍ୟା ପ୍ରକୋପ ଦେଖାଦେଇଛି। ସେଥିରୁ ୩୧୦ ପଞ୍ଚାୟତର ୧୦୨୪ ଗ୍ରାମ ଏବଂ ୨୯୨୬୧ ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପାତ୍ରପୁର, ଚିକିଟି, ଆସିକା,


ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର କ୍ଷୟକ୍ଷତି ଆକଳନ କରୁଛନ୍ତି।

ବେଲଗୁଣ୍ଠା, ପୁରୁଷୋତ୍ତମପୁର ଓ ହିଞ୍ଜିଳି ଆଦି ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି। କ୍ଷୟକ୍ଷତିକୁ ତିନିଟିସ୍ତରରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ୩୩ରୁ ୫୦ପ୍ରତିଶତ କ୍ଷତି, ୫୫ରୁ ୬୬ପ୍ରତିଶତ ଏବଂ ୬୬ପ୍ରତିଶତରୁ ତଦୂର୍ଦ୍ଧ୍ୱ କ୍ଷତି। ପ୍ରାଥମିକ ଆକଳନରେ ଜିଲାରେ ମୋଟ ୪୦୯୨.୨୯ହେକ୍ଟର ଉଦ୍ୟାନ କୃଷି କ୍ଷତି ହୋଇଛି। ସେଥିରେ ୪.୨ହେକ୍ଟର ଜମିରେ ୩୩ରୁ ୫୦ପ୍ରତିଶତ କ୍ଷତି ହୋଇଥିବା ବେଳେ ୩୮୧.୬୪ହେକ୍ଟର ଜମିରେ ୫୦ରୁ ୬୬ପ୍ରତିଶତ ଏବଂ ୩୭୦୬.୫ହେକ୍ଟର ଜମିରେ ୬୬ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଯାଇଛି। ବନ୍ୟା ଦ୍ୱାରା ପନିପରିବା ଚାଷର ବ୍ୟାପକ ନଷ୍ଟ ହୋଇଛି। ନଷ୍ଟ ହୋଇଥିବା ପରିବା ଚାଷ ପରିମାଣ ୩୫୦୫ହେକ୍ଟର ରହିଛି। ଏପରିକି ଏଥିରୁ ୩୫୦୫ହେକ୍ଟର ଚାଷ ଜମିରେ ଫସଲ ୬୬ପ୍ରତିଶତରୁ ଉର୍ଦ୍ଧ୍ୱ ନଷ୍ଟ ହୋଇଛି। ମାତ୍ର ୮୯ହେକ୍ଟର ଜମିରେ ୫୦ରୁ ୬୬ପ୍ରତିଶତ ଫସଲ ନଷ୍ଟ ହୋଇଛି। ସେହିଭଳି ଫଳଚାଷ ୯୬.୮ହେକ୍ଟର, ଫୁଲ ଚାଷ ୬.୫ହେକ୍ଟର ଏବଂ ଅନ୍ୟାନ୍ୟ ୯୮.୦୫ହେକ୍ଟର ଜମିର ଫସଲ ମଧ୍ୟ ନଷ୍ଟ ହୋଇଯାଇଛି।

ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ରଙ୍କ କହିବାନୁଯାୟୀ, ବନ୍ୟା ପରେ ବିଭାଗର ଅଧିକାରୀମାନେ ତୃଣମୂଳସ୍ତରରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ପ୍ରାଥମିକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ୭କୋଟି ୩୩ଲକ୍ଷରୁ ଅଧିକ ଟଙ୍କା ଉଦ୍ୟାନ କ୍ଷତି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଚୂଡ଼ାନ୍ତ ରିପୋର୍ଟ ପୁଣିଥରେ ପ୍ରସ୍ତୁତ କରାଯିବ। କୃଷି, ରାଜସ୍ୱ ଏବଂ ଉଦ୍ୟାନ ବିଭାଗ ଅଧିକାରୀମାନେ କ୍ଷୟକ୍ଷତିର ଆକଳନ କରିବେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ମା'ଙ୍କ ଅସ୍ଥାୟୀ ମଣ୍ଡପରେ ଏକାଦଶୀ ପାଳନ

**ଦାରିଙ୍ଗବାଡ଼ି,୨୦।୧୦(ଡି.ଏନ.ଏ.)**

ସିମନବାଡ଼ି ମା' ଦୁର୍ଗାପୂଜା ମଣ୍ଡପରେ ଶନିବାର ଏକାଦଶୀ ପାଳନ କରାଯାଇଛି। ଅଞ୍ଚଳର ଶ୍ରଦ୍ଧାଳୁମାନେ ଦଶମୀ ପାଳନର ପରଦିନ ଏହି ପର୍ବକୁ ପାଳନ କରୁଥିବା ନିଜିର ରହିଛି। ଏଥି ପାଇଁ ଭଜନ କୀର୍ତ୍ତନ ସହ ଶ୍ରୀକୃଷ୍ଣଙ୍କ ବାର୍ତ୍ତାକୁ ପୂଜକ ସନ୍ତୋଷ କୁମାର ମିଶ୍ର ଶ୍ରଦ୍ଧାଳୁମାନଙ୍କୁ ଜଣାଇଥିଲେ। ଏଥି ପାଇଁ ଶ୍ରଦ୍ଧାଳୁମାନେ ଉପବାସବ୍ରତ ପାଳନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଭଗବତ ଟୁଙ୍ଗିରେ ମଧ ଏକଦଶୀ ପାଳନ କରାଯାଇଛି।

### ବିଶ୍ୱ ଧଳାବାଡ଼ି ଦିବସ ପାଳିତ

**ଭଞ୍ଜନଗର,୨୦।୧୦(ଡି.ଏନ.ଏ.)**

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଶନିବାର ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଉତ୍କଳ ଦୃଷ୍ଟିହୀନ ସଂଘ ଦକ୍ଷିଣାଞ୍ଚଳ ଶାଖା ଏବଂ ଶଙ୍କର ମେଡ଼ିକାଲ ଷ୍ଟୋରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଦିବସ ସମ୍ପର୍କରେ କହିଥିଲେ। ଏହାପୂର୍ବରୁ ଦୃଷ୍ଟିହୀନ ସଂଘର ସଭ୍ୟାସଭ୍ୟମାନେ ଭଞ୍ଜନଗର ସହର ପରିକ୍ରମା କରିଥିଲେ।

### ■ଅପରାଧ ସମୀକ୍ଷା ବୈଠକ

## ଅସାମାଜିକ, ପୁରୁଣା ଅପରାଧୀଙ୍କ ଉପରେ ନଜର ରଖ


ବୈଠକରେ ଏସ୍‌ପି ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଛତ୍ରପୁର,୨୦।୧୦(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଶନିବାର ଗଞ୍ଜାମ ପୋଲିସ ଜିଲା ଅଧୀନ ଆସିକା ଓ ଭଞ୍ଜନଗର ଉପଖଣ୍ଡସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗଦେଇ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅପରାଧ ସମୀକ୍ଷା କରିଥିଲେ। ଉକ୍ତ ୨ ଉପଖଣ୍ଡ ଅଧୀନ ସମସ୍ତ ଥାନାର ଅପରାଧ ସମୀକ୍ଷା ହୋଇଥିଲା। ଆଗକୁ କାଳିପୂଜା, କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ପୂର୍ଣ୍ଣିମା ଆସୁଥିବାରୁ ଲୋକମାନଙ୍କୁ ସୁରକ୍ଷା ଦେବା ସହ କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିବ ସେ ଉପରେ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଅସାମାଜିକ ଓ ପୁରୁଣା ଅପରାଧୀମାନଙ୍କ ଉପରେ ନଜର ରଖିବା ସହ ସିଆରପିସିର ୧୧୦ ଓ ୧୦୭ ଧାରାରେ ଏମାନଙ୍କୁ ନୋଟିସ୍ କରାଯିବ। ପୋଲିସ ପାଟ୍ରୋଲିଂ, ଚୋରା ମଦ କାରବାର ରୋକିବାକୁ କୁହାଯାଇଛି। ସବୁ ଥାନାରେ ଥିବା ପେଣ୍ଡିଂ ମାମଲାର ତୁରନ୍ତ ଫଇସଲା କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଚାଲିଥିବା ମହିଳା ଓ ଶିଶୁ ଡେସ୍କ , ସ୍ୱୟଂସିଦ୍ଧା ଓ ଆମ ପୋଲିସ କାର୍ଯ୍ୟକ୍ରମ, ସିନିୟର ସିଟିଜନ ସେଲର କାର୍ଯ୍ୟକ୍ରମ ସମ୍ପର୍କରେ ଥାନାୱାରି ସମୀକ୍ଷା କରାଯାଇଥିଲା। ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିବାକୁ କୁହାଯାଇଛି। ପୂଜା ପାର୍ବଣ ଋତୁ ଯୋଗୁ ଜୁଆଖେଳ ଚାଲିବ। ଏହା ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ଡିଏସ୍‌ପି ଦିଲୀପ ଦାଶ, ଡିଆଇବି ଡିଏସ୍‌ପି କେଶବ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଥାନା ଆଇଆଇସି ମାନେ ଉପସ୍ଥିତ ଥିଲେ।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ତୁମୁଡ଼ିବନ୍ଧ,୨୦।୧୦(ଡି.ଏନ୍.ଏ.)**

ତୁମୁଡ଼ିବନ୍ଧ ଥାନା ନୂଆମୁଣ୍ଡା ଗ୍ରାମରେ ଶନିବାର ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ରାଜେନ୍ଦ୍ର ବୁଡେକ (୩୫)। ପରିବାରଲୋକଙ୍କ ଅଭିଯୋଗ ଭିତ୍ତିକରି ନୂଆମୁଣ୍ଡା ଗ୍ରାମର ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବି. ସରାଫ, ଏସ୍‌ଆଇ ଯୁଗଳ କିଶୋର ନାୟକ ପହଞ୍ଚି ମୃତଦେହ ଜବତ କରି ନଂ.୦୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ବୋଲି ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି।

ଶୁକ୍ରବାର ରାଜେନ୍ଦ୍ର ନିଶାସକ୍ତ ଅବସ୍ଥାରେ ଏକ ଠେଙ୍ଗାଧରି ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ସ୍ତ୍ରୀ ସେହି ଗ୍ରାମରେ ଥିବା ନିଜ ଭାଇଘରକୁ ପଳାଇଥିଲେ। ଘରେ କେହି ନ ଥିବାରୁ ରାଜେନ୍ଦ୍ର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

### ତିତ୍‌ଲି ପ୍ରଭାବରେ ଚିନିଶିଳ୍ପର ୧୫ କୋଟିରୁ ଉର୍ଦ୍ଧ୍ୱ କ୍ଷତି

## ସରକାରୀ ସହାୟତା ଲାଗି ଆବେଦନ

**ଆସିକା,୨୦।୧୦(ଡି.ଏନ୍.ଏ.)**

ତିତ୍‌ଲି ବାତ୍ୟା ପ୍ରଭାବରେ ଗଞ୍ଜାମ ଜିଲାର ଏକ ମାତ୍ର କୃଷି ଭିତ୍ତିକ ଶିଳ୍ପ ଆସିକା ସମବାୟ ଚିନିଶିଳ୍ପ ଲିଃ. ର ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ଘଟିଛି। ଘୋର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ଏହି ଶିଳ୍ପକୁ ଆବଶ୍ୟକୀୟ ସରକାରୀ ସହାୟତା ତୁରନ୍ତ ପ୍ରଦାନ ନହେଲେ ଆଗାମୀ ଆଖୁ ପେଡା କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହେବ ବୋଲି ଅନୁମାନ କରାଯାଇଛି। ଗୁରୁବାର ଦିନ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କ ପକ୍ଷରୁ ସମବାୟ ବିଭାଗ ସର୍ବୋଚ୍ଚ କର୍ତ୍ତା ରେଜିଷ୍ଟ୍ରାର୍, ସମବାୟ ବିଭାଗ ସଚିବ ଓ ଗଞ୍ଜାମ ଜିଲାପାଳଙ୍କୁ ତିତ୍‌ଲି ଜନିତ କ୍ଷତିର ଏକ ଆକଳନ ଚିଠା ପ୍ରେରଣ କରାଯାଇଛି। ଦିଆଯାଇଥିବା ଚିଠାରେ ଗତ ୧୦ ଓ ୧୧ ବାତ୍ୟାରେ ଚିନି ଶିଳ୍ପର ମିଲ୍ ଗୃହ, ଚିନି ଗୋଦାମ, ଡିଷ୍ଟିଲାରୀ, ୱେର୍ ହାଉସ୍, ବଟଲିଂ ପ୍ଲାଣ୍ଟ, ଷ୍ଟୋର୍‌ର ବିସ୍ତୃତ କ୍ଷତି ଘଟିଥିଲା ବେଳେ କର୍ମଚାରୀଙ୍କ ବାସଗୃହ, ବିଭିନ୍ନ ପାଚେରୀ, କାରଖାନାକୁ ସଂଯୋଗ ଶଗଡ ଯିବା ରାସ୍ତା, ଟ୍ରକ୍ ଯିବା ରାସ୍ତା ଓ କର୍ମଚାରୀଙ୍କ ବାସଗୃହ ଏବଂ ଚିନିଶିଳ୍ପ ବିଶ୍ରାମ ଭବନ ରାସ୍ତାର ପ୍ରଭୃତ କ୍ଷତି ଘଟିଛି। ଚିନିଶିଳ୍ପ ଗୋଦାମରେ ପାଣି ପଶି ମହଜୁଦ୍ ଥିବା ଚିନିରୁ ପ୍ରାୟ ୫ହଜାର ୫ଶହ କ୍ୱିଣ୍ଟାଲ୍ ଚିନି ନଷ୍ଟ ହୋଇ ୧ କୋଟି ୭୦ ଲକ୍ଷ ଟଙ୍କାର କ୍ଷତି ହୋଇଥିବା କୁହାଯାଇଛି। ଏହି କ୍ଷତିର ପରିମାଣ ୧୫ କୋଟି ୧୦ ଲକ୍ଷ ୮୪ ହଜାର ଟଙ୍କା ଆକଳନ କରାଯାଇଛି। ଚିନିଶିଳ୍ପ ପକ୍ଷରୁ ୨୦୧୮-୨୦୧୯ ଆଖୁପେଡା କାର୍ଯ୍ୟ ଡିସେମ୍ବର ମଧ ଭାଗରୁ ଆରମ୍ଭ କରିବା ଲାଗି କାରଖାନା ପକ୍ଷରୁ ଯୋଜନା କରାଯାଇଥିବା ବେଳେ ଏଭଳି କ୍ଷତି କାରଖାନା ପାଇଁ ଚିନ୍ତାର କାରଣ ହୋଇଛି।

୨୦୧୬-୧୭ରେ ଏହି କାରଖାନା ୧୨କୋଟି ୧୮ ଲକ୍ଷ ଟଙ୍କା ଏବ ୨୦୧୭-୧୮ରେ ୧୭ କୋଟି ଟଙ୍କା କ୍ଷତିର ସମ୍ମୁଖୀନ ହୋଇଥିଲା। ଗତ ଆଖୁପେଢା ଋତୁର ଚାଷୀଙ୍କୁ ଆଖୁର ମୂଲ୍ୟ ପ୍ରଦାନ ଲାଗି ଚିନିଶିଳ୍ପ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କରୁ ଗତ ସେପ୍ଟେମ୍ବର ୩୦ ସୁଧା ୬କୋଟି ୪୦ ଲକ୍ଷ୍ୟ ଟଙ୍କା କ୍ୟାସ୍ କ୍ରେଡିଟ୍ ଋଣ ଆଣିଥିଲା। ଚିନିଶିଳ୍ପର ଗୋଦାମରେ ବର୍ତ୍ତମାନ ୨୬ ହଜାର କ୍ୱିଣ୍ଟାଲ୍ ଚିନି ମହଜୁଦ୍ ରହିଥିଲେ ମଧ ଭାରତ ସରକାରଙ୍କ ଚିନି ନିର୍ଦ୍ଦେଶକଙ୍କ ଅନୁମତି ମୁତାବକ ମାତ୍ର ୩ ହଜାର କ୍ୱିଣ୍ଟାଲ୍ ଚିନି ବିକ୍ରି ହୋଇଛି। ପୂର୍ବରୁ କ୍ରମାଗତ କ୍ଷତିରେ ଜର୍ଜରିତ ହୋଇ ରହିଥିବା ଏହି ଶିଳ୍ପ ପାଇଁ ତିତ୍‌ଲି ଘୋର ଆର୍ଥିକ ଶଙ୍କଟ ସୃଷ୍ଟି କରିଛି। ଏହାଛଡା ଏହି ବାତ୍ୟାରେ ଆଖୁଚାଷିମାନଙ୍କ କ୍ଷେତରେ ରହିଥିବା ଆଖୁ ମଧ ବିସ୍ତୃତ କ୍ଷତି ଘଟିଛି। ଏହି ପରିସ୍ଥିତିରେ କାରଖାନା ପକ୍ଷରୁ ଯୁଦ୍ଧକାଳିନ ଭିତ୍ତିରେ କାରଖାନାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ କରାନଗଲେ ଆଗାମି ଆଖୁପେଢା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ହେବାରେ ଘୋର ବାଧା ସୃଷ୍ଟି ହେବା ସହ ଉତ୍ପାଦନ ଉପରେ ମଧ ଏହାର ପ୍ରଭାବ ପଡିବ ବୋଲି ଦର୍ଶାଯାଇଛି। ଏତଦ୍ ପରିସ୍ଥିତିରେ ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରସମନ ପାଣ୍ଠି ଓ କେନ୍ଦ୍ର ବିପର୍ଯ୍ୟୟ ପ୍ରସମନ ପାଣ୍ଠିରୁ ଏହି କାରଖାନାକୁ ଆବଶ୍ୟକୀୟ ଆର୍ଥିକ ସହଯୋଗ ପ୍ରଦାନ ପୂର୍ବକ କାରଖାନାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବା ନିମନ୍ତେ ନିବେଦନରେ ଦର୍ଶାଯାଇଛି।

## ବୋଡ଼ାନଦୀ ଗଣ୍ଡରେ ବୁଡ଼ି ଜଣେ ମୃତ

**ଜଗନ୍ନାଥପ୍ରସାଦ,୨୦।୧୦:** ନଡ଼ା ଗ୍ରାମ ନିକଟସ୍ଥ ବୋଡ଼ାନଦୀରେ ଗାଧୋଇବାକୁ ଯାଇ ନଦୀଗଣ୍ଡରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗାଈ ଚରାଳି ଗୋପାଳ ଗୌଡ଼ (୪୪)।

ଗୋପାଳ ଗାଈମାନଙ୍କୁ ନଦୀତଟରେ ଛାଡ଼ିଦେଇ ଗାଧୋଇବାକୁ ବୋଡ଼ାନଦୀକୁ ଯାଇଥିଲେ। ସେ ପ୍ରଖର ଜଳସ୍ରୋତର ସୂଚନା ନ ପାଇ ଗଣ୍ଡ ମଧ୍ୟକୁ ଚାଲିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଗନ୍ନାଥପ୍ରସାଦ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଜଗନ୍ନାଥପ୍ରସାଦ ଥାନା ନଂ. ୧୦/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଦିଆଯାଇଛି। ଜଗନ୍ନାଥପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେଉରିଆ, ପଞ୍ଚଭୂତି ରାଜସ୍ୱ ନିରୀକ୍ଷକ କୁନ୍ଦନ କୁମାର ପାତ୍ର, ଛାମଣ୍ଡା ପଞ୍ଚାୟତ ସରପଞ୍ଚ ବସନ୍ତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଦାହ ଲାଗି ବିଡିଓ ବେଉରିଆ ମୃତକଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ଜଗନ୍ନାଥପ୍ରସାଦ ଥାନା ଆଇଆଇସି ଅନିରୁଦ୍ଧ ମୁଦୁଲି କହିଛନ୍ତି।

## ଏନ୍‌ସିସି କ୍ୟାଡେଟ୍‌ଙ୍କ ତିରୁପତି ଗସ୍ତ

**ବ୍ରହ୍ମପୁର ଅଫିସ୍,୨୦।୧୦**

ସିଟି ହାଇସ୍କୁଲର ଏନ୍‌ସିସି କ୍ୟାଡେଟ୍‌ମାନେ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିରରେ ସାମିଲ୍ ହେବା ପାଇଁ ତିରୁପତି ଗସ୍ତ କରିଛନ୍ତି। ଏହି ଟ୍ରୁପ୍‌ରେ ୪୨ଜଣ କ୍ୟାଡେଟ୍ ଥିବା ବେଳେ ଏନ୍‌ସିସି ଚିଫ୍ ଅଫିସର ଗୋପାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସେମାନେ ଗସ୍ତ କରିଛନ୍ତି। ପାହାଡ ଚଢ଼ା ଏବଂ ବଣଜଙ୍ଗଲ ଘେରାରେ ଦୁଃସାହସିକ ପଦଯାତ୍ରା କରି ବିଶାଳ ଭାରତର ବିବିଧତା ସମ୍ପର୍କରେ ସଚେତନ, ପ୍ରାକୃତିକ ପରିବେଶକୁ ଭଲ ପାଇବା, ବଣଜଙ୍ଗଲର ସୁରକ୍ଷା, ବନ୍ୟପ୍ରାଣୀ, ଜୈବ ବିବିଧତା, ପ୍ରାଚୀନ କୀର୍ତ୍ତିଏବଂ ପରିବେଶ ସମ୍ପର୍କରେ କ୍ୟାଡେଟ୍‌ମାନେ ତାଲିମ୍ ନେବେ।


ତିରୁପତି ଯାତ୍ରା କରିଥିବା ଏନସିସି କ୍ୟାଡେଟ୍‌ମାନେ।

## ମହୁଲି ମଦ, ଛେଳି ପହଞ୍ଚିବା ପରେ ପୂଜା ପାଆନ୍ତି ମା'

**ଦାରିଙ୍ଗବାଡ଼ି,୨୦।୧୦ (ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଦାରିଙ୍ଗବାଡ଼ି ଥାନାରେ ପାରମ୍ପରିକ ତଥା ଲୋକ ସଂସ୍କୃତିକୁ ନେଇ ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଇଛି। ପ୍ରତିବର୍ଷ ଦଶହରାରେ ଗ୍ରୀନ୍‌ବାଡ଼ିର ଶତାଧିକ ମହିଳା ପୁରୁଷ ଗ୍ରାମରେ ସ୍ୱତନ୍ତ୍ର ଭାବେ ମହୁଲିମଦ ପ୍ରସ୍ତୁତ କରି ଏକ ଛେଳିକୁ ନେଇ ଶୋଭାଯାତ୍ରାରେ ଆସି ଥାନାରେ ପହଞ୍ଚିଥାନ୍ତି। ଥାନା ପକ୍ଷରୁ ତାଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥାଏ। ପରେ ବାଦ୍ୟଯନ୍ତ୍ର ମହୁରୀ, ଢ଼ୋଲ ବାଦ୍ୟର ଏକ ଶୋଭାଯାତ୍ରାରେ ଗ୍ରୀନ୍‌ବାଡ଼ିବାସୀ ଥାନା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ବାସଭବନରୁ ଫୁଲଚନ୍ଦନ ସହ ନୂତନ ବସ୍ତ୍ର ପିନ୍ଧିବାକୁ ଦେଇ ସ୍ୱାଗତ କରି ପୂଜା ମଣ୍ଡପକୁ ନେଇ ଆସିଥାନ୍ତି। ସେହିପରି ଆଇଆଇସି ଅଲେଖ ଗରଡ଼ିଆ, ସବ୍‌ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ, ରଚିତା ମାଡ଼କାମୀ ଏବଂ


ଗ୍ରୀନବାଡ଼ି ବାସୀ ଛେଳି ଏବଂ ମହୁଲି ମଦ ନେଇ ଥାନାକୁ ଆସୁଛନ୍ତି।

ଏଏସ୍‌ଆଇ ଆର.ଭୀମରାଓ ରେଡ୍ଡୀ, ହାବିଲଦାର ଗଜେନ୍ଦ୍ର ବିଶୋୟୀ, ରାଇଟର ବିଦେଶୀ ବେହେରାଙ୍କୁ ଗ୍ରୀନବାଡ଼ି ବାସୀ ଶୋଭାଯାତ୍ରାରେ ତାଙ୍କ ବାସଭବନରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ଆଣିଥିଲେ। ପରେ ସେଠାରୁ ବିରାଟ ଶେଭାଯାତ୍ରାରେ ଗ୍ରୀନ୍‌ବାଡ଼ି ବାସୀଙ୍କ ସହ ଥାନା ଅଧିକାରୀ

### ନିଆରା ଦଶହରା

ଗରଡ଼ିଆ ଓ ଅନ୍ୟ କର୍ମଚାରୀମାନେ ପୋଖରୀ ତୁଠକୁ ଯାଇ ଗଙ୍ଗା ପୂଜା କରି ପାଣି ଉଠାଇ ପୂଜାମଣ୍ଡପକୁ ଆଣିଥିଲେ। ସେଠାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଗ୍ରୀନବାଡ଼ିବାସୀ ଆଣିଥିବା ମହୁଲି ମଦ ଏବଂ ଛେଳିକୁ ପୂଜା କରାଯାଇଥିଲା। ଛେଳିକୁ ବଳି ପୂଜା କରାଯାଉଥିଲା, କିନ୍ତୁ ଏବେ ସଚେତନ ହେବା ପରେ କାକୁଡ଼ି କିମ୍ବା କଖାରୁ ବଳି ଦିଆଯାଇଥିଲା ବୋଲି ମୁଖ୍ୟ ପୂଜକ ବୁଲୁ ତ୍ରିପାଠୀ କହିଛନ୍ତି। ଏମିତି ନିଆରାଭାବେ ଏଠାରେ ମା'ଙ୍କୁ ପୂଜା କରାଯାଇଥାଏ।